DHARITRI
ବାଲେଶ୍ୱର, ମଙ୍ଗଳବାର, ଜୁନ୍ ୨୩/୨୦୨୦ (୨୧ ପୃଷ୍ଠା) | Balasore, Tuesday, June 23/2020 | ★★★★
୪୭ଶ ଭାଗ ୨୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



**ଭାଇରାଲ ହେଉଛି ନିଆଙ୍କ ହଟ୍ ଫଟୋ**

ଅଭିନେତ୍ରୀ ନିଆ ଶର୍ମା ସବୁବେଳେ ସେକ୍ସି ଫିଗରକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ପୁଣି ଏକ ଫଟୋଶୁଟକୁ ସେ ନିଜ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଶେୟାର କରି ଚର୍ଚ୍ଚାକୁ ଆସିଛନ୍ତି।

୧୪

୨୧

**ନେଟ୍ସକୁ ଫେରିଲେ ପୂଜାରା**

ଦୀର୍ଘ ୩ ମାସ ବ୍ୟବଧାନରେ ନେଟ୍ସକୁ ଫେରିଛନ୍ତି ଭାରତୀୟ କ୍ରିକେଟ ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା।



# ବଡ଼ଦାଣ୍ଡରେ ଗଡ଼ିଲା ରଥ



ରଥଖଳାରୁ ଦର୍ପଦଳନ ରଥକୁ ସିଂହଦ୍ୱାରକୁ ଟାଣି ନିଆଯାଉଛି।

**ପୁରୀ ଅଫିସ,୨୨।୬**

- ଦାରୁଦିଅଁଙ୍କ ଅପେକ୍ଷାରେ ତିନିରଥ
- ସକାଳ ୭ଟାରେ ପହଣ୍ଡି
- ମଧ୍ୟାହ୍ନ ୧୨ଟାରେ ରଥଟଣା

ରଥଯାତ୍ରାକୁ ନେଇ ଆଶା ଆଶଙ୍କାର ଯେଉଁ ଲୁଚକାଳି ଖେଳ ଚାଲିଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ମଙ୍ଗଳବାର ବଡ଼ଦାଣ୍ଡରେ ଗଡ଼ିବ ମହାପ୍ରଭୁଙ୍କ ରଥ। ପୂର୍ବ ରାୟର ପରିବର୍ତ୍ତନ କରି ସୁପ୍ରିମକୋର୍ଟ ବିନା ଭକ୍ତରେ ରଥଯାତ୍ରା ପାଇଁ ସୋମବାର ଅନୁମତି ଦେଇଛନ୍ତି। ଏହାପରେ ସିଂହଦ୍ୱାରରେ ଲାଗିଛି ତିନିରଥ। ରଥ, ପଥ ପ୍ରସ୍ତୁତ ରହିଥିବା ବେଳେ ମହାପ୍ରଭୁଙ୍କ ଏହି ମହାନ ପର୍ବରୁ ଏଥର ବାଦ୍ ପଡ଼ିଛନ୍ତି ଭକ୍ତ। ମହାମାରୀ କରୋନା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ରଥାରୂଢ଼ ହୋଇ ଚତୁର୍ଦ୍ଧାବିଗ୍ରହ ଯିବେ ଗୁଣ୍ଡିଚା ମନ୍ଦିର। ଅଣସର ପରେ ନବଯୌବନ ଦର୍ଶନ ଦେଇ ନବଦିନାତ୍ମକ ଯାତ୍ରାରେ ଯିବା ଲାଗି ପ୍ରସ୍ତୁତ ହେଉଛନ୍ତି ମହାପ୍ରଭୁ। ସିଂହଦ୍ୱାରରେ ଦାରୁଦିଅଁଙ୍କ ଅପେକ୍ଷାରେ ତିନିରଥ। ମଙ୍ଗଳବାର ସକାଳ ୭ଟାରେ ପହଣ୍ଡି ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟାରେ ରଥ ଟଣା ଲାଗି ନୀତି ନିର୍ଘଣ୍ଟ କରାଯାଇଛି।

ସୋମବାର ସକାଳ ୮ଟା ୫ରେ ମଙ୍ଗଳ ଆଳତି ସରି ଅନ୍ୟାନ୍ୟ ନୀତି ବଢ଼ିଥିଲା। ୯ଟା ୫୦ରେ ଦ୍ୱାରପାଳ ପୂଜା ଓ ପୂର୍ବାହ୍ନ ୧୧ଟା ୧୫ରେ ସକାଳ ଧୂପ ଶେଷ ହେବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ☞ପୃଷ୍ଠା-୪

## କେବଳ ପୁରୀ ରଥଯାତ୍ରାକୁ ସୁପ୍ରିମକୋର୍ଟଙ୍କ ଅନୁମତି

**ନୂଆଦିଲ୍ଲୀ,୨୨।୬(ପି.ଟି.)**

- ୧୮ ତାରିଖ ରାୟର ପୁନର୍ବିଚାର ଲାଗି ହୋଇଥିଲା ଆବେଦନ
- କଟକଣା ମଧ୍ୟରେ ଉତ୍ସବ ଆୟୋଜନ ଅନୁମତି ଦେବାକୁ କେନ୍ଦ୍ର କଲା ଅନୁରୋଧ
- କର୍ଫ୍ୟୁ ଲଗାଇ ବିନା ଭକ୍ତରେ ରଥଯାତ୍ରା ପାଇଁ ରାଜ୍ୟ ସରକାର ଦେଲେ ପ୍ରତିଶ୍ରୁତି

ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହେବ। କରୋନା ମହାମାରୀ ଯୋଗୁ କଟକଣା ମଧ୍ୟରେ ରଥଯାତ୍ରା ପାଳନ ପାଇଁ ସୁପ୍ରିମକୋର୍ଟ ସୋମବାର ଅନୁମତି ଦେଇଛନ୍ତି। ଫଳରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ଗତ ୧୮ ତାରିଖ ରାୟରେ ସୁପ୍ରିମକୋର୍ଟ ଚଳିତ ବର୍ଷ ରଥଯାତ୍ରା ସ୍ଥଗିତ ରଖିବାକୁ କହିଥିଲେ। ଏହାକୁ ନେଇ ଶ୍ରୀଜଗନ୍ନାଥ ଭକ୍ତ ମହଲରେ ନିରାଶା ଖେଳିଯାଇଥିଲା। ରାୟର ପୁନର୍ବିଚାର ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମେତ ବିଭିନ୍ନ ମହଲରୁ ଆବେଦନ କରାଯାଇଥିଲା। କଡ଼ା କଟକଣା ମଧ୍ୟରେ ବିନା ଭକ୍ତରେ ଯେପରି ରଥଯାତ୍ରା ହେବ ତାହାର ପରିଚାଳନା ଦାୟିତ୍ୱ ସର୍ବୋଚ୍ଚ ଅଦାଲତ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ଏବଂ ଓଡ଼ିଶା ସରକାରଙ୍କ ଉପରେ ଛାଡ଼ିଛନ୍ତି।

ଜୁନ୍ ୧୮ ରାୟର ପୁନର୍ବିଚାର କରି ପୁରୀ ଶ୍ରୀଜଗନ୍ନାଥଙ୍କ ବାର୍ଷିକ ରଥଯାତ୍ରା ଲାଗି ଅନୁମତି ଦେବାକୁ କେନ୍ଦ୍ର ଏବଂ ଓଡ଼ିଶା ସରକାର ସୋମବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରଥମେ ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଖଣ୍ଡପୀଠରେ କେନ୍ଦ୍ର ସରକାର ରଥଯାତ୍ରା ସପକ୍ଷରେ ଯୁକ୍ତି ରଖିଥିଲେ। ବିନା ଭକ୍ତରେ ରଥଯାତ୍ରା ଲାଗି ଅନୁମତି ଦିଆଯାଉ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କେନ୍ଦ୍ର ସରକାରଙ୍କ ପକ୍ଷରୁ କହିବା ସହ ଭକ୍ତ ସମାବେଶ ନ ହେବା ଲାଗି ଟେଲିଭିଜନରେ ରଥଯାତ୍ରାର ସିଧାପ୍ରସାରଣ ଲାଗି ପ୍ରସ୍ତାବ ରଖିଥିଲେ। ରଥଯାତ୍ରା କୋଟିକୋଟି ଲୋକଙ୍କ ବିଶ୍ୱାସର ପ୍ରସଙ୍ଗ। ☞ପୃଷ୍ଠା-୪

ପୁରୀ ଜିଲା ଶଟ୍‌ଡାଉନ୍ ......୭......
କେବଳ ମହାପ୍ରଭୁଙ୍କ ଚମତ୍କାରିତା ......୧୦......
ରଥଯାତ୍ରା ନୀତି ନିର୍ଘଣ୍ଟ ......୭......







## ଶୃଙ୍ଖଳାରେ ନୀତିକାନ୍ତି ପାଳି ବିଶ୍ୱକୁ ଦେଖାଇବାକୁ ହେବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨।୬ (ବ୍ୟୁରୋ)**

- ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା ବୈଠକ
- ରଥଯାତ୍ରା ପରିଚାଳନା ପାଇଁ ୩ ମନ୍ତ୍ରୀଙ୍କୁ ଦାୟିତ୍ୱ
- ସୁପ୍ରିମକୋର୍ଟ, ସେବାୟତଙ୍କୁ ଧନ୍ୟବାଦ ଦେଲେ ନବୀନ



ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଆୟୋଜନକୁ ସୁପ୍ରିମକୋର୍ଟ ଅନୁମତି ଦେବା ପରେ ରାଜ୍ୟ ସରକାର ଏ ନେଇ ପ୍ରସ୍ତୁତି ଶେଷ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସନ୍ଧ୍ୟାରେ ରଥଯାତ୍ରା ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ସେ କହିଛନ୍ତି ଯେ, ସାରା ବିଶ୍ୱର ନଜର ଏବେ ଆମ ଉପରେ। ପରମ୍ପରା ସହିତ ଜନସ୍ୱାସ୍ଥ୍ୟ ପ୍ରତି ଉଚିତ ଧ୍ୟାନ ଦେଇ ରଥଯାତ୍ରା ପାଳନ କରିବାକୁ ହେବ। ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ | ମହରଗରୁ ଯାଇ କାନ୍ତାରରେ



**ପବିତ୍ର ରଥଯାତ୍ରା ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରା-୨୦୨୦ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବଜାତିର ଉତ୍ତରଣ ଓ ଅଧ୍ୟାତ୍ମ ଅନ୍ୱେଷଣର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭାତୃଭାବର ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

କରୋନା ମହାମାରୀ ବିରୋଧରେ ମାନବଜାତିର ଲଢେଇରେ ବିଜୟ ନିମନ୍ତେ ମହାପ୍ରଭୁଙ୍କ କରୁଣା ପ୍ରାର୍ଥନା କରୁଛି ।

(ଗଣେଶୀ ଲାଲ)

DADLS-38 OIPR-15001/13/0056/2021



**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଶ୍ରୀ ଗୁଣ୍ଡିଚା ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଓଡ଼ିଶା ତଥା ଓଡ଼ିଶାବାସୀଙ୍କ ସୁଖ ଓ ସମୃଦ୍ଧି ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରୁଛି ।

ଚଳିତ ବର୍ଷ ସାରା ବିଶ୍ୱ ପାଇଁ ଏକ ଆହ୍ୱାନର ବର୍ଷ । ଆମେ ସମସ୍ତେ ସବୁ କଟକଣାକୁ ମାନି ଆମର ଦୈନନ୍ଦିନ ଜୀବନରେ କୋଭିଡ ରୋଗର ମୁକାବିଲା କରିଆସୁଛୁ ।

ଏହି ପବିତ୍ର ଅବସରରେ ଆପଣମାନଙ୍କୁ ମୋର ଅନୁରୋଧ କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପରାମର୍ଶ ପାଳନ କରନ୍ତୁ । ନିଜକୁ ଓ ନିଜ ପରିବାରକୁ ସୁରକ୍ଷିତ ରଖନ୍ତୁ ।

ଜୟ ଜଗନ୍ନାଥ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-38 OIPR-15001/13/0056/2021



**ରଥଯାତ୍ରା ଉପଲକ୍ଷେ ବାର୍ତ୍ତା**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ପତିତପାବନ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ସାମ୍ୟ, ମୈତ୍ରୀ ଓ ବିଶ୍ୱକଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ମହାପର୍ବ । ସମଗ୍ର ବିଶ୍ୱ କରୋନା ମହାମାରୀ ସଙ୍କଟ ଦେଇ ଗତି କରୁଥିବାବେଳେ, କୋଭିଡ୍-୧୯ କଟକଣା ମାନି ରଥଯାତ୍ରାକୁ ସୁରୁଖୁରୁରେ ସମାପନ ପୂର୍ବକ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷାକରି ସମୃଦ୍ଧି ଓ ସଂପ୍ରୀତିର ଆବାହନ ଆମ୍ଭମାନଙ୍କର କର୍ତ୍ତବ୍ୟ ।

ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ସମଗ୍ର ମାନବ ଜାତି, ଭାରତବର୍ଷ ଓ ସର୍ବୋପରି ଓଡ଼ିଶାବାସୀଙ୍କ ମଙ୍ଗଳ କରନ୍ତୁ, ଏତିକି ପ୍ରାର୍ଥନା ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ

DADLS-38 OIPR-15001/13/0056/2021

**ଶହୀଦଙ୍କ ସ୍ତ୍ରୀଙ୍କୁ ୫ କୋଟି ସହ ଚାକିରି**

ସୀମାରେ ଶହୀଦ ହୋଇଥିବା କଲୋନେଲ ସନ୍ତୋଷ ବାବୁଙ୍କ ସ୍ତ୍ରୀଙ୍କୁ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ୫ କୋଟି ଟଙ୍କାର ସହାୟତା ସହ ଗ୍ରୁପ-୧ ଚାକିରି ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ଶହୀଦ ସନ୍ତୋଷଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ କଲୋନେଲ ସନ୍ତୋଷ ମାର୍ଗ ନାମରେ ଜିଲା କୋର୍ଟ ନିକଟ ରାସ୍ତାର ନାମକରଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଚାଇନା ବିରୋଧରେ ବିଶ୍ୱ ଶକ୍ତି ଏକାଠି

**ନୂଆଦିଲ୍ଲୀ,୨୨।୬(ଆଇଏଏନ୍ଏସ୍)**

ସାରା ବିଶ୍ୱରେ କରୋନା ମହାମାରୀ ସଂକ୍ରମଣ କରାଇଥିବା ଚାଇନା ଦୋଷ ଲୁଚାଇବାକୁ ଜୋର୍‌ଦାର ପ୍ରଚାର ଚଳାଇଛି। ଏହି ଘଟଣାରୁ ଧ୍ୟାନ ହଟାଇବା ପାଇଁ ବେଜିଂ ଉଭୟ ସ୍ଥଳଭାଗ ଓ ଜଳରାଶିରେ ନିଜର ସୀମା ବଢ଼ାଇବା ପାଇଁ ଉଦ୍ୟମ ଜାରି ରଖିଛି। ଚାଇନାକୁ ପ୍ରତିହତ କରିବା ଲାଗି ସାମୁଦ୍ରିକ ସହଯୋଗ ବୃଦ୍ଧି ନିମନ୍ତେ ବିଶ୍ୱ ଶକ୍ତିଗୁଡ଼ିକ ପରସ୍ପର ସହ ହାତ ମିଳାଇଛନ୍ତି। ଦକ୍ଷିଣ ଚାଇନା ସାଗର ଏବଂ ଭାରତ ମହାସାଗରରେ ଚାଇନା ତା'ର ପ୍ରଭାବ ବିସ୍ତାର କରି ପଡୋଶୀଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି।

ଗଲୱାନ ଉପତ୍ୟକା ସଂଘର୍ଷ ଘଟଣା ଚାଇନାର ପଡୋଶୀଙ୍କୁ ଭୟ ଦେଖାଇବା ଓ ଆକ୍ରମଣ ପ୍ରୟାସ ନୀତିର ଏକ ଉଦାହରଣ ମାତ୍ର। ବାସ୍ତବରେ ଆକ୍ରମଣାତ୍ମକ ଜାତୀୟତାବାଦ ଏବଂ ସାମରିକ ଆଧିପତ୍ୟ ବିସ୍ତାର ଚାଇନା କମ୍ୟୁନିଷ୍ଟ ପାର୍ଟି (ସିପିସି)ର ନୀତିରେ ପରିଣତ ହୋଇଛି। ଫଳରେ ବେଜିଂ କୌଣସି ଦେଶର ଆଇନ କିମ୍ବା ସମ୍ପତ୍ତି ଅଧିକାରକୁ ସମ୍ମାନ ଦେଉନାହିଁ। ସେହିପରି ଏହା କୌଣସି ସୀମାରେଖାକୁ ସମ୍ମାନ ନ ଜଣାଇ ଡରାଇ ଧମକାଇ ଅନ୍ୟର ଅଞ୍ଚଳ ଓ ସମ୍ପତ୍ତିକୁ ଅକ୍ତିଆର କରିବାକୁ ଚାହୁଁଥିବା ଜଣେ ଉଚ୍ଚ ପଦାଧିକାରୀ କହିଛନ୍ତି। ଦକ୍ଷିଣ ଚାଇନା ସାଗରକୁ ବେଜିଂ ଏହାର ନିଜର ବୋଲି ଦାବି କରିଆସୁଛି ଓ ଅନ୍ତର୍ଜାତୀୟ ଟ୍ରିବ୍ୟୁନାଲର ରାୟକୁ ଅଣଦେଖା କରୁଛି। ଉକ୍ତ ସାଗର ଉପରେ ଚାଇନାର ଅଧିକାରକୁ ଅନ୍ତର୍ଜାତୀୟ ଟ୍ରିବ୍ୟୁନାଲ ପ୍ରତ୍ୟାଖ୍ୟାନ କରିଥିଲା। ଚାଇନା କମ୍ୟୁନିଷ୍ଟ ପାର୍ଟିର ଏଭଳି କାର୍ଯ୍ୟକୁ ବିରୋଧ କରି ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ମୁକ୍ତ ଜାହାଜ ଚଳାଚଳ ଏବଂ ଅନ୍ତର୍ଜାତୀୟ

**ବେଜିଂକୁ ପ୍ରତିହତ ଲାଗି ସାମୁଦ୍ରିକ ସହଯୋଗ ବୃଦ୍ଧି ଯୋଜନା**

ନିୟମ ପାଳନ ଲାଗି ଆମେରିକା, ଫ୍ରାନ୍ସ, ବ୍ରିଟେନ, ଅଷ୍ଟ୍ରେଲିଆ, ଦକ୍ଷିଣ କୋରିଆ ଓ ଜାପାନ ଭଳି ବୃହତ ସାମୁଦ୍ରିକ ଶକ୍ତିଗୁଡ଼ିକ ସହଯୋଗ ବୃଦ୍ଧି ଲାଗି ପରସ୍ପର ହାତ ମିଳାଇଛନ୍ତି। ଆଞ୍ଚଳିକ ସ୍ତରରେ ବହୁପାକ୍ଷିକ ସହଯୋଗ ଲାଗି ଆହୁରି ଅଧିକ ଦେଶ ଏଥିରେ ସାମିଲ ହେବେ ବୋଲି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସୀମା ବିବାଦକୁ ନେଇ ଏବେ ଭାରତ ଓ ଚାଇନା ମଧ୍ୟରେ ସମ୍ପର୍କ ତିକ୍ତ ହୋଇଥିବାବେଳେ ବେଜିଂକୁ ମୁକାବିଲା କରିବା ଓ ଉକ୍ତ ଅଞ୍ଚଳରେ ସନ୍ତୁଳନ ରକ୍ଷା ଲାଗି ନୂଆଦିଲ୍ଲୀ ବୃହତ୍ ଆଞ୍ଚଳିକ ଓ ବିଶ୍ୱ ଶକ୍ତି ସହ ସାମିଲ ହେବାକୁ ଯାଉଛି।

## ସୀମାରେ ବାଲିଷ୍ଟିକ୍ ମିଶାଇଲ ମୁତୟନ କଲା ଜାପାନ

**ସେନ୍‌କାକୁସ ଦ୍ୱୀପପୁଞ୍ଜ ଉପରେ ଚାଇନା ଆଖି**



**କାନପୁର, ୨୨।୬(ଆଇଏଏନ୍ଏସ୍)**

ଚାଇନା ଓ ଜାପାନ ମଧ୍ୟରେ ସେନ୍‌କାକୁସ ଦ୍ୱୀପପୁଞ୍ଜକୁ ନେଇ ବିବାଦ ଦେଖାଦେଇଛି। ଯଦିଓ ଏହି ଅଞ୍ଚଳ ୧୯୭୨ରୁ ଜାପାନ ପ୍ରଶାସନ ଅଧୀନରେ ରହିଆସିଛି, ତେବେ ଏହାର ଆଇନଗତ ସ୍ଥିତି ଚାଇନା ସହ ବିବାଦୀୟ ହୋଇ ରହିଛି। ଚାଇନା ଏହି ବାବାଦୀୟ ଦ୍ୱୀପପୁଞ୍ଜକୁ ଡାଇଓୟୁସ ନାମରେ ନାମିତ କରିଛି। ଏହି ବିବାଦୀୟ ଅଞ୍ଚଳ ଲାଗି ଜାପାନ ଆଇନଗତ ପ୍ରକ୍ରିୟା ଆରମ୍ଭ କରିଛି। ଲଦାଖର ଗଲ୍‌ୱାନ ଉପତ୍ୟକାରେ ସୀମା ବିବାଦକୁ ନେଇ ଭାରତ-ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହେବାର ୭ ଦିନ ପରେ ଏଭଳି ବିବାଦ ସାମ୍ନାକୁ ଆସିଛି। ଟୋକିଓର ଦକ୍ଷିଣ ପଶ୍ଚିମ ୧,୯୩୧ କି.ମି ଦୂରରେ ଏହି ଦ୍ୱୀପପୁଞ୍ଜଗୁଡ଼ିକ ରହିଛି। ଏହାକୁ ଚାଇନା ନିଜର ବୋଲି ଦାବିକରି ଆସୁଛି। ଜାପାନର ଇସିଗାକି ସିଟି କାଉନ୍‌ସିଲ ଏହି ଏହି ବାବାଦୀୟ ଜାଗାକୁ ମିଶାଇ ଏହାର ନାମ ଟୋନୋସିରୋରୁ ଟୋନୋସିରୋ ସେନ୍‌କାକୁକୁ ପରିବର୍ତ୍ତନ କରିବା ଲାଗି ବିଲ୍ ପାସ୍ କରିଛି। ଏଭଳି ପଦକ୍ଷେପ ପରେ ଚାଇନା ଟୋକିଓକୁ ଧମକ ଦେବା ଆରମ୍ଭ କରିଛି। ପୂର୍ବ ଚାଇନା ସାଗରରେ ଥିବା ଏହି ବିବାଦୀୟ ଅଞ୍ଚଳର ନାମ ପରିବର୍ତ୍ତନ ନ କରିବା କିମ୍ବା ଏହାର ସ୍ଥିତାବସ୍ଥାରେ କୌଣସି ପରିବର୍ତ୍ତନ ନ ଆଣିବାକୁ ଚାଇନା ପରାମର୍ଶ ଦେଇଛି। ସେପଟେ ଚାଇନାକୁ ଜବାବ ଦେବା ଲାଗି ଜାପାନ ସୀମାରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମୁତୟନ କରିଛି। ତେବେ ପ୍ରଶାସନିକ ଦକ୍ଷତା ବୃଦ୍ଧି ଲାଗି ଏହି ବିଲ୍ ପାସ୍‌ହେବାର ଆବଶ୍ୟକତା ରହିଥିଲା ବୋଲି ଜାପାନ ଦର୍ଶାଇଛି।

ଗତ ଏପ୍ରିଲରୁ ସେନ୍‌କାକୁସ୍‌ରେ ଚାଇନା ଜାହାଜ ଚଳପ୍ରଚଳ କରିଆସୁଛି। ଗତ କିଛି ସପ୍ତାହ ହେବ ଏହି ଜାହାଜ ସଂଖ୍ୟା ବୃଦ୍ଧିପାଇଛି। ଜାପାନ କ୍ୟାବିନେଟ ସଚିବ ସେନ୍‌କାକୁସ୍ ଜାପାନ ନିୟନ୍ତ୍ରଣରେ ଏହା ଆଇନସମ୍ମତ ଭାବେ ରହିଆସିଛି ବୋଲି କହିଛନ୍ତି। ଏଠାରେ ଚାଇନା ଡେରା ପକାଇବା ଠିକ୍‌ନୁହେଁ। ଏହାର ଦୃଢ଼ ଜବାବ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, କେବଳ ଜାପାନ ନୁହେଁ ତାଇୱାନ, ବ୍ରୁନେଇ, ଇଣ୍ଡୋନେସିଆ, ମାଲେସିଆ, ଭିଏତ୍‌ନାମ, ଫିଲିପାଇନ୍ସ ଆଦି ପଡ଼ୋଶୀ ଦେଶଗୁଡ଼ିକ ସହ ଚାଇନାର ସୀମା ବିବାଦ ରହିଆସିଛି।

## ୨୦ରୁ କମ୍ ପିଏଲ୍ଏ ସୈନ୍ୟ ନିହତ ହୋଇଥିବା ଚାଇନା ମାନିଲା

**ନୂଆଦିଲ୍ଲୀ,୨୨।୬(ଆଇଏଏନ୍ଏସ୍)**

ଗତ ୧୫ ତାରିଖରେ ଲଦାଖ ଅନ୍ତର୍ଗତ ଗଲୱାନ ଉପତ୍ୟକାରେ ସଂଘର୍ଷ ବେଳେ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ)ର ୨୦ରୁ କମ୍ ସୈନ୍ୟ ନିହତ ହୋଇଥିବା କଥା ଚାଇନା ସୋମବାର ପ୍ରଥମ ଥର ପାଇଁ ସ୍ୱୀକାର କରିଛି। ମୃତକଙ୍କ ମଧ୍ୟରେ ଜଣେ କମାଣ୍ଡିଂ ଅଫିସର ଅଛନ୍ତି। ଭାରତ ୧୬ ଚାଇନା ସୈନ୍ୟଙ୍କ ମୃତଦେହ ପିଏଲ୍ଏକୁ ହସ୍ତାନ୍ତର କରିଥିବା ରବିବାର ଭାରତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସଂଘର୍ଷରେ ଭାରତର ୨୦ ଯବାନ ଶହୀଦ ହୋଇଥିବା କଥା ନୂଆଦିଲ୍ଲୀ ଘୋଷଣା କରିଥିବାବେଳେ ଏପର୍ଯ୍ୟନ୍ତ ଚାଇନା ନିଜ ସୈନ୍ୟବାହିନୀର କ୍ଷୟକ୍ଷତି ସମ୍ପର୍କରେ କିଛି ଜଣାଉ ନ ଥିଲା। ଚାଇନା ଉତ୍ତେଜନାଠାରୁ ଦୂରେଇ ରହିବାକୁ ଚାହୁଁଥିବାରୁ ମୃତାହତଙ୍କ ସଂଖ୍ୟା ସମ୍ପର୍କରେ ମୁହଁ ଖୋଲୁ ନ ଥିଲା ବୋଲି ସେଠାର ଜଣେ ବିଶେଷଜ୍ଞଙ୍କ ମନ୍ତବ୍ୟକୁ ଉଦ୍ଧାରକରି ବେଜିଂରେ ଚାଇନା କମ୍ୟୁନିଷ୍ଟ ପାର୍ଟି ସରକାରର ମୁଖପତ୍ର ଗ୍ଲୋବାଲ ଟାଇମ୍ସ ପକ୍ଷରୁ କୁହାଯାଇଛି। କଟ୍ଟରପନ୍ଥୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଚାଇନାରେ ଅଧିକ ମୃତାହତ ହୋଇଥିବା କଥା ଭାରତୀୟ ଅଧିକାରୀମାନେ ପ୍ରଚାର କରୁଛନ୍ତି ବୋଲି ଚାଇନା ବିଶ୍ଳେଷକମାନେ ଅଭିଯୋଗ କରିଛନ୍ତି। ଗଲୱାନ ସଂଘର୍ଷରେ ଚାଇନାର ୪୦ରୁ ଅଧିକ ସୈନ୍ୟ ନିହତ ହୋଇଥିବା ଭାରତର କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ସେନାମୁଖ୍ୟ ଜେନେରାଲ ଭି.କେ. ସିଂ ଶନିବାର ଦାବି କରିଥିଲେ।

## ଭୂକମ୍ପରେ ବହୁ ଘର କ୍ଷତିଗ୍ରସ୍ତ



**ଆଇଜଲ,୨୨।୬(ପି.ଟି.)**

ମିଜୋରାମରେ ସୋମବାର ଭୋର ସମୟରେ ୫.୩ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପ ଯୋଗୁ ବହୁ ଘର କ୍ଷତିଗ୍ରସ୍ତ ହେବା ସହ ବିଭିନ୍ନ ସ୍ଥାନରେ ରାସ୍ତାରେ ଫାଟ ସୃଷ୍ଟି ହୋଇଛି। ତେବେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ଭୋର ୪ଟା ୧୦ ମିନିଟ ସମୟରେ ଭୂକମ୍ପ ଅନୁଭୂତ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ଭାରତ-ମ୍ୟାନ୍‌ମାର ସୀମାନ୍ତ ଚମ୍ପାଇ ଜିଲାର ଜୋଖଥର ବୋଲି ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ରାଜଧାନୀ ଆଇଜଲ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହାର କମ୍ପନ ଅନୁଭୂତ ହୋଇଥିଲା। ଜୋଖଥରସ୍ଥିତ ଚର୍ଚ୍ଚ ସମେତ ଚମ୍ପାଇ ଜିଲାର ବହୁ ଘର ଓ ବିଲ୍ଡିଂ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ସମ୍ପୂର୍ଣ୍ଣ କ୍ଷୟକ୍ଷତି ଆକଳନ କରାଯାଇନାହିଁ। ରବିବାର ଅପରାହ୍ନରେ ମଧ୍ୟ ମିଜୋରାମରେ ୫.୧ ତୀବ୍ରତାର ଭୂକମ୍ପ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୂକମ୍ପ କ୍ଷୟକ୍ଷତି ସମ୍ପର୍କରେ ମିଜୋରାମ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗାଙ୍କ ସହ କଥା ହୋଇଛନ୍ତି। କେନ୍ଦ୍ର ସରକାର ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବେ ବୋଲି ମୋଦି ଟୁଇଟ୍ କରିଛନ୍ତି।

## ଚାଇନାର ୩ ପ୍ରକଳ୍ପକୁ ବନ୍ଦ କଲା ମହାରାଷ୍ଟ୍ର

**ମୁମ୍ବାଇ,୨୨।୬**

ଲଦାଖ ସୀମାରେ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ସୈନ୍ୟଙ୍କ ଆକ୍ରମଣରେ ଭାରତର ୨୦ ଯବାନ ଶହୀଦ ହେବା ପରେ ମହାରାଷ୍ଟ୍ର ସରକାର ଚାଇନା କମ୍ପାନୀ ସହ ସ୍ୱାକ୍ଷର କରିଥିବା ୩ଟି ପ୍ରକଳ୍ପକୁ ବନ୍ଦ କରିଦେଇଛନ୍ତି। ଏହି ପ୍ରକଳ୍ପରେ ୫,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ନିବେଶ ହେବାର ପ୍ରସ୍ତାବ ଥିଲା। ଗତ ସୋମବାର ଭିଡ଼ିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ ମାଗ୍ନେଟିକ୍ ମହାରାଷ୍ଟ୍ର ୨.୦ ନିବେଶକ ସମ୍ମିଳନୀରେ ଉକ୍ତ ପ୍ରକଳ୍ପ ଚୂଡ଼ାନ୍ତ ହୋଇଥିଲା। ଏଥିରେ ଚାଇନା ରାଷ୍ଟ୍ରଦୂତ ସୁନ୍ ୱେଡଙ୍ଗ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ସହ ପରାମର୍ଶ କ୍ରମେ ପ୍ରକଳ୍ପକୁ ସ୍ଥଗିତ ରଖାଯାଇଛି ଓ କେନ୍ଦ୍ରର ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା କରାଯାଇଛି ବୋଲି ମହାରାଷ୍ଟ୍ର ଶିଳ୍ପମନ୍ତ୍ରୀ ସୁଭାଷ ଦେଶାଇ କହିଛନ୍ତି।

## ସ୍ଥିତି ଅନୁଧ୍ୟାନ ଲାଗି ଲେହ, କଶ୍ମୀର ଯିବେ ସେନାଧ୍ୟକ୍ଷ

**ନୂଆଦିଲ୍ଲୀ, ୨୨।୬**

ସୀମାନ୍ତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ଲାଗି ସେନାଧ୍ୟକ୍ଷ ମନୋଜ ମୁକୁନ୍ଦ ନରୱଣେ ଚଳିତ ସପ୍ତାହରେ ଲେହ ଏବଂ କଶ୍ମୀର ଗସ୍ତ କରିବେ। ଲଦାଖର ଗଲୱାନ ଉପତ୍ୟକାରେ ଭାରତ- ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଓ ୨୦ ଯବାନ ଶହୀଦ ହେବା ପରେ ଏବେ ସ୍ଥିତି ଜଟିଳ ରହିଛି। ଏଲ୍ଏସି, ଏଲ୍ଓସିକୁ ଲାଗି ରହିଥିବା ବିଭିନ୍ନ ସୀମାଞ୍ଚଳର ଅନୁଧ୍ୟାନ କରିବା ଲାଗି ନରୱଣେ ସେଠାକୁ ଗସ୍ତକରି ସେନା ପ୍ରସ୍ତୁତିର ସମୀକ୍ଷା କରିବେ। ଜୁନ୍ ୧୫ରେ ରକ୍ତାକ୍ତ ସଂଘର୍ଷ ପରେ ସୀମା ବିବାଦର ସମାଧାନ ଲାଗି ୨ ଥର ସେନା ଅଧିକାରୀସ୍ତରୀୟ ଆଲୋଚନା ହୋଇ ସାରିଲାଣି। ତଥାପି ଲଦାଖ ଓ ପଙ୍ଗୋଙ୍ଗ ଅଞ୍ଚଳରେ ପରିସ୍ଥିତି ସୁଧୁରି ନାହିଁ। ଛକାପଞ୍ଝା ଅବସ୍ଥା ଲାଗି ରହିଛି। ଭାରତୀୟ ଅଞ୍ଚଳକୁ କବ୍ଜାକରିବା ଲାଗି ଚାଇନା ପ୍ରୟାସ ଜାରି ରଖିଛି। ଦୀର୍ଘଦିନ ଧରି କ୍ୟାମ୍ପକରି ସେନା ଠୁଳ କରିବାରେ ଲାଗିଛି। ଫିଙ୍ଗର ୪ରୁ ଫିଙ୍ଗର ୮ ମଧ୍ୟରେ ଚାଇନା ପ୍ରତିରକ୍ଷା ସ୍ଥିତି ସୁଦୃଢ଼ କରିଛି। ଏହାର ଜବାବରେ ଭାରତ ଡେମ୍‌ଚୋକ,କୋୟୁଲ,ଫକ୍‌ଚେ, ଡେପ୍‌ସାଙ୍ଗ, ମୁର୍ଗୋ ଓ ଗଲୱାନ୍‌କୁ ଅଧିକ ସେନା ପଠାଇଛି। ଚାଇନା ସେନାକୁ ମୁହଁତୋଡ଼ ଜବାବ ଲାଗି ଲଦାଖ ସୀମାର ୮୨୬ କି.ମି. ସୀମାରେ ଭାରତ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି।

## ସ୍ୱତନ୍ତ୍ର ପାର୍ବତ୍ୟାଞ୍ଚଳ ବାହିନୀ ମୁତୟନ କଲା ଭାରତ

**ନୂଆଦିଲ୍ଲୀ,୨୨।୬**

ଭାରତ-ଚାଇନା ମଧ୍ୟରେ ଥିବା ୩,୪୮୮ କିଲୋମିଟର ଦୀର୍ଘ ପ୍ରକୃତ ନିୟନ୍ତ୍ରଣ ରେଖାରେ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) ସୈନ୍ୟଙ୍କ ଅନୁପ୍ରବେଶକୁ ରୋକିବା ଲାଗି ଭାରତ ଉଚ୍ଚ ପାର୍ବତ୍ୟାଞ୍ଚଳରେ ଯୁଦ୍ଧ କରିବାକୁ ସ୍ୱତନ୍ତ୍ର ତାଲିମ ପାଇଥିବା ବାହିନୀକୁ ମୁତୟନ କରିଛି। ଏହି ଯବାନମାନେ ଏଲ୍ଏସିର ଉଚ୍ଚ ପାର୍ବତ୍ୟାଞ୍ଚଳରେ ଲଢ଼ିବା ଓ ଗେରିଲା ଯୁଦ୍ଧ ପାଇଁ ଦୁଇ ଦଶନ୍ଧି ହେଲା ସ୍ୱତନ୍ତ୍ର ତାଲିମ ନେଉଥିଲେ। ପାର୍ବତ୍ୟାଞ୍ଚଳରେ ଲଢ଼ିବା ସବୁଠୁ କଠିନ କାର୍ଯ୍ୟ ଓ ଏଥିରେ ଜୀବନ ଯିବା ଆଶଙ୍କା ଅଧିକ। ଉତ୍ତରାଖଣ୍ଡ, ଲଦାଖ, ଗୋର୍ଖା, ଅରୁଣାଚଳ ଓ ସିକ୍କିମ୍‌ରୁ ଯବାନମାନେ ଏହି ବାହିନୀରେ ସାମିଲ ହୋଇଛନ୍ତି।

## ମନମୋହନ-ନଡ୍ଡା ମୁହାଁମୁହିଁ





**ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା ପରେ ମନମୋହନଙ୍କ ଉପରେ ବର୍ଷିଲେ ନଡ୍ଡା**

**ନୂଆଦିଲ୍ଲୀ, ୨୨।୬**

ମନମୋହନ ସିଂଙ୍କ ନେତୃତ୍ୱାଧୀନ ୟୁପିଏ ସରକାର ସମୟରେ ଚାଇନାକୁ ନିର୍ବିରୋଧରେ ଭାରତୀୟ ଭୂଖଣ୍ଡର ୪୩ ହଜାର କି.ମି. ସମର୍ପଣ କରାଯାଇଥିଲା ବୋଲି ଭାଜପା ଅଧ୍ୟକ୍ଷ ଜେ. ପି. ନଡ୍ଡା ଅଭିଯୋଗ କରିଛନ୍ତି। ଦେଶର ସୁରକ୍ଷା ଓ ଆଞ୍ଚଳିକ ସଂହତିକୁ ନେଇ କଂଗ୍ରେସ ଏଭଳି ଖେଳ ଖେଳିବା ବନ୍ଦ କରୁ ବୋଲି ସେ ସମାଲୋଚନା କରି କହିଛନ୍ତି। ପ୍ରକାଶଥାଉ କି, ଲଦାଖର ଗଲ୍‌ୱାନ୍ ଉପତ୍ୟକାରେ ଭାରତ-ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ୨୦ ଯବାନ ଶହୀଦ ହେବା ଓ ଏଭଳି ସ୍ଥିତି ଲାଗି ଚାଇନା ଭାରତକୁ ଦୋଷଦେଇ ଗଲ୍‌ୱାନ୍‌କୁ ନିଜର ବୋଲି ଦାବି କରିଆସୁଛି। ପ୍ରଧାନମନ୍ତ୍ରୀ ମୋଦି ଇଞ୍ଚେ ଜାଗା ଛଡ଼ାଯିବ ନାହିଁ ବୋଲି କହିବା ପରେ ମନମୋହନ ପ୍ରତିକ୍ରିୟାରେ ୨୦ ଯବାନ ପ୍ରାଣ ହରାଇବା ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଧାରାକୁ ସମାଲୋଚନା କରିଥିଲେ। ଚାଇନାର ଅନୁପ୍ରବେଶ ସମ୍ପର୍କରେ ସୂଚନା ଦିଆ ନ ଯିବା କେବଳ ବିଫଳ କୂଟନୀତି କିମ୍ବା ନେତୃତ୍ୱକୁ ନେଇ ପ୍ରଶ୍ନ ଉଠାଉନି ବରଂ ଏହା ଶହୀଦ ଯବାନଙ୍କ ପ୍ରତି ବିଶ୍ୱାସଘାତକତା ବୋଲି ମନମୋହନ କହିଥିଲେ। ମୋଦି ନିଜେ ଦେଇଥିବା କଥା ରଖନ୍ତୁ ବୋଲି ମନମୋହନ କହିଥିଲେ।

ନଡ୍ଡା ଏହାପରେ ୨୦୧୦ରୁ ୨୦୧୩ ମଧ୍ୟରେ ମନମୋହନଙ୍କ ନେତୃତ୍ୱ ବେଳେ ଚାଇନା ୬୦୦ ଥର ଅନୁପ୍ରବେଶ କରିଥିଲା ବୋଲି ସମାଲୋଚନା କରି କହିଛନ୍ତି। କଂଗ୍ରେସ ଏଭଳିମୁହୂର୍ତ୍ତରେ ରାଜନୀତିକରିବା ଠିକ୍‌ନୁହେଁ। ଏହା ସେନାର ମନୋବଳକୁ ଆଘାତ ପହଞ୍ଚାଇବ ବୋଲି ନଡ୍ଡା ପ୍ରକାଶ କରିଛନ୍ତି। ପୂର୍ବରୁ ୨୦୧୯ରେ ବାଲାକୋଟ, ୨୦୧୭ରେ ଉରି ଏୟାରଷ୍ଟ୍ରାଇକ୍ ସମ୍ପର୍କରେ କଂଗ୍ରେସ ପ୍ରମାଣ ମାଗି ପରିସ୍ଥିତିକୁ ଗୋଳମାଳିଆ କରିବାକୁ ଚେଷ୍ଟା କରିଥିଲା ବୋଲି ସେ ଅଭିଯୋଗ କରି କହିଛନ୍ତି।

ନଡ୍ଡାଙ୍କ ଏଭଳି ମନ୍ତବ୍ୟ ପରେ କଂଗ୍ରେସର ମୁଖପାତ୍ର ରଣଦୀପ ସିଂ ସୁରଜେୱାଲା ଜାତୀୟ ସୁରକ୍ଷା ସହ ସାଲିସ୍ କରିବା ବନ୍ଦ ହେଉ ଓ ଶହୀଦ ଯବାନଙ୍କ ବଳିଦାନ ବେକାର ନ ଯାଉ ବୋଲି ଭାଜପାକୁ ସମାଲୋଚନା କରି କହିଛନ୍ତି। ଆମେ ସରକାରଙ୍କ ସହ ରହିଛୁ, ଚାଇନାକୁ ମୁହଁତୋଡ଼ ଜବାବ ଦିଆଯାଉ ବୋଲି ସେ ପ୍ରକାଶ କରିଛନ୍ତି।

## ସୁପ୍ରିମକୋର୍ଟରେ ସୋମବାର ରଥଯାତ୍ରା ମାମଲାର ଶୁଣାଣି

- ରଥଯାତ୍ରା ମାମଲାକୁ ଜରୁରୀ ଶୁଣାଣି ଭାବେ ଗ୍ରହଣ କରିବାକୁ କେନ୍ଦ୍ର ସରକାରଙ୍କ ଆବେଦନ
- କଟକଣା ମଧ୍ୟରେ ରଥଯାତ୍ରା ସପକ୍ଷରେ କେନ୍ଦ୍ରସରକାରଙ୍କ ମତ ସମ୍ପର୍କରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ବିଚାରପତି ଅରୁଣ ମିଶ୍ରଙ୍କ ଖଣ୍ଡପୀଠ ନିକଟରେ ଜଣାଇଲେ।
- ସଲିସିଟର ଜେନେରାଲ ମେହେଟ୍ଟା କହିଥିଲେ ଯେ, ଯଦି ମହାପ୍ରଭୁ ଶ୍ରୀଜଗନ୍ନାଥ ଗୁଣ୍ଡିଚାରେ ବଡ଼ଦାଣ୍ଡକୁ ବାହାରିବେ ନାହିଁ, ତେବେ ପରମ୍ପରା ଅନୁଯାୟୀ ୧୨ବର୍ଷ ପର୍ଯ୍ୟନ୍ତ ବାହାରକୁ ବାହାରିପାରିବେ ନାହିଁ।
- ପୁରୀରେ ରଥଯାତ୍ରା କରିବା ସପକ୍ଷରେ ସୋମବାର ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କଲେ।
- ବିଚାରପତି ଅରୁଣ ମିଶ୍ର ମୋଡିଫିକେଶନ ପିଟିଶନର ଶୁଣାଣି ପାଇଁ ରାଜି ହେବା ସହ ଏହା ବୃହତ୍ ଖଣ୍ଡପୀଠରେ ହେବାକୁ ସୂଚନା ଦେଲେ।
- ମୋଡିଫିକେଶନ ପିଟିଶନର ଶୁଣାଣି ପ୍ରଧାନ ବିଚାରପତିଙ୍କ ନେତୃତ୍ୱରେ ଗଠିତ ୩ଜଣିଆ ଖଣ୍ଡପୀଠରେ ହେବ ବୋଲି ବିଚାରପତି ମିଶ୍ର ଆବେଦନକାରୀଙ୍କ ଓକିଲଙ୍କୁ ସୂଚନା ଦେଲେ।
- ନାଗପୁରସ୍ଥିତ ବାସଭବନରେ ଥିବା ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ସହ ଭିଡିଓ ଲିଙ୍କ କନେକ୍ଟ କରାଗଲା।
- ପ୍ରଧାନ ବିଚାରପତି ରଥଯାତ୍ରା ଆବେଦନର ଶୁଣାଣି କରିବାକୁ ନିଷ୍ପତ୍ତି ନେବାରୁ ବିଚାରପତି ଏସ୍. ରବୀନ୍ଦ୍ର ଭଟ୍ଟଙ୍କ ଖଣ୍ଡପୀଠରେ ହେବାକୁ ଥିବା ଶୁଣାଣିକୁ ବାଦ୍ ଦିଆଗଲା।
- ଅପରାହ୍ନ ୧ଟାରେ ପ୍ରଧାନ ବିଚାରପତି ଏସ୍.ଏ.ବୋବ୍‌ଡେଙ୍କ ନେତୃତ୍ୱରେ ବିଚାରପତି ଦୀନେଶ ମାହେଶ୍ୱରୀ ଓ ବିଚାରପତି ଏ.ଏସ୍ ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଶୁଣାଣି ଆରମ୍ଭ।
- ସଲିସିଟର ଜେନେରାଲ ମେହେଟ୍ଟା କେନ୍ଦ୍ର ସରକାରଙ୍କ ପକ୍ଷରୁ କେତେକ ପ୍ରସ୍ତାବ ରଖିଥିଲେ।
- ପ୍ରଧାନ ବିଚାରପତି: ଆମ ନିକଟରେ ଏବେ କୌଣସି କାଗଜାଦି ନାହିଁ। ତେଣୁ ଶୁଣାଣିକୁ ୨ଟାରେ କରିବାକୁ କହିଥିଲେ। ଏହା ଶୁଣି ଓଡ଼ିଶା ସରକାରଙ୍କ ପାଇଁ ଲଢୁଥିବା ଆଡ୍‌ଭୋକେଟ ହରିଶ ସାଲ୍‌ଭେ ଶୁଣାଣିକୁ ଅପରାହ୍ନ ୨ଟା ପରିବର୍ତ୍ତେ ୨ଟା୩୦ରେ କରିବାକୁ କହିଥିଲେ।



- ପ୍ରଧାନ ବିଚାରପତି ମାମଲାର ଶୁଣାଣିକୁ ଅପରାହ୍ନ ୨ଟା ୩୦ରେ କରିବାକୁ ତାଲିକାଭୁକ୍ତ କରିଥିଲେ।
- ଅପରାହ୍ନ ୩ଟା ୩୦ ପର୍ଯ୍ୟନ୍ତ ଶୁଣାଣି ଚାଲିଥିଲା।
- କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ରଥଯାତ୍ରା ସପକ୍ଷରେ ନିଜ ନିଜ ମତ ରଖିଥିଲେ।
- ଓଡ଼ିଶା ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ହରିଶ ସାଲ୍‌ଭେ କହିଥିଲେ ଯେ, ରଥଯାତ୍ରା କିପରି ଭାବେ ସୁଚାରୁରୂପେ କରାଯାଇପାରିବ ସେନେଇ ରାଜ୍ୟ ସରକାର ମନ୍ଦିର ପରିଚାଳନା କମିଟି ଏବଂ କେନ୍ଦ୍ର ସରକାରଙ୍କ ସହ ଯୋଗାଯୋଗ ରଖି କାର୍ଯ୍ୟ କରିବେ।
- ଅପରାହ୍ନ ୩ଟା ୫୦ରେ ସୁପ୍ରିମକୋର୍ଟ ରାୟ ଲେଖିବା ଆରମ୍ଭ କଲେ।
- ଶେଷରେ ସୁପ୍ରିମକୋର୍ଟ ରଥଯାତ୍ରା ସପକ୍ଷରେ ରାୟ ପ୍ରକାଶ କଲେ।

## ସୁପ୍ରିମକୋର୍ଟରେ ଓକିଲଙ୍କ ଯୁକ୍ତି

### ସଲିସିଟର ଜେନେରାଲ ତୁଷାର ମେହେଟ୍ଟା



➤ବହୁ ଶତାବ୍ଦୀ ଧରି ଚାଲିଆସୁଥିବା ରୀତିନୀତିରେ ହସ୍ତକ୍ଷେପ କରାଯିବା ଉଚିତ ନୁହେଁ। ଯଦି ପ୍ରଭୁ ଶ୍ରୀଜଗନ୍ନାଥ ମଙ୍ଗଳବାର (ଜୁନ ୨୩) ବାହାରକୁ ଆସିବେ ନାହିଁ, ତେବେ ପରମ୍ପରା ଅନୁଯାୟୀ ଠାକୁର ୧୨ ବର୍ଷ ପର୍ଯ୍ୟନ୍ତ ବାହାରକୁ ଆସିପାରିବେ ନାହିଁ।

➤ଭକ୍ତଙ୍କ ପାଇଁ ରଥଯାତ୍ରା ସିଧା ପ୍ରସାରଣ କରାଯାଇପାରିବ ଏବଂ ପୁରୀରେ କର୍ଫ୍ୟୁ ଲାଗୁ କରାଯାଇପାରିବ।

➤ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ଗଜପତି ମହାରାଜାଙ୍କ ପରାମର୍ଶଗୁଡ଼ିକ ଯତ୍ନଶୀଳ ଓ ଦୂରଦର୍ଶୀ। କିଛି ସର୍ତ୍ତ ସହିତ ରଥଯାତ୍ରାକୁ ଅନୁମତି ଦିଆଯାଇପାରେ।

### ବରିଷ୍ଠ ଆଡ୍‌ଭୋକେଟ୍ ହରିଶ ସାଲ୍‌ଭେ
(ଓଡ଼ିଶା ସରକାରଙ୍କ ଓକିଲ)



➤ପୁରୀରେ ଆମେ କର୍ଫ୍ୟୁ ଲାଗୁ କରିବୁ, ସେବାୟତଙ୍କ ଦ୍ୱାରା ରଥଯାତ୍ରା କରାଯିବ ଏବଂ ଯେଉଁମାନେ ଅଂଶଗ୍ରହଣ କରିବେ ସେମାନଙ୍କ ନମୁନା ପରୀକ୍ଷା କରାଯିବ।

➤ଯେଉଁମାନଙ୍କ ନମୁନା ନେଗେଟିଭ ଥିବ ସେମାନଙ୍କ ଦ୍ୱାରା ହିଁ ରଥଯାତ୍ରା କରାଯିବ। ଆମେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଅନୁମତି ଦେବୁନାହିଁ।

➤ଆମେ ମନ୍ଦିର କମିଟି ଏବଂ କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ରକ୍ଷା କରିବୁ। ଯଦି ଆମକୁ ସାହାଯ୍ୟ ଦରକାର, ତେବେ ଆମେ କେନ୍ଦ୍ରର ସହାୟତା ନେବୁ।

➤ଯଦି କରୋନା ମାମଲା ବଢ଼େ ତେବେ ଏହା ଆମ ଉପରେ ଖରାପ ପ୍ରତିଫଳିତ ହେବ। ଆମେ ଏହାର ଯତ୍ନ ନେବୁ।



### ବରିଷ୍ଠ ଆଡ୍‌ଭୋକେଟ୍ ରଣଜିତ୍ କୁମାର
(ଓଡ଼ିଶା ବିକାଶ ପରିଷଦର ଓକିଲ)



➤ରାଜ୍ୟରେ କୋଭିଡ୍-୧୯ ମାମଲା ବୃଦ୍ଧି ପାଇଛି। ରଥଯାତ୍ରା ୧୦/୧୨ ଦିନ ପର୍ଯ୍ୟନ୍ତ ଚାଲିଥାଏ। ଯଦି ମାମଲା ଆହୁରି ବୃଦ୍ଧିପାଇବ ତା'ହେଲେ କ'ଣ କରାଯିବ?

### ବରିଷ୍ଠ ଆଡ୍‌ଭୋକେଟ୍ କେ.ଭି. ବିଶ୍ୱନାଥନ
(ଭକ୍ତ ସଂଗଠନ ପକ୍ଷରୁ)



➤ରଥଯାତ୍ରାର ସିଧା ପ୍ରସାରଣ କରାଗଲେ ଆମେ ଟେଲିଭିଜନରେ ଦେଖିବା। ଯଦି ସେବାୟତମାନେ ରଥାଯାତ୍ରା କରାଇବେ, ତେବେ ସମ୍ବିଧାନର ଅନୁଚ୍ଛେଦ ୨୫ ଏବଂ ୨୬ ଠିକ୍ ଭାବରେ ପାଳନ ହେବ ଏବଂ ଧାର୍ମିକ ବିଶ୍ୱାସ ଅଧିକାରର ଯତ୍ନ ନିଆଯାଇପାରିବ।

## ନାଗପୁର ବାସଭବନରୁ ଶୁଣାଣି କଲେ ସିଜେଆଇ



ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ

**ନୂଆଦିଲ୍ଲୀ,୨୨।୬**

ରଥଯାତ୍ରା ବନ୍ଦ ପାଇଁ ଗତ ୧୮ ତାରିଖରେ ସୁପ୍ରିମକୋର୍ଟ ରାୟ ଦେଇଥିବାବେଳେ ଏହାର ପୁନର୍ବିଚାର ପାଇଁ ଦାଏର ପିଟିଶନର ଶୁଣାଣି ସୋମବାର ପୂର୍ବାହ୍ନ ୧୧ଟାରେ ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଖଣ୍ଡପୀଠରେ ହେବା ପାଇଁ ଧାର୍ଯ୍ୟ ହୋଇଥିଲା। ରଥଯାତ୍ରା ଆୟୋଜନ ସପକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆବେଦନ କରାଯିବା ପରେ ମାମଲାର ଶୁଣାଣି ସିଜେଆଇ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ତିନିଜଣିଆ ଖଣ୍ଡପୀଠରେ କରିବା ପାଇଁ ସ୍ଥିର ହୋଇଥିଲା। ଗ୍ରୀଷ୍ମାବକାଶ ଛୁଟି ଯୋଗୁ ନାଗପୁର ଯାଇଥିବା ସିଜେଆଇ ବାସଭବନରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ପିଟିଶନର ଶୁଣାଣି କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସର୍ତ୍ତ ଭିତ୍ତିରେ ରଥଯାତ୍ରା ପାଳନ ପାଇଁ ଯୁକ୍ତି ଉପସ୍ଥାପନ କରିଥିବାବେଳେ ଓଡ଼ିଶା ସରକାରଙ୍କର ପ୍ରତିନିଧିତ୍ୱ କରିଥିଲେ ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ।

# ୧୬,୨୩୪ କୋଟିର ଚୂଡ଼ାନ୍ତ ରିପୋର୍ଟ

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ସାମୁଦ୍ରିକ ଝଡ଼ 'ଅମ୍ଫାନ୍' ଯୋଗୁ ଉପକୂଳବର୍ତ୍ତୀ ଜିଲାରେ ହୋଇଥିବା କ୍ଷୟକ୍ଷତିର ଭରଣା ପାଇଁ ରାଜ୍ୟ ସରକାର ୧୬,୨୩୪ କୋଟି ଟଙ୍କାର ଚୂଡ଼ାନ୍ତ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଛନ୍ତି। କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର ଏବଂ ଭଦ୍ରକ ଜିଲାରେ ବାତ୍ୟା ନିରୋଧ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ୧୧, ୧୧୪ କୋଟି, ଗ୍ରାମାଞ୍ଚଳ ଗୃହ ନିର୍ମାଣ ପାଇଁ ୪୧୫୨ କୋଟି, ସମୁଦ୍ର ପାଣି ଅଟକାଇବାକୁ ଲୁଣାବନ୍ଧ ପାଇଁ ୭୬୭ କୋଟି ଏବଂ ରିଲିଫ ଓ ଥଇଥାନ ପାଇଁ ୨୦୨ କୋଟି ଟଙ୍କାର ପ୍ରସ୍ତାବ ପ୍ରଦାନ କରାଯାଇଥିବା ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି।

ମେ ୨୦ ତାରିଖରେ ବାତ୍ୟା ଅମ୍ଫାନ୍ ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାତ୍ୟା ପରେ ଅର୍ଥାତ୍ ମେ ୨୨ ତାରିଖରେ ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଗସ୍ତକରି ଆକାଶମାର୍ଗରୁ କ୍ଷତିଗ୍ରସ୍ତ ଜିଲା ପରିଦର୍ଶନ କରିଥିଲେ। ତତ୍କାଳ କ୍ଷତି ଭରଣା ପାଇଁ ଆଗୁଆ ୫୦୦ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ। ଘୋଷଣା କରିବାର ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଉକ୍ତ ସହାୟତା ରାଶି ପ୍ରଦାନ କରାଯାଇଥିଲା। ବାତ୍ୟା କ୍ଷୟକ୍ଷତି ଆକଳନ କରିବାକୁ ୭ ଜଣିଆ କେନ୍ଦ୍ରୀୟ ଟିମ୍ ଜୁନ୍ ୪ ଓ ୫ ତାରିଖରେ ଅଧିକ କ୍ଷତିଗ୍ରସ୍ତ କେନ୍ଦ୍ରାପଡ଼ା, ବାଲେଶ୍ୱର, ଜଗତ୍‌ସିଂହପୁର ଏବଂ ଭଦ୍ରକ ଜିଲା ଗସ୍ତ କରିଥିଲେ।

ମେ ୨୦ ତାରିଖରେ ବାତ୍ୟା ଅମ୍ଫାନ୍ ମାଡ଼ରେ ରାଜ୍ୟର ଉପକୂଳବର୍ତ୍ତୀ ୧୦ଟି ଜିଲା ଦୋହଲି ଯାଇଥିଲା। ସେହି ଜିଲାଗୁଡ଼ିକ ହେଲା କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, କଟକ, ଖୋର୍ଦ୍ଧା ଏବଂ ପୁରୀ।

**ବାତ୍ୟା 'ଅମ୍ଫାନ୍' କ୍ଷୟକ୍ଷତି**

- କେନ୍ଦ୍ରକୁ ଦେଲେ ରାଜ୍ୟ ସରକାର
- ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ୧୧,୧୧୪ କୋଟି
- ଗ୍ରାମାଞ୍ଚଳ ଗୃହ ନିର୍ମାଣ ପାଇଁ ୪୧୫୨ କୋଟି

ସେଥିରୁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ଭୟଙ୍କର କ୍ଷୟକ୍ଷତି ହୋଇଥିଲା। ରାଜ୍ୟ ସରକାରଙ୍କ ପ୍ରାଥମିକ ରିପୋର୍ଟ ଆକଳନ ଅନୁଯାୟୀ ଏହିସବୁ ଜିଲାର ୯୨ଟି ବ୍ଲକ, ୧୫୫୮ଟି ପଞ୍ଚାୟତର ୯୮୩୩ ଗ୍ରାମ ଏବଂ ୨୨ଟି ପୌରାଞ୍ଚଳର ୨୭୨ଟି ୱାର୍ଡର ୪୪,୪୪,୮୯୬ ଲୋକ ବାତ୍ୟା ଯୋଗୁ ପ୍ରଭାବିତ ହୋଇଥିଲେ। ୧ ଲକ୍ଷ ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା। ୫୦୦ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା ବେଳେ ୧୫ ହଜାର ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥିଲା। ୮,୭୨,୦୪୯ ପ୍ରାଣୀ ସମ୍ପଦ ପ୍ରଭାବିତ ହୋଇଥିଲା। ବାତ୍ୟା ପ୍ରଭାବରେ ୧୫୧.୦୫ କି.ମି. ରାସ୍ତା ଓ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୪୨ଟି ପୋଲ କ୍ଷତିଗ୍ରସ୍ତ ହୋଇଥିଲା। ସେହିପରି ୬୪୬ଟି ଅଙ୍ଗନୱାଡି କେନ୍ଦ୍ର, ୧୫୫୨ପ୍ରାଥମିକ ସ୍କୁଲ କୋଠା ଏବଂ ୨୯୮ ପଞ୍ଚାୟତ କୋଠା ଏବଂ କମ୍ୟୁନିଟି ହଲ୍ ନଷ୍ଟ ହୋଇଥିବା ବେଳେ ୩୪ କି.ମି. ୩୩ କେ.ଭି., ୪୫୩ କି.ମି. ୧୧ କେ.ଭି. ଲାଇନ, ୬୮୦ କି.ମି. ଏଲ୍‌ଟି ଲାଇନ ଏବଂ ୨୪୩୯ଟି ଟ୍ରାନ୍ସଫର୍ମର ନଷ୍ଟ ହୋଇଥିଲା। ବାତ୍ୟା ପୂର୍ବରୁ ୨ ଲକ୍ଷ ୩୪୬ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଥିଲା।

## ଡାକ୍ତରୀ ଛାତ୍ର କରୋନା ଆକ୍ରାନ୍ତ

**କଟକ ଅଫିସ,୨୨।୬:** ଏସ୍‌ସିବି ଦନ୍ତ ବିଭାଗରେ ଇଣ୍ଟର୍ନଶିପ୍ କରୁଥିବା ଶେଷ ବର୍ଷର ଜଣେ ଛାତ୍ରଙ୍କଠାରେ କରୋନା ଚିହ୍ନଟ ହୋଇଛି। ସେ ଏସ୍‌ସିବି ମୁଖ ଗହ୍ୱର ଶଲ୍ୟ ବିଭାଗରେ ଇଣ୍ଟର୍ନଶିପ୍ କରୁଛନ୍ତି ଓ ସ୍ଥାନୀୟ ଛାତ୍ରାବାସରେ ରହୁଛନ୍ତି। କିଛି ଦିନ ତଳେ ତାଙ୍କର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବାରୁ ତାଙ୍କୁ ଆଇସୋଲେଶନ ୱାର୍ଡରେ ରଖାଯାଇଥିଲା। ପରେ ତାଙ୍କ ଥ୍ରୋଟ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ କୋଭିଡ ହସ୍ପିଟାଲ ପଠାଯାଇଛି।




# ଗଞ୍ଜାମରୁ ଆଉ ଏକ ଜୀବନ ନେଲା କରୋନା

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସହ ବୃଦ୍ଧି ପାଉଛି ମୃତ୍ୟୁ ସଂଖ୍ୟା। ସୋମବାର ଆଉଜଣଙ୍କ ଜୀବନ ନେଇଛି ଏହି ମହାମାରୀ। ମୃତକ ଜଣକ ଗଞ୍ଜାମ ଜିଲାର ୪୬ ବର୍ଷୀୟ ପୁରୁଷ। କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ଗଞ୍ଜାମ ଜିଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୮ରେ ପହଞ୍ଚିଥିବାବେଳେ ରାଜ୍ୟରେ ୧୫କୁ ବୃଦ୍ଧି ପାଇଛି। ଏଥିସହ ଆଉଜଣେ କରୋନା ସଂକ୍ରମିତଙ୍କ ଅନ୍ୟ ରୋଗରେ ମୃତ୍ୟୁ ଘଟିଛି। ମୟୂରଭଞ୍ଜ ଜିଲାର ୬୦ବର୍ଷୀୟ ପୁରୁଷଙ୍କ କ୍ୟାନ୍‌ସରରେ ମୃତ୍ୟୁ ହୋଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି।

ଅନ୍ୟପଟେ ରାଜ୍ୟର ୧୭ ଜିଲାରୁ ୧୪୩ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଙ୍ଗରୋଧ କେନ୍ଦ୍ରରୁ ୧୩୭ଜଣ ଥିବାବେଳେ ୬ଜଣ ସ୍ଥାନୀୟ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଗଞ୍ଜାମରୁ ସର୍ବାଧିକ ୩୨ଜଣ ରହିଥିବାବେଳେ କଟକରୁ ୨୦, ଖୋର୍ଦ୍ଧାରୁ ୧୬, ନୟାଗଡ଼ ଓ ବାଲେଶ୍ୱରରୁ ୧୩ ଲେଖାଏ, ସୁନ୍ଦରଗଡ଼ରୁ ୧୨, କେନ୍ଦ୍ରାପଡ଼ାରୁ ୧୦, କଳାହାଣ୍ଡିରୁ ୬, ସମ୍ବଲପୁରରୁ ୫, ଭଦ୍ରକରୁ ୪, ଢେଙ୍କାନାଳରୁ ୩, କେନ୍ଦୁଝରରୁ ୨ଜଣ, ବରଗଡ଼, ବଲାଙ୍ଗୀର, ଜଗତସିଂହପୁର, ଝାରସୁଗୁଡ଼ା ଓ ଅନୁଗୋଳରୁ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। ଏଥିସହିତ ପଶ୍ଚିମବଙ୍ଗରୁ ଫେରିଥିବା ଆଉ ୨ଜଣ ଏନ୍‌ଡିଆର୍‌ଏଫ୍ ଯବାନଙ୍କୁ କରୋନା ହୋଇଥିବା ଜଣାପଡ଼ିଛି। ଫଳରେ ରାଜ୍ୟରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୩୦୩ରେ ପହଞ୍ଚିଛି।

ସେପଟେ ସୋମବାର ମଧ୍ୟ ୧୪୩ଜଣ ସୁସ୍ଥ ହୋଇଛନ୍ତି। ଗଜପତିରୁ ୧୮ଜଣ ସୁସ୍ଥ ହୋଇଥିବାବେଳେ ବରଗଡ଼, ମାଲକାନଗିରି ଓ ପୁରୀରୁ ୧୫ଜଣ ଲେଖାଏ, ବଲାଙ୍ଗୀର ୧୨, କଟକ ୧୦, ଖୋର୍ଦ୍ଧା ୯, ମୟୂରଭଞ୍ଜ ୮, କେନ୍ଦ୍ରାପଡ଼ା ୬, ବାଲେଶ୍ୱର, ଢେଙ୍କାନାଳ ଓ ସମ୍ବଲପୁରରୁ ୫ଜଣ ଲେଖାଏ ରହିଛନ୍ତି। ସେହିପରି ଭଦ୍ରକ, ବୌଦ୍ଧ, ଜଗତ୍‌ସିଂହପୁର, ଯାଜପୁର ଓ କଳାହାଣ୍ଡିରୁ ୩ଜଣ ଲେଖାଏ, କନ୍ଧମାଳ ଓ କେନ୍ଦୁଝରରୁ ୨ଜଣ ଲେଖାଏ ଓ ସୁନ୍ଦରଗଡ଼ରୁ ଜଣେ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି।

- ରାଜ୍ୟରେ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି
- ନୂଆ ୧୪୩ ଚିହ୍ନଟ, ୧୪୩ ସୁସ୍ଥ









**ଆଜିର ମନ୍ତବ୍ୟ**

" ଚାଇନା ବିରୋଧରେ ଭାରତ କରୋନା ଓ ସୀମା ବିବାଦ ଦୁଇଟି ଯୁଦ୍ଧ ଲଢୁଛି। ଏଭଳି ଲଢ଼େଇ ବେଳେ କେହି ରାଜନୀତି କରିବା ଉଚିତ ନୁହେଁ।

–ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ................................

ବୟସ:................................

ଜନ୍ମ ତାରିଖ: ................................


ବିଶ୍ୱଜୀତ୍ ପରିବାରବର୍ଗ


ନମିତା ପରିବାରବର୍ଗ


କିଶୋର ପରିବାରବର୍ଗ


ସିଦ୍ଧି ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦୂରଦର୍ଶନରେ ରଥଯାତ୍ରାର ସିଧାପ୍ରସାରଣ

ଭୁବନେଶ୍ୱର,୨୨।୬(ବ୍ୟୁରୋ): ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଅନୁଯାୟୀ ମଙ୍ଗଳବାର ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। କୋଭିଡ୍-୧୯ ପାଇଁ ଏଥର ବିନା ଭକ୍ତରେ ରଥଯାତ୍ରା କରିବାକୁ ସୁପ୍ରିମକୋର୍ଟ ରାୟ ଦେଇଥିବାବେଳେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ରଥଯାତ୍ରାର ଲାଇଭ୍ ଟେଲିକାଷ୍ଟ ବା ସିଧା ପ୍ରସାରଣ କରାଯିବ। ଦୂରଦର୍ଶନ ଓ ଅନ୍ୟ କେତେକ ଟେଲିଭିଜନ ଚ୍ୟାନେଲରେ ରଥଯାତ୍ରାର ସିଧା ପ୍ରସାରଣ ହେବ ବୋଲି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ଡିଡି ଓଡ଼ିଆ, ଡିଡି ଇଣ୍ଡିଆ ଏବଂ ଡିଡି ଭାରତୀରେ ଏହି ସିଧା ପ୍ରସାରଣ ହେବ।




# ୩ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ଆଭ୍ୟନ୍ତରୀଣ ଓଡ଼ିଶା ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ନୂଆପଡ଼ା, ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ନବରଙ୍ଗପୁର, କଳାହାଣ୍ଡି, ବରଗଡ଼, ଝାରସୁଗଡ଼ା, ସମ୍ବଲପୁର ଏବଂ ସୋନପୁର ଜିଲାର ଅଳ୍ପ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ରାଜ୍ୟରେ ଦକ୍ଷିଣ- ପଶ୍ଚିମ ମୌସୁମୀ ସକ୍ରିୟ ରହିଥିବାରୁ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ ଭବାନୀପାଟଣାରେ ସର୍ବାଧିକ ୧୩୩.୨ ମିଲିମିଟର ବର୍ଷା ହୋଇଥିବା ବେଳେ ବଲାଙ୍ଗୀର ୯୭, ବାଲେଶ୍ୱର ୧୩.୨, ତାଳଚେର ୩୦, କୋରାପୁଟ ୧୧.୬, ଟିଟିଲାଗଡ ୧୧୦, ବାରିପଦା ୨୨.୪, ମାଲକାନଗିରି ୭.୪ ଏବଂ ସୋନପୁରରେ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛି ଲୋ ଛତିଆ ବିରିକଣି**
**ଖା ଲୋ ରଙ୍କୁଣୀ ମନଜାଣି ।**

ଯିଏ ଖାଇବାକୁ ନ ପାଏ ସେ ଖାଦ୍ୟ ରଙ୍କୁଣୀ। ଭଲ କରି ଦିନକୁ ଦି'ଓଳି ଦି' ମୁଠା ଖାଇବାକୁ ପାଉ ନ ଥିବା ଖାଦ୍ୟ ରଙ୍କୁଣୀକୁ ମନଭରି ଖାଇବାର ପ୍ରଲୋଭନ ଦେଖାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛାଡ଼ିଲା ଯୁଆଳି, ଛାଡ଼ିଲା ଯୋତ**
**ଝିଅ ମଲେ ଜୋଇଁ କାହାର ଗୋତ ?**

ଶ୍ୱଶୁର ଘରେ ଜୋଇଁଙ୍କୁ ଖୁବ ସମ୍ମାନ ଦିଆଯିବା ସହ ଆଦର ଅଭ୍ୟର୍ଥନା କରାଯାଇଥାଏ। ଝିଅକୁ ନେଇ ଜୋଇଁ । ଝିଅ ଜୀବିତ ଥିବାବେଳେ ଯେଉଁ ଜୋଇଁଙ୍କୁ ମୁଣ୍ଡରେ ବସାଯାଇଥାଏ, ଝିଅର ମୃତ୍ୟୁ ପରେ ସେହି ଜୋଇଁଙ୍କୁ ଆଉ ଆଗଭଳି ଗୁରୁତ୍ୱ ଦିଆଯାଇ ନ ଥାଏ। ଝିଅର ମୃତ୍ୟୁ ପରେ ଶ୍ୱଶୁର ଘରେ ଜୋଇଁଙ୍କ ପ୍ରତି ଥିବା ସ୍ନେହ ତଥା ଆଦର ଭାବ ସ୍ୱତଃପ୍ରବୃତ୍ତ କମି ଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ –ଏ କେ ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ**

# ଶଟ୍‌ଡାଉନ୍ ଲାଗି ପିପିଲିକୁ ଗଡ଼ିବନି ମୋ ବସ୍

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ବହୁ ପ୍ରତିକ୍ଷାର ଅନ୍ତ ହେଲା, ଶେଷରେ ବିନା ଭକ୍ତରେ ରଥଯାତ୍ରା କରିବା ପାଇଁ ମାନ୍ୟବର ସୁପ୍ରିମ୍‌କୋଟ୍ ନିର୍ଦ୍ଦେଶ ଦେଲେ। ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ପିପିଲିକୁ ମୋ ବସ୍‌ର ନୂଆ ରୁଟ୍ ଗଡ଼ିବ ନାହିଁ। ପୁରୀ ଜିଲା ଶଟ୍‌ଡାଉନ୍ ଥିବାରୁ କ୍ରୁଟ୍ ପକ୍ଷରୁ ଏହି ସେବାକୁ ପରମୁହୂର୍ତ୍ତରେ ଆରମ୍ଭ କରାଯିବ। ପୁରୀ ଜିଲାକୁ ଶଟ୍‌ଡାଉନ୍ କରି ରାଜ୍ୟ ସରକାର ରଥଯାତ୍ରା କରିବାକୁ ଯାଉଥିବା ନିଷ୍ପତ୍ତିକୁ ସମ୍ମାନ ଦେଇ ମୋ ବସ୍ ଚଳାଚଳକୁ ସାମୟିକ ଭାବେ ବନ୍ଦ ରଖାଯାଇଥିବା କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ବଡ଼ଦାଣ୍ଡରେ...

ବିଜେ ହୋଇଥିଲା। ତିନିବାଡ଼ରୁ ତିନିଜଣ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ଘଣ୍ଟ, ଘଣ୍ଟି, କାହାଳି ଶୋଭାଯାତ୍ରାରେ ବଡ଼ଦାଣ୍ଡକୁ ବାହାରିଥିଲେ। ପୂର୍ବାହ୍ନ ୧୧ଟା ୨୫ରେ ଆଜ୍ଞାମାଳ ରଥଖଳାରେ ପହଞ୍ଚିଥିଲା। ସାଢେ ୧୧ଟାରେ ପ୍ରଥମେ ବଡଠାକୁର, ୧୧ଟା ୩୨ରେ ଶ୍ରୀଜଗନ୍ନାଥ ଓ ୧୧ଟା ୩୪ ଅର୍ଥାତ୍ ଶେଷରେ ଦେବୀ ସୁଭଦ୍ରାଙ୍କ ରଥରେ ଆଜ୍ଞାମାଳ ବିଜେ ହୋଇଥିଲା। ଏହାପରେ ରଥରେ ଦଉଡ଼ି ଲଗାଯାଇ ମଧ୍ୟାହ୍ନ ୧୨ଟା ୧୦ରେ ରଥଟଣା ପାଇଁ ବିଜେ କାହାଳୀ ବାଜିଥିଲା। କିନ୍ତୁ ରଥଟଣା ଯାଇ ନ ଥିଲା। ଏହାପରେ ଏଏସ୍‌ଆଇ ପକ୍ଷରୁ ଏକ ବିଶେଷଜ୍ଞ ଦଳ ତିନିରଥର ଯାଞ୍ଚ କରିଥିଲେ। ବିଜେ କାହାଳୀ ବାଜିଥିଲେ ମଧ୍ୟ ରଥଟାଣିବା ଲାଗି ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଅପେକ୍ଷା କରାଯାଇଥିଲା। ଅନୁମତି ମିଳିବା ପରେ ଜୟ ଜଗନ୍ନାଥ ଧ୍ୱନିରେ ଫାଟି ପଡ଼ିଥିଲା ସିଂହଦ୍ୱାର ଓ ରଥଖଳା ଅଞ୍ଚଳ। ସନ୍ଧ୍ୟା ୬ଟା ୧୦ରେ ଆରମ୍ଭ ହୋଇଥିଲା ରଥଟଣା। ପରମ୍ପରା ଅନୁଯାୟୀ ପ୍ରଥମେ ନନ୍ଦିଘୋଷ, ପରେ ଦର୍ପଦଳନ ଏବଂ ଶେଷରେ ତାଳଧ୍ୱଜ ରଥ ସିଂହଦ୍ୱାରରେ ଲାଗିଥିଲା। ଏହାପରେ ତିନିରଥକୁ ଫୁଲରେ ସଜ୍ଜିତ କରାଯାଇଥିଲା। ରାତିରେ ଚାରବନ୍ଧା ଯାଇ ରଥ ଉପରକୁ ସାରଥୀଙ୍କୁ ନିଆଯାଇଥିଲା।

ଅନ୍ୟପକ୍ଷରେ ସୋମବାର ରାତିରେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କ ପହୁଡ଼ ଆଳତି ସରିବା ପରେ ଶ୍ରୀମୁଖ ଖଣ୍ଟୁଆ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟକଣ୍ଠ ଏବଂ ସେନାପଟା ଲାଗି କରିଛନ୍ତି। ମଙ୍ଗଳବାର ଭୋର ୩ ଟାରେ ମଙ୍ଗଳ ଆଳତି ହେବ। ସକାଳ ୬ଟା ୪୫ରେ ରଥ ପ୍ରତିଷ୍ଠା ପରେ ମଙ୍ଗଳାର୍ପଣ ହୋଇ ୭ଟାରେ ପହଣ୍ଡି ଆରମ୍ଭ ହେବ। ପୂର୍ବାହ୍ନ ୧୦ଟା ସୁଦ୍ଧା ପହଣ୍ଡି ଶେଷ କରାଯାଇ ସାଢେ ୧୦ଟାରେ ରଥକୁ ମଦନ ମୋହନ ବିଜେ କରିବେ। ସାଢେ ୧୧ଟାରେ ଛେରା ପହଁରା ଏବଂ ୧୧ଟା ୪୫ରେ ଚାରମାଳ ଫିଟା, ଘୋଡ଼ା ଓ ସାରଥୀ ଲାଗିବା ପରେ ମଧ୍ୟାହ୍ନ ୧୨ଟାରେ ରଥଟଣା ଆରମ୍ଭ ଲାଗି ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି। ଘୋଷଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ବିନା ଭକ୍ତରେ ରଥଯାତ୍ରା କରିବା ଲାଗି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିବାରୁ ପୋଲିସ କଟକଣାକୁ ଅଧିକ କଡ଼ାକଡ଼ି କରିଛି। ପୁରୀ ଜିଲାକୁ ଶଟ୍‌ଡାଉନ ଘୋଷଣା କରାଯାଇଥିବା ବେଳେ ପୁରୀ ସହରକୁ ସଂଯୋଗ ସମସ୍ତ ରାସ୍ତାକୁ ସିଲ୍ କରିଦିଆଯାଇଛି। ସୁରକ୍ଷା ପାଇଁ ୫୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।

### କେବଳ ପୁରୀ...

ଯଦି ଏବର୍ଷ ରଥଯାତ୍ରା ନ ହୁଏ, ତେବେ ପରମ୍ପରା ଅନୁଯାୟୀ ୧୨ ବର୍ଷ ପର୍ଯ୍ୟନ୍ତ ହୋଇପାରିବ ନାହିଁ ବୋଲି ମେହେଟ୍ଟା କହିବା ସହ ରାଜ୍ୟ ସରକାର ପୁରୀରେ କର୍ଫ୍ୟୁ ଲଗାଇ କଟକଣା ମଧ୍ୟରେ ଉତ୍ସବର ଆୟୋଜନ କରିପାରିବେ ବୋଲି କହିଥିଲେ। ଜଗତଗୁରୁ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ନିଷ୍ପତ୍ତି ଅନୁଯାୟୀ କୋଭିଡ୍ ଟେଷ୍ଟରେ ନେଗେଟିଭ୍ ପରୀକ୍ଷା ବାହାରିଥିବା ପଣ୍ଡା ଓ ସେବାୟତମାନେ ରୀତିନୀତିରେ ଭାଗ ନେଇପାରିବେ ବୋଲି ସଲିସିଟର ଜେନେରାଲ କହିଥିଲେ।

ମେହେଟ୍ଟାଙ୍କ ଯୁକ୍ତି ଶୁଣିବା ପରେ ଜଷ୍ଟିସ୍ ମିଶ୍ର କହିଥିଲେ, ତିନିଜଣିଆ ଖଣ୍ଡପୀଠରେ ମାମଲାର ଶୁଣାଣି ପାଇଁ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ ନିଷ୍ପତ୍ତି ନେଇଛନ୍ତି। ସେଠାରେ ଆବେଦନ କରିବାକୁ ଜଷ୍ଟିସ୍ ମିଶ୍ର ପରାମର୍ଶ ଦେଇଥିଲେ। ସିଜେଆଇ ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ ଜଷ୍ଟିସ୍ ଏ.ଏସ୍.ବୋପାନ୍ନା ଏବଂ ଦିନେଶ ମାହେଶ୍ୱରୀ ଅପରାହ୍ନ ସାଢ଼େ ୨ଟାରେ ପିଟିଶନର ଶୁଣାଣି କରିଥିଲେ। ଇତିମଧ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ରଥଯାତ୍ରା ସପକ୍ଷରେ ସର୍ବୋଚ୍ଚ ଅଦାଲତରେ ଆବେଦନ କରାଯାଇଥିଲା। ପୁରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ଅଧ୍ୟକ୍ଷ ଗଜପତି ମହାରାଜଙ୍କ ପ୍ରସ୍ତାବ ଅନୁଯାୟୀ ବିନା ଭକ୍ତରେ କେବଳ ପୁରୀରେ ରଥଯାତ୍ରା ପାଇଁ ଯଦି ଅନୁମତି ମିଳେ, ତେବେ ଏଥିପାଇଁ ରାଜ୍ୟ ସରକାର ଆବଶ୍ୟକ ବ୍ୟବସ୍ଥା ଲାଗି ପ୍ରୟାସ କରିବେ ବୋଲି ଅଦାଲତଙ୍କୁ କହିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଉପସ୍ଥିତ ରହି କହିଥିଲେ, କର୍ଫ୍ୟୁ ଜାରି କରି ଏବଂ ଅନ୍ୟ ଜନସ୍ୱାସ୍ଥ୍ୟ ସୁରକ୍ଷା ପଦକ୍ଷେପ ସହ ବିନା ଭକ୍ତରେ ରଥଯାତ୍ରା ଅନୁଷ୍ଠିତ ହେବ। କେବଳ କୋଭିଡ୍ ନେଗେଟିଭ୍ ଥିବା ପୋଲିସ ଓ ସେବାୟତମାନେ ରଥ ଟାଣିବେ ବୋଲି ସାଲ୍‌ଭେ ସର୍ବୋଚ୍ଚ ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ରଥଯାତ୍ରା ବନ୍ଦ କରିବା ଲାଗି ସୁପ୍ରିମକୋର୍ଟଙ୍କ ପୂର୍ବ ରାୟର ପୁନର୍ବିଚାର ଲାଗି ବିଭିନ୍ନ ବ୍ୟକ୍ତିବିଶେଷ ଓ ସଂଗଠନ ପକ୍ଷରୁ ଅନେକ ପିଟିଶନ ଦାଏର କରାଯାଇଥିଲା।

### ଶୃଙ୍ଖଳାରେ ନୀତିକାନ୍ତି...

ଶୃଙ୍ଖଳା ସହିତ ସାମାଜିକ ଦୂରତା ଓ ଗାଇଡଲାଇନକୁ ପାଳନ କରି କେମିତି ଠାକୁରଙ୍କ ନୀତିକାନ୍ତି କରାଯାଏ ତା'ର ନିଦର୍ଶନ ସାରା ବିଶ୍ୱକୁ ଦେଖାଇବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବର୍ତ୍ତମାନ କୋଭିଡ-୧୯ ଯୋଗୁ ସାରା ବିଶ୍ୱ ଏକ କଠିନ ପରିସ୍ଥିତି ଦେଇ ଗତି କରୁଛି। ଏହି ପରିସ୍ଥିତିରେ ମହାପ୍ରଭୁଙ୍କ ରଥଯାତ୍ରା ପାଳନ କରିବା ନିଶ୍ଚିତ ଭାବରେ ଏକ ଚ୍ୟାଲେଞ୍ଜ। ଅତି ସାବଧାନତାର ସହ ରଥଯାତ୍ରାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ରୀତିନୀତି ପାଳନ କରିବାକୁ ହେବ। ମୋର ଆଶା ଓ ବିଶ୍ୱାସ ରଥଯାତ୍ରା ପରିଚାଳନାରେ ଭାଗ ନେଇଥିବା ସମସ୍ତ ବ୍ୟକ୍ତି କୋଭିଡ୍ ଗାଇଡ୍‌ଲାଇନ୍‌କୁ ନିଷ୍ଠାର ସହ ପାଳନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରଥଯାତ୍ରା ପାଇଁ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ପୂରା ପ୍ରସ୍ତୁତି କରିଛନ୍ତି। ଠିକ୍ ସମୟରେ ରଥ ଅନୁକୂଳ ଓ ନିର୍ମାଣ ଶେଷ ହୋଇଛି। ଠାକୁରଙ୍କ ସବୁ ରୀତିନୀତି ଠିକ୍ ଭାବରେ ଚାଲିଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ସେବାୟତମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ପ୍ରଶାସନ ମଧ୍ୟ ସମସ୍ତ ପ୍ରସ୍ତୁତି ଶେଷ କରିସାରିଛି। ମୁଖ୍ୟ ଶାସନ ସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ପୁରୀ ପଠାଯାଇଛି।

ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରାର ଉତ୍ତମ ପରିଚାଳନା ପାଇଁ ଆଇନମନ୍ତ୍ରୀ ପ୍ରତାପ ଜେନା, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କୁ ପୁରୀରେ କ୍ୟାମ୍ପ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ରଥଯାତ୍ରା ସମୟରେ କୋଭିଡ୍ ଗାଇଡଲାଇନ ପାଳନ କରିବା ସହିତ ନିଜକୁ, ନିଜ ପରିବାକୁ ସୁରକ୍ଷିତ ରଖିବାକୁ ମୁଖ୍ୟମନ୍ତ୍ରୀ ପୁରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଶେଷରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁଙ୍କ ଇଚ୍ଛା ସବୁରି ଉପରେ। ତାଙ୍କ ଇଚ୍ଛା ପାଳନ କରିବାକୁ ସବୁବେଳେ ଆମେ ପ୍ରସ୍ତୁତ। ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପାଳନ କରିବା ପାଇଁ ଅନୁମତି ଦେଇଥିବାରୁ ମୁଖ୍ୟମନ୍ତ୍ରୀ ସୁପ୍ରିମ୍‌କୋର୍ଟ ଓ କେନ୍ଦ୍ର ସରକାରଙ୍କ ସହଯୋଗ ପାଇଁ ଧନ୍ୟବାଦ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ରବି ଓ ଚନ୍ଦ୍ର ଏକରାଶିରେ ଅବସ୍ଥାନ କରି ପାପପ୍ରଭାବସ୍ଥ ଯୋଗୁ ମାନସିକ ସ୍ତରରେ ନିରୁତ୍ସାହତା ଓ ଗ୍ଲାନି ସୃଷ୍ଟିହେବ। ବନ୍ଧୁବାନ୍ଧବ କ୍ଷେତ୍ରରେ ବିଶେଷ ଉନ୍ନତି ପରିଲକ୍ଷିତ ହେବନାହିଁ। ତଥାପି କୃତ୍ତିକା ନକ୍ଷତ୍ର ସବୁକଥାକୁ ଭଲରୂପେ ବିଚାର କରି କାମ କରନ୍ତୁ, ନଚେତ୍ ବିଭିନ୍ନ ଦିଗରୁ ସମସ୍ୟା ମାଡ଼ି ଆସିପାରେ।

**ବୃଷ** କେତୁ ଓ ଶୁକ୍ରଙ୍କ ଷଡାଷ୍ଟକ ସ୍ଥିତି ଆପଣଙ୍କ ନିକଟରୁ ସୁଖ, ଆନନ୍ଦ ଓ ଉଲ୍ଲାସକୁ ଛଡ଼ାଇ ନେଇପାରେ। ଆଗକୁ ଆସୁଥିବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ଼ କରିବାକୁ ପଡ଼ିବାର ସୂଚନା ରହିଛି। ଏକ ନିର୍ଦ୍ଦିଷ୍ଟ କାମରେ ଯାଇଥିବା ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**ମିଥୁନ** ସ୍ୱଗୃହୀବୁଧ ଏକାଧିକଗ୍ରହ ମଧ୍ୟରେ ନିସ୍ତେଜତା ଅନୁଭବ କରୁଥିବାରୁ କାରଣରୁ ସ୍ୱାସ୍ଥ୍ୟ ବିଶେଷ ଭଲ ରହିବ ନାହିଁ। ପରିସ୍ଥିତିବିଶତଃ ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚ କରିବାକୁ ବାଧ ହେବେ। ଇଚ୍ଛା ନ ଥିଲେ ସୁଦ୍ଧା ହଠାତ୍ ଦୂରକୁ ଯାଇ କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାକୁ ପଡ଼ିପାରେ।

**କର୍କଟ** କେତେକ ପରିସ୍ଥିତିର ସମ୍ମୁଖୀନ ହେବା କାରଣରୁ ଧୈର୍ଯ୍ୟଚ୍ୟୁତି ସଙ୍ଗକୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ପରିବାରର ଖର୍ଚ୍ଚବୃଦ୍ଧି ସଙ୍ଗକୁ ବିଭିନ୍ନ ପ୍ରକାରର ସମସ୍ୟା ମନକୁ ବିବ୍ରତ କରିବ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ପରିବହନରେ କିଛି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି।

**ସିଂହ** ରାହୁ ଓ ରବିଙ୍କ ସମ୍ବନ୍ଧ କାରଣରୁ କେତେକ କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡିପାରେ। ଆଗାମୀ ସମୟର ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ କରିବା ପାଇଁ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି। ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ,ଏଣୁ ବ୍ୟସ୍ତତା ବୃଦ୍ଧି ପାଇବ।

**କନ୍ୟା** ଶନି ସହ ବୁଧଙ୍କ ସଂଯୋଗର କୁପ୍ରଭାବରୁ ସନ୍ଦେହାତ୍ମକ ବାତାବରଣ ମଧ୍ୟରେ ଅଣନିଃଶ୍ୱାସୀ ହେବାକୁ ପଡିପାରେ। ଅପୂରଣୀୟ ଆଶା ଓ ସନ୍ତାନ ମାନଙ୍କ ବିଶୃଙ୍ଖଳିତ ଆଚରଣ ମାନସିକ ସ୍ଥିତିକୁ ଦୁର୍ବଳ କରିଦେବ। ପାରିବାରିକ ସମସ୍ୟା ଲାଗି ରହିବା କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ।

**ତୁଳା** ପରିସ୍ଥିତି ଓ ପରିବେଶର ବିଷମତା ମାନସିକ ଅସ୍ଥିରତା କାରଣ ହୋଇପାରେ। ବିଭିନ୍ନ ପ୍ରକାରର ଅସୁବିଧା ଭିତରେ ଗତି କରୁଥିବାରୁ ଧୀରେ ଧୀରେ ଜୀବନଯାତ୍ରା ଖରାପ ଦିଗକୁ ଗତି କରିବ। ମୂଲ୍ୟବାନ ଜିନିଷ ଖରିଦ କରିବା ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ।

**ବିଛା** ପରିବାରରେ ଭୁଲ୍ ବୁଝାମଣା ଓ ନିଜର କେତେକ ବ୍ୟତିକ୍ରମକୁ ସଜାଡିବାକୁ ଯାଇ ଅସ୍ଥିରତା ଲାଗି ରହିବ। ପାରିବାରିକ ଶୃଙ୍ଖଳା ବ୍ୟତିରେକ ଅଭାବ ନ ଥିଲେ ମଧ୍ୟ ଅନାବଶ୍ୟକ ବ୍ୟୟରୁ ବିଚଳିତ ହେବେ। ଏମିତି କେତେକ ପରିସ୍ଥିତି ଭିତରେ ଚଳିବାକୁ ବାଧ ହେବେ, ଯଦ୍ୱାରା କି ଜାଣିଶୁଣି ସବୁ କଥାରେ ନୀରବ ରହିବାକୁ ପଡିବ।

**ଧନୁ** ଅଯଥାରେ ଏଣୁ ତେଣୁ ଗୁଡାଏ ଚିନ୍ତାକରି ବିବ୍ରତ ହେବା ଠିକ୍ ହେବନି। ପୃଷ୍ଠପୋଷକତା ଲାଭକରି ବିବାଦୀୟ ପରିସ୍ଥିତି କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁଁ ମନ ଖୁସି ରହିବ। ବନ୍ଧୁଙ୍କ ବାଧ ବାଧକତାରେ ନାହିଁ କରି ନ ପାରି ଦୂରଯାତ୍ରା କରିବାକୁ ପଡିପାରେ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତିରୁ ମନ ଖୁସୀ ରହିବ।

**ମକର** ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପଦସ୍ଥ ବ୍ୟକ୍ତି ବିଶେଷଙ୍କ ସହାୟତାରେ କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ। ଟିକିଏ ଟିକିଏ କଥାରେ ରାଗିଯାଇ ଯାହା ପଡିଲା ତାହା କହି ପକାଇବା ଦ୍ୱାରା କିଛି ସମସ୍ୟା ଆସିପାରେ।

**କୁମ୍ଭ** ମଙ୍ଗଳଙ୍କ ପ୍ରଭାବରେ ବିଭିନ୍ନ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ନିଜର ଲୋକ ମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ ମଧ୍ୟ ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ। ସମସ୍ୟା ଓ ପ୍ରତିବନ୍ଧକ ମଧ୍ୟଦେଇ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**ମୀନ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ଥିଲେ ମଧ୍ୟ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବାର ଆଶଙ୍କା ରହିଛି। ଉତ୍ତରଭାଦ୍ରପଦ୍ ନକ୍ଷତ୍ର ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ।

ଆଜି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ରଥଯାତ୍ରା, ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ଯୁକ୍ତ ତୃତୀୟା ମଙ୍ଗଳବାର, ଜୁନ୍ ୨୩ ତାରିଖ, ରାଶି ନକ୍ଷତ୍ର– ପୁନର୍ବସୁ/ମିଥୁନ, ଦିବା ଘ.୦୧.୩୨ ମି. ଗତେ ପୁଷ୍ୟାନକ୍ଷତ୍ର ଏବଂ ସକାଳ ଘ.୦୭.୩୪ମି. ଗତେ କର୍କଟ ଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, କନ୍ୟା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ସକାଳ ଘ.୦୫.୧୩ମି. ଗତେ ଘ.୦୭.୫୧ମି. ମଧ୍ୟେ, ଘ.୦୯.୩୭ମି. ଗତେ ଘ.୧୨.୧୫ମି. ମଧ୍ୟେ, ଘ.୦୩.୪୬ମି. ଗତେ ଘ.୦୪.୩୯ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୪ମି. ଗତେ ଘ.୦୭.୦୮ମି. ମଧ୍ୟେ, ରାତ୍ରି ଘ.୧୨.୧୦ମି. ଗତେ ଘ.୦୨.୨୦ମି. ମଧ୍ୟେ ଅମୃତବେଳା। ଦିବା ଘ.୦୨.୫୪ମି. ଗତେ ଘ.୦୩.୪୬ମି. ମଧ୍ୟେ, ଘ.୦୪.୩୯ମି. ଗତେ ଘ.୦୫.୩୨ମି. ମଧ୍ୟେ, ରାତ୍ରି ଘ.୦୮.୩୪ମି. ଗତେ ଘ.୧୦.୦୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୦୩.୦୭ମି. ଗତେ ଘ.୦୪.୪୬ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302

**real estate**

**SALE**

ସୁନ୍ଦରପଦା କୁହା ମୌଜାରେ yellow zone plot- sqft.1450/- & କ୍ଷେତ୍ରପାଳ ମୌଜାରେ ଘରବାରି plot sqft.-700/- ରେ bank Finance ସହିତ ମିଳୁଛି। 8480619769. D-17537

Litigation free Residential Plot, Patia & Low Cost. Firmhouse land available. 8328811411, 9861971879. D-69120

ଭୁବନେଶ୍ୱର ଧଉଳିଠାରେ ଘରବାରି **boundary plot 1650sqft.** କୁ **sqft-1400** ରେ ବିକ୍ରିହେବ। **7991052183.** D-69121

**to-let**

Available ground floor on rent for Family near at Palasuni Hata, Bhubaneswar. Contact: 9658484848. D-69318

2BHK flat with parking at Lingipur rent family. Contact: 7894381416. D-59952

Fully furnished 4BHK House available rent at Ghatikia near Sum Hospital Office/ Bank prefered, also 3BHK House rent/ sale. Contact: 9437054239, 9437007239, 8895612742. D-56665

Kharabela Nagar, Bhubaneswar 1800 sqft ground floor. Office, residence. 9437008388. D-17552

**healthcare**

Full body herbal massage with refreshment expert therapist. 7381239385, 06742540855. D-69285

Experience full body massage with us (expert). Call: 7377048581, 06742597822. D-69284

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Refreshments Bhubaneswar Experienced professional gents/ ladies massage. 7750073898, 9853999966, homeservices 9853999966@gmail.com. D-17345

Rejuvenate and Ayurvedic full body massage by smart therapist. 9114402304. D-69289

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69287

Herbal full body massage by smart / expert therapist. Contact: 8338067247. D-69288

Newly open full body massage SPA in Bhubaneswar. Contact: 7205058838. D-69283

Ayurvedic full body massage Ladies and Gents. Contact- 9861064981. D-69516

**AFFIDAVIT**

ଆପଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉ ଅଛି କି ଜୟପୁର ମୌଜା plot No-36/ 2061-35/ 2060 case No-1890/ 2019 କେସ୍ ଚାଲିଛି। ଏଣୁ କିଛି କିଣାବିକା ହୋଇ ପାରିବ ନାହିଁ। ଧ-୧୭୫୪୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କଟକଣା ମାନି ହେବ ରଥଯାତ୍ରା

ପୁରୀ ଅଫିସ,୨୨।୬

ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲାଗି ସୋମବାର ନୀଳାଦ୍ରି ଭକ୍ତନିବାସରେ ଛତିଶା ନିଯୋଗ ଏବଂ ପରିଚାଳନା କମିଟିର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। କୋଭିଡ୍ ଗାଇଡ୍‌ଲାଇନ ଏବଂ ସୁପ୍ରିମ୍‌କୋର୍ଟଙ୍କ କଟକଣାକୁ ମାନି ରଥଯାତ୍ରା କରିବା ଉପରେ ଏଥିରେ ବିଶେଷ ଆଲୋଚନା କରାଯାଇଥିଲା। ବୈଠକ ଶେଷରେ ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜା କହିଥିଲେ, କୋଭିଡ୍ କଟକଣା ଭିତରେ ଏଥର ରଥଯାତ୍ରା ହେବ। କିନ୍ତୁ ବଡ଼ଦାଣ୍ଡକୁ ଭକ୍ତମାନେ ଆସିପାରିବେ ନାହିଁ। ସେହିପରି ମହାପ୍ରଭୁ ଗୁଣ୍ଡିଚା ମନ୍ଦିରରେ ରହିବା ସମୟରେ କୌଣସି ଶ୍ରଦ୍ଧାଳୁ ମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ। ବାହୁଡ଼ା ଯାତ୍ରା ସମୟରେ ବି ବଡ଼ଦାଣ୍ଡକୁ କେହି ଆସିପାରିବେ ନାହିଁ। ସେବକମାନଙ୍କ ସହଯୋଗରେ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାର ବିଶ୍ୱକୁ ଗୋଟିଏ ଅପୂର୍ବ ଘୋଷଯାତ୍ରା ଦେଖାଇବେ ବୋଲି ଗଜପତି ମହାରାଜା କହିଛନ୍ତି। ସେହିପରି ରଥରେ ଛେରାପହଁରା କରିବେ ବୋଲି ଗଜପତି ମହାରାଜା ସୂଚନା ଦେଇଛନ୍ତି। କରୋନା କଟକଣା ଯୋଗୁ ସ୍ନାନଯାତ୍ରାରେ ଗଜପତି ମହାରାଜାଙ୍କ ପରିବର୍ତ୍ତେ ତାଙ୍କ ପ୍ରତିନିଧି ରଥରେ ଛେରାପହଁରା କରିଥିଲେ। ଅନ୍ୟପକ୍ଷରେ ଆଇନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, କୋଭିଡ୍ ଗାଇଡ୍‌ଲାଇନ ଅନୁପାଳନ ଉପରେ ଆଲୋଚନା ହୋଇଥିଲା। ଏଥିରେ ସେବାୟତମାନେ ସହମତି ପ୍ରକାଶ କରିଛନ୍ତି। ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା ପ୍ରତି ଗୁରୁତ୍ୱ ଦିଆଯିବ। ଟେଲିଭିଜନ ମାଧ୍ୟମରେ ଭକ୍ତମାନେ ଯେପରି ରଥଯାତ୍ରା ଦେଖିବାର ସୁଯୋଗ ପାଇବେ ସରକାରଙ୍କ ପକ୍ଷରୁ ତାହାର ବ୍ୟବସ୍ଥା କରାଯାଇଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂଙ୍କ ସମେତ ଛତିଶା ନିଯୋଗ ଏବଂ ପରିଚାଳନା କମିଟି ସଦସ୍ୟ ଉପସ୍ଥିତ ଥିଲେ।



ଭକ୍ତ ନିବାସରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ପ୍ରତାପ ଜେନା, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏବଂ ଅନ୍ୟ ଅଧିକାରୀମାନେ।

## ରଥ ଟାଣିବେ ସେବାୟତ

ଏଥର କେବଳ ସେବାୟତମାନେ ହିଁ ରଥ ଟାଣିବେ। ଯେଉଁମାନଙ୍କର କୋଭିଡ୍ ଟେଷ୍ଟ କରାଯାଇଛି ସେହିମାନେ ରଥ ଟାଣିବେ ବୋଲି ନିର୍ଦ୍ଦେଶ ରହିଛି। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ପୂର୍ବରୁ ୭୫୪ ସେବାୟତଙ୍କ କୋଭିଡ଼ ଟେଷ୍ଟ କରାଯାଇଥିଲା। ସମସ୍ତଙ୍କର ନେଗେଟିଭ ବାହାରିଛି। ଆହୁରି ପ୍ରାୟ ୮୦୦ ସେବାୟତଙ୍କ କୋଭିଡ଼ ଟେଷ୍ଟ କରାଯାଇଛି।

## ସରକାରଙ୍କ କରୋନା ମୁକାବିଲା ଦେଖି ସୁପ୍ରିମକୋର୍ଟ ଭରସା କଲେ

**ଭୁବନେଶ୍ୱର,୨୨।୬(ବ୍ୟୁରୋ):** ରାଜ୍ୟ ସରକାରଙ୍କ ରାୟ ସଂଶୋଧନ ଆବେଦନ ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ରଥଯାତ୍ରା ପାଇଁ ଅନୁମତି ଦେଇଛନ୍ତି। ସୁପ୍ରିମକୋର୍ଟ ରଥଯାତ୍ରା ଲାଗି ଅନୁମତି ଦେବା ସମୟରେ ଦର୍ଶାଇଛନ୍ତି, କୋଭିଡ୍-୧୯ ନିୟନ୍ତ୍ରଣ କରିବା କ୍ଷେତ୍ରରେ ରାଜ୍ୟ ସରକାର ଭଲ ପଦକ୍ଷେପ ଗ୍ରହଣ କରିଛନ୍ତି, ଫଳରେ ଏହାଦ୍ୱାରା ଅଧିକ ଜୀବନ ହାନୀ ଘଟିନାହିଁ। ତେଣୁ ରଥଯାତ୍ରା ସମୟରେ ସରକାର କାହିଁକି ସମାନ ଦାୟିତ୍ୱ ଏବଂ ପଦକ୍ଷେପ ଗ୍ରହଣ ନ କରିପାରିବେ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ଭରସା କରିଛନ୍ତି। ସରକାର ରଥଯାତ୍ରା ସମୟରେ ମଧ୍ୟ ଅନୁରୂପଭାବେ ପଦକ୍ଷେପ ନେଇ କାର୍ଯ୍ୟ କରିବେ । ଏହାସହ କରୋନା ମୁକାବିଲା ନେଇ ରାଜ୍ୟ ସରକାରଙ୍କୁ କୋର୍ଟ ଧନ୍ୟବାଦ ମଧ୍ୟ ଦେଇଛନ୍ତି। ରଥଯାତ୍ରା ପ୍ରସ୍ତୁତି ୧୨ଘଣ୍ଟା ଭିତରେ ହୋଇନାହିଁ। ପ୍ରଶାସନ ଗତ କିଛି ସପ୍ତାହ ଧରି ଏଥିପାଇଁ ପ୍ରସ୍ତୁତି ଚଳାଇ ଆସିଥିଲା ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## କାଞ୍ଚି ଅଭିଯାନ ଭଳି ବିଜୟ

ନୟାଗଡ଼ ଅଫିସ୍,୨୨।୬



କଟକଣା ଭିତରେ ଏବଂ ବିନା ଭକ୍ତରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆୟୋଜନ ପାଇଁ ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି। ଏହା ସ୍ୱାଗତଯୋଗ୍ୟ। ଏହି ବିଜୟ ପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କର। ମହାପ୍ରଭୁ ଏସବୁ ବିଭିନ୍ନ ମାଧ୍ୟମରେ କରାଇଛନ୍ତି। କାଞ୍ଚି ଅଭିଯାନରେ ଯେପରି ପ୍ରଭୁ ବିଜୟର ପଥ ଦେଖାଇଥିଲେ ଏଥର ଅନୁମତି ସେହି ଢ଼ାଞ୍ଚାରେ ହୋଇଛି। ମହାପ୍ରଭୁ ମୋର ଆଶାକୁ ପୂରଣ କରିଛନ୍ତି ବୋଲି ରଥଯାତ୍ରାକୁ ଅନୁମତି ଦେବା ପାଇଁ ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିବା ନୟାଗଡ଼ ଜିଲା ଇଟାମାଟିର +୩ ଦ୍ୱିତୀୟ ବର୍ଷ ଛାତ୍ର ଆଫତାବ୍ ହୋସେନ୍ କହିଛନ୍ତି।






## ବରିଷ୍ଠ ନାଗରିକ, ଭିନ୍ନକ୍ଷମଙ୍କ ଘର ପାଖରେ ବ୍ୟାଙ୍କସେବା

**ଭୁବନେଶ୍ୱର,୨୨।୬(ବ୍ୟୁରୋ):** କରୋନା ମହାମାରୀ ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକ ଏବଂ ବୟସ୍କ ଭିନ୍ନକ୍ଷମମାନେ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ସେମାନେ ନିଜର ଜରୁରୀ ବ୍ୟାଙ୍କ ସମ୍ବନ୍ଧିତ କାର୍ଯ୍ୟ କରିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ଉଚିତ ବ୍ୟାଙ୍କସେବା ଯୋଗାଇ ଦିଆଯାଉ ନ ଥିବାରୁ ପ୍ରତ୍ୟେକଙ୍କ ଘର ପାଖରେ ବ୍ୟାଙ୍କସେବା ଯୋଗାଇଦେବାକୁ ୨୦୧୭ରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ମାର୍ଗଦର୍ଶିକା ଜାରି କରିଛନ୍ତି। ଏହି ନିର୍ଦ୍ଦେଶାବଳୀ ବ୍ୟାଙ୍କଗୁଡିକ ଦ୍ୱାରା ଠିକ୍ ଭାବେ କାର୍ଯ୍ୟକାରୀ କରିବା ନିମନ୍ତେ ଅର୍ଥ ସଚିବ ରାଜ୍ୟର ବ୍ୟାଙ୍କ ମୁଖ୍ୟମାନଙ୍କୁ ତଥା ରିଜର୍ଭ ବ୍ୟାଙ୍କକୁ ତଦାରଖ କରିବା ପାଇଁ କହିଛନ୍ତି। ବରିଷ୍ଠ ନାଗରିକ ତଥା ଭିନ୍ନକ୍ଷମ ବୟସ୍କ ବ୍ୟକ୍ତିମାନେ ଆକାଉଣ୍ଟରୁ ଅର୍ଥ ଉଠାଣ, ଜମା, ଡିମାଣ୍ଡ ଡ୍ରାଫ୍ଟ ପ୍ରଦାନ, କେୱାଇସି ତଥ୍ୟ ଉପସ୍ଥାପନ ଇତ୍ୟାଦି ଘର ପାଖରେ ପାଇପାରିବେ। ଏ ବାବଦରେ କୌଣସି ଦେୟ ଦେବାକୁ ପଡ଼ିବନାହିଁ। ଏହାକୁ ଠିକ୍‌ଭାବେ କାର୍ଯ୍ୟକାରୀ କରିବା ପାଇଁ ଅର୍ଥ ସଚିବ ଗୁରୁତ୍ୱାରୋପ କରିଛନ୍ତି।

## ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଲେ ଶାହା, ନଡ୍ଡା

> ନିରଞ୍ଜନ କହିଲେ ଯାହା ଏବେ କଲ, ତାହା ଆଗରୁ କରିବାର ଥିଲା

**ଭୁବନେଶ୍ୱର,୨୨।୬(ବ୍ୟୁରୋ):** ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ରଥଯାତ୍ରା ପାଇଁ ଅନୁମତି ମିଳିବାପରେ ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି, ଜଗନ୍ନାଥ ସମସ୍ତଙ୍କ ଆସ୍ଥାର ପ୍ରତୀକ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମଧ୍ୟ ଟୁଇଟ୍ କରି କହିଛନ୍ତି,ସୋମବାର ଏକ ସ୍ୱତନ୍ତ୍ର ଦିନ । ଓଡ଼ିଆ ଭଉଣୀଭାଇ ଏବଂ ଶ୍ରଦ୍ଧାଳୁମାନଙ୍କ ଲାଗି ସବୁଠାରୁ ଅଧିକ ଖୁସିର ଦିନ। ପୂରା ଦେଶକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଖୁସି କରିଥିବା ସେ ଉଲ୍ଲେଖ କରିଛନ୍ତି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ରଥଯାତ୍ରା ହେଉ ବୋଲି ଆମ ସମସ୍ତଙ୍କର ଇଚ୍ଛା ଥିଲା । ରଥଯାତ୍ରା ହେବା ନେଇ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶକ୍ରମେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମହାପ୍ରଭୁଙ୍କ ନୀତିକାନ୍ତି ତଥା ରଥଯାତ୍ରା ସମ୍ପର୍କରେ ଗଜପତି ମହାରାଜଙ୍କ ସହ ଆଲୋଚନା କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ପ୍ରଥମରୁ କହିଛୁ, ସରକାର ଦେବସ୍ନାନ ପୂର୍ଣ୍ଣିମା ଯେପରି କଲେ ସେହିଭଳି ମହାପ୍ରଭୁଙ୍କ ରଥଯାତ୍ରା ଭକ୍ତଶୂନ୍ୟରେ କରିବାର ଥିଲା। ସାରା ରାଜ୍ୟକୁ ଶଟ୍‌ଡାଉନ କରି ଏବଂ ପୁରୀରେ କର୍ଫ୍ୟୁ ଘୋଷଣାକରି ପୋଲିସଙ୍କ ଦ୍ୱାରା ରଥଯାତ୍ରା କରାଯାଉ। ଯାହା ଏବେ କଲେ, ତାହା ଆଗରୁ କରିବାର ଥିଲା ବୋଲି ସେ କହିଛନ୍ତି।

## ଖାଦ୍ୟ ସୁରକ୍ଷାକୁ ନିଶ୍ଚିତ କରାଯାଇଛି: ମନ୍ତ୍ରୀ

**ଭୁବନେଶ୍ୱର, ୨୨।୬(ବ୍ୟୁରୋ):** କରୋନା ଯୋଗୁ ସୃଷ୍ଟି ହୋଇଥିବା ପରିସ୍ଥିତିରେ ଲୋକଙ୍କ ଖାଦ୍ୟ ନିରାପତ୍ତାକୁ ପ୍ରାଥମିକତା ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏପ୍ରିଲ-ମେ-ଜୁନର ଆଗୁଆ ରାଶନ ସାମଗ୍ରୀ କାର୍ଡଧାରୀଙ୍କୁ ଯୋଗାଇ ଦିଆଯାଇଥିବା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ବିଭାଗ ପକ୍ଷରୁ ୧୧ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟ ଶସ୍ୟ ଉଭୟ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗାଇ ଦିଆଯାଇଛି। ଏ ବାବଦରେ ୯୨ଲକ୍ଷ ୯୬ ହଜାର ୩୨୩ ଜଣ କାର୍ଡଧାରୀ ପରିବାରକୁ ମୋଟ ୫.୬୪ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟ ଶସ୍ୟ ବଣ୍ଟନ କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ହିତାଧିକାରୀଙ୍କୁ ଏପ୍ରିଲ, ମେ ଓ ଜୁନ୍‌ର ଏକକାଳୀନ ଚାଉଳ ଓ ଡାଲି ବିନା ମୂଲ୍ୟରେ ଯୋଗାଇ ଦିଆଯାଇଛି।



















> ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ସଙ୍ଗେ ଏକ ସ୍ୱତନ୍ତ୍ର ଧାରାରେ ସଂପର୍କିତ ହୁଏ ଏବଂ ଏକ ସ୍ୱତନ୍ତ୍ର ଧାରାରେ ଈଶ୍ୱରଙ୍କୁ ପ୍ରକାଶ କରେ। ତୁମେ ଅନ୍ୟର ପନ୍ଥା ଗ୍ରହଣ କରିବା ଆବଶ୍ୟକ ନାହିଁ। ତୁମେ ତୁମ ବାଟରେ ଅନୁସରଣ କରି ଚାଲ। —ଶ୍ରୀମା



# ମହରଗରୁ ଯାଇ କାନ୍ତାରରେ

ନାମକରଣ କରିବାରେ ଆମ ଦେଶର ସରକାର ବହୁ ଆଗରେ ରହିଛନ୍ତି। କଂଗ୍ରେସ ସମୟରେ ସବୁକିଛି ଗାନ୍ଧୀ ପରିବାର ନାମରେ କରାଯାଉଥିଲା। ଦିଲ୍ଲୀର ପାଲାମ ବିମାନ ବନ୍ଦରକୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦର ଓ କନଟ ପ୍ଲେସ୍‌କୁ ରାଜୀବ ଗାନ୍ଧୀ ଚୌକ୍ ଭାବେ ନାମିତ କରିବାଠାରୁ ଆରମ୍ଭ କରି ଦେଶବ୍ୟାପୀ ରାସ୍ତା, ଛକ, ଖେଳପଡ଼ିଆ, ପ୍ରମୋଦ ଉଦ୍ୟାନ, ଶିକ୍ଷାନୁଷ୍ଠାନ ଭଳି ପ୍ରାୟ ସବୁକିଛି କେତେକ ରାଜନୈତିକ ବ୍ୟକ୍ତିଙ୍କ ନାମରେ ନାମିତ ହେଉଥିବା ବେଳେ ଏବେ ଏକ ନୂଆ ଢାଞ୍ଚା ଆରମ୍ଭ ହୋଇଛି। ମୋଦି ସରକାର କ୍ଷମତାସୀନ ହେବାଠାରୁ ବିଭିନ୍ନ ଯୋଜନାକୁ ଆକର୍ଷଣୀୟ ନାମ ଦିଆଯାଇ ସେଗୁଡ଼ିକୁ ଜନସାଧାରଣଙ୍କ ଦ୍ୱାରା ଗ୍ରହଣୀୟ କରିବାର ଚେଷ୍ଟା ହେଉଛି। ଅବଶ୍ୟ ପୂର୍ବ କଂଗ୍ରେସ ସରକାର ଅମଳର କେତୋଟି ଯୋଜନାର ନାମ ପରିବର୍ତ୍ତନ କରାଯାଇଛି, ଯଥା–ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନାକୁ ଦୀନଦୟାଲ ଉପାଧ୍ୟାୟ ଗ୍ରାମଜ୍ୟୋତି ଯୋଜନା କରାଯାଇଛି। ଏହିଭଳି ଆହୁରି ଅନେକ ପୁରୁଣା କାର୍ଯ୍ୟକ୍ରମର ନାମ ପରିବର୍ତ୍ତନ କରାଯାଇଥିବା ବେଳେ ମୌଳିକ କାର୍ଯ୍ୟରେ କୌଣସି ପରିବର୍ତ୍ତନ ବା ଉନ୍ନତି ଦେଖିବାକୁ ମିଳୁନାହିଁ।

ସବୁଠାରୁ କୌତୂହଳପୂର୍ଣ୍ଣ ହେଉଛି ନୂତନ ଯୋଜନାଗୁଡ଼ିକର ଗୋଟିଏପଟେ ଅପମୃତ୍ୟୁ ଘଟୁଥିବା ବେଳେ, ଆହୁରି କେତେକ ନୂଆ ନାମଧାରୀ ଯୋଜନା ଗୋଟିଏ ପରେ ଗୋଟିଏ ଛେକରେ ଜନ୍ମ ନେଉଥିବାର ଦେଖାଯାଉଛି। ୨୦୧୪ରୁ ଆଜି ପର୍ଯ୍ୟନ୍ତ ଲକ୍ଷ୍ୟକଲେ ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟ ଅପ୍ ଇଣ୍ଡିଆ, ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଭଳି କାର୍ଯ୍ୟକ୍ରମରୁ ଆରମ୍ଭ କରି ବନ୍ଦେ ଭାରତ, ସମୁଦ୍ର ସେତୁଠୁ ନେଇ ଆରୋଗ୍ୟ ସେତୁ ପର୍ଯ୍ୟନ୍ତ ଭଳିକିଭଳି ନାମକରଣ ଦିଆଚାଲିଛି। ଏସବୁ କ୍ଷଣସ୍ଥାୟୀ ହୋଇଥିବାରୁ ସମ୍ଭବତଃ କେନ୍ଦ୍ର ସରକାରଙ୍କ ବିରାଟ ମନ୍ତ୍ରଣାଳୟ ଏଗୁଡ଼ିକର ନୂତନ ନାମ ବାହାର କରିବାରେ ଲାଗିରହିଥିବ। ପିଲାଦିନେ ଆଣ୍ଠୁରେ ଆଘାତ ହେଲେ ତୁଳା କିମ୍ବା ବ୍ୟାଣ୍ଡେଜ୍ ପରିବର୍ତ୍ତେ ପାଉଁଶ ଲଗାଇ ଦେଉଥିବାର ଅନେକଙ୍କ ମନେ ପଡ଼ିପାରେ। ଆଜିର ସରକାର କେବେହେଲେ ଭାବି ନ ଥିଲେ ଯେ ଭାରତ ଉପରେ ଚାଇନା ଆକ୍ରମଣ କରିବ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଚିନ୍ତାଧାରାରୁ ଜନ୍ମ ନେଇଥିବା ଭାରତୀୟ ଜନତା ପାର୍ଟି (ଭାଜପା) ସବୁବେଳେ ମୁସଲମାନ ବିରୋଧୀ ଦୃଷ୍ଟିକୋଣରେ ନିଜର ଶକ୍ତି ବୃଦ୍ଧି କରିବାକୁ ଚେଷ୍ଟା କରିଆସିଛି। ଦେଶର ଅର୍ଥନୈତିକ ବିପର୍ଯ୍ୟୟ ସମୟରେ ଏହି ରାଜନୈତିକ ଦଳର କୌଣସି ସ୍ପଷ୍ଟ ଅର୍ଥନୈତିକ ଚିନ୍ତାଧାରା ନାହିଁ ବୋଲି ଏବେ ସଚେତନ ନାଗରିକ ପ୍ରମାଣ ପାଇସାରିଲେଣି। ମନେପଡ଼େ କିଛିବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଚାଇନା ଗସ୍ତ ସମୟର ଘୋଷଣା। ଦେଶରେ ଆଭ୍ୟନ୍ତରୀଣ ସ୍ତରରେ କୌଣସି ଆଲୋଚନା ହୋଇ ନ ଥିବା ବେଳେ ପ୍ରଧାନମନ୍ତ୍ରୀ ତାଙ୍କ ବେଜିଂ ଭାଷଣରେ ଘୋଷଣା କରିଦେଲେ ଯେ ଚାଇନା ନାଗରିକଙ୍କୁ ଭାରତରେ ପର୍ଯ୍ୟଟନ ଭିଜା ବିମାନବନ୍ଦରରେ ଇଲେକ୍‌ଟ୍ରୋନିକ୍ ଭିଜା (ଇ–ଭିଜା) ଭାବେ ମିଳିପାରିବ। କିନ୍ତୁ ସାଧାରଣରେ ଉଭୟ ଦେଶ ଏହି ସୁବିଧା ଘୋଷଣା କରିବା କଥା। ଚାଇନା ତାହା କଲାନାହିଁ। କିନ୍ତୁ ଆମ ଭାରତରେ ସେହି ଘୋଷଣା ଲାଗୁ ହୋଇଗଲା। ଏହାବ୍ୟତୀତ ଚାଇନାକୁ ଏକ ବିରୋଧୀ ଦେଶର ତାଲିକାରୁ ହଟାଇଦେଲି ବୋଲି କହି ପ୍ରଧାନମନ୍ତ୍ରୀ ମୋଦି ଅନେକ ଆମଦାନୀ ଉପରେ ଟିକସ ଛାଡ଼ କରି ନିଜର ଭାବମୂର୍ତ୍ତି ବିରାଟକାୟ କରିବାକୁ ଚେଷ୍ଟା କଲେ। ସେହିଭଳି ଅନେକ ବ୍ୟବସାୟିକ ସୁବିଧା ମଧ୍ୟ ଚାଇନା କମ୍ପାନୀଗୁଡ଼ିକୁ ଦେବା ପାଇଁ ବହୁ ପ୍ରତିଶ୍ରୁତି ଦେଇ ଆସିଲେ ମୋଦି। ଏବେ ଜଣାପଡୁଛି, ଏହାସବୁ ସତ୍ତ୍ୱେ, ଚାଇନା କୌଣସିଭାବେ ସନ୍ତୁଷ୍ଟ ହୋଇପାରୁ ନାହିଁ। ନିକଟରେ ଚାଇନା ଆକ୍ରମଣରେ ୨୦ ଭାରତୀୟ ସୈନ୍ୟଙ୍କ ପ୍ରାଣହାନି ତାହା ପ୍ରମାଣିତ କରିଦେଉଛି। ଏହା ନିଶ୍ଚିତ ଭାବେ ଅନେକ ରାଜନୈତିକ ସମସ୍ୟା ସୃଷ୍ଟି କରିଦେଇଛି। ପାକିସ୍ତାନକୁ ଦୋଷ ଦେବା ସହଜ, କାରଣ ଭାରତୀୟ ହିନ୍ଦୁଙ୍କ ପାଇଁ ମୁସଲମାନମାନେ ଘୃଣ୍ୟ। ସେଥିପାଇଁ ସେହି ବାର୍ତ୍ତା ଜନସାଧାରଣଙ୍କୁ ପସନ୍ଦ ହୁଏ। ଅନ୍ୟପଟେ ଚାଇନା ଯେହେତୁ ଏକ ଅଣମୁସଲମାନ ଦେଶ ଏବଂ ତାହାର ରାଷ୍ଟ୍ରପତି ସି ଜିନ୍‌ପିଙ୍ଗଙ୍କୁ ସବୁବେଳେ ନିଜର ବନ୍ଧୁଭାବେ ଆମ ପ୍ରିୟ ପ୍ରଧାନମନ୍ତ୍ରୀ ଦର୍ଶାଇ ଆସିଛନ୍ତି ସେହେତୁ ଚାଇନା ବିରୋଧରେ କୌଣସି କଠୋର ମନ୍ତବ୍ୟ ଆଜି ପର୍ଯ୍ୟନ୍ତ ଦିଆଯାଇ ପାରୁନାହିଁ। ହୁଏତ ଚାଇନାର ଏହି ଆକ୍ରମଣ ଭାଜପାର ମୌଳିକ ରାଜନୈତିକ ଚିନ୍ତାଧାରାକୁ ବାଉଳା କରିଦେଇଛି। ମୁସଲମାନ ନ ଥିବା ଜାଗାରେ ହିନ୍ଦୁତ୍ୱର ଅସ୍ତିତ୍ୱ ପ୍ରଶ୍ନବାଚୀରେ ପଡ଼ିଯାଉଛି।

ଏହି ପ୍ରଚ୍ଛଦପଟରେ ଦେଖିଲେ କେନ୍ଦ୍ର ସରକାର ଏବେ ବାଟବଣା ହୋଇ ଶିଳ୍ପପତିମାନଙ୍କୁ ଏକ ତାଲିକା ପ୍ରସ୍ତୁତ କରିବାକୁ କହିଛନ୍ତି। କୌଣସି ସରକାରୀ ବିଜ୍ଞପ୍ତି ପ୍ରକାଶ କରା ନ ଯାଇ ଘରୋଇ ଭାବେ ବଡ଼ ଶିଳ୍ପୋଦ୍ୟୋଗୀମାନଙ୍କୁ ଚାଇନାରୁ ଆମଦାନୀ ହେଉଥିବା ସାମଗ୍ରୀ ସମ୍ପର୍କରେ କେତେକ ତଥ୍ୟ ଦେବାକୁ କୁହାଯାଇଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ ହାତଘଣ୍ଟା, କାନ୍ଥଘଣ୍ଟା, ଇଞ୍ଜେକଶନ୍ ଅମ୍ପୁଲ୍ସ, କାଚ ସାମଗ୍ରୀ, କେଶ ତୈଳ ଓ ଶାମ୍ପୁ, ଫେସ୍ ପାଉଡର, ଲିପଷ୍ଟିକ୍ ଭଳି କେତେକ ହାଲୁକା ସାମଗ୍ରୀ ଉପରେ ପ୍ରଶ୍ନ ପଚରା ଯାଇଛି। ପ୍ରଚାର କରାଯାଉଛି ଯେ, ଚାଇନାରୁ ଆମଦାନୀ ହେଉଥିବା ଏହି ଦ୍ରବ୍ୟକୁ କେନ୍ଦ୍ର ସରକାର ବାରଣ କରିବା ପାଇଁ ଚିନ୍ତା କରୁଛନ୍ତି। ପୂର୍ବରୁ କୁହାଯାଉଥିଲା ଚିନ୍ତା କରୁ କରୁ ପୁରୀ–ହାୱଡ଼ା ଏକ୍ସପ୍ରେସ୍ ଷ୍ଟେଶନ ଛାଡ଼ିଦିଏ। କେନ୍ଦ୍ର ସରକାରଙ୍କ ସେଭଳି ପରିସ୍ଥିତି ହୋଇଛି। ପାଉଡର, ସ୍ନୋ ଏବଂ କେଶ ତୈଳକୁ ବୀରତ୍ୱର ସହିତ ଆମଦାନୀ ବନ୍ଦ କରିବାକୁ ଚିନ୍ତା କରୁଥିବା ସରକାର ନିଜ ତାଲିକାରୁ ମୋବାଇଲ ଫୋନ୍, ଟେଲିଭିଜନ, ଔଷଧ ପ୍ରସ୍ତୁତି ଲାଗି ମୌଳିକ ଉପାଦାନ ଯାହାକୁ ଆକ୍ଟିଭ୍ ଫାର୍ମାସ୍ୟୁଟିକାଲ ଇନ୍‌ଗ୍ରେଡିଆଣ୍ଟ ବା ଏପିଆଇ କୁହାଯାଏ, ତାହାଠାରୁ ଆରମ୍ଭ କରି ବିଦ୍ୟୁତ୍ ଉତ୍ପାଦନ ପାଇଁ ବୃହତ୍ କାରଖାନା ସବୁ ଚାଇନା ନିର୍ମିତ ହୋଇଥିବା ବେଳେ ସେଗୁଡ଼ିକ କେନ୍ଦ୍ର ସରକାରଙ୍କ ଦୃଷ୍ଟିରେ ପଡୁନାହିଁ। ଏହାବ୍ୟତୀତ ଯେଉଁ ପ୍ରଶ୍ନାବଳୀ ପ୍ରସ୍ତୁତ କରାଯାଇଛି, ତାହା କେବଳ ବୃହତ୍ ଶିଳ୍ପପତିଙ୍କ ନିକଟକୁ ପଠାଯିବା ପଛରେ ମନ୍ଦ ଉଦ୍ଦେଶ୍ୟର ସଙ୍କେତ ମିଳୁଛି। ସମ୍ଭବତଃ ସରକାରଙ୍କ ଇଚ୍ଛା ହୋଇଥାଇପାରେ ଯେ ଚାଇନାରୁ ଆମଦାନୀ ବନ୍ଦ କରାଗଲେ ସେହିସବୁ ସାମଗ୍ରୀକୁ କେତେଜଣ ବଛା ଏବଂ ଶାସକଗୋଷ୍ଠୀର ନିକଟତର ବ୍ୟବସାୟୀଙ୍କ କୋଳରେ ରଖି ଦିଆଯିବ।

ଭାରତର ଲଢ଼େଇ କେବଳ ଗଲୱାନ ଉପତ୍ୟକାରେ ବଳବାନ୍‌ମାନେ ଲଢ଼ିବେ ବୋଲି ଭାବିବା ଅନୁଚିତ। ଦେଶ ଭିତରେ ଚାଇନା ସାମଗ୍ରୀକୁ ବର୍ଜନ ଡାକରା ଦେଉଥିବା ଗୋଷ୍ଠୀ ବୁଝିବା ଦରକାର ଯେ, ମହରଗରୁ ଯାଇ କାନ୍ତାରରେ ପଡ଼ିବାର ପରିସ୍ଥିତି ସୃଷ୍ଟି କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଜୁନ୍ ୧୯୯୫

- ପାକିସ୍ତାନର ପଞ୍ଜାବ ପ୍ରଦେଶସ୍ଥିତ ଏକ କେନାଲ ମଧ୍ୟକୁ ବସ୍ ଖସିପଡ଼ିବା ଫଳରେ ୧୮ ଜଣ ବ୍ୟକ୍ତି ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି।
- ଆସାମର ବିଭିନ୍ନ ଅଞ୍ଚଳରେ ବନ୍ୟା ଓ ମାଟି ଅତଡ଼ା ଧସିବା ଯୋଗୁ ୨୭ ଜଣଙ୍କର ମୃତ୍ୟୁ।

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | | 7 | | | | C | | 4 | | D | | 2 | |
| | | | | B | 5 | | | 1 | | 8 | | | 6 | D |
| 9 | 7 | | 4 | | | | | | E | | | | | |
| | | 3 | | C | 6 | B | D | | | 9 | 2 | | 8 | |
| 1 | | 4 | | 9 | D | 5 | | | | A | | | 3 | |
| | A | | | | | 8 | | | | | | 9 | | |
| | | | | | | | 2 | | | 5 | | | A | |
| E | B | 9 | | A | | 3 | 6 | | | | 7 | | | 2 |
| | | | 6 | E | | | A | | | | | | | 7 |
| | | | | | B | 7 | E | | 1 | | | | | |
| 5 | 6 | | D | | 4 | 2 | | | | | | | | |
| 8 | | A | | | | E | B | | | | | 3 | | |
| | 4 | B | | 8 | | | 9 | | | C | 6 | E | | |
| | | E | C | | A | | | 4 | B | | | | | |
| 0 | | 7 | | | | | | | D | 2 | 9 | 6 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 5 | 7 | A | C | 6 | E | B | 9 | 0 | 1 | 3 | 8 | 2 | 4 |
| C | 4 | 6 | 3 | 7 | 1 | 8 | 2 | A | D | 9 | E | B | 0 | 5 |
| 0 | 9 | 8 | 2 | B | D | 4 | C | 1 | A | 5 | 7 | 3 | E | 6 |
| 3 | B | A | E | 9 | 4 | 5 | D | 0 | 6 | 2 | 8 | 7 | C | 1 |
| 1 | E | 2 | 8 | 5 | 0 | 7 | 3 | 6 | 4 | B | C | A | D | 9 |
| 6 | 1 | C | B | D | 2 | 3 | A | 5 | E | 8 | 9 | 4 | 7 | 0 |
| 2 | A | E | 7 | 4 | 8 | C | 9 | D | 5 | 0 | 6 | 1 | 3 | B |
| 8 | 7 | B | 5 | E | 3 | 0 | 6 | 2 | 1 | C | 4 | D | 9 | A |
| 5 | D | 9 | 0 | 1 | A | B | 4 | 8 | 3 | 7 | 2 | C | 6 | E |
| 4 | 0 | 3 | C | 6 | 9 | 1 | 7 | E | B | D | A | 5 | 8 | 2 |
| B | 8 | 4 | D | 0 | 5 | 9 | E | C | 2 | 3 | 1 | 6 | A | 7 |
| 9 | 6 | 5 | 1 | A | C | 2 | 8 | B | 7 | E | D | 0 | 4 | 3 |
| 7 | 2 | 0 | 6 | 3 | E | D | 5 | 4 | C | A | B | 9 | 1 | 8 |
| A | 3 | D | 9 | 2 | B | 6 | 1 | 7 | 8 | 4 | 0 | E | 5 | C |
| E | C | 1 | 4 | 8 | 7 | A | 0 | 3 | 9 | 6 | 5 | 2 | B | D |

ଗତକାଲିର ଉତ୍ତର

# ଭୁଶୁଡୁଥିବା ସମାଜକୁ ରକ୍ଷା କରିବାର ଅର୍ଥନୀତି



ସହଦେବ ସାହୁ

ନୋଭେଲ କରୋନା ଭାଇରସ୍‌କୁ ମୁକାବିଲା କରିବାରେ ଅର୍ଥନୀତିଜ୍ଞମାନେ ଯେଉଁ ପରାମର୍ଶ ଦେଉଛନ୍ତି ତହିଁରେ ସନ୍ତୁଷ୍ଟ ହେବା କଥା ନୁହେଁ। ପୃଥିବୀର ଅର୍ଥନୀତିରେ ଗୋଟିଏ ମୌଳିକ ପରିବର୍ତ୍ତନ ଆସିଯାଇପାରେ। ଏ ମହାମାରୀର ପ୍ରକୃତ ସଫଳ ଚିକିତ୍ସା ନାହିଁ ଏବଂ କେତେ ଦିନ ଧରି ଚାଲିବ ତାହାର ଠିକଣା ନାହିଁ। ତେଣୁ ଅର୍ଥନୈତିକ କାରବାର ଖୋଲିବାକୁ ପଡ଼ିବ। କିନ୍ତୁ ଏଥିରେ କେତୋଟି ବିପଦ ଅଛି।

ପ୍ରଥମ ସଙ୍କଟ ହେଉଛି ଯୋଗାଣ ଓ ଚାହିଦାର ପାରସ୍ପରିକତା। କମ୍ପାନୀଗୁଡ଼ିକ ବନ୍ଦ ହୋଇଯାଉଥିବାରୁ କିମ୍ବା କରୋନା ଭୟରେ କର୍ମଚାରୀ ସଂଖ୍ୟା କମାଇ ଦିଆଯାଉଥିବାରୁ ଉତ୍ପାଦନ ହ୍ରାସ ପାଉଛି, ତେଣୁ ଯୋଗାଣ କମିଯାଉଛି। ଅର୍ଥନୈତିକ ମାନ୍ଦାବସ୍ଥା ଦୂର କରିବାର ଗୋଟିଏ ଉପାୟ ସୁଧହାର କମାଇବା ବୋଲି ଅର୍ଥନୀତିଜ୍ଞମାନେ କହନ୍ତି। ସୁଧ ହାର କମାଇଦେଲେ କ'ଣ ଆମେ କର୍ମଚାରୀ ପଳାଉଥିବା ବା ଛଟେଇ ଅବସ୍ଥାକୁ ସୁଧାରି ପାରିବା? ମନେକର ଯୁଦ୍ଧରେ କାରଖାନା ଉପରେ ବୋମା ପଡ଼ିଲା, କମ୍ପାନୀ ମାଲିକ କମ୍ ସୁଧରେ ଋଣ ପାଇଲେ କ'ଣ ଅଳ୍ପଦିନରେ ଉତ୍ପାଦନ କରିପାରିବ?

ଘରେ ବନ୍ଦ ହୋଇ ରହିଲେ, ବାହାରକୁ ନ ବାହାରିଲେ ଲୋକଙ୍କ ଚାହିଦା କମିଯିବ। ଯେଉଁ ଜିନିଷ ବା ସେବା ଦରକାର କରୁଥିଲେ ତାହା ଆଉ ମିଳିବ ନାହିଁ ବୋଲି ଜାଣିଗଲେ ବି ଲୋକଙ୍କର ଚାହିଦା କମିଯିବ। ଯଦି ସରକାର ବିମାନ ଚଳାଚଳ ବନ୍ଦ କରିଦେବେ ଲୋକଙ୍କ ଡିମାଣ୍ଡ ଯେତେ ବଢ଼ିଲେ ଓ ଟିକଟ ଦର ଯେତେ କମିଲେ ବି ଲୋକେ ଉଡ଼ିବେ କି? ଯଦି ଲୋକେ ରେସ୍ତୋରାଁ ବା ପବ୍ଲିକ୍ ଜାଗାକୁ ଯିବେ ନାହିଁ ବୋଲି ସରକାର ବାରଣ କରିଦେବେ ବା ଲୋକେ ସଂକ୍ରମଣକୁ ଭୟ କରି ସେସବୁକୁ ଯିବେ ନାହିଁ, ଚାହିଦା କେବେ ବଢ଼ିବ ନାହିଁ। ଏପରି କି ଜନସ୍ୱାସ୍ଥ୍ୟ ବା ପରିମଳ ସୁରକ୍ଷା ପାଇଁ ଯେତେ ଦରକାର ହେଲେ ବି ଲୋକେ ଘରୁ ବାହାରିବେ ନାହିଁ।

ଏହାର ଅର୍ଥ ଏକ ସାଙ୍ଘାତିକ ପରିବର୍ତ୍ତନ ଆସୁଛି, ସ୍ୱାଭାବିକତା ବା ପ୍ରାକୃତିକତାକୁ ଫେରା। ତା' ମାନେ ଦେଶର ଅର୍ଥନୀତି ଆତ୍ମନିର୍ଭରଶୀଳ ହେବ, ଏହା ଜଗତୀକରଣର ଠିକ୍ ଓଲଟା। ନିଜ ଘରେ ବା ପାଖରେ ମିଳୁଥିବା ସାମଗ୍ରୀ ଉପରେ ନିର୍ଭର କରିବା ମାନେ ତ ଦେଶଗୁଡ଼ିକ ସ୍ୱୟଂସମ୍ପନ୍ନ ହେବାକୁ ଚେଷ୍ଟା କରିବେ। ଅଥଚ ଜଗତୀକରଣର ଅର୍ଥ ହେଲା ଭିନ୍ନ ଭିନ୍ନ ଦେଶରେ ଉତ୍ପାଦନ ହେବ ଓ ଅଭାବୀ ଦେଶଗୁଡ଼ିକୁ ଯୋଗାଇଦେବ। ଲୋକଙ୍କ ଭିତରେ ଏହା ଶ୍ରମ–ବିଭାଜନ। ଆତ୍ମନିର୍ଭରଶୀଳ ସରକାର ମାନେ ରାଷ୍ଟ୍ରବାଦୀ ସରକାର, ଯଦି ୬ ମାସ କିମ୍ବା ବର୍ଷକ ଭିତରେ ଉପସ୍ଥିତ ସଙ୍କଟ ନିୟନ୍ତ୍ରିତ ହୋଇପାରେ, ତେବେ ଜଗତୀକରଣ ଆଡ଼କୁ ମୁହଁ ଫେରିବ। ଯଦି ସଙ୍କଟ ଚାଲୁ ରହେ ଜଗତୀକରଣ ହ୍ରାସ ପାଇ ଦିନେ ବନ୍ଦ ହୋଇଯିବ। ସଙ୍କଟ ଯେତେଦିନ ଚାଲିବ ଏବଂ ମାଲମତା ଓ ପୁଞ୍ଜି ପରିବହନରେ ବା ଅବାଧରେ ଯା'ଆସ କରିବାର ପ୍ରତିରୋଧ ଯେତେ ବେଶିଦିନ ଚାଲିବ, ଦେଶଗୁଡ଼ିକ ସେତେ ବେଶି ନିଜ ନିଜକୁ ସମ୍ଭାଳିବା ଆରମ୍ଭ କରିବେ, ଆଉ ବିଶ୍ୱ ବଜାରକୁ ଚାହିଁବେ ନାହିଁ।

କାଳକ୍ରମେ ଏ ପ୍ରକାର ପରିସ୍ଥିତିକୁ ଚାଲୁରଖିଥିବା ସ୍ୱାର୍ଥାନ୍ୱେଷୀମାନେ ରାଜନୈତିକ ଦଳ ତିଆରି କରିନେବେ। ଅଚାନକ ଏମିତିଆ ମହାମାରୀ ଆସିଗଲେ ତାହାର ମୁକାବିଲା ପାଇଁ ଦେଶଟାକୁ ସ୍ୱୟଂସମ୍ପନ୍ନ ହେବାକୁ ଚାହିଁବେ। ଏହି ଅର୍ଥରେ ଅର୍ଥନୈତିକ ସ୍ୱାର୍ଥ ଏବଂ ସ୍ୱାସ୍ଥ୍ୟ ସମସ୍ୟା ଦୁହେଁ ମିଶିଯିବେ। ଛୋଟଛୋଟ କଥା– ଯଥା ବାହାରୁ ଆସୁଥିବା ଲୋକ ପାସ୍‌ପୋର୍ଟ, ଭିଜା ସହିତ ଗୋଟିଏ ହେଲ୍‌ଥ ସାର୍ଟିଫିକେଟ ଆଣିବେ ବୋଲି ସର୍ତ୍ତ ରଖିବା– କେବଳ ଲକ୍ଷ ଲକ୍ଷ ଲୋକଙ୍କ ଭ୍ରମଣ ବନ୍ଦ କରିଦେବ ନାହିଁ, ପୁରୁଣା ଜାଗତିକ କାରବାରର ଦରଜା ବନ୍ଦ କରିଦେବେ।

ଏସବୁ ବୁଝିବା ପାଇଁ ଆମକୁ ପଛକୁ ଯିବାକୁ ପଡ଼ିବ। ଚତୁର୍ଥରୁ ଷଷ୍ଠ ଶତାବ୍ଦୀ ଭିତରେ ଯେତେବେଳେ ପାଶ୍ଚାତ୍ୟ ରୋମାନ୍ ସାମ୍ରାଜ୍ୟ ଭାଙ୍ଗିରୁଜି ଗୁଡ଼ାଏ ଆତ୍ମନିର୍ଭରଶୀଳ ଦେଶ ହୋଇଗଲା ସେତେବେଳେ କ'ଣ ହୋଇଥିଲା ମନେପକାନ୍ତୁ। ବ୍ୟବସାୟ ବାଣିଜ୍ୟ ପାଇଁ ସପ୍ଲାଇ ଲାଇନ୍ ଦରକାର ହେଲା ନାହିଁ– ଗୋଟିଏ ଦେଶର ବଳିପଡୁଥିବା ଜିନିଷକୁ ଦେଇ ଅନ୍ୟ ଦେଶର ବଳିପଡୁଥିବା ଜିନିଷକୁ ବିନିମୟରେ ଆଣିବା। ଆମ ଦେଶର ଗାଁ ଗହଳିରେ ଆଗକାଳରେ ଯେପରି ବଦଳି ବ୍ୟବସ୍ଥା ଚାଲୁଥିଲା ସେହିପରି। ଅର୍ଥାତ୍ ଗୋଟିଏ ଅଜଣା କ୍ରେତା ପାଇଁ ଏକ ସ୍ୱତନ୍ତ୍ର ଉତ୍ପାଦନ କରିବା ଦରକାର ନ ଥିଲା। ଦି ଡିକ୍ଲାଇନ୍ ଅଫ୍ ଦି ରୋମାନ୍ ଏମ୍ପାୟାର ଇନ୍ ଦି ୱେଷ୍ଟ ବହିରେ ଏଫ୍.ଡବ୍ଲୁ. ୱାଲ୍‌ବ୍ୟାଙ୍କ ଲେଖିଛନ୍ତି, ପୂରା ସାମ୍ରାଜ୍ୟରେ କ୍ରମେ କ୍ରମେ କ୍ଷୁଦ୍ରଶିଳ୍ପ, ଦି ବେଳା ଭୋଜନ ପାଇଁ କାରିଗରି, ସ୍ଥାନୀୟ ବଜାର ପାଇଁ ଜିନିଷ ଏବଂ ପାଖ ପଡ଼ିଶା ଲୋକଙ୍କ ବରାଦ ମୁତାବକ ଉତ୍ପାଦନ କରିବା ବ୍ୟବସ୍ଥା ଚାଲୁ ହୋଇଗଲା।

ଆଜିର ସଙ୍କଟରେ ଯେଉଁ ଲୋକମାନେ ପୂରାପୂରି ବିଶେଷ (ସ୍ପେସାଲାଇଜ୍‌ଡ) ଜ୍ଞାନ ପାଇନାହାନ୍ତି ସେମାନେ ଲାଭବାନ୍ ହେଲେ। ତୁମେ ଯଦି ନିଜ ଖାଦ୍ୟ ତିଆରି କରିପାରୁଛ, ତୁମେ ଯଦି ସରକାର ଯୋଗାଉଥିବା ପାଣି, ବିଜୁଳି ଉପରେ ନିର୍ଭର କରୁ ନ ଥିବ, ତୁମେ ବି ସଂକ୍ରମଣରୁ ଦୂରରେ ରହୁଛ, କାରଣ ତୁମେ ବାହାର ଲୋକ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ଉପରେ ନିର୍ଭର କରୁନାହିଁ, ବିଜୁଳି ବା ପାଣି ଯୋଗାଣରେ ବିଭ୍ରାଟର ମରାମତି ପାଇଁ ବାହାର ଲୋକ ଦରକାର କରୁନାହିଁ। ବାହାରର ଲୋକେ ସଂକ୍ରମିତ ହୋଇଥିଲେ ବି ତୁମର ଡର ନାହିଁ। ତୁମେ ବାହାର ଲୋକଙ୍କୁ ଯେତେ କମ୍ ଚାହିଁବ ସେତେ ସୁସ୍ଥ ରହିବ। ଅର୍ଥାତ୍ ଅତି ସ୍ପେସାଲାଇଜଡ ଇକୋନମିରେ ଯାହାକିଛି ସୁବିଧା ଥିଲା ତାହା ସବୁ ଏବେ ଅସୁବିଧା ହୋଇଗଲା, ଯାହା କିଛି ଅସୁବିଧା ଥିଲା ସମ୍ଭବତଃ ସୁବିଧା ହୋଇଗଲା।

ସ୍ୱାଭାବିକ ଇକୋନମି ଆଡକୁ ଆମେ ଢଳିବାର କାରଣ ସାଧାରଣ ଅର୍ଥନୈତିକ ଚାପ ନୁହେଁ ବରଂ ଅଧିକ ମୌଳିକ ଚିନ୍ତା, ଯଥା ମହାମାରୀ ରୋଗ ଓ ମୃତ୍ୟୁର ଭୟ। ଯାହାକିଛି ଅର୍ଥନୈତିକ ପଦକ୍ଷେପ ନିଆଯିବ ତାହା ଏକ ଉପଶମକାରୀ ବ୍ୟବସ୍ଥା ହେବ, କେବଳ ନିଯୁକ୍ତି ହରାଇଥିବା ଓ ଦେଶାନ୍ତରରୁ ଘରକୁ ଫେରିଥିବା ତଥା ସ୍ୱାସ୍ଥ୍ୟବୀମା ନ ଥିବା ଲୋକଙ୍କ କାମରେ ଆସିବ। ଏଭଳି ଲୋକେ ସେମାନଙ୍କ ଦେୟ ବା ବିଲ୍ ଦେବାରେ ଅକ୍ଷମ ହୋଇପଡୁଥିବାରୁ ଗୋଟାକ ପରେ ଗୋଟାଏ ବିପଦ ଡାକି ଆଣିବେ, ଘରମାଲିକ ଭଡ଼ାଘରୁ ତଡ଼ି ଦେବାଠାରୁ ଆରମ୍ଭ କରି ବ୍ୟାଙ୍କମାନେ ଋଣ ନ ଦେବା ପର୍ଯ୍ୟନ୍ତ।

ସାଧାରଣ ଅର୍ଥନୀତିକୁ ଫେରିବା ପ୍ରଚେଷ୍ଟା ଅର୍ଥନୈତିକ ଚାପ ଯୋଗୁ ପରିଚାଳିତ ହେବ ନାହିଁ, ବରଂ ମହାମାରୀ ଓ ମୃତ୍ୟୁର ଭୟ ଦ୍ୱାରା ପରିଚାଳିତ ହେବ। ସମାଜକୁ ମହଙ୍ଗା ପଡ଼ିବ ଜୀବନହାନି। ଯେଉଁମାନେ ନିରାଶ, ବେକାର, ନିଃସ୍ୱ ସେମାନେ ଥିଲାବାଲାଙ୍କ ବିରୋଧରେ ମାତିବେ। ଆମେରିକାରେ ଶତକଡ଼ା ୩୦ ଭାଗ ଓ ଆମଦେଶରେ ଶତକଡ଼ା ୪୫ ଭାଗ ନିଃସ୍ୱ ଅଥବା ଋଣଗ୍ରସ୍ତ। ଯଦି ଅଧିକରୁ ଅଧିକ ଲୋକ ଚଳିତ ସଙ୍କଟରୁ ବର୍ତ୍ତି ନ ପାରନ୍ତି, ଦଙ୍ଗା ଓ ଲୁଟ୍ ଭଳି ଅପରାଧ ବଢ଼ିବ। ସେଭଳି ବିଶୃଙ୍ଖଳ କାମକୁ ରୋକିବା ପାଇଁ ସରକାର ସାମରିକ ଶକ୍ତି ପ୍ରୟୋଗ କଲେ ସମାଜ ଭୁଶୁଡ଼ି ପଡ଼ିବ, ସମାଜ ଭାଙ୍ଗି ଚୂରମାର ହୋଇଯିବ। ତେଣୁ ଧନୀମାନଙ୍କୁ ସମ୍ଭାଳିବା ଏବଂ ଆର୍ଥିକ ସଙ୍ଗଠନଗୁଡ଼ିକୁ ସଞ୍ଜୀବନୀ ଯୋଗାଇବା ବିକଶିତ ସମାଜଗୁଡ଼ିକର କାମ ହେବା ଉଚିତ ନୁହେଁ। ସମାଜର ବନ୍ଧନକୁ ଦୃଢ଼ୀଭୂତ କରିବାର ଯେଉଁ ଆର୍ଥିକ ନୀତି ଦରକାର ତାହା କରିବାକୁ ପଡ଼ିବ। ଆଗାମୀ ପିଢ଼ିକୁ ଟେକ୍ନୋଲଜି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଓ ଅଟୋମେଶନ୍‌ଜନିତ ବେକାରିରୁ ରକ୍ଷା କରିବା ପାଇଁ ଏବଂ ଲୋକଙ୍କୁ ପ୍ରବାସୀ–ଶ୍ରମିକ ହେବାରୁ ରକ୍ଷା କରିବା ପାଇଁ ପ୍ରାୟ ୫୦ କୋଟି ଭାରତୀୟଙ୍କ ହାତରେ ବିନା ସର୍ତ୍ତରେ ସାର୍ବଜନୀନ ମୌଳିକ ଆୟ (ବୟସ୍କଙ୍କୁ ୬୦୦୦ ଓ ନାବାଳକ–ନାବାଳିକାଙ୍କୁ ୩୦୦୦ ମାସିକ) ଦେଲେ ଭାରତ ସୁଖୀ ଓ ନୀରୋଗ ଦେଶ ହେବ।

ଇମେଲ୍:sahadevas@yahoo.com

# ଜଗନ୍ନାଥ ସଂସ୍କୃତିର ପ୍ରାଚୀନତା



ଅନିଲ କୁମାର ବିଶ୍ୱାଳ

ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ ଓଡ଼ିଆ ଜାତିର ନୁହନ୍ତି ବରଂ ସମଗ୍ର ମାନବଜାତିର ଦେବତା। କେଉଁ ଅନାଦିକାଳରୁ ସେ ଓଡ଼ିଶାବାସୀଙ୍କର ବିଶ୍ୱାସର ଅସରନ୍ତି ଉତ୍ସ ହୋଇ ବିରାଜିଛନ୍ତି ଶ୍ରୀକ୍ଷେତ୍ରରେ। ପୁରାଣ, କିମ୍ବଦନ୍ତୀ, ଇତିହାସ, ପ୍ରତ୍ନତତ୍ତ୍ୱ ଓ ଲୋକଚଳଣିରେ ତାଙ୍କର ଅସୁମାରି ଗାଥା ପ୍ରଚାରିତ। ନୀଳଚକ୍ରର ବାନା ଫରଫର ଉଡି ମହାପ୍ରଭୁ ଏବଂ ଓଡିଶାର ଗୌରବମୟ ଇତିହାସର ଜୟଗାନ କରିଚାଲିଛି। ଜୈନ, ବୌଦ୍ଧ, ଶୈବ, ଶାକ୍ତ, ଗାଣପତ୍ୟ, ସୌର, ବୈଷ୍ଣବ ସମସ୍ତେ ଜଗନ୍ନାଥଙ୍କୁ ନିଜର ଦେବତା ଭାବରେ ଗ୍ରହଣ କରିଛନ୍ତି। ଜଗନ୍ନାଥଙ୍କୁ ଲୋକଦେବତା, ରାଷ୍ଟ୍ରଦେବତା ଓ ବିଶ୍ୱଦେବତା ଭାବରେ ମାନ୍ୟତା ଦିଆଯାଇଛି।

ବର୍ତ୍ତମାନ ଆମେ ଦେଖୁଥିବା ଶ୍ରୀମନ୍ଦିରର ନିର୍ମାଣ ଚୋଡ଼ଗଙ୍ଗ ଦେବଙ୍କର ରାଜତ୍ୱ ସମୟରେ ଖ୍ରୀ.ଅ. ୧୧୧୨ରେ ଆରମ୍ଭ ହୋଇ ତାଙ୍କ ପୁତ୍ର ଅନଙ୍ଗଭୀମଙ୍କ ସମୟରେ ସମ୍ପୂର୍ଣ୍ଣ ହୋଇଛି। ହେଲେ ତା' ପୂର୍ବରୁ ସେଠାରେ ମହାପ୍ରଭୁ ପୂଜା ପାଉଥିଲେ। ମାଦଳାପାଞ୍ଜି ଅନୁସାରେ ରାଜା ଶୋଭନଦେବଙ୍କ ସମୟରେ ରକ୍ତବାହୁ ଆକ୍ରମଣ କରିବା କାରଣରୁ ଶ୍ରୀବିଗ୍ରହଙ୍କୁ ପାତାଳି କରାଯାଇଥିଲା। ଏହାର ୧୪୪ ବର୍ଷ ପରେ ସୋନପୁରଠାରେ ପାତାଳି ହୋଇଥିବା ଜଗନ୍ନାଥଙ୍କୁ ଅଣାଇ ସୋମବଂଶୀ ରାଜା ଯଯାତିକେଶରୀ ୩୮ ହାତ ବିଶିଷ୍ଟ ଏକ ମନ୍ଦିର ନିର୍ମାଣ କରି ସ୍ଥାପନା କରାଇଥିଲେ। ଏହି ମନ୍ଦିର ୯୪୯ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା। ଚୋଡ଼ଗଙ୍ଗଦେବ ଆଜିର ଏହି ବୃହତ୍ ମନ୍ଦିର ନିର୍ମାଣ କରିବା ବେଳେ ସେହି ୩୮ ହାତ ମନ୍ଦିରରେ ମହାପ୍ରଭୁ ବିଦ୍ୟମାନ ଥିଲେ, ଯାହାକୁ ପୁରୁଷୋତ୍ତମ ନୃସିଂହ ମନ୍ଦିର ବୋଲି ମାଦଳାପାଞ୍ଜିରେ କୁହାଯାଇଛି। ସମ୍ଭବତଃ ସେହି ମନ୍ଦିରଟି ଆଜିର ନୃସିଂହ ମନ୍ଦିର ହୋଇପାରେ। କେଶରୀ ବଂଶର ରାଜତ୍ୱ ସମୟରୁ ହିଁ ଶ୍ରୀଜଗନ୍ନାଥଙ୍କ ବିଷୟରେ ଐତିହାସିକ ଉଲ୍ଲେଖ ଦେଖାଯାଏ। ହେଲେ ପୌରାଣିକ ଉଲ୍ଲେଖ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସମୟରୁ। ରାଜା ଇନ୍ଦ୍ରଦ୍ୟୁମ୍ନ କେବେ ଏହାର ପ୍ରତିଷ୍ଠା କରିଥିଲେ ତାହା ଏଯାଏ ଭିନ୍ନମତରେ ବିଭାଜିତ। ନାରଦ ପୁରାଣ, ବ୍ରହ୍ମ ପୁରାଣ, ସ୍କନ୍ଦ ପୁରାଣ ଓ ପଦ୍ମ ପୁରାଣ ଅନୁସାରେ ଭଗବାନ ବିଷ୍ଣୁ ପୁରୁଷୋତ୍ତମ କ୍ଷେତ୍ରରେ ସତ୍ୟଯୁଗରୁ ଅବସ୍ଥାପିତ ହୋଇଛନ୍ତି। ପରବର୍ତ୍ତୀ ସମୟରେ ରାଜା ଇନ୍ଦ୍ରଦ୍ୟୁମ୍ନ ଏଠାରେ ଜଗନ୍ନାଥଙ୍କ ବିଗ୍ରହ ଓ ମନ୍ଦିର ନିର୍ମାଣ କରିଥିଲେ। ସ୍କନ୍ଦ ପୁରାଣ, ଯେଉଁ ପୁରାଣରେ ସମସ୍ତ ତୀର୍ଥ କ୍ଷେତ୍ରର ଭୌଗୋଳିକ ଅବସ୍ଥିତି ଓ ମାହାତ୍ମ୍ୟ ବିଷୟରେ ବର୍ଣ୍ଣିତ ଅଛି, ସେହି ପୁରାଣ ଅନୁସାରେ ପୁରୀ ଏକ ଦକ୍ଷିଣାବର୍ତ୍ତୀ ଶଙ୍ଖ ଭଳି। ସେହି ଶଙ୍ଖକ୍ଷେତ୍ରର ନାଭିସ୍ଥଳରେ ପୂଜା ପାଉଛନ୍ତି ଶ୍ରୀଜଗନ୍ନାଥ।

ସାରଳା ଦାସଙ୍କ ମହାଭାରତ ଅନୁସାରେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଦେହାବସାନ ପରେ ତାଙ୍କ ଶରୀରର ନାଭିମଣ୍ଡଳ ଅଧାପୋଡା ରହିଲା, ଯାହାକୁ ଅର୍ଜୁନ ଓ ଜାରା ଶବର ସମୁଦ୍ରରେ ଭସାଇ ଦେଇଥିଲେ। ତାହା ପରେ ନୀଳ ପଥର ମୂର୍ତ୍ତି ଧାରଣ କରିଥିଲେ, ଯାହାଙ୍କୁ ନୀଳମାଧବ ରୂପରେ ଶବର ରାଜା ଜାରା ଶବର ପୂଜା କରୁଥିଲେ। ରାଜା ଇନ୍ଦ୍ରଦ୍ୟୁମ୍ନ ତାଙ୍କର ମନ୍ତ୍ରୀ ବିଦ୍ୟାପତିଙ୍କ ଦ୍ୱାରା ତାଙ୍କୁ ଠାବ କରାଇଥିଲେ। ପରେ ଦାରୁ ବିଗ୍ରହ ନିର୍ମାଣ କରାଗଲା ପରେ ସେହି ଦାରୁ ବିଗ୍ରହରେ ବ୍ରହ୍ମ ସ୍ଥାନିତ ହୋଇ ପୂଜା ପାଇଲେ। ଯେତେବେଳେ ନୀଳମାଧବଙ୍କୁ ଆଣିବା ପାଇଁ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ନିର୍ଦ୍ଦେଶରେ ବିଦ୍ୟାପତି ଯାଇଥିଲେ ସେଠାରୁ ନୀଳମାଧବ ଉଭାନ ହୋଇଗଲେ ଓ ଶୂନ୍ୟବାଣୀ ହେଲା ଯେ, ମହୋଦଧିରେ ଏକ ଦାରୁ ଭାସିଆସିବ, ଯେଉଁ ଦାରୁରେ ନିର୍ମିତ ଚତୁର୍ଦ୍ଧାମୂର୍ତ୍ତି ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଭାବେ ପୂଜା ପାଇବେ। ଏ ସମସ୍ତ ପୌରାଣିକ ତଥ୍ୟ ଭିତରେ ଯାହା ପ୍ରାମାଣିକତା ଅଛି ତାହା ହେଲା କଣ୍ଟିଲୋଠାରେ ଯେଉଁ ନୀଳମାଧବ ମନ୍ଦିର ଅଛି ସେହି ପାଖାପାଖି ଅଞ୍ଚଳରେ ଅନେକ ଶବରପଲ୍ଲୀ ଅଛି। ନୀଳମାଧବ ଏକ ପର୍ବତ ଗୁମ୍ଫାରେ ପୂଜା ପାଉଥିଲେ। ଆଜିର ନୀଳମାଧବ ମନ୍ଦିରଟି ମଧ୍ୟ ଏକ ଉଚ୍ଚସ୍ଥାନରେ ବିଦ୍ୟମାନ। ସେହିପରି ଶ୍ରୀମନ୍ଦିର ସାଙ୍ଗରେ ଦଇତାପତି ସେବାୟତଙ୍କର ସଂଯୋଗ ପ୍ରମାଣ କରୁଛି ଯେ, ଶ୍ରୀଜଗନ୍ନାଥଙ୍କର ମୂଳ ସ୍ୱରୂପ ହେଉଛନ୍ତି ଶବର ଠାକୁର ନୀଳମାଧବ। ନ ହେଲେ ଏପରି ପରମ୍ପରା କାହିଁକି ହୋଇଥାନ୍ତା? ଏହି ପୁରାଣଗୁଡ଼ିକରେ ଅଳ୍ପ ଭିନ୍ନତା ଅଛି କିନ୍ତୁ ଅଧିକ ସମାନତା ଅଛି। କିନ୍ତୁ ଏକ ଅସମାହିତ ପ୍ରଶ୍ନ ହେଉଛି ପୁରୀରେ ଶ୍ରୀଜଗନ୍ନାଥଙ୍କର ପୂଜା କେବେଠାରୁ ଆରମ୍ଭ ହୋଇଛି? ସ୍କନ୍ଦ ପୁରାଣ ଅନୁସାରେ ଏହା ହେଉଛି ସତ୍ୟଯୁଗ ବେଳର। କିନ୍ତୁ ଜାରା ଶବର କୃଷ୍ଣଙ୍କୁ ଶର ମାରିବାର ଯେଉଁ କଥାଟି ଅଛି ତାହା ତ ଦ୍ୱାପରର। କୃଷ୍ଣଙ୍କର ଯେଉଁଠି ଅନ୍ତ୍ୟେଷ୍ଟିକ୍ରିୟା ହୋଇଥିଲା ତାହା ପୁରୀ ଭଳି ସମୁଦ୍ରକୂଳରେ ଅବସ୍ଥିତ। ମହାଭାରତର ସମୟ କାଳ ବିଷୟରେ ଯଦିଓ ଭିନ୍ନ ମତ ରହିଛି ତଥାପି ଖ୍ରୀଷ୍ଟପୂର୍ବ ୩୨୦୦ରେ ମହାଭାରତ ଯୁଦ୍ଧ ହୋଇଥିଲା ବୋଲି ଅନେକ ଐତିହାସିକ ଏକମତ ହୋଇଛନ୍ତି। ତେଣୁ ଆମେ ଜଗନ୍ନାଥଙ୍କର ପୂଜା ପରମ୍ପରା ଖ୍ରୀଷ୍ଟପୂର୍ବ ୩୨୦୦ ପରେ ମାନେ ପାଖାପାଖି ୫୦୦୦ ବର୍ଷ ତଳର ବୋଲି କହିପାରିବା କି? 'ଦେଉଳ ତୋଳା' ଗ୍ରନ୍ଥରେ ବି ସେହି କଥା ହିଁ କୁହାଯାଇଛି କିନ୍ତୁ ସେଠି କାହାଣୀ ଟିକିଏ ଅଲଗା। ସେଠାରେ ଗାଲମାଧବ କଥା ଅଛି। ମୋଟାମୋଟି ଭାବରେ ଯେଉଁସବୁ କଥା ମହାପ୍ରଭୁଙ୍କର ଉତ୍ପତ୍ତିକୁ ନେଇ ଅଛି ସେ ସବୁଥିରେ କିଛି କିଛି ଭିନ୍ନତା ଅଛି କିନ୍ତୁ ଚରିତ୍ରଗୁଡ଼ିକ ସମାନ ଅଛି। ଇନ୍ଦ୍ରଦ୍ୟୁମ୍ନ, ବିଶ୍ୱାବସୁ, ବିଦ୍ୟାପତି, ଜାରା ଶବର, ନୀଳମାଧବ, ନୀଳପର୍ବତ ଆଦି ସବୁ ମତବାଦରେ ଅଛନ୍ତି।

ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଏହି ତ୍ରିମୂର୍ତ୍ତି ବୌଦ୍ଧ ତ୍ରିରତ୍ନ, ଜୈନ ତ୍ରିରତ୍ନଙ୍କର ପ୍ରତୀକ ବୋଲି ମଧ୍ୟ ଅନେକ ଐତିହାସିକ ମତ ଦେଇଛନ୍ତି। ଦିନେ କଳିଙ୍ଗ ବିଶ୍ୱରେ ଉଭୟ ବୌଦ୍ଧ ଓ ଜୈନମାନଙ୍କର ଏକ ପ୍ରମୁଖ କେନ୍ଦ୍ର ଥିଲା। ଅନେକ ଶିଳାଲେଖ ଓ ସ୍ତୁପ ହେଉଛି ଏହାର ପ୍ରମାଣ। ବୌଦ୍ଧମତର ଆରମ୍ଭ ଖ୍ରୀଷ୍ଟପୂର୍ବ ୫୦୦ ଓ ଜୈନମତର ଆରମ୍ଭ ଖ୍ରୀଷ୍ଟପୂର୍ବ ୯୦୦ରେ ହୋଇଥିଲା। ଅନେକ ଐତିହାସିକ ଜଗନ୍ନାଥଙ୍କ ବିଗ୍ରହକୁ ତ୍ରିରତ୍ନରୁ ହିଁ ତ୍ରିମୂର୍ତ୍ତି ହୋଇଛନ୍ତି ବୋଲି ଦାବି କରନ୍ତି ଓ ଅନେକ ଯୁକ୍ତି ମଧ୍ୟ ଉପସ୍ଥାପନା କରିଛନ୍ତି। କିନ୍ତୁ ତ୍ରିରତ୍ନରୁ ହିଁ ତ୍ରିମୂର୍ତ୍ତି ନ ହୋଇପାରେ ବରଂ ଏହା ତ୍ରିମୂର୍ତ୍ତିରୁ ତ୍ରିରତ୍ନ ହୋଇପାରେ ବୋଲି ମୋର ମତ। ଯେହେତୁ ଶ୍ରୀଜଗନ୍ନାଥଙ୍କର ଉପସ୍ଥିତି ଏଠାରେ ପୁରୁଣା ଓ ପରବର୍ତ୍ତୀ ସମୟରେ ବୌଦ୍ଧ, ଜୈନ ରାଜାମାନେ ଏଠାରେ ଶାସନରେ ରହିଛନ୍ତି ତେଣୁ ତ୍ରିରତ୍ନର ଅବଧାରଣା ସେଠାରୁ ତିଆରି ହୋଇ ଥାଇପାରେ।

ବେବିଲୋନ ସଭ୍ୟତା ପ୍ରାରମ୍ଭରେ ଜଗନ୍ନାଥଙ୍କ ଅସ୍ତିତ୍ୱ ଥିଲା ବୋଲି ପଣ୍ଡିତ ନୀଳକଣ୍ଠ ଦାସ କହିଛନ୍ତି। ଯିଶୁଖ୍ରୀଷ୍ଟ ନିଜେ ପୁରୀ ଆସିଥିଲେ ଓ ପୁରୀରୁ ଧର୍ମଜ୍ଞାନ ନେଇଥିଲେ ବୋଲି 'The Aquarian Gospel of Jesus the Christ' ପୁସ୍ତକରେ ଲେଖାଯାଇଛି। ଏଥିରୁ ନିଶ୍ଚିତ ଯେ ଖ୍ରୀଷ୍ଟଧର୍ମ ଆରମ୍ଭ ହେଲାବେଳକୁ ଶ୍ରୀଜଗନ୍ନାଥଙ୍କର ମହିମା ସାରା ବିଶ୍ୱରେ ପ୍ରସିଦ୍ଧି ପାଇସାରିଥିଲା। ମିଶର, ଗ୍ରୀକ୍ ପ୍ରଭୃତି ପ୍ରାଚୀନ ସଭ୍ୟଦେଶର ଅବଲୁପ୍ତ ଧର୍ମପୀଠଗୁଡ଼ିକ ସହ ଶ୍ରୀମନ୍ଦିରର ଧାର୍ମିକ ତତ୍ତ୍ୱକୁ ତୁଳନାତ୍ମକ ଅଧ୍ୟୟନ କଲେ ଅନେକ ସାଦୃଶ୍ୟ ପରିଲକ୍ଷିତ ହୁଏ। ଏଥିରୁ ପ୍ରମାଣିତ ହୁଏ ଜଗନ୍ନାଥ ସଂସ୍କୃତିର ପ୍ରାଚୀନତା। ଖ୍ରୀଷ୍ଟ ଜନ୍ମ ଓ ବୁଦ୍ଧ ଜନ୍ମର ଅନେକ ବର୍ଷ ପୂର୍ବରୁ ପୁରୀ ଏକ ପ୍ରସିଦ୍ଧ ଧର୍ମପୀଠ ଥିଲା।

ଜୁଲିଆନ ଜେନସଙ୍କ ମତବାଦ ଅନୁସାରେ ପ୍ରାଚୀନ ସଭ୍ୟତାମାନଙ୍କରେ ବୃହତ୍ ଚକ୍ଷୁବିଶିଷ୍ଟ ଦେବତାଙ୍କ ଆରାଧନା ସଭ୍ୟତାର କ୍ରମବିକାଶ ଧାରା ଅନୁସାରେ ଖ୍ରୀଷ୍ଟପୂର୍ବ ୩୦୦୦ରୁ ୨୦୦୦ ବେଳର। ଆଖି ଦେବତାଙ୍କ ଚିତ୍ର ଶ୍ରୀଜଗନ୍ନାଥଙ୍କର ଚକାଡୋଳା ସହିତ ମେଳ ଖାଉଛି। ତେଣୁ ଶ୍ରୀଜଗନ୍ନାଥଙ୍କର ପୂଜା ଆରମ୍ଭ ଖ୍ରୀଷ୍ଟପୂର୍ବ ୩୦୦୦ ପାଖାପାଖି ବା ତା' ପୂର୍ବରୁ। ମହାଭାରତର ପରବର୍ତ୍ତୀ ସମୟରେ ଜଗନ୍ନାଥଙ୍କର ପୂଜା ଆରମ୍ଭ ହୋଇଛି ବୋଲି ଯାହା କୁହାଯାଇଛି ତାହାର ସମୟ ସହିତ ଏହା ମେଳଖାଉଛି। ଆଜି ସେମାନଙ୍କର ସେ ସଭ୍ୟତା ଓ ସେହି ଆଖି ଦେବତା ସବୁ ମାଟିରେ ମିଶିଯାଇଛନ୍ତି ହେଲେ ଆମର ତାହା ଏବେ ବି ବଞ୍ଚି ରହିଛି ବରଂ ପିଢ଼ିପିଢ଼ି ପରେ ଆହୁରି ବିକଶିତ ହୋଇଛି। ଏବେ ବିଶ୍ୱରେ ଯେତେ ପ୍ରକାର ସଂସ୍କୃତି ଅଛି ସେସବୁ ଭିତରେ ଜଗନ୍ନାଥ ସଂସ୍କୃତି ସବୁଠୁ ପୁରୁଣା।

ମୋ– ୮୨୪୯୮୬୮୯୬୧

## ଏଇ ଭାରତରେ

କୋଭିଡ୍–୧୯ ମହାମାରୀରେ ଜୀବିକା ହରାଇଥିବା ଲୋକମାନଙ୍କୁ କାମ ଯୋଗାଇ ଦେବାରେ ଜଣେ ଆଇଏଏସ୍ ଅଧିକାରୀଙ୍କ ପ୍ରୟାସ ପ୍ରଶଂସନୀୟ। ଉତ୍ତରପ୍ରଦେଶ ବାରାବଙ୍କି ଜିଲାର ଜିଲାପାଳ ଡ. ଆଦର୍ଶ ସିଂ କଲ୍ୟାଣୀ ନଦୀର ପୁନରୁଦ୍ଧାର କାର୍ଯ୍ୟ କରି ଲୋକମାନଙ୍କୁ କାମ ଯୋଗାଇଦେଇଛନ୍ତି। ଯେଉଁ ଗାଁ ଦେଇ ନଦୀ ଯେତିକି ଦୂର ପ୍ରବାହିତ ସେଠାରେ ସେହି ଗ୍ରାମର ଲୋକମାନେ କାମ କରୁଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଏହି କାର୍ଯ୍ୟ କରାଉଛନ୍ତି ସିଂ। ସେ ପ୍ରଥମ ପର୍ଯ୍ୟାୟରେ ୫୯ ଲକ୍ଷ ଟଙ୍କା ବ୍ୟୟ କରାଯିବାର ଯୋଜନା କରିଛନ୍ତି। ମାଭୟା ଗାଁ ଦେଇ ପ୍ରବାହିତ ନଦୀର ୨.୬ କି.ମି. ପୁନରୁଦ୍ଧାର ଲାଗି ସେହି ଗାଁର ୮୦୦ ଲୋକ ଦୁଇମାସ ଧରି କାମ କରିଛନ୍ତି। ଏହାପରେ ହାଦିଗଡ଼ର ୧.୫ କି.ମି. କାର୍ଯ୍ୟ ଚାଲିଛି। ସେହି ଗାଁର ୩୦୦ ଲୋକ ଏବେ କାମରେ ଲାଗିଛନ୍ତି। ଏହି ନଦୀ ଜଳସେଚନ ଲାଗି କୃଷକମାନଙ୍କର ଏକମାତ୍ର ଭରସା ଥିଲା। କାଳକ୍ରମେ ତାହା ପୋତି ହୋଇ ଯିବାରୁ ଜଳାଭାବ ଦେଖାଯାଇଥିଲା। କିନ୍ତୁ ଜିଲାପାଳ ସିଂଙ୍କ ଏତାଦୃଶ ପଦକ୍ଷେପ ସେଠାକାର ଜଳାଭାବ ଦୂର କରିବାରେ ସହାୟକ ହେବା ସହ ମହାମାରୀ ସମୟରେ ସେମାନଙ୍କ ଅର୍ଥାଭାବ ବି ଦୂର କରିପାରିଛି। ଏହି କାର୍ଯ୍ୟ ଚାଲୁଥିବାବେଳେ ନଦୀର ସୁରକ୍ଷା ସମ୍ପର୍କରେ ସେ ଲୋକମାନଙ୍କୁ ସଚେତନ କରୁଛନ୍ତି। ଜବରଦଖଲ ଉଚ୍ଛେଦ କରୁଛନ୍ତି। ୧୭୦ କି.ମି. ପ୍ରବାହିତ କଲ୍ୟାଣୀ ନଦୀକୁ ଏହି ଉପାୟରେ ସମୟକ୍ରମେ ଉଦ୍ଧାର କରାଯିବ ବୋଲି କହିଛନ୍ତି ଆଦର୍ଶ ସିଂ।

## ଚିରନ୍ତନୀ

ଆମ୍ରବନେ
ପରଶେ ବାଆ
ଉଦାସ ତାର ଗତି
ଏ ଘରେ ଆଜି ଜଳିଲା ନାହିଁ ବତୀ!
(ସନ୍ଧ୍ୟା ପଥେ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଠୋର କାର୍ଯ୍ୟାନୁଷ୍ଠାନ ହେଉ

ମହାଶୟ,

ଲୋକମାନଙ୍କ ଅଧିକାର ସମ୍ପର୍କରେ ଆଲୋକପାତ କରିବା ସହ ସେମାନଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ମୋ ସରକାର ଯୋଜନା ଆରମ୍ଭ ହୋଇଛି। ଏହି ଯୋଜନା ପ୍ରଥମେ ଥାନା ଓ ବ୍ଲକ୍ ସହ ଯୋଡ଼ାଯାଇଛି। ଏହି ଅଭିଯାନକୁ ସଫଳ କରିବା ପାଇଁ ସରକାରୀ ଅଧିକାରୀମାନେ ସଂଯମ ଓ ସମ୍ବେଦନଶୀଳ ଆଚରଣ କରିବା ଜରୁରୀ। ମାତ୍ର କିଛି ସରକାରୀ ଅଧିକାରୀ ଆଇନ ବିରୁଦ୍ଧ କାର୍ଯ୍ୟ କରି ବାହାଦୁରି ମାରୁଛନ୍ତି। ମୋ ସରକାର ମାସ କେତୋଟି ଭୋଗ ହୋଇନାହିଁ। କିଛି ଥାନାଧିକାରୀ ଓ ବ୍ଲକ୍ ଅଧିକାରୀ ମୋ ସରକାର ଯୋଜନାକୁ ଅପଦସ୍ଥ କରୁଛନ୍ତି। କରୋନା ଦୁର୍ଦ୍ଦିନରେ ପ୍ରବାସୀ ଶ୍ରମିକଙ୍କୁ ସହାୟତା ପ୍ରଦାନ ପ୍ରତିବଦଳରେ ସେମାନଙ୍କୁ କଟୁ ମନ୍ତବ୍ୟ ଦେଇ ଆଘାତପ୍ରାପ୍ତ କରୁଛନ୍ତି। କରୋନା ମହାମାରୀ ସମୟରେ ବିପତ୍ତିକୁ ଖାତିର ନ କରି ଅନେକ ପୋଲିସ, ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମଚାରୀ, ବ୍ଲକ୍ ଅଧିକାରୀ ଓ ସ୍ୱେଚ୍ଛାସେବୀ ଦିନରାତି ପରିଶ୍ରମ କରି ଲୋକଙ୍କୁ ସେବା ପ୍ରଦାନ କରୁଛନ୍ତି। ପ୍ରକୃତପକ୍ଷେ ଏହିମାନେ ଯୋଦ୍ଧା। ଅଥଚ କେତେଜଣ ହାତଗଣତି ପୋଲିସ ଓ ବ୍ଲକ୍ ଅଧିକାରୀଙ୍କ ପାଇଁ ଅନ୍ୟ ବିଭାଗୀୟ ଅଧିକାରୀ ବଦନାମ ହେଉଛନ୍ତି। ଉକ୍ତ ପରିପ୍ରେକ୍ଷୀରେ ଖିଲାପୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଅନୁରୋଧ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ରଥଯାତ୍ରା ହେବା ନେଇ ପ୍ରଭୁଙ୍କୁ ଗୁହାରି ଜଣାଇ ଭକ୍ତ କାନ୍ଦୁଛନ୍ତି।


ପୁରୀ ଭାଜପା ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ଦୀପଦାନ କରାଯାଉଛି।


ରଥଯାତ୍ରା ହେବା ଦାବିରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କ ଅନଶନ।

# ପ୍ରସ୍ତୁତି ପାଇଁ ପ୍ରଶାସନିକ ତତ୍ପରତା

**ପୁରୀ ଅଫିସ,୨୨।୬**

- ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବସିଲା ରୁଦ୍ଧଦ୍ୱାର ବୈଠକ
- ଯୁଦ୍ଧକାଳୀନ ଭିତ୍ତିରେ ହଟିଲେ ଉଠାଦୋକାନୀ

ରଥଯାତ୍ରା ହେବ କି ନାହିଁ ତାକୁ ନେଇ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଦ୍ୱନ୍ଦ୍ୱ ଲାଗି ରହିଥିଲା। ମଙ୍ଗଳବାର ରଥଯାତ୍ରା ଥିବାବେଳେ ସୋମବାର ଅପରାହ୍ଣରେ ଅନୁମତି ଦେଇଥିଲେ ସୁପ୍ରିମ୍‌କୋର୍ଟ। ତେଣୁ କମ୍ ସମୟ ମଧ୍ୟରେ କିଭଳି ପ୍ରସ୍ତୁତି କରାଯିବ ସେ ନେଇ ପ୍ରଶାସନ ଅଣନିଃଶ୍ୱାସୀ ହୋଇପଡ଼ିଥିଲା। ଏପଟେ ସୁପ୍ରିମ୍‌କୋର୍ଟଙ୍କ ଶୁଣାଣିକୁ କୋଟି କୋଟି ଭକ୍ତ ଅପେକ୍ଷା କରିଥିଲେ। ଧୀରେ ଧୀରେ ଗୋଟିଏ ପରେ ଗୋଟିଏ ଆଇନଗତ ବାଟ ଫିଟୁଥିବାବେଳେ ସେପଟେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ରୁଦ୍ଧଦ୍ୱାର ବୈଠକ ବସିଥିଲା। ସ୍ୱଳ୍ପ ସମୟ ମଧ୍ୟରେ କିପରି ଘୋଷଯାତ୍ରାକୁ ସୁରୁଖୁରୁରେ ସମ୍ପନ୍ନ କରାଯିବ ସେ ନେଇ ଚାଲିଥିଲା ବିଚାର ବିମର୍ଶ। ଯୁଦ୍ଧକାଳୀନଭିତ୍ତିରେ ବଡ଼ଦାଣ୍ଡରୁ ଉଠାଦୋକାନୀଙ୍କୁ ହଟାଯାଇଥିଲା। ପ୍ରଶାସନିକ ସ୍ତରରେ ଏକପ୍ରକାର ଧାଁ ଦୌଡ଼ ଦେଖିବାକୁ ମିଳିଥିଲା।

୧୮ ତାରିଖରେ ସୁପ୍ରିମ୍‌କୋର୍ଟ ରଥଯାତ୍ରା ପାଇଁ ମନା କରିବା ପରେ ପ୍ରସ୍ତୁତି ଶିଥିଳ ପଡ଼ିଯାଇଥିଲା। ଆଶା ଆଶଙ୍କା ଭିତରେ ଗତି କରୁଥିବା ରଥଯାତ୍ରା ହେବ ନା ନାହିଁ ସେ ନେଇ କିଛି ସ୍ଥିର ହୋଇ ନ ଥିବାରୁ ସ୍ୱତନ୍ତ୍ର ପ୍ରସ୍ତୁତି ପର୍ବ ଦେଖିବାକୁ ମିଳି ନ ଥିଲା। ସାଧାରଣତଃ ପ୍ରତିବର୍ଷ ରଥଯାତ୍ରା ପାଇଁ ପୁରୀକୁ ୧୦୦ରୁ ଊର୍ଦ୍ଧ୍ୱ ପ୍ଲାଟୁନ ପୋଲିସ ଫୋର୍ସ ୨/୩ ଦିନ ପୂର୍ବରୁ ଆସିଥାନ୍ତି। ହେଲେ ଏଥର ତାହା ହୋଇ ନ ଥିଲା। ବଡ଼ଦାଣ୍ଡରେ ୧୪୪ ଧାରା ଜାରି କରି ଭକ୍ତଶୂନ୍ୟ ରଥଯାତ୍ରା କଥା ଉଠୁଥିବାରୁ ପ୍ରାୟ ୫ଦିନ ପୂର୍ବରୁ ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ବିଭିନ୍ନ ସାହିଗଳି ପ୍ରବେଶ ପଥକୁ ବନ୍ଦ କରାଯିବା ପାଇଁ ବହ୍ଲା ପୋତା ଯାଉଥିଲା। ମାତ୍ର ତାହା ବି ଅଧାପନ୍ତରିଆ ଭାବେ ଛାଡ଼ି ଦିଆଯାଇଥିଲ। ସେହିପରି ୧୯ ତାରିଖ ମଧ୍ୟରେ ସିଂହଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରୁ ଉଠାଦୋକାନ ଏବଂ ଅସ୍ଥାୟୀ କ୍ୟାବିନ ହଟାଇ ନେବାକୁ ପୌର ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଉଠାଦୋକାନୀ କ୍ୟାବିନ ହଟାଇ ନ ଥିଲେ। ସବୁ ଏକପ୍ରକାର ଅଟକି ଯାଇଥିଲା। ହେଲେ ସୋମବାର ରଥଯାତ୍ରା ପାଇଁ ଅନୁମତି ମିଳିବା ପରେ ପ୍ରଶାସନ ପୁଣି ତତ୍ପର ହୋଇପଡ଼ିଥିଲା। କିନ୍ତୁ ହାତରେ ବେଶି ସମୟ ନ ଥିଲା। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ସବୁ ପ୍ରସ୍ତୁତି ଶେଷ କରିବା ଲାଗି ପ୍ରଶାସନିକ ଅଧିକାରୀମାନେ ଲାଗିପଡ଼ିଥିଲେ।


ବଡ଼ଦାଣ୍ଡରୁ କ୍ରେନ୍ ସାହାଯ୍ୟରେ ଉଠାଦୋକାନକୁ ହଟାଇ ନିଆଯାଉଛି।

ପୂର୍ବାହ୍ଣରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ରୁଦ୍ଧଦ୍ୱାର ବୈଠକ ବସିଥିଲା। ଏଥିରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂଙ୍କ ସମେତ ପରିଚାଳନା କମିଟିର ସେବାୟତ ସଦସ୍ୟମାନେ ଉପସ୍ଥିତ ଥିଲେ। ମହାପ୍ରଭୁଙ୍କ ନୀତିକାନ୍ତି କିପରି ସୁଚାରୁ ରୂପେ ସମ୍ପାଦନ ହୋଇପାରିବ ତାହା ଉପରେ ଆଲୋଚନା ହୋଇଥିଲା। ସିଂହଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ବସୁଥିବା ଉଠାଦୋକାନୀଙ୍କୁ ତୁରନ୍ତ ଜାଗା ଖାଲି କରିବାକୁ ପୌରପାଳିକା ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ କୁହାଯାଇଥିଲା। ଫଳରେ ବ୍ୟବସାୟୀମାନେ ତରବରିଆ ଭାବେ କ୍ୟାବିନ ହଟାଇଥିଲେ। ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ବିଭିନ୍ନ ସାହି ଗଳି ରାସ୍ତାର ପ୍ରବେଶ ପଥକୁ ସିଲ୍ କରାଯିବା ଆରମ୍ଭ ହୋଇଥିଲା। ଏହାପରେ ଅପରାହ୍ଣ ୨ଟାରେ ନୀଳାଦ୍ରି ଭକ୍ତନିବାସରେ ଜିଲା ପ୍ରଶାସନର ବୈଠକ ବସିଥିଲା। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ରଥଯାତ୍ରାକୁ ନେଇ ଗତ କିଛିଦିନ ଧରି ବିଭିନ୍ନ ବିଭାଗର ଚାଲିଥିବା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭାଗୀୟ ଅଧିକାରୀମାନେ ସେମାନଙ୍କର ପ୍ରସ୍ତୁତି କ'ଣ ରହିଛି ତାହା ଜଣାଇଥିଲେ। ବୈଠକ ପରେ ଜିଲାପାଳ କହିଥିଲେ, ରଥଯାତ୍ରାକୁ ଦୃଷ୍ଟିରେ ରଖି ବିଭିନ୍ନ ବିଭାଗ ପକ୍ଷରୁ ୫/୬ ଦିନ ଧରି ପ୍ରସ୍ତୁତି ଚାଲିଥିଲା। ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ହେଉଛି। ରଥଯାତ୍ରା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି।

## 'ଭକ୍ତଙ୍କ ଗୁହାରି ଶୁଣିଲେ ମହାପ୍ରଭୁ'

**ପୁରୀ ଅଫିସ,୨୨।୬**


ଗଜପତି ମହାରାଜା ଦିବ୍ୟସିଂହ ଦେବ

ପୁରୀ ରଥଯାତ୍ରାକୁ ନେଇ ଯେଉଁ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ସୋମବାର ଅପରାହ୍ଣରେ ସୁପ୍ରିମ୍‌କୋର୍ଟ ସର୍ତ୍ତମୂଳକ ଅନୁମତି ପ୍ରଦାନ କରିଛନ୍ତି। ବଡ଼ଦାଣ୍ଡରେ ତିନିରଥ ଗଡ଼ିବା ଲାଗି ବାଟ ପରିଷ୍କାର ହୋଇଯାଇଛି। ରଥଯାତ୍ରାକୁ ସବୁଜ ସଙ୍କେତ ମିଳିବା ପରେ କୋଟି କୋଟି ଓଡ଼ିଆଙ୍କ ସମେତ ବିଶ୍ୱବ୍ୟାପୀ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ମୁଖ୍ୟମନ୍ତ୍ରୀଙ୍କୁ ରଥଯାତ୍ରା ବନ୍ଦ ନ ହେଉ ବୋଲି ଚିଠି ଲେଖିଥିବା ଗଜପତି ମହାରାଜା ଦିବ୍ୟସିଂହ ଦେବ ଏହି ରାୟକୁ ନେଇ ଖୁସିବ୍ୟକ୍ତ କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଗଜପତି ମହାରାଜା କହିଛନ୍ତି, ଭାବଗ୍ରାହୀ ମହାପ୍ରଭୁ ଶ୍ରୀଜଗନ୍ନାଥ ଭକ୍ତଙ୍କ ଗୁହାରି ଶୁଣିଛନ୍ତି। ଅଗଣିତ ଭକ୍ତଙ୍କ ଗୁହାରି ଆଜି ରଥଯାତ୍ରାର ବାଟ ଫିଟାଇଦେଇଛି। ପୂର୍ବ ରାୟକୁ ପୁନର୍ବିଚାର କରିଥିବାରୁ ସୁପ୍ରିମ୍‌କୋର୍ଟଙ୍କ ପାଖରେ ମୁଁ ଋଣୀ। ତେବେ ମହାପ୍ରଭୁଙ୍କ ଏହି ମହାନ ଯାତ୍ରା ସଫଳତାର ସହ ଆୟୋଜନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସହଯୋଗ ଦେବା ଆବଶ୍ୟକ ବୋଲି ଗଜପତି ମହାରାଜା କହିଛନ୍ତି।

## ଗଜପତିଙ୍କ ସହ କଥା ହେଲେ ଅମିତ୍ ଶାହା

**ନୂଆଦିଲ୍ଲୀ,୨୨।୬:** ସିଜେଆଇ ଏସ୍.ଏ. ବୋବ୍‌ଡେ ନାଗପୁର ବାସଭବନରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ପୁରୀ ରଥଯାତ୍ରା ରାୟର ପୁନର୍ବିଚାର ଆବେଦନର ଶୁଣାଣି କରିବେ ବୋଲି ନିଷ୍ପତ୍ତି ନେବା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ସହ କଥା ହୋଇଥିଲେ। ରଥଯାତ୍ରା ଆୟୋଜନ ସମ୍ପର୍କରେ ସେ ଗଜପତିଙ୍କଠାରୁ ପଚାରି ବୁଝିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶକ୍ରମେ ଶାହା ଗଜପତିଙ୍କ ସହ ରଥଯାତ୍ରା ରୀତିନୀତି ସମ୍ପର୍କରେ ଆଲୋଚନା କରିଥିବା ଓଡ଼ିଶା ଭାଜପା ଶାଖା ସଭାପତି ସମୀର ମହାନ୍ତି ଟୁଇଟ୍ କରି କହିଛନ୍ତି। ସୂଚନାଯୋଗ୍ୟ ପୁରୀରେ ରଥଯାତ୍ରା ପାଳନ ସପକ୍ଷରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ।


ବିଭିନ୍ନ ସଙ୍ଗଠନ ପକ୍ଷରୁ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଉଛି।


ରଥ ନିକଟରେ ପୋଲିସ ଛାଉଣୀ।


ଶ୍ରୀମନ୍ଦିରରୁ ରଥ ଉପରକୁ ଆଜ୍ଞାମାଳ ବିଜେ କରାଯାଉଛି।

## ରଥଯାତ୍ରା ନୀତି ନିର୍ଘଣ୍ଟ

| | |
|---|---|
| ମଙ୍ଗଳ ଆଳତି | ଭୋର ୩ଟା |
| ମଇଲମ | ୩ଟା ୧୫ |
| ତଡ଼ପଲାଗି | ୩ଟା ୩୦ |
| ରୋଷହୋମ | ୪ଟା |
| ଅବକାଶ | ୪ଟା ୩୦ |
| ସୂର୍ଯ୍ୟପୂଜା | ୪ଟା ୪୫ |
| ଦ୍ୱାରପାଳ ପୂଜା | ୫ଟା |
| ବେଶ ଶେଷ | ୫ଟା |
| ଗୋପାଳବଲ୍ଲଭ, ସକାଳଧୂପ | ୫ଟା ୩୦ରୁ ସକାଳ ୬ଟା ୪୫ |
| ରଥ ପ୍ରତିଷ୍ଠା | ୬ଟା ୪୫ |
| ମଙ୍ଗଳାର୍ପଣ | ୬ଟା ୪୫ |
| ପହଣ୍ଡି ଆରମ୍ଭ | ୭ଟା |
| ପହଣ୍ଡି ଶେଷ | ପୂର୍ବାହ୍ଣ ୧୦ଟା |
| ମଦନମୋହନ ବିଜେ | ୧୦ଟାରୁ ୧୦ଟା ୩୦ |
| ଚିତାଲାଗି | ୧୦ଟା ୩୦ରୁ ୧୧ଟା |
| ବେଶ ଶେଷ | ୧୧ଟାରୁ ସାଢେ ୧୧ଟା |
| ଛେରା ପହଁରା | ୧୧ଟା ୩୦ |
| ଚାରମାଳ ଫିଟା, ଘୋଡ଼ା ଓ ସାରଥୀ ଲାଗିବା | ୧୧ଟା ୪୫ |
| ରଥଟଣା | ମଧ୍ୟାହ୍ନ ୧୨ଟା |

# ପୁରୀ ଜିଲା ଶଟ୍‌ଡାଉନ

- ସୋମବାର ରାତି ୯ରୁ ବୁଧବାର ଅପରାହ୍ଣ ୨ଟା
- ବଡଦାଣ୍ଡରେ ସ୍ଥିତି ଅନୁଧାନ କଲେ ମୁଖ୍ୟ ଶାସନ ସଚିବ, ଡିଜିପି

**ପୁରୀ ଅଫିସ,୨୨।୬**

ରଥଯାତ୍ରାକୁ ଅନୁମତି ମିଳିବା ପରେ ଏହାକୁ କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରାଯିବ ସେ ନେଇ ଜିଲା ଏବଂ ପୋଲିସ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ପୁରୀରେ ଡେରା ପକାଇଛନ୍ତି। ଆଇନ ମନ୍ତ୍ରୀ ପ୍ରତାପ ଜେନା, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ପୋଲିସ ଡିଜି ଅଭୟ, ଶ୍ରୀମନ୍ଦିର ପରିଚାଳନ କମିଟି କାର୍ଯ୍ୟକାରୀ ଅଧକ୍ଷ ସୁରେଶ ଚନ୍ଦ୍ର ମହାପାତ୍ର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ ପ୍ରମୁଖ ସୋମବାର ଏକାଧିକ ବୈଠକ କରିଛନ୍ତି। ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ରଥଯାତ୍ରା ପ୍ରସ୍ତୁତି ବୈଠକରେ ଉପରୋକ୍ତ ଅଧିକାରୀମାନେ ଯୋଗଦେଇଥିଲେ। କୋଭିଡ଼-୧୯ ଗାଇଡ଼ଲାଇନ ଅନୁପାଳନ ସହ ରଥଯାତ୍ରା କରିବା ଉପରେ ସମସ୍ତେ ଗୁରୁତ୍ୱ ଦେଇଛନ୍ତି। ତେବେ ଭକ୍ତଶୂନ୍ୟ ରଥଯାତ୍ରା ପାଇଁ ସମଗ୍ର ପୁରୀ ଜିଲା ଶଟ୍‌ଡାଉନ ରହିବ। ଏକପ୍ରକାର କର୍ଫ୍ୟୁ ଭଳି କଟକଣା ରହିବ ବୋଲି ମୁଖ୍ୟ ଶାସନ ସଚିବ ଘୋଷଣା କରିଛନ୍ତି। ସୋମବାର ରାତି ୯ଟାରୁ ବୁଧବାର ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ପୁରୀକୁ କେହି ପ୍ରବେଶ କରିପାରିବେ ନାହିଁ। ଜିଲାର ସବୁ ପ୍ରବେଶ ପଥ ସିଲ୍ ରହିବ। ସେହିପରି ପୁରୀ ଜିଲା ଲୋକେ ବଡ଼ଦାଣ୍ଡକୁ ଆସନ୍ତୁ ନାହିଁ। ଏହାକୁ ଅଧିକ କଠୋର ଭାବେ ଲାଗୁ କରାଯିବ। ରଥଯାତ୍ରା ପାଇଁ ୫୦ ପ୍ଲାଟୁନରୁ ଅଧିକ ଫୋର୍ସ ରହିବେ ବୋଲି ପୋଲିସ ଡିଜି କହିଛନ୍ତି।


ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଡିଜିପି ଅଭୟ, ଅତିରିକ୍ତ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ପୁରୀକୁ ବସ୍, ଯାତ୍ରୀବାହୀ ଟ୍ରେନ୍ ସେବା ବାତିଲ

**ଭୁବନେଶ୍ୱର,୨୨।୬(ବ୍ୟୁରୋ):** ପୁରୀରେ ମଙ୍ଗଳବାର ଶ୍ରୀଜୀଉଙ୍କ ରଥଯାତ୍ରାକୁ ଦୃଷ୍ଟି ରଖି ରାଜ୍ୟ ସରକାର ସୋମବାର ରାତି ୯ ଟାରୁ ୨୪ ତାରିଖ ଅପରାହ୍ଣ ୨ଟା ଯାଏ ପୁରୀ ସହରକୁ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ସମୟରେ ପୁରୀକୁ ସମସ୍ତ ବସ୍ ଓ ଯାତ୍ରୀବାହି ଟ୍ରେନ୍‌କୁ ସମ୍ପୂର୍ଣ୍ଣ ବାତିଲ କରାଯାଇଛି। ସୋମବାର ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କେବଳ ସରକାରୀ, ପୋଲିସ ଏବଂ ଜରୁରୀକାଳୀନ ସେବା ଯୋଗାଉଥିବା ଯାନ ବ୍ୟତୀତି ଅନ୍ୟ ସମସ୍ତ ଯାନ ଉପରେ କଟକଣା ଜାରି କରାଯାଇଛି।

## ରଥଯାତ୍ରା ଶେଷ ଯାଏ ପୁରୀରେ ରହିବେ ୩ ମନ୍ତ୍ରୀ, ଯୋଜନା ବୋର୍ଡ ଉପାଧ୍ୟକ୍ଷ

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

ରଥଯାତ୍ରା କରିବା ନେଇ ସୁପ୍ରିମକୋର୍ଟ ସବୁଜ ସଙ୍କେତ ଦେବାପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଉଭୟ ପୋଲିସ ଏବଂ ପ୍ରଶାସନ ଜୋରଦାର ଉଦ୍ୟମ ସହିତ ପ୍ରସ୍ତୁତି ଚଳାଇଛି। ଏହାରି ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ମନ୍ତ୍ରୀ ଏବଂ ଜଣେ କ୍ୟାବିନେଟ୍ ସଦସ୍ୟଙ୍କୁ ରଥ ଦାୟିତ୍ୱ ଦେଇଛନ୍ତି। ଆଇନ ମନ୍ତ୍ରୀ ପ୍ରତାପ ଜେନା, ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜାନ ଦାଶ ଏବଂ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମାଙ୍କୁ ସମ୍ପୂର୍ଣ୍ଣ ରଥଯାତ୍ରା ସମୟ ଯାକ ପୁରୀରେ କ୍ୟାମ୍ପ ପକାଇ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନିଳାଦ୍ରୀବିଜେ ପର୍ଯ୍ୟନ୍ତ ଏହି ୪ ନେତାଙ୍କୁ ସେଠାରେ ରହିବା ଲାଗି କୁହାଯାଇଛି। ଉଭୟ ପ୍ରଶାସନ ଏବଂ ନେତାଙ୍କୁ ଏହି ଦାୟିତ୍ୱ ଦେଇ ରାଜ୍ୟ ସରକାର ସୁରୁଖୁରୁରେ କାର୍ଯ୍ୟ ଶେଷ କରିବାକୁ କହିଛନ୍ତି।





# ସନ୍ଧ୍ୟାଧୂପରେ ପଖାଳ

'ଯଥା ଦେହେ ତଥା ଦେବେ' କର୍ମକାଣ୍ଡ ବିଜ୍ଞାନର ଏହି ରହସ୍ୟକୁ ଆଧାର କରି ମହାପ୍ରଭୁଙ୍କ ଉପାସନା ପ୍ରଚଳିତ। ଏହା ମଧ୍ୟ ଆମ ସନାତନ ପରମ୍ପରା ସ୍ୱୀକୃତ। ଓଡ଼ିଆ ପରମ୍ପରାରେ ଖାଦ୍ୟର ଯେଉଁ ବିଶେଷତ୍ୱ ରହିଛି ତାହା ମଧ୍ୟରୁ ପଖାଳ ଅନ୍ୟତମ। ଲୋକଜୀବନରେ ଉଷୁନା ପଖାଳ ଓ ଅରୁଆ ପଖାଳ ପାଞ୍ଚଟି ନାମ ଧାରଣ କରିଛି। ମହାପ୍ରଭୁଙ୍କ ଉପାସନାରେ କେବଳ ଅରୁଆ ପଖାଳ ପ୍ରଚଳନ ବ୍ୟବସ୍ଥା ରହିଛି। ଆଠକାଳି ବାରମାସୀ ପଖାଳ ପରମ୍ପରା ପ୍ରଚଳିତ ଥିବା ବେଳେ ମହାପ୍ରଭୁଙ୍କ ଉପାସନାରେ ମଧ୍ୟ ବାରମାସ ଏହି ପରମ୍ପରା ଦେଖାଯାଏ। ସାଧାରଣ ଲୋକଟିଏ ଯେପରି ପଖାଳପ୍ରିୟ, ମହାପ୍ରଭୁ ମଧ୍ୟ ପଖାଳପ୍ରିୟ। ସାଧାରଣ ଜୀବନରେ ଆବଶ୍ୟକତା ଅନୁଯାୟୀ ମଣିଷଟିଏ ଦିନରେ ଏବଂ ରାତିରେ ପଖାଳ ଗ୍ରହଣ କରୁଥିବା ବେଳେ ମହାପ୍ରଭୁ କେବଳ ସନ୍ଧ୍ୟାଧୂପରେ ପଖାଳଭୋଗ ଗ୍ରହଣ କରନ୍ତି। ପ୍ରକାର ଭେଦରେ ଏଗୁଡିକ ବିଭିନ୍ନ ପ୍ରକାରର ରହିଥାଏ। ଅଦା ପକାଯାଇ ଝୁପୁଡା ପଖାଳ, ଟଭାରେ ଟଭା ପଖାଳ, ଜିରା, ଅଦା ଓ ମସଲା ଦ୍ୱାରା ପ୍ରସ୍ତୁତ ସୁବାସିତ ପଖାଳ ଏବଂ ଦହିରେ ହୋଇଥାଏ ଦହି ପଖାଳ। ଶ୍ରୀଗୁଣ୍ଡିଚାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମୟକୁ ଛାଡିଦେଲେ ବାକି ବର୍ଷର ସମସ୍ତ ଦିବସ ଦାରୁଢିଅଁ ପଖାଳରେ ଆତ୍ମସନ୍ତୋଷ ପାଇଥାଆନ୍ତି।

# ଦିନଟିଏ ମନ୍ଦାରମାଳ

ବର୍ଷସାରା ଭଳିକି ଭଳି ଫୁଲ ଲାଗି ହୋଇଥାଆନ୍ତି ତିନିଠାକୁର। ଅଣସରରେ କେବଳ ଧଳାଫୁଲ ଲାଗି ହେଉଥିବା ବେଳେ ବର୍ଷକରେ ମାତ୍ର ଗୋଟିଏ ଦିନ ଠାକୁରଙ୍କ ରତ୍ନସିଂହାସନକୁ ମନ୍ଦାରମାଳ ଯାଇଥାଏ।



ରାମଙ୍କ ବନବାସ ବେଳେ ଦେବୀ ସୀତାଙ୍କୁ ରାବଣ ଅପହରଣ କରିନେଇଥିଲା। ରାମ ସୀତାଙ୍କୁ ଖୋଜି ଖୋଜି ଲଙ୍କାରେ ଠାବ କରିଥିଲେ। ରାବଣ ସହ ଯୁଦ୍ଧ କରି ସୀତାଙ୍କୁ ଉଦ୍ଧାର କରିଥିଲେ। ଏହି ପରମ୍ପରାକୁ ନେଇ ପୁରୀରେ ହୋଇଥାଏ ସାହିଯାତ। ସାହିଯାତର ଶେଷଦିନ ଅର୍ଥାତ୍ ରାବଣ ବଧ ଦିନ ରାବଣ ସହ ଯୁଦ୍ଧ କରିବା ପାଇଁ ରାମ ଶ୍ରୀଜଗନ୍ନାଥ ଶରଣାପନ୍ନ ହୋଇଥିଲେ। ଆଜ୍ଞାମାଳ ପାଇ ରାବଣ ସହ ଯୁଦ୍ଧ କରିବାକୁ ରାମ ବାହାରିବା ପରେ ପରେ ରାବଣ ମଧ୍ୟ ଶ୍ରୀଜଗନ୍ନାଥଙ୍କ ନିକଟରେ ପହଞ୍ଚି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ସମୟରେ ରାବଣଙ୍କୁ ଏକ ମନ୍ଦାର ମାଳ ଦିଆଯାଇଥିଲା। କେବେ ମନ୍ଦାର ମାଳ ଲାଗି ହେଉ ନ ଥିବା ଶ୍ରୀଜଗନ୍ନାଥଙ୍କ ରତ୍ନସିଂହାସନରେ ସେହିଦିନ ମନ୍ଦାରମାଳ ଲାଗି ହୋଇ ରାବଣକୁ ଦିଆଯାଏ। ରାବଣ ମନ୍ଦାରମାଳ ନେଇ ଯୁଦ୍ଧକୁ ଯାଆନ୍ତି ଏବଂ ପରାଜିତ ହୁଅନ୍ତି। ଏହି ପରମ୍ପରା ଏବେ ମଧ୍ୟ ଶ୍ରୀମନ୍ଦିରରେ ପ୍ରଚଳିତ ଅଛି।

# ଶ୍ରୀମନ୍ଦିରରେ ଅକ୍ଷୟବଟ

କଳ୍ପବଟ ମଧ୍ୟ ଅକ୍ଷୟବଟ ନାମରେ ପରିଚିତ। କଳ୍ପ ହେଉଛି କଳ୍ପନା। ବଟ ହେଉଛି ବୃକ୍ଷ। ଋଷି ବଶିଷ୍ଠଙ୍କ କାମଧେନୁ ପରି ଭକ୍ତଙ୍କର ମନୋବାଞ୍ଛା ପୂର୍ଣ୍ଣ କରୁଥିବାରୁ ଏହାକୁ କଳ୍ପବଟ କୁହାଯାଏ। 'କଳ୍ପବଟ ମୂଳେ ଯିଏ ବସିଛି, ସେ ଉପବାସ ରହିବ ନାହିଁ। ଏଣୁ ଭକ୍ତଟିଏ ଶ୍ରୀମନ୍ଦିର ଯିବା ବେଳେ କଳ୍ପବଟ ଡାଳରେ ଗୋଡିଟିଏ ବାନ୍ଧି ମାନସିକ କରେ। ପ୍ରବାଦ ଅଛି–ପୃଥିବୀ ଯେତେବେଳେ ପ୍ରଳୟ ପୟୋଧି ଜଳେ ବୁଡି ରହିଥିଲା, ସେତେବେଳେ ଏହି ବଟବୃକ୍ଷରେ ମହାପ୍ରଭୁ ଆଶ୍ରୟ ନେଇଥିଲେ। ଏଣୁ ବିଷ୍ଣୁଙ୍କର ସହସ୍ର ନାମ ମଧ୍ୟରୁ ଏହି ବଟବୃକ୍ଷ ଗୋଟିଏ ନାମ। ଏହି ବୃକ୍ଷମୂଳେ ବସି ଅନେକ ସାଧୁ ସିଦ୍ଧିପ୍ରାପ୍ତ ହୋଇଥିବା ଲୋକମୁଖରୁ ଶୁଣାଯାଏ। ଶ୍ରୀମନ୍ଦିର ବେଢ଼ା ଭିତରେ ରହିଛି ଏହି କଳ୍ପବଟ ବା ଅକ୍ଷୟବଟ।

# ଯେଉଁଠି ଶ୍ରୀଜୀଉଙ୍କର ହୁଏ ରୁପାବେଶ



୧୭୫୭ଖ୍ରୀଷ୍ଟାବ୍ଦରେ ପ୍ରଥମ କରି ରଣପୁର ଜଗନ୍ନାଥ ମନ୍ଦିରରେ ଠାକୁରମାନଙ୍କ ଘୋଷ ଯାତ୍ରା ଆରମ୍ଭ ହୋଇଥିଲା । ପୁରୀ ମନ୍ଦିର ସହିତ ରଣପୁର ମନ୍ଦିରର ରହିଛି ବହୁ ସାମଞ୍ଜସ୍ୟ । ପୁରୀରେ ଷୋହଳ କଳା ଥିବା ବେଳେ ରଣପୁର ମନ୍ଦିରରେ ଏକ କଳା ରହିଛି । ପୁରୀରେ ଶ୍ରୀଜୀଉମାନେ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଉଥିଲା ବେଳେ ଏଠାରେ ଠାକୁରମାନେ ରୁପା ବେଶରେ ଦର୍ଶନ ଦେଇଥାନ୍ତି । ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ରଥ ଉପରେ ତିନି ଠାକୁରଙ୍କୁ ରୁପାବେଶରେ ସୁସଜ୍ଜିତ କରାଯାଇଥାଏ । ରଣପୁର ସବ୍‌ଟ୍ରେଜେରୀରେ ରଖାଯାଇଥିବା ମହଣ ମହଣ ସମସ୍ତ ରୁପା ଅଳଙ୍କାର ପୂଜାପଣ୍ଡା ଓ ପଢିହାରୀମାନଙ୍କୁ ଦିଆଯାଇଥାଏ । ସେମାନେ ବିଗ୍ରହମାନଙ୍କ ଶ୍ରୀ ମସ୍ତକରେ କିରୀଟ, କୁଣ୍ଡଳୀ, ହସ୍ତ, ପାଦ, ଶଙ୍ଖ, ଚକ୍ର, ଗଦା, ହଳ ଆଦି ବିଭିନ୍ନ ଅଳଙ୍କାର ନେଇ ରଥାରୂଢ଼ ତିନି ଠାକୁରଙ୍କୁ ଭୂଷିତ କରିଥାନ୍ତି । ଏହି ବିଷୟରେ ରଣପୁର ଜଗନ୍ନାଥ ମନ୍ଦିରର ପୂଜାପଣ୍ଡା ଗୋପାଳ ଚନ୍ଦ୍ର ରଥ କୁହନ୍ତିଆମ ଜେଜେ ବାପାଙ୍କ ଅମଳରୁ ରଥଯାତ୍ରା ବନ୍ଦ ହେବାର କେବେ ଶୁଣି ନାହୁଁ । ନଅଙ୍କ ଦୁର୍ଭିକ୍ଷ ବେଳେ ବି ଏଠାରେ ରଥଯାତ୍ରା ବନ୍ଦ ହୋଇ ନ ଥିଲା । ସେହିଭଳି ବରିଷ୍ଠ ରଥ ନିର୍ମାଣ ମହାରଣା କବିରାଜ ମହାରଣା କୁହନ୍ତି, ତିନି ରଥର କାର୍ଯ୍ୟ ପ୍ରାୟ ୯୮ ପ୍ରତିଶତ ସରିଯାଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏଠାରେ ମନ୍ଦିର ପ୍ରଶାସନ ପକ୍ଷରୁ ରଥ କାର୍ଯ୍ୟ ବନ୍ଦ କରାଗଲା । ଫଳରେ ଦୀର୍ଘ ବର୍ଷର ପରମ୍ପରା ଭାଙ୍ଗିବାକୁ ଯାଉଛି ।

– ସୁକାନ୍ତ କୁମାର ଡାକୁଆ

# ସାତ ଦିନରେ ସାତ ରଙ୍ଗର ପାଟ



ମହାପ୍ରଭୁଙ୍କ ସବୁ ପରମ୍ପରା ଭଳି ତାଙ୍କ ବସ୍ତ୍ର ସମ୍ଭାରରେ ବି ରହିଛି ସ୍ୱକୀୟତା। ବିଶେଷତଃ ତାଙ୍କୁ ଲାଗି ହେଉଥିବା ବସ୍ତ୍ର 'ଖଣ୍ଡୁଆ ପାଟ' ଭାବରେ ପରିଚିତ। ବଡସିଂହାର ବେଶରେ ଲାଗିହୁଏ ଗୀତଗୋବିନ୍ଦ ଲେଖାଥିବା ପାଟ। ଏସବୁ ବ୍ୟତୀତ ପର୍ବପର୍ବାଣିରେ ଲାଗି ହୋଇଥାଏ କଟନ୍‌ରେ ପ୍ରସ୍ତୁତ ବସ୍ତ୍ର। ପୁଣି ମହାପ୍ରଭୁଙ୍କ ସାତ ବାରରେ ପାଟ, ରଙ୍ଗ ଓ ବସ୍ତ୍ର ମାପ ମଧ୍ୟ ଭିନ୍ନ ହୋଇଥାଏ। ରବିବାର ନାଲି ରଙ୍ଗ, ସୋମବାର ଧଳାଛିଟ, ମଙ୍ଗଳବାର ବାରପାଟିଆ (୫ଟି ରଙ୍ଗବିଶିଷ୍ଟ), ବୁଧବାର ସବୁଜ, ଗୁରୁବାର ହଳଦିଆ, ଶୁକ୍ରବାର ଧଳାସାଦା ଓ ଶନିବାର କଳା ବା ବାଇଗଣୀ ରଙ୍ଗର ବସ୍ତ୍ର ଦିଅଁଙ୍କଠାରେ ଲାଗି ହୋଇଥାଏ।

# ଶ୍ରୀକ୍ଷେତ୍ରରେ ସୁଡ଼ଙ୍ଗ



ହଜାର ହଜାର ବର୍ଷ ପୂର୍ବରୁ ଶ୍ରୀକ୍ଷେତ୍ର ପରିଚିତ ଥିଲା ପୁରୁଷୋତ୍ତମ କ୍ଷେତ୍ର ଭାବରେ। ଏହା କେବଳ ପ୍ରାଚୀନ ଓଡ଼ିଶାର ସାଂସ୍କୃତିକ କେନ୍ଦ୍ର ନ ଥିଲା, ଭାରତବର୍ଷର ସାଂସ୍କୃତିକ କେନ୍ଦ୍ର ଥିଲା। ଚାରି ଧାମ ମଧ୍ୟରୁ ଅନ୍ୟତମ ଧାମ । ବହୁ ମୁନି ଋଷି, ସାଧୁ ସନ୍ଥଙ୍କର ଥିଲା ସାଧନାଭୂମି। ଏବେ ଚାରୋଟି ପ୍ରାଚୀନ ଋଷି ଆଶ୍ରମ ଅବଶିଷ୍ଟ ରହିଅଛି। ଏହି ଆଶ୍ରମଗୁଡ଼ିକ ମହାପ୍ରଭୁଙ୍କ ଉପାସନା ସହିତ ଆଜି ବି ଜଡ଼ିତ ।

୧୬୪୭ ମସିହା ପର୍ଯ୍ୟନ୍ତ ଗଜପତିମାନେ ଏହି କ୍ଷେତ୍ରରେ ରହୁଥିବା ନଅର ଚଳଚଞ୍ଚଳ ଥିଲା। ଏହା ପରିଚିତ ଥିଲା ବାଲି ନଅର ଭାବରେ। ବାଲି ନଅରକୁ କେନ୍ଦ୍ର କରି ଅନେକ ସୁଡ଼ଙ୍ଗ ବିଭିନ୍ନ ଦିଗରୁ ରହିଥିଲା। ମାଟିତଳେ ନିର୍ମିତ ଏହି ସୁଡ଼ଙ୍ଗର ସମ୍ପର୍କ ଶ୍ରୀମନ୍ଦିର ସହିତ ରହିଥିଲା ବୋଲି ଅନେକେ ସମ୍ଭାବନା କରନ୍ତି। ଏ ପର୍ଯ୍ୟନ୍ତ ସୁଡ଼ଙ୍ଗଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ହୋଇ ନ ଥିବାରୁ ଶ୍ରୀମନ୍ଦିର ସହିତ କେଉଁ ଦିଗରୁ କିପରି ଏହା ସଂଯୋଜିତ ହୋଇଥିଲା ତାହା ଜଣାପଡ଼ି ନାହିଁ।

**ଗଙ୍ଗାମାତା ମଠ ସୁଡ଼ଙ୍ଗ :** ଶ୍ରୀକ୍ଷେତ୍ରରେ ୭୫୨ ମଠ ରହିଥିଲା ବୋଲି ଲୋକମୁଖରେ ପ୍ରସିଦ୍ଧି ଅଛି, କିନ୍ତୁ ବର୍ତ୍ତମାନ ଅନୁସନ୍ଧାନରୁ ଜଣାଯାଇଛି ୩୭୪ଟି ମଠ ଓ ଆଶ୍ରମ ରହିଅଛି। ସେଥିମଧ୍ୟରୁ ୫୦୦ ବର୍ଷର ପୁରାତନ ମଠ ହେଉଛି ଗଙ୍ଗାମାତା ମଠ। ଏହି ମଠଟି ଶ୍ୱେତଗଙ୍ଗା ତୀର୍ଥର ଦକ୍ଷିଣ ଦିଗରେ ଏବେ ବି ଅଛି। ଏହି ମଠରେ ମାଟିତଳେ ଗୋଟିଏ ସୁଡ଼ଙ୍ଗ ଯାଇଥିବାର ଜଣାଯାଏ। ଇଂରେଜମାନେ ଶାସନ ଆରମ୍ଭ ସମୟରେ ସୁଡ଼ଙ୍ଗର ଗୁରୁତ୍ୱ ବୃଦ୍ଧି ପାଇଥିବାରୁ ଏହା 'ମନ୍ତ୍ରଣା ସୁଡ଼ଙ୍ଗ' ଭାବେ ପୁରୀରେ ପ୍ରସିଦ୍ଧ ହୋଇଯାଇଥିଲା। କୁହାଯାଏ ବାଲି ନଅରରୁ ଶ୍ରୀମନ୍ଦିର ଭିତର ପର୍ଯ୍ୟନ୍ତ ଏହି ସୁଡ଼ଙ୍ଗ ଲମ୍ବିଥିଲା। ଗଙ୍ଗାମାତା ମଠରେ ରହିଥିଲା ଏହାର କେନ୍ଦ୍ରବିନ୍ଦୁ। ଐତିହ୍ୟ ଅଛି ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ଉପରେ ହୋଇଥିବା ୧୮ଥର ଆକ୍ରମଣ ସମୟରେ ଏହି ସୁଡ଼ଙ୍ଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ରାଜକର୍ମଚାରୀ, ସେବକ, ରାଜଗୁରୁ ପ୍ରମୁଖ ଆକ୍ରମଣକାଳରେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ସୁରକ୍ଷାକୁ ନେଇ ସୁଡ଼ଙ୍ଗ ଭିତରେ ମନ୍ତ୍ରଣା କରୁଥିଲେ। ଗଜପତି ନିଜେ ସାତସାହିର ସାହିନାୟକଙ୍କ ସହିତ ଏହିଠାରେ ମନ୍ତ୍ରଣା କରୁଥିଲେ। ବାଲି ନଅରର ଗୁରୁତ୍ୱ ହ୍ରାସ ପାଇବା ପରେ ଏହି ସୁଡ଼ଙ୍ଗ ପରିତ୍ୟକ୍ତ ହୋଇପଡ଼ିଥିଲା।

ଏହି ସୁଡ଼ଙ୍ଗ ରହସ୍ୟ ଜୟୀରାଜଗୁରୁ ଜାଣିଥିଲେ। ଫିରିଙ୍ଗି ସେନା ଖୋର୍ଦ୍ଧା ଦୁର୍ଗ ଅଧିକାର କରିବାବେଳେ ଗଜପତି ଦ୍ୱିତୀୟ ମୁକୁନ୍ଦଦେବଙ୍କୁ ଜୟୀରାଜଗୁରୁ ଖୋର୍ଦ୍ଧା ଦୁର୍ଗର ଗୁପ୍ତ ସୁଡ଼ଙ୍ଗ ଦେଇ ବାହାରକୁ ପଠାଇ ଦେଇଥିଲେ। ଗଜପତି ପ୍ରଥମେ ଖୁଦୁପୁର ଉଆସରେ ଗୁପ୍ତରେ ରହିଥିଲେ। ଜୟୀରାଜଗୁରୁ ଗଜପତିଙ୍କୁ ସେଠାରୁ ସ୍ଥାନାନ୍ତର କରି ଗଙ୍ଗାମାତା ମଠ ସୁଡ଼ଙ୍ଗରେ ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ତେଣୁ ମଠର ତତ୍କାଳୀନ ମହନ୍ତ ଶ୍ରୀନରୋତ୍ତମ ଦାସଙ୍କ ନିକଟକୁ ଚିଟାଉ ଲେଖିଥିଲେ–ଗଜପତିଙ୍କୁ ଗୁପ୍ତରେ ରଖିବ, –ବାହାରେ ପ୍ରଘଟ ହେବ ନାହିଁ, –କଣ୍ଠୀ ଦେଇ ବାବାଜୀ ବେଶରେ ରଖିବ, –ଦରକାର ହେଲେ ନାରୀବେଶରେ ରଖିବ, –ଗଜପତିଙ୍କ ପ୍ରସାଦ ସେବନ, ଘାଟକଉଡ଼ି ହିସାବ, ଶ୍ରୀମନ୍ଦିର ଠିକ୍ ଭାବରେ ଶୋଧ କରି ଚାରିଦୁଆର ମୁଦ କରାଯିବା କଥା ଏଥିରେ ଥିଲା।– ଛତିଶା ନିଯୋଗ ନାୟକ, ଭଣ୍ଡାର ମେକାପ, ବେହେରା ଖୁଣ୍ଟିଆଙ୍କୁ ଜଣାଇବ।

ଐତିହ୍ୟ ଅଛି ଏହି ସୁଡ଼ଙ୍ଗର ମଧ୍ୟ ଭାଗରେ ଏକ ଗୁପ୍ତ କୋଠରି ଅଛି। ଯେଉଁଠି ଇଂରେଜ ବିରୋଧୀ ରାଜାମାନେ ଏକାଠି ହୋଇ ମନ୍ତ୍ରଣା କରୁଥିଲେ। ଇତିହାସକାର ପ୍ରଫୁଲ୍ଲ ପଟ୍ଟନାୟକ ଅନୁମାନ କରିଛନ୍ତି, ସମୁଦ୍ରକୂଳକୁ ସୁଡ଼ଙ୍ଗ ରହିଥିଲା।

ଗଙ୍ଗାମାତା ମଠ ସୁଡ଼ଙ୍ଗର ଦୁଇଟି ମୁହଁ ରହିଛି। ଗୋଟିଏ ଶ୍ରୀମନ୍ଦିର ଦିଗକୁ, ଅନ୍ୟଟି ସମୁଦ୍ର ଆଡ଼କୁ। ପୂର୍ବ ମହନ୍ତଙ୍କଠାରୁ ଜଣାପଡ଼ିଥିଲା ସୁଡ଼ଙ୍ଗ ଦେଇ ଭିତରକୁ ଗଲେ ସମୁଦ୍ରର ଘୁ ଘୁ ଗର୍ଜନ ଶୁଭୁଛି। ସୁଡ଼ଙ୍ଗ ସମ୍ବନ୍ଧରେ ଇଂରେଜ ସରକାର ଅବଗତ ଥିଲେ। ସେତେବେଳର ମହନ୍ତ ବନମାଳୀ ଦାସଙ୍କ ନିକଟକୁ ଲଣ୍ଡନରୁ ସୁଡ଼ଙ୍ଗକୁ ନେଇ ଏକ ପତ୍ର ଆସିଥିଲା।

**ଶ୍ରୀକ୍ଷେତ୍ରରେ ଗଜପତିମାନେ ପୂର୍ବରୁ ରହୁଥିବା ସ୍ଥାନ ବାଲି ନଅର ଭାବରେ ପରିଚିତ ଥିଲା। ଏହି ନଅରକୁ କେନ୍ଦ୍ର କରି ବିଭିନ୍ନ ଦିଗରୁ ରହିଥିଲା ଅନେକ ସୁଡ଼ଙ୍ଗ । ମାଟିତଳେ ନିର୍ମିତ ଏହି ସୁଡ଼ଙ୍ଗର ସମ୍ପର୍କ ଶ୍ରୀମନ୍ଦିର ସହିତ ରହିଥିବା ଅନେକେ ମତ ଦିଅନ୍ତି । ଏ ପର୍ଯ୍ୟନ୍ତ ସୁଡ଼ଙ୍ଗଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ହୋଇ ନ ଥିବାରୁ ଶ୍ରୀମନ୍ଦିର ସହିତ କେଉଁ ଦିଗରୁ କିପରି ଏହା ସଂଯୋଜିତ ହୋଇଥିଲା ତାହା ଜଣାପଡ଼ି ନାହିଁ...**

୨୦୧୧ ମସିହାରେ ମଠର ତତ୍ତ୍ୱାବଧାରକଙ୍କୁ ଆମେ ଭେଟିଥିଲୁ (ତା୨୧।୧୧।୧୧)। ସେ କହିଥିଲେ, ଏହି ସୁଡ଼ଙ୍ଗ ଦେଇ ଶ୍ରୀଚୈତନ୍ୟ ଶ୍ରୀମନ୍ଦିରକୁ ଆସି ମଠରେ ପହଞ୍ଚିଥିଲେ। ଶ୍ରୀସାର୍ବଭୌମ ଭଟ୍ଟାଚାର୍ଯ୍ୟ ତାଙ୍କୁ ସୁଡ଼ଙ୍ଗ ଦେଇ ମଠକୁ ନେଇ ଆସିଥିଲେ। ସୁଡ଼ଙ୍ଗର ମୁହଁ ଏବେ ପଥରରେ ବନ୍ଦ ରହିଛି। ଚଳପ୍ରଚଳ ବନ୍ଦ ଥିବାରୁ ଏହା ସର୍ପସଂକୁଳ ହୋଇଥାଇପାରେ ବୋଲି ଆଶଙ୍କା ରହିଛି। ସୁଡ଼ଙ୍ଗଟି ୩ ଫୁଟରେ ୨ ଫୁଟ ଥିବାବେଳେ, ଗୁପ୍ତ କୋଠରିଟି ୧୦ ଫୁଟରେ ୧୦ ଫୁଟ ରହିଥିବାର ସମ୍ଭାବନା କରାଯାଏ।

**ରାଧାକାନ୍ତ ମଠ ସୁଡ଼ଙ୍ଗ:** ବାଲି ସାହିରେ (ସ୍ୱର୍ଗଦ୍ୱାରକୁ ଯିବା ରାସ୍ତାରେ) ଯେଉଁଠି ଶ୍ରୀଚୈତନ୍ୟ ଅବସ୍ଥାନ କରୁଥିଲେ ତାହା ଗୌର ଗମ୍ଭୀରା ବା ରାଧାକାନ୍ତ ମଠ ନାମରେ ପ୍ରସିଦ୍ଧ। ଗଜପତି ପ୍ରତାପରୁଦ୍ର ଦେବଙ୍କ ରାଜଗୁରୁ କାଶୀନାଥ ମିଶ୍ରଙ୍କର ଏହା ବାସଗୃହ ଥିଲା। ଏହି ଗୃହରେ ଶ୍ରୀଚୈତନ୍ୟ ଅବସ୍ଥାନ କରୁଥିଲେ।

ଏହି ମଠରେ ଏକ ଗୁପ୍ତ ସୁଡ଼ଙ୍ଗ ରହିଛି। ମଠରେ ମଝି ଅଞ୍ଚଳରୁ ତଳକୁ ତଳ ପାହାଚ ଦେଇ ଏହି ସୁଡ଼ଙ୍ଗ ଲମ୍ବିଯାଇଛି। ଏହି ସୁଡ଼ଙ୍ଗର ୨୪/୨୫ ଫୁଟ ପର୍ଯ୍ୟନ୍ତ ମଠର କର୍ମଚାରୀ ପହଞ୍ଚି ପାରିଛନ୍ତି। ଏହି ସୁଡ଼ଙ୍ଗ କେଉଁ ପର୍ଯ୍ୟନ୍ତ ଲମ୍ବିଛି ତାହା ଠାବ ହୋଇପାରିନାହିଁ। ଐତିହ୍ୟ ଅଛି ଏହା ରାଜଗୁରୁଙ୍କ ବାସଗୃହରେ ଥିବାରୁ ସୁଡ଼ଙ୍ଗଟି ଗଜପତିଙ୍କ ବାଲିନଅର ପର୍ଯ୍ୟନ୍ତ ଲମ୍ବିଥିଲା। ଏହାର ଅନ୍ୟ ଏକ ଶାଖା ଶ୍ରୀମନ୍ଦିର ଭିତରକୁ ଥାଇପାରେ। ସେ ସମୟରେ ଶ୍ରୀମନ୍ଦିର ଉପରେ ଘନ ଘନ ଆକ୍ରମଣ ହୋଇଥିବାରୁ ଗୁପ୍ତ ସୁଡ଼ଙ୍ଗଟି ଦୁଇ ଦିଗକୁ ଲମ୍ବିଥାଇପାରେ। ତା୨୩।୧୧।୨୦୧୧ ରିଖରେ ଆମେ ଅନୁସନ୍ଧାନ କରିବାକୁ ଯାଇ ମଠର ତତ୍ତ୍ୱାବଧାରକ କୃଷ୍ଣଚନ୍ଦ୍ର ମହାରାଜଙ୍କୁ ଭେଟିଥିଲୁ। ତାଙ୍କ କହିବା ଅନୁଯାୟୀ ସୁଡ଼ଙ୍ଗ ଏପରି ଭାବରେ ନିର୍ମିତ ହୋଇଛି ଆରମ୍ଭରୁ ଆଲୋକ ଯିବା ପାଇଁ ବ୍ୟବସ୍ଥା କରାଯାଇଛି। ଆମେ ସୁଡ଼ଙ୍ଗରେ ଏପର୍ଯ୍ୟନ୍ତ ମୂଳ ଗମ୍ଭୀରା ପର୍ଯ୍ୟନ୍ତ ଯିବାରେ ସଫଳ ହୋଇଅଛୁ। ଶ୍ରୀମନ୍ଦିର ସୁରକ୍ଷା ପାଇଁ ଏହି ସୁଡ଼ଙ୍ଗ ବ୍ୟବହାର ହେଉଥିବାର ଐତିହ୍ୟ ରହିଛି। ଏହାର ପୁନରୁଦ୍ଧାର ହୋଇନାହିଁ।

**ଏମାର ମଠ:** ଏମାର ମଠର ଗୁପ୍ତ କୋଠରିରୁ ଟନ୍ ଟନ୍ ରୁପାଇଟା ବାହାରିବା ଘଟଣା ଦେଶରେ ବେଶ୍ ଚର୍ଚ୍ଚିତ ହୋଇଥିଲା। ଏହି ମଠରେ ଏକ ଗୁପ୍ତ ସୁଡ଼ଙ୍ଗ ଅଛି ଏବଂ ସୁଡ଼ଙ୍ଗ ଆରମ୍ଭ ସ୍ଥାନରେ ଏକ ଗୁପ୍ତ କୋଠରି ଥିବାର ଜଣାଯାଏ। କୋଠରିଟି ବନ୍ଦ ରହିଥାଏ। ଐତିହ୍ୟରୁ ଜଣାଯାଏ ଏହି ସୁଡ଼ଙ୍ଗ ମଧ୍ୟ ଶ୍ରୀମନ୍ଦିରକୁ ଓ ସମୁଦ୍ରକୁ ଲମ୍ବିଥିଲା। ପୂର୍ବ କାଳରେ ଏମାର ମଠ ମହନ୍ତ ସୁଡ଼ଙ୍ଗ ଦେଇ ଶ୍ରୀମନ୍ଦିରକୁ ଯାଉଥିଲେ ବୋଲି ସମ୍ଭାବନା କରାଯାଏ। କୁହାଯାଏ ବାଲିସାହିରେ ଥିବା ବାଲି ନଅରକୁ ମଧ୍ୟ ସୁଡ଼ଙ୍ଗର ଏକ ଶାଖା ଲମ୍ବିଥିଲା। ପୁରୀରେ ଲୋକକଥା ଅଛି ଏହି ସୁଡ଼ଙ୍ଗ ମାଧ୍ୟମରେ ଚିଲିକାକୁ ପୂର୍ବ କାଳରେ ରାସ୍ତା ଥିଲା। ସୁଡ଼ଙ୍ଗର ବାସ୍ତବ ରହସ୍ୟ ଅନୁସନ୍ଧାନକୁ ଅପେକ୍ଷା ରଖିଛି।

**ବାହାରବେଢ଼ାର ଉତ୍ତରପଟ ସୁଡ଼ଙ୍ଗ:** ଶ୍ରୀମନ୍ଦିରର ଉତ୍ତର ଦିଗର ବାହାର ବେଢ଼ାରେ ରହିଛି ଐଶାନେଶ୍ୱର ମହାଦେବଙ୍କ ମନ୍ଦିର। ଦର୍ଶନ କରିବାକୁ ହେଲେ ୨୬ ଫୁଟ୍ ତଳକୁ ଯିବାକୁ ପଡ଼େ। ପ୍ରାଚୀନ କାଳରେ ଶିବଲିଙ୍ଗ ବିରାଜମାନ କରିଥିବା ସ୍ଥାନରୁ ଶ୍ରୀଜଗନ୍ନାଥଙ୍କ ଗର୍ଭଗୃହ ମଧ୍ୟକୁ ଏକ ସୁଡ଼ଙ୍ଗ ଥିଲା। ନଅବର୍ଷ ତଳେ ଐଶାନେଶ୍ୱରଙ୍କ ସେବକ ବଟକିଶୋର ମହାପାତ୍ର ସୁଡ଼ଙ୍ଗର ରହସ୍ୟ ସମ୍ବନ୍ଧରେ ଚାଞ୍ଚଲ୍ୟକର ତଥ୍ୟ ଦେଇଥିଲେ। ପୂର୍ବେ ଗଜପତି ମହାରାଜା ଦକ୍ଷିଣେଶ୍ୱର ଦେଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସୁଥିଲେ। ପ୍ରଥମେ ସେ ଐଶାନେଶ୍ୱରଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିବା ପରେ ଏହି ମନ୍ଦିର ଭିତରେ ଥିବା ସୁଡ଼ଙ୍ଗ ବାଟରେ ଯାଇ ଗର୍ଭଗୃହରେ ପହଞ୍ଚିଥିଲେ। ସେ ତାଙ୍କ ଜେଜେବାପାଙ୍କଠାରୁ ସୁଡ଼ଙ୍ଗ ବିଷୟରେ ପ୍ରଥମେ ଜାଣିଥିଲେ।

ଶ୍ରୀମନ୍ଦିର ଉପରେ ବାରମ୍ବାର ଆକ୍ରମଣ କାଳରେ ଏହି ସୁଡ଼ଙ୍ଗଟି ଆଉ ବ୍ୟବହାର ହେଲା ନାହିଁ। ଫଳରେ ପରିତ୍ୟକ୍ତ ସୁଡ଼ଙ୍ଗ ଭିତରେ ସାପ ଓ ବିଛା ଜାତୀୟ ଜନ୍ତୁ ବାସ କଲେ। ଗଜପତିଙ୍କ ଶାସନ ସମୟରେ ମାଙ୍କଡ଼ା ପଥର ଦ୍ୱାରା ସୁଡ଼ଙ୍ଗଟିକୁ ବନ୍ଦ କରିଦିଆଗଲା। ୧୯୫୪ ମସିହା ବେଳକୁ ସୁଡ଼ଙ୍ଗଟି ବନ୍ଦ ହୋଇସାରିଥିଲା। ସୁଡ଼ଙ୍ଗର ଦ୍ୱାରଦେଶରେ ସିମେଣ୍ଟ ତିଆରି ଏକ ଶିବଙ୍କ ମୂର୍ତ୍ତି ରଖାଯାଇ ପୂଜା କରାଯାଉଛି। ଅନୁସନ୍ଧାନ ନ ହେବା ଫଳରେ ସୁଡ଼ଙ୍ଗ ରହସ୍ୟ ଅନାଲୋଚିତ ହୋଇରହିଛି।

**ଶଙ୍କରାନନ୍ଦ ମଠ ସୁଡ଼ଙ୍ଗ:** ଶ୍ରୀକ୍ଷେତ୍ରରେ ଏହି ମଠ ଗଙ୍ଗବଂଶ ଶାସନ କାଳରେ ପ୍ରତିଷ୍ଠା ହୋଇଥିଲା। ଅନଙ୍ଗ ଭୀମଦେବ (୩ୟ)ଙ୍କର ଶଙ୍କରାନନ୍ଦ ମଠ ତାମ୍ରଶାସନ ଏହାର ପ୍ରାଚୀନତାକୁ ପ୍ରମାଣିତ କରେ। ଅନଙ୍ଗ ଭୀମଦେବ (୩ୟ)ଙ୍କ ସମୟ ୧୨୧୧ରୁ ୧୨୩୮ ମସିହା ମଧ୍ୟରେ। ଅନେକେ ଏହି ସମୟରେ ୪୦୦ ବର୍ଷ ପୂର୍ବରୁ ପ୍ରତିଷ୍ଠା ହୋଇଥିଲା ବୋଲି ମତ ଦେଇଛନ୍ତି। ଏହି ମଠର ଆଦିଗୁରୁ ଭାବରେ ଶ୍ରୀପଦ୍ମପାଦାଚାର୍ଯ୍ୟ ପରିବ୍ରାଜକାଚାର୍ଯ୍ୟଙ୍କ ନାମ ମିଳିଥିବାରୁ ୮୦୦ ମସିହାରେ ପ୍ରଥମ ଦଶକ ବି ହୋଇପାରେ।

ଶ୍ରୀମନ୍ଦିର ଦକ୍ଷିଣ ଦିଗରେ ରହିଥିବା ଏହି ମଠରେ ପ୍ରାଚୀନ କାଳରେ ସୁଡ଼ଙ୍ଗ ରହିଥିଲା। ବର୍ତ୍ତମାନ ଏହି ମଠ ଧ୍ୱଂସ ପ୍ରାୟ। ଐତିହ୍ୟପୂର୍ଣ୍ଣ କୋଠରିଗୁଡିକ ଜରାଜୀର୍ଣ୍ଣ। ଦେଖିଲେ ଲାଗିବ ଏକ ଭୂତକୋଠିପରି। ତାହା ବି ୧୦ ବର୍ଷ ପରେ ପଦା ହୋଇଗଲାଣି। ଏହି ମଠ ଶିବ ଉପାସନାର ମଠ। ଅବ୍ୟବହୃତ ହେବାରୁ ଜନ୍ତୁଜନ୍ତାପୂର୍ଣ୍ଣ। ପୂର୍ବରୁ ମଠର ପଛପଟେ ସୁଡ଼ଙ୍ଗଟି ଥିଲା। ରାଧାକାନ୍ତ ମଠ ପରି ସୁଡ଼ଙ୍ଗ ଆରମ୍ଭରୁ ଏକ କୋଠରି ଥିଲା, ଯାହା ବନ୍ଦ ରହୁଥିଲା। ଯେପରି କେହି ଜାଣି ପାରିବେନି ସୁଡ଼ଙ୍ଗ ସେହି କୋଠରଠାରୁ ଆରମ୍ଭ ହୋଇଛି ବୋଲି। ସୁଡ଼ଙ୍ଗ ରହସ୍ୟ ଅନାଲୋଚିତ ହୋଇ ରହିଯାଇଛି। ସୁଡ଼ଙ୍ଗଟି କେଉଁ ଦିଗକୁ କିପରି ଗତି କରିଛି ଜାଣି ହେଉନାହିଁ। ଐତିହ୍ୟ ଅଛି ପୂର୍ବେ ସୁଡ଼ଙ୍ଗଟି ବାଲିମଠ (ଶ୍ରୀଗୋବର୍ଦ୍ଧନ ପୀଠ)କୁ ସଂଯୋଗ ଥିଲା। ଆକ୍ରମଣ କାଳରେ ଶ୍ରୀଶଙ୍କରାଚାର୍ଯ୍ୟଙ୍କ ସୁରକ୍ଷା ପାଇଁ ଏହା ବ୍ୟବହାର ହେଉଥିଲା। ଶ୍ରୀଶଙ୍କରାଚାର୍ଯ୍ୟଙ୍କ ସୁରକ୍ଷା ପାଇଁ ପୁରୀରେ 'ଦୁବେଇଯାଗା' ସୃଷ୍ଟି ହୋଇଥିଲା। ହୋଇପାରେ ଶ୍ରୀଶଙ୍କରାଚାର୍ଯ୍ୟ ଏହି ସୁଡ଼ଙ୍ଗ ଦେଇ ଶ୍ରୀମନ୍ଦିରକୁ ବିଜେ କରୁଥିବେ।

**–ଡ. ସୁରେନ୍ଦ୍ର କୁମାର ମିଶ୍ର**
**ଫଟୋ: ଅନୀଲ, ଯଜ୍ଞେଶ୍ୱର**



ଶ୍ରୀମନ୍ଦିର ଉତ୍ତର ଦିଗର ବାହାର ବେଢ଼ା



ଶଙ୍କରାନନ୍ଦ ମଠ



ରାଧାକାନ୍ତ ମଠର ସୁଡ଼ଙ୍ଗ ଘର



ଗଙ୍ଗାମାତା ମଠର ସୁଡ଼ଙ୍ଗ



ଏମାର ମଠର ସୁଡ଼ଙ୍ଗ ପାଖରେ ମହନ୍ତ ମହାରାଜ (ଫାଇଲ ଫଟୋ)

# ରଥରେ ସଙ୍ଖୁଡ଼ି ଭୋଗ



ମହାପ୍ରଭୁଙ୍କ ରଥଯାତ୍ରାରେ ହୋଇଥାଏ ସଙ୍ଖୁଡି ଭୋଗ । ରଥ ଟଣା ସମୟରେ ଯେଉଁଠି ସନ୍ଧ୍ୟା ହୋଇଯାଏ ରଥ ସେହିଠାରେ ଅଟକି ରହେ। ସେଠାକୁ ଭୋଗ ସାମଗ୍ରୀମାନ ଅଣାଯାଇ ଶ୍ରୀମନ୍ଦିର ବଡସୁଆରଙ୍କ ଦ୍ୱାରା ଭୋଗ ପ୍ରସ୍ତୁତ କରାଯାଇ ରଥ ଉପରେ ମଣୋହି କରାଯାଏ। ଶ୍ରୀଜଗନ୍ନାଥ ବଲ୍ଲଭ ମଠ, ମାଜଣା ଜାଗା, ଚାଉଳିଆ ମଠ, ଦଶାବତାର ମଠରେ ଏହି ଭୋଗ ପ୍ରସ୍ତୁତ ହୁଏ। ସଙ୍ଖୁଡି ଭୋଗ ଭାବରେ ଅମାଲୁ, କାକରା, ଟାକୁଆ, କେଳି, ମାଣ୍ଡୁଅ, ଝିଲି ଇତ୍ୟାଦି ଲାଗି ହୋଇଥାଏ। ମାତ୍ର ଏହି ପରମ୍ପରା ପ୍ରାୟ ୧୦୦ବର୍ଷ ହେବ ବନ୍ଦ ରହିଛି। ଏହି ଭୋଗ ପରିବର୍ତ୍ତେ ବର୍ତ୍ତମାନ ସ୍ୱତନ୍ତ୍ର କୋରା, ବଲ୍ଲଭ, ବିଭିନ୍ନ ପ୍ରକାର ଫଳ, ନଡିଆ ଇତ୍ୟାଦି ଭୋଗ କରାଯାଉଛି।

## ଚର୍ଚ୍ଚିତ ସ୍ଥାନ ବଳଗଣ୍ଡି

ବଡଦାଣ୍ଡର ଅନ୍ୟତମ ଚର୍ଚ୍ଚିତ ସ୍ଥାନ ବଳଗଣ୍ଡି। ଅଧୁନା ବଡ ଦାଣ୍ଡରେ ଲୁପ୍ତ ନଦୀଟି ବଳଗଣ୍ଡିରୁ ବଡଶଙ୍ଖ ମଧ୍ୟରେ ପ୍ରବାହିତ ହୋଇଥିଲା। ମାଦଳା ପାଞ୍ଜିରେ ଥିବା ସୂଚନା ଅନୁସାରେ ସମ୍ଭବତଃ ଏଇଠି କେଉଁଠି ବଳିବାମନ ପୂଜା ପାଇଁ ତିନି ମାଢ଼ (ସେ ସମୟରେ ସୁନା ମାପିବା ପାଇଁ ବ୍ୟବହୃତ ଏକକ) ସୁନା ରହିଥିଲା। ସାରଳା ମହାଭାରତ ଅନୁସାରେ ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞରେ ନିମନ୍ତ୍ରିତ ହୋଇ ଲଙ୍କପତି ବିଭୀଷଣ ଯୋଗ ଦେଇଥାଆନ୍ତି। ବିଦାୟ ମୁହୂର୍ତ୍ତରେ କଳିଯୁଗରେ ଶ୍ରୀକୃଷ୍ଣଙ୍କୁ କେଉଁଠି ଦର୍ଶନ କରିପାରିବେ ବୋଲି ପଚାରିଥିଲେ ବିଭୀଷଣ। ଏହାର ଉତ୍ତରରେ ଶ୍ରୀକୃଷ୍ଣ କହିଥିଲେ ଯେ, ନୀଳସୁନ୍ଦର ପର୍ବତରେ କଳ୍ପବଟ ତଳେ ସେ ବଉଧ ରୂପରେ ବିଜେ ହେବେ। ସେହିଠାରେ ସାକ୍ଷାତ ହେବ। ପୁଣି ରଥଯାତ୍ରା ଦିନ ସେ ବଳଗଣ୍ଡିଠାରେ ଅର୍ଦ୍ଧଘଣ୍ଟି ପର୍ଯ୍ୟନ୍ତ ଦକ୍ଷିଣମୁହାଁ ହେବେ। ସେତେବେଳେ ସାକ୍ଷାତ ହୋଇପାରିବ। ମହାପ୍ରଭୁଙ୍କ ରଥଯାତ୍ରା ବେଳେ ମଧ୍ୟାହ୍ନ ସମୟରେ ମହାପ୍ରଭୁଙ୍କୁ ଟିକେ ବିଶ୍ରାମ ଦେବା ପାଇଁ ବଡଦାଣ୍ଡର ମଧ୍ୟବର୍ତ୍ତୀ ଅଞ୍ଚଳରେ କିଛି ସମୟ ପାଇଁ ରଥ ରଖାଯିବାର ପରମ୍ପରା ଥିଲା। ସେହି ସ୍ଥାନରେ ଏକ ଦେବୀ ମଣ୍ଡପ ଥିଲା ଏବଂ ସେଠାରେ ଠାକୁରଙ୍କ ଶୀତଳ ମଣୋହି ଅର୍ପିତ ହେଉଥିଲା ବୋଲି ଚୈତନ୍ୟ ଚରିତ୍ରାମୃତରେ ବର୍ଣ୍ଣନା କରାଯାଇଛି। ସେଠାରେ ଏକ ସୁନ୍ଦର ଉଦ୍ୟାନ ଥିଲା ଏବଂ ସେଠାରୁ ଭୋଗ ଅର୍ପଣ କରାଯାଉଥିଲା। ସେଠାରେ ମଧ୍ୟ ସାଲବେଗଙ୍କ ସମାଧି ରହିଛି।

# ପହଣ୍ଡିବିଜେରେ ଆକର୍ଷଣ ଟାହିଆ



ରଥଯାତ୍ରାର ଅନ୍ୟତମ ଆକର୍ଷଣ ହେଲା ପହଣ୍ଡିବିଜେ। ପହଣ୍ଡିରେ ଦିଅଁ ଆସନ୍ତି ଝୁଲି ଝୁଲି। ବଡ ଠାକୁର ବଳଭଦ୍ର, ମହାପ୍ରଭୁଙ୍କ ଜଗନ୍ନାଥଙ୍କ ପହଣ୍ଡିବିଜେ ଦେଖିବା ପାଇଁ ଭକ୍ତ ମନ ବ୍ୟାକୁଳ ଥାଏ। ଆଉ ଏହି ଦୃଶ୍ୟ ଦେଖି ଭକ୍ତିଭାବ ଆହୁରି ବଢିଯାଏ। ପହଣ୍ଡି ସମୟରେ ଟାହିଆ ପରିବେଶକୁ ଆହୁରି ଭକ୍ତିମୟ କରେ। ପ୍ରତିବର୍ଷ ଏହି ଟାହିଆ ଯୋଗାଇଥାଏ ପୁରୀସ୍ଥିତ ରାଘବଦାସ ମଠ। ଠାକୁରଙ୍କର ଯେତେଥର ପହଣ୍ଡି ବିଜେ ହୁଏ ସେତେଥର ଏହି ମଠ ପକ୍ଷରୁ ଟାହିଆ ଯୋଗାଇ ଦିଆଯାଏ। ସୋଲ, ଜରି, ଜାମ୍ଭୁରାରେ ନିର୍ମିତ ଏହି ଟାହିଆ ଠାକୁରଙ୍କ ମୁଣ୍ଡରେ ଶୋଭା ପାଇଥାଏ।

# ପୂର୍ବରୁ ଦୁଇଥର ଗଡ଼ିନି ସର୍ବୋଚ୍ଚ ରଥ



କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀଶ୍ରୀ ବଳଦେବଜୀଉ। ସେ ବଡଠାକୁର ଭାବେ ବିଦିତ ହୋଇଥିଲେବି ଏଠାରେ ତାଙ୍କ ରଥର ନାମ ନନ୍ଦିଘୋଷ। ଚଳିତ ବର୍ଷ କରୋନା ମହାମାରୀକୁ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏଠାରେ ରଥଯାତ୍ରା ହେବନାହିଁ। ଅର୍ଥାତ କେନ୍ଦୁଝରର ବଡଦାଣ୍ଡରେ ଏବର୍ଷ ଗଡିବନି ସର୍ବୋଚ୍ଚ ରଥ । ପୂର୍ବରୁ ବିଭିନ୍ନ କାରଣରୁ ଏଭଳି ଦୁଇ ଥର ରଥ ଟଣା ହୋଇ ନ ଥିବା କୁହାଯାଏ ।

ଏଠାକାର ଶ୍ରୀଶ୍ରୀବଳଦେବଜୀଉ ମନ୍ଦିର ଓ ରଥଯାତ୍ରା ସଂସ୍କୃତି ପ୍ରାୟ ୪୦୦ ବର୍ଷର ପୁରୁଣା । 'ଏକଦା ରଥଯାତ୍ରା ସମୟରେ ଶ୍ରୀଜୀଉଙ୍କୁ ରଙ୍ଗ ଦିଆଯାଇନଥିଲା । ସେ ସମୟରେ ଚିତ୍ରକାର ମାନେ ସଦର ବ୍ଲକର ମହାଦେଇଯୋଡାରେ ରହୁଥିଲେ । ଝଡତୋଫାନ ହେବାରୁ ଆସି ପାରିଲେନି। ଏଭଳି ଅବହେଳା ପାଇଁ ରାଜା ସେମାନଙ୍କୁ ବେତ ମାଡ କରି ଦଣ୍ଡିତ କଲେ । କାହିଁକି ବେତ ମାଡ କଲେ ବୋଲି ପ୍ରଶ୍ନ କରି ଚିତ୍ରକାରମାନେ କ୍ଷୁବ୍ଧ ହୋଇ ରଙ୍ଗ ଲଗାଇବାକୁ ଅରାଜି ହେଲେ । ଫଳରେ ରଥଯାତ୍ରାରେ ସମସ୍ୟା ଦେଖାଦେଇଥିଲା । ଶ୍ରୀଜୀଉମାନଙ୍କୁ ରଥ ଉପରକୁ ନିଆଯାଇଥିଲା କିନ୍ତୁ ରଥ ଟଣା ହୋଇ ପାରିନଥିଲା । ଏହା ପରେ ଏଭଳି ସମସ୍ୟା ଆଗକୁ ଯେପରି ନ ହୁଏ ସେଥିପାଇଁ ରାଜା ଛଅ ଚିତ୍ରକାର ପରିବାରକୁ ପୁରୁଣା ବଜାରକୁ ଆଣି ମନ୍ଦିର ନିକଟରେ ଥଇଥାନ କଲେ ବୋଲି ବୋଲି କୁହନ୍ତି ସଂଗ୍ରାହକ ସୁଜିତ ପଟ୍ଟନାୟକ । ଅପରପକ୍ଷରେ ଏଠାକାର ରଥଯାତ୍ରା ଭୂୟାଁ ଜନଜାତି ସଂସ୍କୃତି ସହିତ ଜଡିତ । ତେବେ ଏଠାରେ ଧରଣୀଧର ଭୂୟାଁଙ୍କ ମେଳି ହୋଇଥିବା ସମୟରେ ଗୋଟିଏ ବର୍ଷ ରଥ ଟଣା ବନ୍ଦ ରହିଥିଲା ବୋଲି କେନ୍ଦୁଝର ରାଜା ଧନଞ୍ଜୟ ନାରାୟଣ ଭଞ୍ଜଦେଓ ମତ ଦିଅନ୍ତି।

**–ନରେଶ ଚନ୍ଦ୍ର ପଟ୍ଟନାୟକ**

# ‘କେବଳ ମହାପ୍ରଭୁଙ୍କ ଚମତ୍କାରିତା’

## ମିଳିଲା ଅନୁମତି, ଗଡ଼ିବ ରଥ

**ପୁରୀ ଅଫିସ,୨୨।୬: ଶେଷରେ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଜୟ ହୋଇଛି। ଭକ୍ତର ଡାକ ଶୁଣିଛନ୍ତି ମହାପ୍ରଭୁ। ସେ ଭାବର ଠାକୁର, ପୁଣି ଭକ୍ତବତ୍ସଳ ତାହା ପ୍ରମାଣିତ ହୋଇଛି। ଏ ବର୍ଷ ମହାମାରୀ କରୋନା ପାଇଁ ରଥଯାତ୍ରା ହେବ ନହେବ ଛକାପଞ୍ଝା ଭିତରେ ଶେଷରେ ସୁପ୍ରିମ୍‌କୋର୍ଟଙ୍କଠାରୁ ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ରଥ ଗଡ଼ିବା ଲାଗି ସବୁଜ ସଙ୍କେତ ମିଳିଛି। ସୋମବାର ଅପରାହ୍ନରେ ଏହି ରାୟ ଆସିବା ପରେ ଭକ୍ତଙ୍କ ମହଲରେ ଖେଳିଯାଇଛି ଅଫୁରନ୍ତ ଆନନ୍ଦ। ଏ ନେଇ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ମତାମତ ନିଆଯାଇଥିଲା। ପ୍ରାୟ ସମସ୍ତଙ୍କ ମୁହଁରୁ ଶୁଣିବାକୁ ମିଳିଥିଲା ‘ଏହା କେବଳ ମହାପ୍ରଭୁଙ୍କ ଚମତ୍କାରିତା। ଭକ୍ତର ଡାକ ଶୁଣିଛନ୍ତି କାଳିଆ ଠାକୁର’।**

### ସବୁ ଶ୍ରୀଜଗନ୍ନାଥଙ୍କ ପ୍ରଭାବ



କଥାରେ ଅଛି ପୁଣି କାଳିଆ ଲେଉଟିଲା। ତାହାର ଯଥାର୍ଥତା ପ୍ରତିପାଦିତ ହୋଇଛି। ବର୍ତ୍ତମାନ ରଥଯାତ୍ରାକୁ ନେଇ ଯାହା ହେଉଛି ତାହା ସବୁ ଶ୍ରୀଜଗନ୍ନାଥଙ୍କ ପ୍ରଭାବ। ଯେଉଁମାନେ ମନା କରୁଥିଲେ ସେମାନେ ପୁନଃ ଭଗବାନଙ୍କ ଇଚ୍ଛାଶକ୍ତିରେ ହଁ କଲେ। ତେଣୁ ଏ କେବଳ ମହାପ୍ରଭୁଙ୍କ ଚମତ୍କାରିତା ଛଡ଼ା ଆଉ କିଛି ହୋଇ ନ ପାରେ। କାଳିଆ ଠାକୁର ସୁପ୍ରିମ୍‌ଠାରୁ ଯେ ସୁପ୍ରିମ୍ ତାହା ପ୍ରମାଣିତ କରିଛନ୍ତି। ଚତୁର୍ଦ୍ଧାବିଗ୍ରହଙ୍କ ଚରଣରେ ଅନନ୍ତ କୋଟି ପ୍ରଣାମ। ସୁପ୍ରିମ୍‌କୋର୍ଟଙ୍କ ରାୟର ପରିବର୍ତ୍ତନକୁ ସ୍ୱାଗତ କରୁଛି।

**– ଡ. ରାମଚରଣ ଦାସ ମହାରାଜ, ମହନ୍ତ, ନେବଳ ଦାସ ମଠ, ପୁରୀ**

### ସମାଜର ମଙ୍ଗଳ ହେଉ



ମହାପ୍ରଭୁଙ୍କ ରଥଯାତ୍ରା ହେଉଛି ଶ୍ରୀଗୁଣ୍ଡିଚା ମହୋତ୍ସବର ଅଂଶବିଶେଷ। ଏହି ମହୋତ୍ସବ ୧୩ଟି ଚରଣରେ ସମାପ୍ତ ହୁଏ। ମହୋତ୍ସବର ୫ଟି ଚରଣ ହୋଇସାରିଥିଲା। ବର୍ତ୍ତମାନ ଷଷ୍ଠ ଚରଣରେ ରଥଯାତ୍ରା ଆଶା-ଆଶଙ୍କାରେ ହେବାକୁ ଯାଉଛି। ମହାମାରୀ ସଂକ୍ରମଣ କାଳରେ ଯେଉଁ ନିୟମ ରହିଛି, ତାକୁ ପାଳନ କରିବା ସହଜ କଥା ନୁହେଁ। ଭାବାବେଗ ଏ ସବୁକୁ ଭାଙ୍ଗିଦେଇପାରେ। ସଭିଏଁ ସତର୍କ ରହିବା। ଯେତିକି ଆନନ୍ଦ ବର୍ତ୍ତମାନ ଅନୁଭବ ହେଉଛି, ଯଦି କିଛି ଓଲମବିଲମ ହୋଇଯାଏ ସେ ବେଳକୁ ଦୁଃଖ ଆଉ ସରିବନି। ମହାପ୍ରଭୁ ତାଙ୍କ ଯାତ୍ରାକୁ ସଫଳ କରନ୍ତୁ। ଭଲରେ ଯାଇ, ଭଲରେ ଫେରନ୍ତୁ। ସମାଜର ମଙ୍ଗଳ ହେଉ ଏହା ହିଁ କାମନା।

**– ଡ. ସୁରେନ୍ଦ୍ର କୁମାର ମିଶ୍ର, ଐତିହ୍ୟ ବିଶାରଦ, ପୁରୀ**

### ଭାବ, ଭକ୍ତି ଓ ସମର୍ପଣର ବିଜୟ



କେବଳ ସାଢେ ୪ କୋଟି ଓଡ଼ିଶାବାସୀ ନୁହେଁ, ବିଶ୍ୱର କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବ, ଭକ୍ତି ଓ ସମର୍ପଣର ଏହା ବିଜୟ। ଠାକୁର ପ୍ରମାଣ କରିଛନ୍ତି, ମୁଁ ସାଧୁସନ୍ଥଙ୍କ ପାଖେ ନ ଥାଏ, ଥାଏ ଭକ୍ତ ହୃଦୟରେ। ଏହା ହେବା ପରେ ହିଁ ପ୍ରଶାସନ, ରାଜ୍ୟ ଓ କେନ୍ଦ୍ର ସରକାର ସମସ୍ତଙ୍କ ହୃଦୟ ଭାବମୟ ହେଲା ଓ ବଦଳିଗଲା ରାୟ। ଯେଉଁ ବିଚାରପତି କହିଥିଲେ, ରଥଯାତ୍ରା ହେଲେ ଜଗନ୍ନାଥ ଆମକୁ କ୍ଷମା ଦେବେନି ସେମାନେ ପରୋକ୍ଷରେ କହିଲେ, ରଥଯାତ୍ରା ନ ହେଲେ ଜଗନ୍ନାଥ ଆମକୁ କ୍ଷମା ଦେବେନି?

**– ବଦ୍ରି ମିଶ୍ର, ରାଜ୍ୟ ସଭାପତି, ଶ୍ରୀଜଗନ୍ନାଥ ଧର୍ମ, ସଂସ୍କୃତି ସୁରକ୍ଷା ସଙ୍ଗଠନ**

### ଏକ ନୂଆ ଇତିହାସ ସୃଷ୍ଟି କରିବ



ଯଦି କିଛି ଅଲଗା ହୋଇଥାନ୍ତା ତେବେ ଆମେ ସମସ୍ତେ ମର୍ମାହତ ହୋଇପଡ଼ିଥାନ୍ତେ। ହେଲେ ମହାପ୍ରଭୁ ଭକ୍ତଙ୍କ ଡାକ ଶୁଣିଲେ, ଶେଷ ମୁହୂର୍ତ୍ତରେ କିଛି ଚମତ୍କାର କଲେ। ବିଶ୍ୱବ୍ୟାପୀ ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଦେଖି ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କର ରାୟ ପରିବର୍ତ୍ତନ କରିଛନ୍ତି। ଏହାକୁ ମୁଁ ସ୍ୱାଗତ କରୁଛି। କରୋନା ବିଭୀଷିକା ମଧ୍ୟରେ ରଥଯାତ୍ରା ସୁପରିଚାଳନା କଲେ ଏହା ଏକ ନୂଆ ଇତିହାସ ସୃଷ୍ଟି କରିବ। ଆଗାମୀ ପିଢି ଯଦି ଏମିତି ଅସୁବିଧାର ସମ୍ମୁଖୀନ ହେବେ ତେବେ ଏହାକୁ ଉଦାହରଣ ଭାବେ ନେଇପାରିବେ।

**– ଶାଶ୍ୱତ ମହାପାତ୍ର, ଶ୍ରୀମନ୍ଦିର ପୁରୋହିତ, ପୁରୀ**

### ପୁରୀବାସୀଙ୍କ ତ୍ୟାଗ ସ୍ମରଣୀୟ ରହିବ



ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ସ୍ୱୟଂ ଲୀଳାମୟ। ତାଙ୍କ ଇଚ୍ଛାରେ ହିଁ ସବୁକିଛି ଚାଲିଛି। ଶେଷ ମୁହୂର୍ତ୍ତରେ ମହାପ୍ରଭୁ ଦେଖାଇଛନ୍ତି ଚମତ୍କାରିତା, ଆଉ ବିନା ଭକ୍ତରେ ରଥଯାତ୍ରା କରିବା ଲାଗି ଅନୁମତି ଦେଇଛନ୍ତି ସୁପ୍ରିମ୍‌କୋର୍ଟ। କୋଟି କୋଟି ଭକ୍ତଙ୍କ ଭାବାବେଗର ବିଜୟ ହୋଇଛି। ଏଥିପାଇଁ ପୁରୀବାସୀଙ୍କୁ ନିଶ୍ଚିତ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ। ବଡ଼ଦାଣ୍ଡରେ ରଥ ଗଡୁଥିଲେ ହେଁ ଆମକୁ କୋଭିଡ୍-୧୯ର କଟକଣାକୁ ମାନି ଘରେ ରହିବାକୁ ହେବ। ତେବେ ପୁରୀବାସୀଙ୍କ ଏହି ତ୍ୟାଗ ନିଶ୍ଚିତ ଚିରଦିନ ସ୍ମରଣୀୟ ହୋଇରହିବ।

**– ଶୁଭାଶିଷ ଖୁଣ୍ଟିଆ, ଜିଲା ଜୀବନ ବିନ୍ଦୁ ସଂଯୋଜକ, ପୁରୀ**

### ଜଗନ୍ନାଥପ୍ରେମୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ



ଶେଷ ମୁହୂର୍ତ୍ତରେ ହେଉ ପଛେ ମହାପ୍ରଭୁଙ୍କ ରଥ ବଡ଼ଦାଣ୍ଡରେ ଗଡ଼ିବା ପାଇଁ ଅନୁମତି ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ଏହା ନିଶ୍ଚିତ ପ୍ରତିଟି ଓଡ଼ିଆ ତଥା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଶହ ଶହ ବର୍ଷ ଧରି ରହିଆସିଥିବା ପରମ୍ପରା କରୋନା ପାଇଁ କ୍ଷୁଣ୍ଣ ହୋଇଥାନ୍ତା ବୋଲି ଯେଉଁ ଆଶଙ୍କା ସୃଷ୍ଟି ହୋଇଥିଲା ତାହା ଏବେ ଦୂର ହୋଇଯାଇଛି। ଏବେ ସମସ୍ତେ ଘରେ ବସି ଟିଭିରେ ରଥଯାତ୍ରା ଦେଖିବା ଦରକାର।

**– ଲାଲା ଅନନ୍ତ କୁମାର ସିଂ, ରାଜ୍ୟ ଉପସଭାପତି, ଅଖିଳ ଭାରତ ହିନ୍ଦୁ ମହାସଭା**

### ମହାପ୍ରଭୁଙ୍କ କରୁଣା ଓ କୃପାରୁ ସମ୍ଭବ ହୋଇଛି



ସୁପ୍ରିମ୍‌କୋର୍ଟ ରଥଯାତ୍ରାକୁ ଅନୁମତି ଦେଇଛନ୍ତି। ଏହା କେବଳ ମହାପ୍ରଭୁଙ୍କ କରୁଣା ଏବଂ କୃପାରୁ ସମ୍ଭବ ହୋଇଛି। ଦୀର୍ଘଦିନ ଧରି ଯେଉଁ ଦ୍ୱନ୍ଦ୍ୱ ରହିଥିଲା ତାହାର ସମାପ୍ତ ଘଟିଛି। ଏବେ ବଡ଼ଦାଣ୍ଡରେ ଗଡ଼ିବ ଠାକୁରଙ୍କ ତିନିରଥ। ସମଗ୍ର ବିଶ୍ୱରେ ଥିବା ଆଜି କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ପାଇଁ ଏକ ଖୁସିର ଦିନ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟକୁ ସମ୍ମାନ ଦେଇ କୌଣସି ଭକ୍ତ ବଡ଼ଦାଣ୍ଡକୁ ନ ଆସି ନିଜ ନିଜ ଘରେ ଟିଭି ମାଧ୍ୟମରେ ରଥଯାତ୍ରାକୁ ଦେଖିବା ଲାଗି ଅନୁରୋଧ କରୁଛି। ଏହାକୁ ସଫଳ କରିବା ଲାଗି ରାଜ୍ୟ ସରକାର ଏବଂ ସେବାୟତଙ୍କୁ ସହଯୋଗ କରନ୍ତୁ।

**– କୀର୍ତ୍ତି ପ୍ରକାଶ ଦାସମହାପାତ୍ର, ଦଇତାପତି ସେବକ, ଶ୍ରୀମନ୍ଦିର**

### ସୁପ୍ରିମକୋର୍ଟଙ୍କ ଅନୁମତି ସ୍ୱାଗତଯୋଗ୍ୟ



ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ଠାକୁର। ଦାରୁବିଗ୍ରହଙ୍କ ସମସ୍ତ ନୀତିକାନ୍ତିକୁ ସମ୍ପାଦନ କରି ପରମ୍ପରାକୁ ବଜାୟ ରଖିବା ରାଜ୍ୟ ସରକାରଙ୍କ ଦାୟିତ୍ୱ। କିନ୍ତୁ କେଉଁଠି ନା କେଉଁଠି ଏଥିରେ ବ୍ୟତିକ୍ରମ ଘଟିଲା। ସମନ୍ୱୟ ଅଭାବରୁ ରଥଯାତ୍ରା କାଠଗଡ଼ାକୁ ଟାଣି ହେଲା। ଯାହା ହେଉ ଶେଷରେ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ରାୟର ପୁନର୍ବିଚାର କରି ରଥଯାତ୍ରା ପାଇଁ ଅନୁମତି ଦେବା ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଶହ ଶହ ବର୍ଷର ପରମ୍ପରା ଉଜ୍ଜୀବିତ ରହିବା ସାଙ୍ଗକୁ ଜଗତର ମଧ୍ୟ ମଙ୍ଗଳ ହେବ।

**– ଦିଲୀପ ବରାଳ, ଭକ୍ତ, ପୁରୀ**

### କଟକଣା ଭିତରେ ପାଳନ ହେଉ ରଥଯାତ୍ରା



ସୁପ୍ରିମକୋର୍ଟଙ୍କ ରାୟକୁ ସମ୍ମାନ ଦେବା ସହ ସ୍ୱାଗତ କରୁଛି। ରାଜ୍ୟ ସରକାର ଯଦି ପୂର୍ବରୁ ସୁପ୍ରିମ୍‌କୋର୍ଟଙ୍କ ସମ୍ମୁଖରେ ଉପଯୁକ୍ତ ତଥ୍ୟ ରଖିଥାନ୍ତେ, ତେବେ ଏଭଳି ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା। ଏବେ ରଥଯାତ୍ରା କେମିତି କରୋନା କଟକଣାକୁ ମାନି ପାଳନ ହୋଇପାରିବ, ସେ ଦିଗରେ ରାଜ୍ୟ ସରକାର ଧ୍ୟାନ ଦିଅନ୍ତୁ। ଜନସାଧାରଣ ଏ ଦିଗରେ ସରକାରଙ୍କୁ ସହଯୋଗ କରନ୍ତୁ। ଘରେ ବସି ଯାତ୍ରା ଦେଖନ୍ତୁ। କରୋନା ମହାମାରୀରୁ ରକ୍ଷା ପାଇଁ ଜଗନ୍ନାଥଙ୍କୁ ପ୍ରାର୍ଥନା କରନ୍ତୁ।

**– ସବ୍ୟସାଚୀ ମହାପାତ୍ର, ସଂଯୋଜକ, ନ୍ୟାଶନାଲିଷ୍ଟ ଲୟର୍ସ ଫୋରମ୍, କଟକ**

### ନିର୍ଣ୍ଣୟ ଯୁଗାନ୍ତକାରୀ, ଶ୍ରେୟ ଜଗନ୍ନାଥଙ୍କର



ଜଗନ୍ନାଥ ଏବଂ ସୁପ୍ରିମ୍‌କୋର୍ଟଙ୍କ ଉପରେ ଯେଉଁ ଆସ୍ଥା ଓ ବିଶ୍ୱାସ ରହିଥିଲା, ତାହାର ବିଜୟ ହୋଇଛି। ସାରା ବିଶ୍ୱରେ ରହୁଥିବା ଜଗନ୍ନାଥପ୍ରେମୀଙ୍କ ପାଇଁ ଆଜି ଗର୍ବିତ। ସୁପ୍ରିମ୍‌କୋର୍ଟଙ୍କ ଆଗରେ ଯଦି ପୂର୍ବଥର ସଠିକ୍ ତଥ୍ୟ ରଖାଯାଇଥାନ୍ତା, ତେବେ ସେଇଥର ହିଁ ରଥଯାତ୍ରା ପାଇଁ ଅନୁମତି ମିଳିଥାନ୍ତା। କିନ୍ତୁ ତଥ୍ୟ ରଖିବାରେ ଅବହେଳା ହୋଇଥିଲା। ସୁପ୍ରିମ୍‌କୋର୍ଟଙ୍କ ନିର୍ଣ୍ଣୟ ଯୁଗାନ୍ତକାରୀ। ସବୁ ଶ୍ରେୟ ଜଗନ୍ନାଥଙ୍କର।

**– ବିଜୟ କୁମାର ରଗଡ଼, ଆଇନଜୀବୀ, କଟକ**

### ଓଡ଼ିଶାବାସୀଙ୍କ ଆସ୍ଥାର ବିଜୟ ହୋଇଛି



ଶ୍ରୀଜଗନ୍ନାଥ ଆସ୍ଥାର ଠାକୁର। ଶ୍ରୀମନ୍ଦିର ଓଡ଼ିଶାର ଆସ୍ଥାପୀଠ। କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାଙ୍କ ପ୍ରତି ଓଡ଼ିଶାବାସୀଙ୍କ ଭାବାବେଗ ଓ ରଥଯାତ୍ରାକୁ ନେଇ ଯେପରି କାଠଗଡ଼ାରେ ଖେଳ ଚାଲିଲା, ମନେହେଲା ଏହି ଦାରୁବ୍ରହ୍ମଙ୍କୁ ଶାସନ ଓ ପ୍ରଶାସନରେ ଥିବା ଲୋକେ କାଠ କଣ୍ଢେଇ ବୋଲି ଭାବୁଛନ୍ତି। ଶେଷରେ ଅଗଣିତ ଓଡ଼ିଶାବାସୀଙ୍କ ଆସ୍ଥାର ବିଜୟ ହେଲା। ସୁପ୍ରିମକୋର୍ଟରେ ଶେଷ ଶୁଣାଣିବେଳେ ମାନ୍ୟବର ସଲିସିଟର ଜେନେରାଲ କହିଛନ୍ତି, ଏପରି ଗୋଟିଏ ପୀଠ ଓ ପ୍ରଭୁଙ୍କୁ ନେଇ ଶତାବ୍ଦୀ ଶତାବ୍ଦୀର ଯେଉଁ ପରମ୍ପରା ପ୍ରତିଷ୍ଠିତ। ତାହାକୁ ଏପରି ଭାବରେ ଭଙ୍ଗାଯାଇ ପାରିବ ନାହିଁ। ଆଶା, ଏଣିକି ଶାସନତନ୍ତ୍ର ସହ ସମ୍ପୃକ୍ତ ଶାସକ ଓ ପ୍ରଶାସକମାନେ ଏ ଦିଗରେ ଧ୍ୟାନ ଦେବେ। ନ ହେଲେ, ଓଡ଼ିଶାର ଲୋକେ ସେମାନଙ୍କୁ ଇନ୍ଦ୍ରଦ୍ୟୁମ୍ନଙ୍କ ପରି ନୁହେଁ, କଳାପାହାଡ଼ ପରି ମନେରଖିବେ।

**– ଅସିତ ମହାନ୍ତି, ଜଗନ୍ନାଥ ସଂସ୍କୃତି ଗବେଷକ**

### ସମାନ କୃପା ଲାଭକରିବେ ଶ୍ରଦ୍ଧାଳୁ



ଆମ ଇସ୍କନ ରଥଯାତ୍ରା ବନ୍ଦ ହୋଇଛି, ଦୁଃଖ ନାହିଁ। ହେଲେ ପୁରୀ ରଥଯାତ୍ରାକୁ ସୁପ୍ରିମକୋର୍ଟ ଅନୁମତି ଦେବା ଆମ ପାଇଁ ଖୁସିର କଥା। ବର୍ତ୍ତମାନର କରୋନା ସ୍ଥିତିରେ ଲୋକଙ୍କ ସ୍ୱାସ୍ଥ୍ୟ ଓ ଜୀବନ ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ ନିୟମକୁ ମାନି ଆମ ଭଳି ଅନୁଷ୍ଠାନମାନେ ରଥଯାତ୍ରା ବନ୍ଦ କରିବାର ଆବଶ୍ୟକତା ଥିଲା। ହେଲେ ପୁରୀ ହେଉଛି ମହାପ୍ରଭୁଙ୍କର ନିଜ କ୍ଷେତ୍ର। ସେଠାରେ ଯେମିତି ବି ହେଲେ ରଥଯାତ୍ରା ହେବା ଉଚିତ। ବିଳମ୍ବରେ ହେଲେ ମଧ୍ୟ ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି। ଟିଭି, ଭିଡିଓ ମାଧ୍ୟମରେ ପୁରୀ ରଥଯାତ୍ରା ପ୍ରସାରିତ ହେଲେ ବିଶ୍ୱର କୋଣ ଅନୁକୋଣରେ ଥିବା ଭକ୍ତ ଓ ଶ୍ରଦ୍ଧାଳୁ ପ୍ରଭୁଙ୍କ ଆଶୀର୍ବାଦ ଲାଭ କରିପାରିବେ। ନାମ, ରୂପ, ବିଗ୍ରହ ଦର୍ଶନରୁ ସମାନ କୃପା ମିଳିବ।

**– ଉପେନ୍ଦ୍ର ମିଶ୍ର ଦାସ, ଇସ୍କନ ମନ୍ଦିର, ଭୁବନେଶ୍ୱର**

### ରଥଯାତ୍ରାଠାରୁ ଜୀବନ ଅଧିକ ମୂଲ୍ୟବାନ



ଜୀବନ ଅଧିକ ଗୁରୁତ୍ୱପୂର୍ଣ୍ଣ। ରଥଯାତ୍ରା ୧୨ବର୍ଷ ନ ହେଉ ପଛେ, କିନ୍ତୁ ଜୀବନ ଯିବା ପାଇଁ ଆମେ ଅନୁମତି ଦେବା ଅନୁଚିତ। କରୋନା ପାଇଁ ସାରା ବିଶ୍ୱ ଯେତେବେଳେ ଆତଙ୍କିତ, ଏହା ଭିତରେ ରଥଯାତ୍ରା ପାଇଁ ଅନୁମତି ଦେବା ଗୁରୁତର ଅପରାଧ। ପୂର୍ବରୁ ସୁପ୍ରିମକୋର୍ଟ ଠିକ୍ ନିଷ୍ପତ୍ତି ନେଇଥିଲେ। ହେଲେ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ସ୍ୱାର୍ଥ ସାଧନ ପାଇଁ ଏହା କରାଯାଇଛି। ତେଣୁ ବର୍ତ୍ତମାନର ନିଷ୍ପତ୍ତିକୁ ମୁଁ ସ୍ୱାଗତ କରୁନି।

**– ଦେବେନ୍ଦ୍ରନାଥ ଶତପଥୀ, ଉପଦେଷ୍ଟା, କୋଳଥିଆ ଜଗନ୍ନାଥ ମନ୍ଦିର**

### ଆମ ରଥଯାତ୍ରା ବନ୍ଦହେଲେ ଦୁଃଖନାହିଁ, ପୁରୀରେ ହେଉ



ଆମ ଭଳି ଛୋଟ ବଡ଼ ମନ୍ଦିରରେ ରଥଯାତ୍ରା ବନ୍ଦ ହେଲେ କିଛି ଅସୁବିଧା ନାହିଁ। ହେଲେ ପୁରୀରେ ରଥଯାତ୍ରା ହେବାର ଥିଲା। ମହାପ୍ରଭୁଙ୍କ ରଥ ଯେମତି ହେଲେ ଗଡୁ। ଏହା ହିଁ କାମନା। ସୁପ୍ରିମକୋର୍ଟଙ୍କ ଆଜିର ନିଷ୍ପତ୍ତିକୁ ସ୍ୱାଗତ କରୁଛୁ। ଗଣମାଧ୍ୟମ ଓ ଟିଭି ଜରିଆରେ ପୁରୀ ରଥଯାତ୍ରାର ସିଧାପ୍ରସାରଣ କରାଯାଉ। ସୁପ୍ରିମକୋର୍ଟଙ୍କ ସର୍ତ୍ତକୁ ସରକାର ଓ ପୁରୀର ଜନସାଧାରଣ ମାନନ୍ତୁ।

**– ଅଜୟ କୁମାର ପଟ୍ଟନାୟକ, ଜାଗମରା ଜଗନ୍ନାଥ ମନ୍ଦିର**

### ମନକୁ ଶାନ୍ତି ମିଳିଲା



ସେ ଜଗତର ନାଥ, ଦୁଃଖୀର ସାଥୀ, ରୋଗର ଔଷଧ ଓ ଆଶାର ପ୍ରତୀକ। ଜଣେ ଜଗନ୍ନାଥପ୍ରେମୀ ଏହା ହିଁ ବିଶ୍ୱାସ କରେ। ପ୍ରଭୁ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ। ରଥଯାତ୍ରା ହେବ ବୋଲି ଜାଣି ମନକୁ ଶାନ୍ତି ମିଳିଲା। କୋଭିଡ୍ ଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ପ୍ରଭୁ ଜଗତବାସୀଙ୍କୁ ଆଶୀର୍ବାଦ କରିବାକୁ ବଡ଼ଦାଣ୍ଡକୁ ଆସିବେ। ତା’ଠାରୁ ବଡ଼ ଆମ ପାଇଁ ଆଉକିଛି ନାହିଁ। ସମସ୍ତଙ୍କର ଜୀବନ ଶୁଭମୟ ହେଉ ଏବଂ ଜୀବନ ଜୀବିକାରେ ସୁଧାର ଆସୁ ଏହା ହିଁ ଗୁହାରି।

**– ଅନିଶ ରଥ, ଛାତ୍ରନେତା**

### ପାଖକୁ ନ ଗଲେ ବି ଗୁହାରି ଶୁଣିବେ



ଓଡ଼ିଆ ଜାତିର ଆଶା ଓ ଭରସା ମହାପ୍ରଭୁଙ୍କ ରଥଯାତ୍ରାକୁ ନେଇ ଉଠିଥିବା ଦ୍ୱନ୍ଦ୍ୱ ଦୂର କରିଥିବାରୁ ସର୍ବପ୍ରଥମେ ସୁପ୍ରିମକୋର୍ଟଙ୍କୁ ମୁଁ ଓଡ଼ିଆ ଜାତି ତରଫରୁ କୃତଜ୍ଞତା ଜଣାଉଛି। ଆମ ପ୍ରଭୁ ଆମ ଗୁହାରି ଶୁଣିଛନ୍ତି, ସାଢେ ଚାରି କୋଟି ଜଗନ୍ନାଥ ପ୍ରେମୀଙ୍କର ମନରେ ଖୁସିର ଲହରି ଖେଳାଇଛନ୍ତି। ଭକ୍ତସମାଜ ଶ୍ରୀଜୀଉଙ୍କ ପାଖକୁ ନ ଯାଇ ପାରିଲେ ମଧ୍ୟ ଗୁହାରି ଜଣେଇ ପାରିବେ। ପ୍ରତିବର୍ଷ ପରି ମହାପ୍ରଭୁ ତାଙ୍କ ଦୁଃଖ ଶୁଣିବାକୁ ଆସିବେ ଓ ଏବର୍ଷ କରୋନା ଭଳି ମହାମାରୀରୁ ଉଦ୍ଧରିବା ପାଇଁ ପ୍ରଭୁ ଗୁହାରି ଶୁଣିବେ।

**– ପ୍ରଦେଶ ସ୍ୱାଇଁ, ଯୁବନେତା**

### ସବୁ ପ୍ରଭୁଙ୍କ ଲୀଳା



ରଥଯାତ୍ରାକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ ପ୍ରତି ଓଡ଼ିଶାବାସୀଙ୍କ ମନରେ ଖୁସି ଓ ବିଶ୍ୱାସର ଭାବନାକୁ ପୁଣି ସାଉଣ୍ଟିଛି। ପ୍ରଭୁ ଜଗନ୍ନାଥଙ୍କ ଲୀଳା ଯେ କେତେ ଚମତ୍କାର ତାହା ଆଜି ପୁଣି ଅନୁଭବ ହୋଇଛି। କାହିଁ କେଉଁ ଆବହମାନ କାଳରୁ ହୋଇଆସୁଥିବା ରଥଯାତ୍ରା ବନ୍ଦ କରିବା ନିଷ୍ପତ୍ତି ଆଦୌ ଯଥାର୍ଥ ନ ଥିଲା। ‘କରି କରାଉ ଥାଏ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ’। ଏକଥା ସ୍ୱୟଂ ଭଗବାନ କହିଛନ୍ତି, ଏବେ ତାହା ପ୍ରମାଣିତ କରିଛନ୍ତି।

**– ତୁଷାରକାନ୍ତ ସ୍ୱାଇଁ, ଫଟୋଗ୍ରାଫର**

### ସୁପ୍ରିମକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ



ସୁପ୍ରିମକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ। ଶ୍ରୀକ୍ଷେତ୍ର ରଥଯାତ୍ରା ସହିତ ବିଶ୍ୱର କୋଟି କୋଟି ଭକ୍ତଙ୍କ ଭାବବେଗ ଜଡିତ ରହିଛି। ବିଳମ୍ବରେ ହେଲେ ମଧ୍ୟ ଏହି ରାୟ ପ୍ରକାଶ ପରେ ଅତ୍ୟନ୍ତ ଖୁସି ଲାଗୁଛି। ଅନ୍ତତଃ ରଥରେ ନ ହେଲେ ନାହିଁ ଟିଭି ପରଦାରେ ଦେଖିବାର ସୁଯୋଗ ମିଳିବ।

**– ମମତାଞ୍ଜଳୀ ପଟ୍ଟନାୟକ, ଶିକ୍ଷାବିତ୍, ଖୋର୍ଦ୍ଧା**

### ରାୟ ପରେ ଆଶ୍ୱସ୍ତି ମିଳିଛି



ମହାପ୍ରଭୁଙ୍କ ପରମ୍ପରା ନୀତିକାନ୍ତିର ବିଶେଷତା ରହିଛି। କାଳିଆ ସାଆନ୍ତ ଭକ୍ତଙ୍କ ଲାଗି ରତ୍ନବେଦୀରୁ ଓହ୍ଲାଇ ଆସି ଭାଇ ଭଉଣୀଙ୍କ ସହିତ ରଥାରୂଢ଼ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ପୁନଃ ରଥଯାତ୍ରା ଲାଗି ସୁପ୍ରିମକୋର୍ଟ ରାୟ ଦେବା ପରେ ଆଶ୍ୱସ୍ତି ମିଳିଛି। କୋଭିଡ୍-୧୯ କଟକଣା ମଧ୍ୟରେ ରଥଯାତ୍ରା ଶୃଙ୍ଖଳିତ ଭାବେ ହେଉ ଏହା ଆଶା କରୁଛି। ପ୍ରତ୍ୟକ୍ଷ ଦର୍ଶନ ନ ହେଲେ ମଧ୍ୟ ଆନନ୍ଦ ମିଳିବ।

**– ସୀତାକାନ୍ତ ପଣ୍ଡା, ସାମାଜିକ କର୍ମୀ, ଖୋର୍ଦ୍ଧା**



ପୁରୀ ବଡ଼ଦାଣ୍ଡରେ ସୁସଜ୍ଜିତ ତିନି ରଥ।



ଆଜ୍ଞାମାଳ ବିଜେ ପରେ ରଥରେ ବିଜେ କାହାଳି ବଜାଯାଉଛି।

# ଆବେଦନକାରୀଙ୍କ ଘର ଉପରକୁ ଟେକା, ଅଣ୍ଡାମାଡ଼

ଭୁବନେଶ୍ୱର,୨୨।୬ (ବ୍ୟୁରୋ)/ କଟକ ରୋଡ, (ଡି.ଏନ୍.ଏ.)




### ରଥଯାତ୍ରା ବନ୍ଦ ପାଇଁ ପିଟିଶନ କରିଥିଲେ ସୁଶାନ୍ତ ପାଢ଼ୀ

- ପୋଲିସ ଉପସ୍ଥିତିରେ କାର ଓ ଘର ଝରକା କାଚ ଭଙ୍ଗାରୁଜା
- ଠାକୁର ଘର ଭିତରକୁ ମଧ ଅଣ୍ଡାମାଡ଼ କରିଥିଲେ ଦୁର୍ବୃତ୍ତ
- ଆକ୍ରମଣକାରୀଙ୍କ ସହ ଧସ୍ତାଧସ୍ତି, ଏକାଧିକ ପୋଲିସ ଆହତ
- ରାସ୍ତା ସିଲ୍ ସହ ୨ ପ୍ଲାଟୁନ ଫୋର୍ସ ମୁତୟନ

ରଥଯାତ୍ରା ବନ୍ଦ ପାଇଁ ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିବା ଓଡ଼ିଶା ବିକାଶ ପରିଷଦ ସଭାପତି ସୁଶାନ୍ତ ପାଢ଼ୀଙ୍କ ଘର ଉପରକୁ ସୋମବାର ଟେକା, ପଥର ଓ ଅଣ୍ଡାମାଡ଼ ହୋଇଛି। କେତେଜଣ ଯୁବକ ସଂଘବଦ୍ଧ ଭାବେ ସୁଶାନ୍ତ ରହୁଥିବା ଲକ୍ଷ୍ମୀସାଗର ସାଇବିହାରସ୍ଥିତ ଫ୍ଲଟ ନଂ.୧୩୮୪ ଭଡ଼ାଘର ଉପରକୁ ଆକ୍ରମଣ କରିଛନ୍ତି। ଫଳରେ ଘରର ଝରକା ଓ ଘର ମାଲିକଙ୍କ କାର୍ କାଚ ଭାଙ୍ଗିରୁଜି ଯାଇଛି। ଏଥିସହ ସେମାନେ ସୁଶାନ୍ତଙ୍କ ଠାକୁର ଘର ଭିତରକୁମଧ ଅଣ୍ଡାମାଡ଼ କରିଥିବା ଅଭିଯୋଗ ହୋଇଛି। ଏପରି କି ସୁଶାନ୍ତଙ୍କ ଘର ଆଗରେ ଜଗି ରହିଥିବା ପୋଲିସଙ୍କ ସହ ସମ୍ପୃକ୍ତ ଯୁବକଙ୍କ ଧସ୍ତାଧସ୍ତି ହୋଇଥିଲା। ପୋଲିସ ଉପରକୁ ଇଟା ମାଡ଼ କରିବାରୁ କେତେଜଣ ସାମାନ୍ୟ ଆହତ ହୋଇଛନ୍ତି। ଏ ନେଇ ସୁଶାନ୍ତ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ସୁଶାନ୍ତଙ୍କ ଘର ନିକଟରେ ଲାଗିଥିବା ସିସିଟିଭି ଆଧାରରେ ପୋଲିସ ଆକ୍ରମଣକାରୀଙ୍କୁ ଚିହ୍ନଟ କରିଛି। ୧୫ଜଣ ଯୁବକ ୪ଟି ବୁଲେଟ୍ ଓ ୩ଟି ବାଇକରେ ଆସି ଏଭଳି କାଣ୍ଡ ଘଟାଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ସେମାନଙ୍କୁ ଧରିବାକୁ ପୋଲିସ ଟିମ୍ ଚଢ଼ାଉ ଜାରି ରଖିଛି। ଅନ୍ୟପକ୍ଷରେ ଅତିରିକ୍ତ ଡିସିପି ରାଜକିଶୋର ପାଇକରାୟ, ଲକ୍ଷ୍ମୀସାଗର ଥାନା ଅଧିକାରୀ ଦୟାନିଧି ନାୟକ, ରବୀନ୍ଦ୍ରନାଥ ଶତପଥୀ, ଶହୀଦନଗର ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚ କରିଛନ୍ତି। ପରେ ସୁଶାନ୍ତଙ୍କ ଘର ସମ୍ମୁଖ ରାସ୍ତାକୁ ସିଲ୍ କରାଯିବା ସହ ଦୁଇ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ଅଭିଯୋଗ ଅନୁଯାୟୀ, କୋଭିଡ୍-୧୯ ଭୟାବହତାକୁ ଦୃଷ୍ଟିରେ ରଖି ଚଳିତବର୍ଷ ପୁରୀ ରଥଯାତ୍ରା ବନ୍ଦ ପାଇଁ ସୁଶାନ୍ତ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାୟର କରିଥିଲେ। ଗତ ୧୮ ତାରିଖରେ ୩ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରି ରଥଯାତ୍ରା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରଠୁ ତାଙ୍କୁ ବିଭିନ୍ନ ଧମକ ଚମକ ଦିଆଯାଉଥିଲା। ଏ ନେଇ ସେ ଲକ୍ଷ୍ମୀସାଗର ଥାନାରେ ଜଣାଇବା ସହ ସୁରକ୍ଷା ମାଗିଥିଲେ। ଏହାପରେ ତାଙ୍କ ଘର ଆଗରେ ପୋଲିସ ମୁତୟନ କରାଯାଇଥିଲା। ସୋମବାର ଏହାର ପୁନର୍ବିଚାର ପାଇଁ ହୋଇଥିବା ଏକାଧିକ ପିଟିଶନର ଚୂଡ଼ାନ୍ତ ରାୟ ପୂର୍ବରୁ ଅର୍ଥାତ୍ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ରେ ସୁଶାନ୍ତ ଘର ଗ୍ରୀଲ ବନ୍ଦ କରି ଛିଡ଼ା ହୋଇଥିଲେ। ଘର ଆଗରେ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ହେଲେ ହଠାତ୍ ୧୫ଜଣ ଯୁବକ ଚିତ୍କାର କରି ତାଙ୍କ ଘର ନିକଟକୁ ବାଇକରେ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ସେମାନେ ଆଣିଥିବା ଅଣ୍ଡାକୁ ଘର ଉପରକୁ ଓ ଭିତରକୁ ଫିଙ୍ଗିଥିଲେ। ଏଥିସହ ନିକଟରେ ଗଦା ହୋଇଥିବା ଇଟା ଓ ପଥରକୁ ଧରି ଘର ଉପରକୁ ମାଡ଼ କରିଥିଲେ। ପୋଲିସ ଅଟକାଇବାରୁ ସେମାନଙ୍କୁ ମଧ ଆକ୍ରମଣ କରିଥିଲେ। ଏହାଦେଖି ସୁଶାନ୍ତ ଓ ପରିବାରର ଅନ୍ୟ ସଦସ୍ୟମାନେ ଭୟଭୀତ ହୋଇ ବେଡ଼ରୁମ୍ ଭିତରକୁ ପଶିଯାଇ କବାଟ ଓ ଝରକା ବନ୍ଦ କରିଦେଇଥିଲେ। ସମ୍ପୃକ୍ତ ଯୁବକମାନେ ଝରକାକୁ ଟେକାମାଡ଼ କରି ଫେରାର ହୋଇଯାଇଥିଲେ।

**ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା**

# ଗଡ଼ିବନି ବ୍ରହ୍ମ ତାଳଧ୍ୱଜ ରଥ

କେନ୍ଦ୍ରାପଡ଼ା,୨୨।୬

ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଇଚ୍ଛାପୁର ରଥଦାଣ୍ଡରେ ଗଡିବନି। ରଥଯାତ୍ରା ପାଇଁ ରଥ ନିର୍ମାଣ ସରିଥିଲେ ମଧ୍ୟ କପଡା ଘୋଡଣିକୁ ବନ୍ଦ କରାଯାଇଛି । ସୁପ୍ରିମକୋର୍ଟଙ୍କ ରାୟ ପ୍ରକାଶ ପରେ ପୁରୀ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ରଥ ଗଡିବ। ତେବେ ବଡଭାଇ ଶ୍ରୀ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ କାହିଁକି ଗଡିବ ନାହିଁ କହି ସେବାୟତମାନେ ଶ୍ରୀଜୀଉଙ୍କ ମନ୍ଦିର ସମ୍ମୁଖରେ ସୋମବାର ଅପରାହ୍ନରେ ଧାରଣାରେ ବସିଛନ୍ତି। ଅପରପକ୍ଷେ ଟ୍ରଷ୍ଟ ପକ୍ଷରୁ ଶ୍ରୀଜୀଉଙ୍କ ରଥର ପ୍ରତୀକାତ୍ମକ ଭାବେ ସ୍ନାନ ମଣ୍ଡପ ହେବ ବୋଲି ଗଣମାଧ୍ୟମକୁ ସୂଚନା ମିଳିଛି। ଏହି ସୂଚନା ଅନୁଯାୟୀ,

### ଧାରଣାରେ ବସିଲେ ସେବାୟତ

ମଙ୍ଗଳବାର ସକାଳ ୫ଟାରେ ଶ୍ରୀଜୀଉଙ୍କ ଜୟମଙ୍ଗଳ ଆଳତି ହେବ। ପୂର୍ବାହ୍ନ ୧୧ଟା ସୁଦ୍ଧା ସେନାପଟା ଆରମ୍ଭ ହୋଇ ଅପରାହ୍ନ ୨ଟା ସୁଦ୍ଧା ସ୍ନାନମଣ୍ଡପକୁ ବିଜେ କରିବେ। ଏଠାରେ ଦୁଇଦିନ ଧରି ରଥରେ ନୀତିକାନ୍ତି ସମାପନ ହେବ। ୨୫ ତାରିଖ ସନ୍ଧ୍ୟା ୮ଟାରେ ଶ୍ରୀଜୀଉଙ୍କ ଜଗମୋହନ ମନ୍ଦିରରେ ପ୍ରସ୍ତୁତ ମାଉସୀମା' ଆଡପ ମଣ୍ଡପକୁ ବିଜେ କରିବେ। ଅପରପକ୍ଷେ ସେବାୟତମାନେ ସ୍ନାନମଣ୍ଡପରେ ରଥ ନୀତି ପରିବର୍ତ୍ତେ ବ୍ରହ୍ମ ତାଳଧ୍ୱଜ ରଥ ଗଡିବାକୁ ଗୁରୁତ୍ୱ ଦେଇଛନ୍ତି। ଏ ସମ୍ପର୍କରେ ସେବାୟତ ଗଗନ ପତ୍ରୀ, ନୃସିଂହ ପ୍ରସାଦ ପତ୍ରୀ, ଶଶିକାନ୍ତ ସୁଆର, ଧର୍ମଦର୍ଶୀ କର ପ୍ରମୁଖ କୁହନ୍ତି, ରଥ ଗଡିବା ନେଇ ଜିଲା ପ୍ରଶାସନ ହସ୍ତକ୍ଷେପ କରନ୍ତୁ। ଶ୍ରୀଜୀଉଙ୍କ ଟ୍ରଷ୍ଟ ଅଧ୍ୟକ୍ଷ ତଥା ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର କୁହନ୍ତି, କୋଭିଡ୍ ୧୯ ପାଇଁ ସାରା ଦେଶରେ କଟକଣା ଜାରି ହୋଇଛି। ପୂର୍ବରୁ ରଥଯାତ୍ରା ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ସମ୍ପର୍କରେ ସେବାୟତଙ୍କ ସହିତ ଆଲୋଚନା ହୋଇଛି। ସୁପ୍ରିମକୋର୍ଟ ମଧ୍ୟ ଶ୍ରୀକ୍ଷେତ୍ର ବ୍ୟତୀତ ଅନ୍ୟ କେଉଁ ସ୍ଥାନରେ ରଥଯାତ୍ରା ପାଇଁ ଅନୁମତି ଦେଇ ନ ଥିବା ଉପଜିଲାପାଳ କହିଛନ୍ତି । ମନ୍ଦିର ପରିସରରେ ସୋମବାର ରାତି ୮ଟାରୁ ୨୫ ତାରିଖ ରାତି ୧୨ ଟା ପର୍ଯ୍ୟନ୍ତ ୧୪୪ ଧାରା ଜାରି କରିଛନ୍ତି ଉପଜିଲାପାଳ।







# ନୟାଗଡ଼ ସହରର ୨୨ ସୁନା ଦୋକାନ ସିଲ୍

ନୟାଗଡ଼ ଅଫିସ/ରଣପୁର/ନୂଆଗାଁ, ୨୨।୬(ସ୍ୱ.ପ୍ର./ଡି.ଏନ୍.ଏ.)

### ୧୩ ଆକ୍ରାନ୍ତ ପରେ ବଢ଼ିଲା ସଂକ୍ରମଣ ଭୟ

ନୟାଗଡ଼ ଜିଲାରେ ସୋମବାର ୧୩ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଭୟ ବଢ଼ିଛି। ଆକ୍ରାନ୍ତଙ୍କ ମଧ୍ୟରେ ଗୋଟିଏ ପରିବାରର ୬ଜଣ ଅଛନ୍ତି। ସଂକ୍ରମଣ ରୋକିବା ପାଇଁ ଜିଲାପାଳ ପୋମା ଟୁଡୁଙ୍କ ନିର୍ଦ୍ଦେଶରେ ପୌର ପ୍ରଶାସନ ପକ୍ଷରୁ ଜିଲା ସଦର ମହକୁମାରେ ଥିବା ୨୨ ସୁନା ଦୋକାନ ସିଲ୍ କରାଯାଇଛି। ଯେଉଁମାନେ ସ୍ୱାବ୍ ଟେଷ୍ଟ କରୁଛନ୍ତି ସେମାନଙ୍କୁ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ୭ଦିନ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯାଇଛି। ପ୍ରକାଶ ଯେ, ଗତ ୧୮ ତାରିଖରେ ଖଣ୍ଡପଡ଼ା ରୋଡରେ ଥିବା ଜଣେ ସୁନା ବ୍ୟବସାୟୀ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହା ପରେ ନୟାଗଡ଼ ସହରର ୧୦ନଂ. ୱାର୍ଡ ଦେବୋତ୍ତର କଲୋନୀର ତାଙ୍କ ପରିବାର ସଦସ୍ୟଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇ ସ୍ୱାବ୍ ଟେଷ୍ଟ ପାଇଁ ପଠାଯାଇଥିଲା। ଏମାନଙ୍କ ମଧ୍ୟରୁ ୬ଜଣଙ୍କର ପଜିଟିଭ୍ ଆସିଛି। ସେହିପରି ଉକ୍ତ ଯୁବକଙ୍କ ସଂସ୍ପର୍ଶରେ ଆସିଥିବା ଜଣେ ପୋଲିସ କର୍ମଚାରୀ ମଧ୍ୟ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସୋମବାର ୧୩୦ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷଣ ପାଇଁ ପଠାଯାଇଛି। ଅନ୍ୟପକ୍ଷେ ନୂଆଗାଁ ବ୍ଲକ ବେରୁଆଁବାରି ଓ ଗାତେରି କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୨ଜଣ ଲେଖାଏ ୪ଜଣ ଓ ରଣପୁର ବ୍ଲକ ସୁର୍କାବାଡି ସଙ୍ଗରୋଧ କେନ୍ଦ୍ରରୁ ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସିଡିଏମ୍‌ଓ ସୁଧାଂଶୁ ଶେଖର ଷଡଙ୍ଗୀ କହିଛନ୍ତି।







# ଗୁଆ, ହଳଦୀ, ଜାଇଫଳରେ କଲେ କ୍ଷୁଦ୍ରତମ ୩ ରଥ

**ବ୍ରହ୍ମପୁର ଅଫିସ,୨୨।୬:** ଖାଦ୍ୟଶସ୍ୟରେ ବିଶ୍ୱର କ୍ଷୁଦ୍ରତମ ୩ ରଥ ନିର୍ମାଣ କରି ଚର୍ଚ୍ଚାକୁ ଆସିଛନ୍ତି ବ୍ରହ୍ମପୁରର ଶିଳ୍ପୀ ହରିଗୋବିନ୍ଦ ମହାରଣା । ଗ୍ୟାରେଜ କରି ନିଜ ଗୁଜୁରାଣ ମେଣ୍ଟାଉଥିବା ହରିଗୋବିନ୍ଦ ଖାଦ୍ୟଶସ୍ୟରେ ୩ ଠାକୁରଙ୍କ ନନ୍ଦିଘୋଷ, ତାଳଧ୍ୱଜ, ଦର୍ପଦଳନ ରଥ ନିର୍ମାଣ କରି ଚର୍ଚ୍ଚାକୁ ଆସିଛନ୍ତି। ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ ସେ ହଳଦୀ, ଗୁଆ ଓ ଜାଇଫଳରେ ୩ ରଥ କରିଛନ୍ତି । ୧.୩ ଇଞ୍ଚ ଉଚ୍ଚତା ଓ ୧.୪ ଇଞ୍ଚ ଓସାର ବିଶିଷ୍ଟ ଜଗନ୍ନାଥଙ୍କ ନନ୍ଦିଘୋଷ ଆକୃତିର ରଥ ମାତ୍ର ଦୁଇଟି ଜାଇଫଳରେ ନିର୍ମିତ ହୋଇଥିବା ବେଳେ ୧.୫ ଇଞ୍ଚ ଉଚ୍ଚତା ଓ ୧ ଇଞ୍ଚ ଓସାର ବିଶିଷ୍ଟ ବଳଭଦ୍ରଙ୍କ ତାଳଧ୍ୱଜ ଆକୃତିର ରଥ ଗୋଟିଏ ଗୁଆରେ ନିର୍ମାଣ ହୋଇଥିବା ହରିଗୋବିନ୍ଦ କହିଛନ୍ତି। ସୁଭଦ୍ରାଙ୍କ ଦର୍ପଦଳନ ଡାଆଁରେ ନିର୍ମିତ ରଥର ଉଚ୍ଚତା ୧.୫ ଇଞ୍ଚ ଏବଂ ଓସାର ୧ ଇଞ୍ଚ ରହିଥିବା ବେଳେ ରଥଟି ସମ୍ପୂର୍ଣ୍ଣ ରୂପେ ଗୋଟାଏ ଗଣ୍ଠି ହଳଦୀରେ ନିର୍ମାଣ କରିଥିବା ମହାରଣା କହିଛନ୍ତି । ୩ ରଥ ବିଶ୍ୱ ରେକର୍ଡ଼ରେ ସ୍ଥାନିତ ହେବା ନେଇ ସେ କରିଛନ୍ତି।

**ହରିଗୋବିନ୍ଦଙ୍କ କଳାକୃତି**









# ଶହୀଦ ପରିବାରକୁ ମିଳୁ କୋଟିଏ ଟଙ୍କା

**କଟକ ଅଫିସ,୨୨।୬:** ଚୀନ୍ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ପରିବାରକୁ କୋଟିଏ ଟଙ୍କାର ଆର୍ଥିକ ସହାୟତା ଦେବା ପାଇଁ ଦାବି କରିଛି ଆମ୍ ଆଦ୍‌ମୀ ପାର୍ଟି କଟକ ନଗର। ସୋମବାର ଏନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଆବାହକ ମୁସ୍ତାକିମ୍ ବକ୍ସଙ୍କ ନେତୃତ୍ୱରେ ବହୁ କର୍ମୀ ଏଥିରେ ସାମିଲ୍ ହୋଇଥିଲେ। ପରିବାରର ଜଣଙ୍କୁ ନିଯୁକ୍ତି ଦେବାକୁ ମଧ ଦାବି କରାଯାଇଛି। ଭାରତ-ଚୀନ ସୀମା ବିବାଦକୁ ନେଇ କେନ୍ଦ୍ର ସରକାରଙ୍କ ଭୂମିକା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। ସମସ୍ତ ତଥ୍ୟ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିବା ଆବଶ୍ୟକ। ଫିଙ୍ଗର୍‌ଫୋର ଓ ଗାଲୱାନ ଘାଟିରେ ଚୀନର ସମସ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ୨୦ଜଣ ଭାରତୀୟ ସୈନ୍ୟଙ୍କ ବଳିଦାନର ଉଚିତ ଜବାବ ଦିଆଯାଉ ବୋଲି ଏଏପି କହିଛି। ଦାବିପତ୍ର ଉପସ୍ଥାପନ ବେଳେ ନଗର ସମ୍ପାଦକ ବିଜୟ୍ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।






## ଶସ୍ତା ହୋଇପାରେ ବ୍ରଡ୍ ବ୍ୟାଣ୍ଡ ସେବା

ନୂଆଦିଲ୍ଲୀ,୨୦।୬

ଆଗାମୀ ଦିନଗୁଡିକରେ ବ୍ରଡ ବ୍ୟାଣ୍ଡ ଶସ୍ତା ହୋଇପାରେ। ଲୋକମାନଙ୍କୁ ଯୋଗାଣ ହେଉଥିବା ଫିକ୍ସଡ ଲାଇନ ବ୍ରଡ ବ୍ୟାଣ୍ଡ ସେବା କ୍ଷେତ୍ରରେ ଲାଇସେନ୍ସ ଦେୟ କମାଇବା ଲାଗି ସରକାର ବର୍ତ୍ତମାନ ପ୍ରସ୍ତାବ ଉପରେ ବିଚାର କରୁଛନ୍ତି। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଏସିଆର ତୃତୀୟ ସର୍ବବୃହତ୍ତ ବଜାର କୁହାଯାଉଥିବା ଭାରତରେ ଇଣ୍ଟରନେଟ ସେବା ଆହୁରି ଶସ୍ତା ହେବ। ଏ କ୍ଷେତ୍ର ସହ ଜଡିତ ମନ୍ତ୍ରଣାଳୟଗୁଡିକୁ ବର୍ତ୍ତମାନ ନିଜର ମତାମତ ଦେବାକୁ ସରକାର କହିଛନ୍ତି। ଏହା ପରେ କ୍ୟାବିନେଟ ଏ ଦିଗରେ କାର୍ଯ୍ୟ କରିବ। ଯୋଜନା କାର୍ଯ୍ୟକାରୀ ହେଲେ ଦେଶ ମଧ୍ୟରେ ଇଣ୍ଟରନେଟ ସେବା ଯୋଗାଇ ଦେଉଥିବା ପ୍ରାୟ ୩୫୦ କମ୍ପାନୀ ସେମାନଙ୍କ ଟାରିଫ ପ୍ଲାନରେ ମଧ୍ୟ ପରିବର୍ତ୍ତନ କରିବେ। କମର୍ସିଆଲ ୟୁଜର, ବଡ କର୍ପୋରେଶନ ଏବଂ ବାଣିଜ୍ୟିକ ସଂସ୍ଥାଗୁଡିକ ଲାଗି ନିୟମରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ଚିନ୍ତା ବଢ଼ାଉଛି ସହରାଞ୍ଚଳ ବେକାରି

ନୂଆଦିଲ୍ଲୀ,୨୨।୬

କୋଭିଡ-୧୯କୁ ନିୟନ୍ତ୍ରଣ କରିବା ଲାଗି କଟକଣା କୋହଳ ହୋଇଥିଲେ ମଧ୍ୟ ସାମାଜିକ ଦୂରତ୍ୱ ରଖି ସବୁ କିଛି କାର୍ଯ୍ୟ ସମ୍ପାଦନ ହେଉଛି। ବର୍ତ୍ତମାନ ଯାଏ କୋଭିଡ୍ ନିୟନ୍ତ୍ରଣାଧୀନ ହୋଇନାହିଁ। କଳକାରଖାନା ବନ୍ଦ ରହିଥିବା ଯୋଗୁ ଅନେକ ଲୋକ ରୋଜଗାର ହରାଇଛନ୍ତି। ସବୁ କିଛି ଟ୍ରାକ୍‌କୁ ଫେରିବା ଲାଗି ସମୟ ମଧ୍ୟ ଲାଗିବ। ଏଭଳି ସ୍ଥିତିରେ ଦେଶର ସହରାଞ୍ଚଳଗୁଡିକ ବେକାରି ହାର ଚିନ୍ତାଜନକ ସ୍ଥିତିରେ ରହିଛି। କାରଣ କଟକଣା କୋହଳ ହୋଇଥିଲେ ମଧ୍ୟ ବେକାରି ହାର ଉର୍ଦ୍ଧ୍ୱରେ ରହିଛି। କୋଭିଡ୍ ମାମଲା ବଢୁଥିବାରୁ ଏହାକୁ ନେଇ ଆଶଙ୍କା ପ୍ରକଟ କରାଯାଉଛି। ବିଶେଷ କରି ସହରାଞ୍ଚଳଗୁଡିକରେ କରୋନା ମାମଲା ବଢୁଥିବାରୁ ସହରାଞ୍ଚଳରେ ବେକାରି ହାର ୧୧.୧୯% ସ୍ତରରେ ରହିଛି। ଅପରପକ୍ଷରେ ଗ୍ରାମାଞ୍ଚଳରେ ବେକାରି କ୍ଷେତ୍ରରେ ସୁଧାର ଆସୁଥିବା ରିପୋର୍ଟରୁ ଜଣାପଡିଛି। ଜୁନ ୨୧ରେ ସୁଦ୍ଧା ଗ୍ରାମାଞ୍ଚଳ ବେକାରି ୭.୨୬%କୁ ଖସି ଆସିଛି। ଏହାର ପୂର୍ବ



- ଗ୍ରାମାଞ୍ଚଳରେ ସୁଧାର ଆସୁଛି
- ଉନ୍ନତ ମୌସୁମୀ, ରୋଜଗାର ଯୋଜନା ନିଯୁକ୍ତି ଦିଗରେ ସହାୟକ

ସପ୍ତାହରେ ଏହି ହାର ୧୦.୯୬% ସ୍ତରରେ ରହିଥିଲା।

ଗ୍ରାମାଞ୍ଚଳ ବେକାରି ୮% ନିମ୍ନରେ ରହିବା ଯୋଗୁ ଏହା ଗତ ମାସ ମଧ୍ୟରେ ସର୍ବନିମ୍ନ ସ୍ତର ବୋଲି ଜଣାପଡିଛି। ମାର୍ଚ୍ଚ ୨୫ର ପୂର୍ବ ସପ୍ତାହଠାରୁ ମଧ୍ୟ ଏହା ନିମ୍ନ ବୋଲି କୁହାଯାଉଛି। ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମୀ(ସିଏମ୍ଆଇଇ)ର ଏକ ରିପୋର୍ଟରେ କୁହାଯାଇଛି ଯେ, ଜୁନ ୨୧ ସୁଦ୍ଧା ଦେଶରେ ମୋଟ ବେକାରି ହାର ୮.୪୮% ରହିଛି। ଲକଡାଉନ ପୂର୍ବ ସପ୍ତାହରେ ଗ୍ରାମାଞ୍ଚଳରେ ନିଯୁକ୍ତି ହ୍ରାସ ହାର ୮.୨୯% ରହିଥିଲା। ଏହି ସମୟରେ ମୋଟ ବେକାରି ହାର ୮.୪୧% ସ୍ତରରେ ରହିଥିଲା। ଗ୍ରାମାଞ୍ଚଳ ଅର୍ଥ ବ୍ୟବସ୍ଥାକୁ ଖୋଲିବା,ଉନ୍ନତ ମୌସୁମୀ ଭଳି ବିଭିନ୍ନ ପ୍ରସଙ୍ଗ ଯୋଗୁ ଗ୍ରାମାଞ୍ଚଳରେ ନିଯୁକ୍ତି ବଢିଛି ବୋଲି ବଜାର ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି। ଦେଶର ଅଧିକାଂଶ ଭାଗରେ ମୌସୁମୀ ସନ୍ତୋଷ ଜନକ ରହିଥିବା ଜଣାପଡିଛି।

ନୂଆଦିଲ୍ଲୀ ସ୍ଥିତ ଇନଷ୍ଟିଚ୍ୟୁଟ ଅଫ ଇକୋନୋମିକ ଗ୍ରୋଥର ଅର୍ଥନୀତି ବିଭାଗ ପ୍ରଫେସର ଅରୁପ ମିତ୍ର କହିଛନ୍ତି ଯେ, ମୌସୁମୀ ସ୍ୱାଭାବିକ ରହିବା ଯୋଗୁ କୃଷି କାର୍ଯ୍ୟରେ ଲୋକମାନେ ନିୟୋଜିତ ହେଉଛନ୍ତି। କୃଷି କ୍ଷେତ୍ରରେ କାର୍ଯ୍ୟ କରିବାକୁ ଲୋକଙ୍କୁ ସୁଯୋଗ ମିଳି ଯାଉଛି। ସେହିଭଳି ପ୍ରବାସୀଙ୍କୁ କାମ ଯୋଗାଣ ଲାଗି କେନ୍ଦ୍ର ଏବଂ ରାଜ୍ୟଗୁଡିକ ଗ୍ରହଣ କରିଥିବା ପଦକ୍ଷେପ ଏ ଦିଗରେ ସହଯୋଗ କରୁଛି। ଉନ୍ନତ ମୌସୁମୀ ଯୋଗୁ କୃଷି କାର୍ଯ୍ୟ ଉନ୍ନତ ହେଉଥିବାରୁ ନିଯୁକ୍ତି ଦିଗରେ ଏହା ସହାୟତା କରୁଛି ବୋଲି ସିଏମ୍ଆଇଇର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ ପରିଚାଳନା ଅଧିକାରୀ ମହେଷ ବ୍ୟାସ ସୂଚନା ଦେଇଛନ୍ତି। ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ରୋଜଗାର ଅଭିଯାନ ଗ୍ରାମାଞ୍ଚଳ ନିଯୁକ୍ତିରେ ଯୋଗଦାନ ରଖିବ ବୋଲି ସେ ମତ ରଖିଛନ୍ତି।

# ପେଟ୍ରୋଲ ଦର ୮୦ ଟପିଲା

ଭୁବନେଶ୍ୱର,୨୨।୬

ସୋମବାର ତୈଳ ଦର ପେଟ୍ରୋଲ ଲିଟର ପିଛା ୩୩ ପଇସା ଏବଂ ଡିଜେଲ ୫୮ ପଇସା ବୃଦ୍ଧି ଫଳରେ ଓଡିଶାରେ ପେଟ୍ରୋଲ ଦର ୮୦ ପାର କରିଛି। ସୋମବାର ଓଡିଶାର ତେଲ ଦର ପେଟ୍ରୋଲ ଲିଟର ପିଛା ୮୦.୧୧ଟଙ୍କା ଏବଂ ଡିଜେଲ ଲିଟର ପିଛା ୭୭.୦୩ ଟଙ୍କାରେ ପହଞ୍ଚିଛି। କରୋନା ସଂକ୍ରମଣ କାରଣରୁ ଲୋକଙ୍କର ଆର୍ଥିକଅବସ୍ଥା ଭଲ ନାହିଁ। ଏହି ସମୟରେ କ୍ରମାଗତ ତେଲ ଦର ବୃଦ୍ଧି ସବୁ ବର୍ଗର ଲୋକଙ୍କ ଉପରେ ବୋଝ ଉପରେ ଲଳିତା ବିଡା ପରି ହୋଇଛି। ଚଳିତ ମାସ ଜୁନ ୭ ରୁ ଆଜି ପର୍ଯ୍ୟନ୍ତ(ସୋମବାର) ଦେଶର ତେଲ ଦର କ୍ରମାଗତ ଭାବରେ ବୃଦ୍ଧି ପାଇ ଚାଲିଛି। ଫଳରେ ଗତ ୧୬ଦିନ ମଧ୍ୟରେ ପେଟ୍ରୋଲ ଉପରେ ୮.୩୦ ଟଙ୍କା ଏବଂ ଡ଼ିଜେଲ ୯.୪୬ ଟଙ୍କା ବୃଦ୍ଧି ପାଇଛି।

ଦେଶର ପ୍ରମୁଖ ତୈଳ କମ୍ପାନୀଗୁଡିକର ସୂଚନା ଅନୁସାରେ ୨୨ତାରିଖ ପେଟ୍ରୋଲ ଲିଟର ପିଛା ୩୩ ପଇସା ଏବଂ ଡ଼ିଜେଲ ୫୮ପଇସା ବୃଦ୍ଧି ପାଇଛି। ଫଳରେ ସୋମବାର



ଦିଲ୍ଲୀରେ ପେଟ୍ରୋଲ ଦର ୭୯.୨୩ ଟଙ୍କାରୁ ବୃଦ୍ଧି ପାଇ ୭୯.୫୬ ଟଙ୍କା ଏବଂ ଡିଜେଲ ଦର ୭୮.୨୬ ଟଙ୍କାରୁ ବୃଦ୍ଧି ପାଇଁ ୭୮.୮୪ ଟଙ୍କାରେ ପହଞ୍ଚିଛି। ଏହି ଦର ବୃଦ୍ଧି ଫଳରେ ଭୁବନେଶ୍ୱରରେ ମଧ୍ୟ ପେଟ୍ରୋଲ ଲିଟର ପିଛା ୮୦.୧୧ଟଙ୍କା ଓ ଡିଜେଲ ଲିଟର ପିଛା ୭୭.୦୩ ଟଙ୍କା ଛୁଇଁଥିବା ତୈଳ ଡିଲରମାନେ ସୂଚନା ଦେଇଛନ୍ତି। ଅର୍ନ୍ତଜାତୀୟ ତୈଳ ବଜାରରେ ବ୍ରେଣ୍ଟ ଅଶୋଧିତ ତେଲ ପାଇଁ ବ୍ୟାରେଲ ପିଛା ୪୨ଡଲାର ଦେବାକୁ ପଡୁଛି। ସେହିଭଳି ବର୍ତ୍ତମାନ ସମୟରେ ଇଣ୍ଟରନ୍ୟାଶନାଲ ବେଞ୍ଚମାର୍କରେ ତେଲ ଦର ୯% ବୃଦ୍ଧି ପାଇଛି। ଏହି ଦର ହ୍ରାସ ନ ହେବା ପର୍ଯ୍ୟନ୍ତ ତୈଳ ଦର ବୃଦ୍ଧି ଲାଗି ରହିବ ବୋଲି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଗୁଡିକ ସୂଚନା ଦେଇଛନ୍ତି।

## ସାମ୍‌ସଙ୍ଗ ଗାଲାକ୍ସି ନୋଟ୍ ୧୦ ଲାଇଟ୍ ଦାମ୍‌ରେ ହ୍ରାସ

ନୂଆଦିଲ୍ଲୀ,୨୨।୬

ପ୍ରମୁଖ ସ୍ମାର୍ଟଫୋନ ନିର୍ମାଣକାରୀ କମ୍ପାନୀ ସାମ୍‌ସଙ୍ଗ ଏହାର ଲୋକପ୍ରିୟ ସିରିଜ୍ ଗାଲାକ୍ସି ନୋଟ୍ ୧୦ ଲାଇଟ୍ ମୂଲ୍ୟରେ ହ୍ରାସ କରିଛି। ଏହା କମ୍ପାନୀର ଏକ ପ୍ରିମିୟମ ହ୍ୟାଣ୍ଡସେଟ। ଏସ୍ ପେନ୍ ସହ ଆସୁଥିବା ଉକ୍ତ ଫୋନଟିର ଦାମ ୪ ହଜାର ଟଙ୍କା ପର୍ଯ୍ୟନ୍ତ ହ୍ରାସ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ମଡେଲଟିର ୬ ଜିବି ଭାରିଆଣ୍ଟର ମୂଲ୍ୟ ବର୍ତ୍ତମାନ ୩୭,୯୯୯ ଟଙ୍କା ରହିଥିବା ବେଳେ ୮ଜିବି ଭାରିଆଣ୍ଟର ମୂଲ୍ୟ ୩୯,୯୯୯ ଟଙ୍କା ପଡୁଛି। ସେହିଭଳି ସିଟି ବ୍ୟାଙ୍କ୍ ଡେବିଟ୍ ଏବଂ କ୍ରେଡିଟ କାର୍ଡ ଉପରେ ଗ୍ରାହକମାନେ କ୍ରୟ ଉପରେ ୫ ହଜାର ଟଙ୍କା କ୍ୟାଶବ୍ୟାକ ପାଇପାରିବେ। ଅର୍ଥାତ କ୍ୟାଶବ୍ୟାପ ଯୋଗୁ ହ୍ୟାଣ୍ଡଗୁଡିକର ମୂଳ ମୂଲ୍ୟରେ ୫ ହଜାର ଟଙ୍କା ହ୍ରାସ ଘଟିବ। ଚଳିତ ମାସ ଶେଷ ଯାଏ ଏହି ଅଫରର ଲାଭ ନେଇ ହେବ। ମଡେଲଟିକୁ କମ୍ପାନୀ ଚଳିତ ବର୍ଷ ଜାନୁୟାରୀରେ ବଜାରକୁ ଛାଡିଥିଲା।

# ଟାଟା ସହ ସହଭାଗିତା ଛାଡ଼ିପାରେ ଏୟାର ଏସିଆ

ନୂଆଦିଲ୍ଲୀ,୨୨।୬

ବଜେଟରେ ବିମାନ ସେବା ଯୋଗାଣ କରୁଥିବା ମାଲେସିଆ ଭିତ୍ତିକ କମ୍ପାନୀ ଏୟାର ଏସିଆ ବରହାଦ ଲାଗି ଭାରତ ଏବଂ ଜାପାନ ଏକ ବାହ୍ୟ ଅଞ୍ଚଳ ବଜାର। କମ୍ପାନୀ ବର୍ତ୍ତମାନ ଟାଟା ଗ୍ରୁପ ସହ ମିଳିତ ହୋଇ ସେବା ଯୋଗାଣ କରୁଥିବା ବେଳେ ଏହି ସହଭାଗିତାରୁ ଓହରିପାରେ ବୋଲି କ୍ରେଡିଟ ସୁଇସ ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି।

ଏହି ରିପୋର୍ଟରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଟୋନି ଫର୍ଣ୍ଣାଡିଜଙ୍କ ମତକୁ ଉଲ୍ଲେଖ କରାଯାଇଥିବା ଜଣାପଡିଛି। ଶନିବାର ଆସିଥିବା କ୍ରେଡିଟ ସୁଇସ ରିପୋର୍ଟରେ କୁହାଯାଇଛି ଯେ, ଆସିଆନ ଅଞ୍ଚଳ କମ୍ପାନୀ ପାଇଁ ଏକ ପ୍ରମୁଖ ବଜାର ଭାବେ ଉଭା ହୋଇଛି। ବର୍ତ୍ତମାନ ଅଭିବୃଦ୍ଧି ଧାରା ଜାରି ରହିଥିବାରୁ ଭାରତ ବାହାରକୁ କାରବାର ସମ୍ପ୍ରସାରଣ କେବେ ନ କରାଯିବ ବୋଲି କହି ହେବନାହିଁ। ଟାଟା ସହ ଭଲ ସହଭାଗିତା ରହିଛି। ବର୍ତ୍ତମାନ ଅନ୍ତର୍ଜାତୀୟ ଲାଇସେନ୍ସ ପାଇବା ଲାଗି ଏୟାର ଏସିଆ ଲକ୍ଷ୍ୟ ରଖିଛି। ଭାରତରେ ବିମାନ ସେବା ଲାଗି ସରକାର ମେ ମାସ ୨୫ରୁ ଅନୁମତି ଦେଇଥିବାରୁ ବଜାର ଅଂଶ ବଢାଇବା ଦିଗରେ ସହାୟକ ହେଉଥିବା ସେ ମତ ପ୍ରକାଶ କରିଛନ୍ତି।

କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଦୀର୍ଘମିଆଦୀ ଭିତ୍ତିରେ ଏହା କୌଣସି ନୂଆ ବିମାନ ଯୋଡିବା ଯୋଜନା ରଖି ନାହିଁ। ଅଶୋଧିତ ତେଲ ଦର ନିମ୍ନରେ ରହିବା ନେଇ କମ୍ପାନୀ ଅନୁମାନ ଲଗାଇଛି। ମାତ୍ର ଏହାର ଲାଭ ବର୍ତ୍ତମାନ ପରିସ୍ଥିତିରେ ବିଶେଷ ଭାବେ ମିଳି ପାରୁନାହିଁ। ଏଣୁ ନୂଆ ବିମାନ ଯୋଡିବା ପରିବର୍ତ୍ତେ ପୁରୁଣାରେ କମ୍ପାନୀ କାମ ଚଳାଇପାରେ। ଏହି ପ୍ରସଙ୍ଗ ଉପରେ ସ୍ପଷ୍ଟୀକରଣ ଲୋଡା ଯାଇଥିବା ବେଳେ ଏୟାର ଏସିଆ ଇଣ୍ଡିଆ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ସେହିଭଳି ଟାଟାସନ୍ସର ମୁଖପାତ୍ର ଏହି ପ୍ରସଙ୍ଗ ଉପରେ କିଛି କହିବାକୁ ମନା କରିଦେଇଛନ୍ତି। ଏୟାର ଏସିଆ ଇଣ୍ଡିଆ ଏକ ଯୌଥ ଉଦ୍ୟୋଗ ହୋଇଥିବା ବେଳେ ଟାଟାସନ୍ସ ଏବଂ ଏୟାର ଏସିଆ ବରହାଦ ଏକତ୍ର ହୋଇ କାମ କରୁଛନ୍ତି। ମେ ୨୫ ପରେ ବିମାନ ସେବାକୁ ସରକାର ପୁଣି ଥରେ ଅନୁମତି ପ୍ରଦାନ କରିବା ପରେ ଏହି କମ୍ପାନୀ ୪୬% ଲୋଡ୍ ଫ୍ୟାକ୍ଟର ସହ କାମ କରୁଛି। ୨ ମାସ ଧରି ସେବା ବନ୍ଦ ରହିବା ପରେ କମ୍ପାନୀ ପୁଣି ଥରେ ସେବା ଯୋଗାଉଛି।

ରାଜ୍ୟ ଖବର

# ଭୁଶୁଡ଼ିଲା ବଡ଼ମସିଗାଁ ଟୁରି ନଦୀ ପୋଲ

ନବରଙ୍ଗପୁର,୨୨।୬ (ବି.ପ୍ର.)

ନବରଙ୍ଗପୁର-କୋଷାଗୁମୁଡ଼ା ରାସ୍ତା ବଡ଼ମସିଗାଁ ନିକଟସ୍ଥ ୪୦ ବର୍ଷର ପୁରୁଣା ଟୁରି ନଦୀ ପୋଲ ସୋମବାର ସକାଳେ ଭୁଶୁଡ଼ି ପଡିଛି । ପୋଲର ୭ଟି ପିଲାର ରହିଛି । ସେଥିମଧ୍ୟରୁ ଗୋଟିଏ ପିଲାର ଭାଙ୍ଗିଯିବା ପରେ ପୋଲର ମଝି ଅଂଶ ଛାତ ଭୁଶୁଡ଼ି ପଡିଛି । ଏଥିରେ ଧନଜୀବନ ହାନି ଘଟି ନ ଥିବା ବେଳେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ତେବେ ଏକ ଅଟୋରେ କେତେଜଣ ମହିଳା ଦଶାହ କାର୍ଯ୍ୟ ପାଇଁ ବଡ଼ମସିଗାଁରୁ ନବରଙ୍ଗପୁର ଆସୁଥିଲେ । ପୋଲ ଭାଙ୍ଗିଥିବା ଦେଖି ଘଟଣାସ୍ଥଳରୁ ଏକମିଟର ଦୂରରେ ଡ୍ରାଇଭର ଅଟୋ ଅଟକାଇଦେବାରୁ ସମସ୍ତେ ବର୍ତ୍ତି



ଭୁଶୁଡ଼ି ପଡ଼ିଥିବା ପୋଲ।

ଯାଇଥିଲେ। ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଭୁଶୁଡ଼ି ପଡିଥିବା ପୋଲର ଉଭୟ ପକ୍ଷ ରାସ୍ତା ବନ୍ଦ କରି ଦିଆଯାଇଛି । ପୋଲ ଭାଙ୍ଗିଯିବା ପରେ ନବରଙ୍ଗପୁରରୁ କୋଷାଗୁମୁଡ଼ା ବ୍ଲକକୁ ଆଂଶିକ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । କୋଷାଗୁମୁଡ଼ା ବ୍ଲକ ବଡ଼ମସିଗାଁ, ବାସିନୀ ଓ ଭତରା ସିଉନି ପଞ୍ଚାୟତର ୩୦ ଗାଁ ନବରଙ୍ଗପୁର ଆସିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନବରଙ୍ଗପୁର ସହର ତଥା ବ୍ଲକ କାର୍ଯ୍ୟାଳୟକୁ ଆସିବାକୁ ହେଲେ ୫ କି.ମି. ପରିବର୍ତ୍ତେ ୨୦ କି.ମି. ଦୂର ବୁଲି ଅନ୍ୟ ରାସ୍ତା ଦେଇ ସେମାନଙ୍କୁ ଆସିବାକୁ ପଡୁଛି । ଆଗକୁ ଲଗାଣ ବର୍ଷା, ବନ୍ୟା ରହିଛି । ଏଥିପୂର୍ବରୁ ଗମନାଗମନ ପାଇଁ ତୁରନ୍ତ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ସହକାରୀ ଯନ୍ତ୍ରୀ ବିଶ୍ୱନାଥ ମାରାଣ୍ଡି କହିଛନ୍ତି, ପୋଲ ବହୁ ପୁରୁଣା । ପୋଲ ଦୁର୍ବଳ ରହିଥିଲା । ଉକ୍ତ ପୋଲ ନିକଟରେ ୫ କୋଟି ଟଙ୍କା ବ୍ୟୟରେ ଆଉ ଏକ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି।

# ୫୬ ସବୁଜବାହିନୀ କର୍ମଚାରୀଙ୍କୁ ଛଟେଇ

ବାରିପଦା ଅଫିସ,୨୨।୬

**ବିକ୍ଷୋଭ କରି ପ୍ରତିବାଦ ଜଣାଇଲେ**

ଜଙ୍ଗଲ ସୁରକ୍ଷା ନିମନ୍ତେ ନିଯୁକ୍ତି ପାଇଥିବା ୫୬ ସବୁଜ ବାହିନୀର କର୍ମଚାରୀଙ୍କୁ ଚାକିରୀରୁ ଛଟେଇ କରି ଦିଆଯାଇଛି। ଏହାର ପ୍ରତିବାଦରେ ସୋମବାର ଏହି କର୍ମଚାରୀମାନେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୧୦ ଦିନ ମଧ୍ୟରେ ଥଇଥାନ କରା ନ ଗଲେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ଏହି କର୍ମଚାରୀମାନଙ୍କୁ ଶିମିଳିପାଳ ଜଙ୍ଗଲ ସୁରକ୍ଷା ପାଇଁ ନିଯୁକ୍ତି ଦିଆଯାଇଥିଲା। କରୋନା ମହାମାରୀ ଯୋଗୁ ବର୍ତ୍ତମାନ ଶିମିଳିପାଳକୁ ପର୍ଯ୍ୟଟକ ଆସୁନାହାନ୍ତି। ଗତ ଶନିବାର ଉକ୍ତ କର୍ମଚାରୀଙ୍କୁ ଛଟେଇ କରାଯାଇଥିବା ନେଇ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ଜଙ୍ଗଲ ସୁରକ୍ଷା ବାହିନୀରେ ପ୍ରାୟ ୬୦୦ କର୍ମଚାରୀ ଥିବା ବେଳେ ୫୬ ଜଣ ସବୁଜ ବାହିନୀର କର୍ମଚାରୀଙ୍କୁ ଛଟେଇ କରାଯାଇଥିବାରୁ ସେମାନେ ଏହାର ପ୍ରତିବାଦ କରିଛନ୍ତି। ସେହିଭଳି ଗତ ୯ ମାସ ହେଲାଣି ସେମାନଙ୍କୁ ଦରମା ମଧ୍ୟ ମିଳି ନାହିଁ। ଏଭଳି ସ୍ଥିତିରେ ସେମାନେ କେମିତି ଚଳିବେ ବୋଲି ପ୍ରକାଶ କରିଛନ୍ତି। ଏ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତିଙ୍କୁ ପଚାରିବାରୁ ଶିମିଳିପାଳରୁ ଛଟେଇ କରାଯାଇଥିବା ଉକ୍ତ କର୍ମଚାରୀମାନଙ୍କୁ ବାରିପଦା ବନ ବିଭାଗରେ ରଖାଯିବ ବୋଲି କହିଛନ୍ତି।


**ପୂର୍ବ ତଟ ରେଳପଥ**

**ଜୁଲାଇ-2020 ପାଇଁ ଡିପୋ ଏବଂ ମଣ୍ଡଳ ଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ**

**ଇ-ନିଲାମର ଅନୁସୂଚୀ**

| ମାସ | ମୁଖ୍ୟାଳୟ/ ମଣ୍ଡଳ | ତାରିଖ |
|---|---|---|
| ଜୁଲାଇ 2020 | ମଞ୍ଚେଶ୍ୱର ଡିପୋ | 03.07.2020 (ଶୁକ୍ରବାର), 13.07.2020 (ସୋମବାର) & 24.07.2020 (ଶୁକ୍ରବାର) |
| | ୱାଗନ୍ ଷ୍ଟୋର ଡିପୋ / ୱାଲ୍‌ଟିୟର | 07.07.2020 (ମଙ୍ଗଳବାର), 17.07.2020 (ଶୁକ୍ରବାର) & 28.07.2020 (ମଙ୍ଗଳବାର) |
| | ଖୋର୍ଦ୍ଧା ରୋଡ଼ ମଣ୍ଡଳ | 06.07.2020 (ସୋମବାର), 14.07.2020 (ମଙ୍ଗଳବାର) & 27.07.2020 (ସୋମବାର) |
| | ୱାଲ୍‌ଟିୟର ମଣ୍ଡଳ | 08.07.2020 (ବୁଧବାର), 20.07.2020 (ସୋମବାର) & 29.07.2020 (ବୁଧବାର) |
| | ସମ୍ବଲପୁର ମଣ୍ଡଳ | 09.07.2020 (ଗୁରୁବାର), 21.07.2020 (ମଙ୍ଗଳବାର) & 30.07.2020 (ଗୁରୁବାର) |

ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ନିଲାମ କ୍ୟାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ନିଲାମ ସମ୍ପର୍କିତ ସଞ୍ଚାଳନ ଅଧିକାରୀଙ୍କ ପାଖରେ କିମ୍ବା ନିଲାମ ତାରିଖର 07(ସାତ) ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍: https://www.ireps.gov.in ରେ ଉପଲବ୍ଧ ହେବ ।

PR-109/L/20-21 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର


# ରଥଯାତ୍ରା ହେବନି, ଜାରି ହେଲା ୧୪୪ ଧାରା

ଭଦ୍ରକ ଅଫିସ,୨୨।୬

ଭଦ୍ରକ ଜିଲାର କୌଣସି ଅଞ୍ଚଳରେ ରଥଯାତ୍ରା ଅନୁଷ୍ଠିତ ହେବ ନାହିଁ। ଯେଉଁସବୁ ଅଞ୍ଚଳରେ ରଥଯାତ୍ରା ହେବାର ସମ୍ଭାବନା ରହିଛି ସେସବୁ ଅଞ୍ଚଳରେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ୧୪୪ ଧାରା ଜାରି କରିଛନ୍ତି। କୋଭିଡ-୧୯କୁ ଆଖି ଆଗରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ମଙ୍ଗଳବାର ରଥଯାତ୍ରା ଏବଂ ୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବାହୁଡା ଯାତ୍ରା ନିମନ୍ତେ ଏହି କଟକଣା ବଳବତ୍ତର ରହିବ। ଏହି ସମୟରେ କୌଣସି ସ୍ଥାନରେ ରଥଯାତ୍ରା କରାଯାଇପାରିବ ନାହିଁ କି ରଥଯାତ୍ରା ସଂକ୍ରାନ୍ତୀୟ କୌଣସି ମେଳା ବା ଯାତ୍ରା ଅନୁଷ୍ଠିତ ହୋଇପାରିବ ନାହିଁ। ସମସ୍ତ ଧାର୍ମିକ ଅନୁଷ୍ଠାନ, ମନ୍ଦିର ବନ୍ଦ ରହିବ। ୭ଜଣରୁ ଅଧିକ ଲୋକ ଏକତ୍ର ହୋଇପାରିବେ ନାହିଁ। କୌଣସି ଭକ୍ତ ମନ୍ଦିରକୁ ଯାଇ ପାରିବେ ନାହିଁ। କେବଳ ଦୁଇଜଣ ସେବାୟତ ଠାକୁରଙ୍କ ନୀତିକାନ୍ତି କରିପାରିବେ। ଏହି ସମୟରେ କୌଣସି ରାଜନୈତିକ, ସାଂସ୍କୃତିକ, ଧାର୍ମିକ ଏକତ୍ରିତ ହେବାକୁ ବନ୍ଦ କରାଯାଇଛି ବୋଲି ଜିଲାପାଳ ତାଙ୍କ ନିର୍ଦ୍ଦେଶନାମାରେ ସୂଚନା ଦେଇଛନ୍ତି।


**GOVERNMENT OF INDIA**
**DEPARTMENT OF ATOMIC ENERGY**
**HEAVY WATER PLANT, TALCHER**

**e-TENDER NOTICE NO.: HWP/TAL/ADMN/WELFARE/GHMisc/2020/01**

Online tenders are invited through e-tendering mode by the Officer-on-Special-Duty, Heavy Water Plant, Talcher, PO.: Vikrampur, Dist.: Angul, (Odisha) on behalf of the President of India in two bids, from eligible contractors for the work and details given below :

**NIT No.: HWP/TAL/ADMN/WELFARE/GHMisc/2020/01, Name of the Work :** "HOUSEKEEPING AND PROVIDING ASSISTANCE IN FOOD PREPARATION AT HWP, TALCHER CANTEEN AND GUEST HOUSES AT HWP COLONY". **Estimated Cost :** Rs.14,94,960/-. **Earnest Money :** Rs.29,899/-. **Period of Completion :** 12 (Twelve) Months. **Last Date and Time of Submission of bid :** 01.07.2020 (14:30 Hrs.). The bid forms and other details can be obtained from the website **www.tenderwizard.com/DAE.**


# ଦୁର୍ଘଟଣାରେ ୩ ମୃତ

ସୋର, ୨୨।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଜାତୀୟ ରାଜପଥର ନାୟକବନ୍ଧ ଛକରେ ସୋମବାର ଭୋର ସମୟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ୩ଜଣଙ୍କ ଜୀବନ ଯାଇଛି। ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣଙ୍କର ଡାକ୍ତରଖାନାରେ ମୃତ୍ୟୁ ହୋଇଛି।

ଭଦ୍ରକରୁ ସିମେଣ୍ଟ ବୋଝେଇ କରି ଏକ ଟ୍ରକ୍ ରାଇରଙ୍ଗପୁର ଯାଉଥିଲା ବେଳେ ନାୟକବନ୍ଧ ଛକରେ ବାଲେଶ୍ୱର ଆଡୁ ପ୍ଲାଏ ବୋଝେଇ କରି ଆସୁଥିବା ଏକ ଟ୍ରେଲର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଟ୍ରକ୍‌ରେ ଥିବା ମନମୋହନ ସିଂ ଓ ଶଙ୍କର୍ଷଣ ମଣ୍ଡଳଙ୍କର ମୃତ୍ୟୁ ହୋଇଥିଲା। ଟ୍ରେଲର୍ ଡ୍ରାଇଭର ଟାକୁର ସିଂଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ମନମୋହନଙ୍କ ଘର ଭଦ୍ରକ ଅଞ୍ଚଳରେ ହୋଇଥିବା ବେଳେ ଶଙ୍କର୍ଷଣଙ୍କ ଘର ବାହାବଳପୁର ମେରାଇନ୍ ଥାନା ଅଞ୍ଚଳ ଓ ଟ୍ରେଲର୍ ଡ୍ରାଇଭର ଟାକୁରଙ୍କ ଘର ମୟୂରଭଞ୍ଜ ଜିଲା ବଡଫେରା ଅଞ୍ଚଳରେ। ସୋର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୧୯୦/୨୦୨୦) ରୁଜୁ ହୋଇଛି।


**IDBI BANK** **ଆଇଡିବିଆଇ ବ୍ୟାଙ୍କ ଲିମିଟେଡ୍**
ପୁରୀ ଶାଖା, ଗ୍ରାଣ୍ଡ ରୋଡ୍ , ବଡ଼ ଶଙ୍ଖ, ପୁରୀ-୭୫୨୦୦୨

**ଡିମାଣ୍ଡ ନୋଟିସ୍**
ସରଫେଶୀ ଆକ୍ଟ ଧାରା ୧୩(୨) ଅନୁଯାୟୀ

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ସରଫେଶୀ ଆକ୍ଟ) ଅନୁଯାୟୀ ନୋଟିସ୍

| ରଣଗ୍ରହୀତା / ବନ୍ଧକଦାତାଙ୍କ ନାମ ଓ ଠିକଣା | ରଣପରିମାଣ/ ବକେୟାପରିମାଣ/ ଡିମାଣ୍ଡ ନୋଟିସ ତାରିଖ | ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|
| **ରଣଗ୍ରହୀତାଙ୍କ ନାମ: ଶ୍ରୀ ରୁଦ୍ର ପ୍ରସାଦ ରଥ,** ପିତା: ଶ୍ରୀ ରାଜ କିଶୋର ରଥ / **ବନ୍ଧକଦାତାଙ୍କ ନାମ: ଶ୍ରୀମତୀ ଶାନ୍ତିଲତା ରଥ,** ସ୍ୱା: ଶ୍ରୀ ରାଜ କିଶୋର ରଥ, **ଉଭୟଙ୍କ ଠିକଣା:** ଶ୍ରୀକ୍ଷେତ୍ର କଲୋନୀ, ୱାଟର୍ ୱାର୍କ୍ସ ରୋଡ୍, ପୁରୀ-୭୫୨୦୦୨ | ଟ.୫,୧୦,୦୦୦/- ଟ.୫,୩୭,୫୧୭.୫୦ ତା.୧୩.୦୨.୨୦୧୮ | **ସମ୍ପତ୍ତିର ବିବରଣୀ:** ସ୍ଥାବର ସମ୍ପତ୍ତି ଯାହାର ମୌଜା: ବାଲୁଖଣ୍ଡ, ତହସିଲ: ପୁରୀ, ପ୍ଲଟ ନଂ.: ୨୧୩/୭୪୨୨ ଏବଂ ପ୍ଲଟ ନଂ.: ୨୧୨/୭୪୨୧, ଖାତା ନଂ.: ୫୨୧/୨୬୧୭, କ୍ଷେତ୍ର: ଏକର୦.୦୫୯ଡିସିମିଲି, ଥାନା: ପୁରୀ ସଦର, ଜିଲ୍ଲା: ପୁରୀ, ଓଡ଼ିଶା। |

ଏତଦ୍‌ଦ୍ୱାରା ଉପରୋକ୍ତ ରଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି କି ତାଙ୍କୁ ଆଇଡିବିଆଇ ବ୍ୟାଙ୍କ ଲିଃ. (ଆଇଡିବିଆଇ ବ୍ୟାଙ୍କ) ପକ୍ଷରୁ ଉପର ଦର୍ଶିତ ସ୍ଥାବର ସମ୍ପତ୍ତି ବନ୍ଧକ ରଖି **ଟ.୫,୧୦,୦୦୦/- (ପାଞ୍ଚ ଲକ୍ଷ ଦଶ ହଜାର ଟଙ୍କା)** ମିଆଦୀ ରଣ ସହାୟତା ପ୍ରଦାନ କରାଯାଇଥିଲା। ଉକ୍ତ ରଣ ସହାୟତା ଅନୁମୋଦନ ପରିପ୍ରେକ୍ଷୀରେ ଆବଶ୍ୟକୀୟ ମାଲିକାନା ଦଲିଲ ଏବଂ ବନ୍ଧକ ଦଲିଲ ନାମା **ଶ୍ରୀ ରୁଦ୍ର ପ୍ରସାଦ ରଥ ଏବଂ ଶ୍ରୀମତୀ ଶାନ୍ତିଲତା ରଥ** ସମ୍ପାଦନ କରିଥିଲେ। ଉପରଦର୍ଶିତ ରଣ ସହାୟତା ଉପରଦର୍ଶିତ ସ୍ଥାବର ସମ୍ପତ୍ତି ବନ୍ଧକ ପ୍ରଦାନ କରାଯାଇ ସୁରକ୍ଷିତ ରହିଛି। ଉପର ଦର୍ଶିତ ରଣଗ୍ରହୀତା **ତା.୨୦.୦୧.୨୦୧୭ରିଖ** ରଣ ଚୁକ୍ତି ସର୍ତ୍ତାବଳୀ ଅନୁଯାୟୀ କଥିତ ରଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ରଣଗ୍ରହୀତାଙ୍କ ଆକାଉଣ୍ଟକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି ମାର୍ଗ ଦର୍ଶିକା ଅନୁସାରେ ଅଣ କାର୍ଯ୍ୟକାରୀ ସମ୍ପତ୍ତି (**NPA**)ରେ ପରିଣତ ହୋଇଛି। ଆଇଡିବିଆଇ ବ୍ୟାଙ୍କ ଏହାର **ଚିଠି ନଂ.: IDBI/RBG/PURI/RECALL/FEB/003/2018, ତାରିଖ: ୧୩.୦୨.୨୦୧୮** ଦ୍ୱାରା ରଣଗ୍ରହୀତାଙ୍କୁ ଉପରଦର୍ଶିତ ରଣ ପରିମାଣ ସହିତ ସୁଧ ଏବଂ ଅନ୍ୟାନ୍ୟ ଦେୟ **ତା୦୫.୦୨.୨୦୧୮ସୁଦ୍ଧା ମୋଟ: ଟ.୪,୩୯,୨୨୬/- (ଚାରି ଲକ୍ଷ ଅଣଚାଳିଶି ହଜାର ଦୁଇଶହ ଛବିଶି ଟଙ୍କା ମାତ୍ର)** ଆଇଡିବିଆଇ ବ୍ୟାଙ୍କକୁ ପୈଠ କରିବାକୁ କୁହାଯାଇଥିଲା, କଥିତ ଚିଠିରେ **ତା.୦୬.୦୨.୨୦୧୮ରିଖ** ଠାରୁ ଚୁକ୍ତି ହାରରେ ପରବର୍ତ୍ତି ସୁଧ ସହିତ ଉପରଦର୍ଶିତ ବକେୟା ପରିମାଣ ରଣଗ୍ରହୀତାଙ୍କୁ ପ୍ରଦାନ କରିବାକୁ କୁହାଯାଇଥିଲା। **ଶ୍ରୀ ରୁଦ୍ର ପ୍ରସାଦ ରଥ** (ରଣଗ୍ରହୀତା) ଆଇଡିବିଆଇ ବ୍ୟାଙ୍କକୁ **ତା୦୫.୦୧.୨୦୨୦ରିଖ** ସୁଦ୍ଧା **ଟ.୫,୩୭,୫୧୭.୫୦(ପାଞ୍ଚ ଲକ୍ଷ ସଇଁତିରିଶି ହଜାର ପାଞ୍ଚଶହ ସତର ଟଙ୍କା ଏବଂ ପଚାଶ ପଇସା ମାତ୍ର)** ସହିତ ପରିଶୋଧ ପର୍ଯ୍ୟନ୍ତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ପ୍ରଦାନ କରିବାକୁ ହେବ। ସରଫେଶୀ ନିୟମର ଧାରା ୧୩(୨) ଅନୁସାରେ ଆଇଡିବିଆଇ ବ୍ୟାଙ୍କ ଦ୍ୱାରା ଉପରୋକ୍ତ ରଣଗ୍ରହୀତାଙ୍କୁ (ରେଜିଷ୍ଟ୍ରେଡ ପୋଷ୍ଟ ସହିତ ଏଡି) ଯୋଗେ ତାଙ୍କ ଠିକଣାରେ ନୋଟିସ୍ ପ୍ରଦାନ କରାଯାଇଥିଲା। ଯାହାକି ପ୍ରଦାନ କରାଯାଇ ନପାରି ଫେରସ୍ତ ଆସିଛି। ଉପରୋକ୍ତ ବିଷୟ ବସ୍ତୁ ଦୃଷ୍ଟିରୁ ସରଫେଶୀ ନିୟମର ୩(୧) ଧାରା ଅନୁସାରେ ଏହି ସର୍ବସାଧାରଣ ନୋଟିସ୍ ଜାରି କରାଗଲା। ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି କି ଆଇଡିବିଆଇ ବ୍ୟାଙ୍କର କୌଣସି ଲିଖିତ ସହମତି ବିନା ଆପଣ ସୁରକ୍ଷିତ ସମ୍ପତ୍ତିକୁ କୌଣସି ପ୍ରକାର ହସ୍ତାନ୍ତର କରିପାରିବେ ନାହିଁ ଅନ୍ୟଥା ସରଫେଶୀ ନିୟମର ଧାରା ୨୯ ଅନୁଯାୟୀ ଅପରାଧ କରିଥିବା ଯୋଗୁ ଦଣ୍ଡିତ ହେବେ। ଏତଦ୍‌ଦ୍ୱାରା ଆପଣଙ୍କର ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଆପଣ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ। ଏଣୁ ରଣଗ୍ରହୀତାଙ୍କୁ ପୁନଶ୍ଚ ଜଣାଇ ଦିଆଯାଉଛି କି ଉପରଦର୍ଶିତ ବକେୟାରାଶି ଆଜି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପୈଠ କରନ୍ତୁ ଅନ୍ୟଥା ସୁରକ୍ଷିତ ରଣଦାତା ଭାବେ ଆଇଡିବିଆଇ ବ୍ୟାଙ୍କ ସରଫେଶୀ ଆକ୍ଟର ଧାରା ଅନୁସାରେ କିମ୍ବା ଆଇଡିବିଆଇ ବ୍ୟାଙ୍କକୁ ଉପଲବ୍ଧ ଅନ୍ୟ କୌଣସି ଆଇନ ଅନୁସାରେ ସିକ୍ୟୁରିଟି ଇଣ୍ଟରେଷ୍ଟ କ୍ଷମତା ଜାରିକରିବାକୁ ବାଧ୍ୟ ହେବ।

ତାରିଖ : ୨୨.୦୬.୨୦୨୦
ସ୍ଥାନ: ପୁରୀ

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ଼



**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଘୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
9818298397
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**BIJAY FINANCE**
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

**ଋଣ ଋଣ ଋଣ**
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**DHANLAXMI BANK LTD.** REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

**GLOBAL FINANCE LIMITED**
(Reg. No. KA08FGD557S113)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

**INDIA NETWORK**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecom.in
7599145935
8280122168


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ମାତ୍ର ୩୪ ବର୍ଷ ବୟସରେ ଆତ୍ମହତ୍ୟା କରିବା ବିଚଳିତ କରେ ତାଙ୍କ ପ୍ରଶଂସକଙ୍କୁ। ରବିବାର ସୁଶାନ୍ତଙ୍କ ଘର ବିହାରର ପାଟନାରେ ପରିବାର ପକ୍ଷରୁ ଏକ ପ୍ରେୟାର ମିଟ୍‌ର ଆୟୋଜନ କରାଯାଇଥିଲା। ଆଉ ଏହି ପ୍ରେୟାର ମିଟ୍‌ର କିଛି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏଥିରେ ସୁଶାନ୍ତଙ୍କ ପ୍ରଶଂସକମାନେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଥିବା ଦେଖାଯାଇଛି। ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ସୁଶାନ୍ତଙ୍କ ପରିବାରକୁ ସାକ୍ଷାତ୍ କରିବା ସହ ସମବେଦନା ଜଣାଇଥିଲେ।

# ୬ ଘଣ୍ଟାକୁ ଭଡ଼ା ୯୬ ଲକ୍ଷ ଟଙ୍କା

## ମହାକାଶ ଭ୍ରମଣ



**ୱାଶିଂଟନ:** ପର୍ଯ୍ୟଟନ ଶିଳ୍ପ ବିକାଶ ପାଇଁ ଆମେରିକାର ଷ୍ଟାର୍ଟଅପ୍ 'ସ୍ପେସ୍ ପ୍ରସ୍ପେକ୍ଟିଭ୍' ପକ୍ଷରୁ ଏକ ନୂଆ ଧରଣର ଯୋଜନା ପ୍ରସ୍ତୁତ କରାଯାଇଛି। ୨୦୨୪ଠାରୁ ଏହି କମ୍ପାନୀ ପର୍ଯ୍ୟଟକଙ୍କୁ ମହାକାଶ ଭ୍ରମଣର ସୁଯୋଗ ଯୋଗାଇଦେବ। କମ୍ପାନୀ ପକ୍ଷରୁ 'ସ୍ପେସ୍ସିପ୍ ନେପଚୁନ୍'ର ଶୁଭାରମ୍ଭ କରାଯିବା ଲାଗି ଜୋରସୋରରେ କାମ ଜାରି ରହିଛି। ଏକ କ୍ୟାପସୁଲ୍ ବେଲୁନରେ ପର୍ଯ୍ୟଟକଙ୍କୁ ମହାକାଶ ଭ୍ରମଣ କରାଯିବ। ଏହି ବେଲୁନରେ ୯ ଜଣ ପର୍ଯ୍ୟଟକ ବସିବା ଭଳି ସୁବିଧା ରହିବ। ଏଥିରେ ପର୍ଯ୍ୟଟକଙ୍କୁ କୌଣସି ସ୍ପେସ୍ ସୁଟ୍ ପିନ୍ଧିବାକୁ ପଡ଼ିବ ନାହିଁ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ବସି ବୁଲିବା ପାଇଁ ୬ଘଣ୍ଟାକୁ ୯୬ ଲକ୍ଷ ଟଙ୍କା ଭଡ଼ା ଦେବାକୁ ପଡ଼ିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ବାୟୁମଣ୍ଡଳର ଉପରସ୍ତରରେ ପହଞ୍ଚିବା ପାଇଁ ୨ ଘଣ୍ଟା ଏବଂ ଓହ୍ଲାଇବା ଲାଗି ୨ ଘଣ୍ଟା ସମୟ ଲାଗିବ। ଭୂପୃଷ୍ଠରୁ ୧୦ ହଜାର ଫୁଟ ଉପରେ ପର୍ଯ୍ୟଟକମାନେ ୨ ଘଣ୍ଟା ବେଲୁନ କ୍ୟାପସୁଲରେ ବସି ଉଡ଼ି ବୁଲିବେ। ପର୍ଯ୍ୟଟକଙ୍କୁ ଏକ ସ୍ୱତନ୍ତ୍ର ଅନୁଭୂତି ଦେବା ପାଇଁ ଏଭଳି ଯୋଜନା କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

## Happy Birthday



**Namita Pattanaik**
Plot-92/3, Bank Colony,
Brahmeswar patna
May God give you everything.
-:Best Wishes:-
Sagar, Gudu.

D-17548

## ଜନ୍ମଦିନ ଶୁଭେଚ୍ଛା



**ଶିବାଂଶୀ ମଲ୍ଲିକ (ସିଦ୍ଧି)**
ଆଜି ତୋର ତୃତୀୟ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଲାପଥ କୁସୁମିତ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ଉଜ୍ଜ୍ୱଳମୟ, ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ ଏତିକି କାମନା।
**–:ଶୁଭେଚ୍ଛା ସହ:–**
ଜେଜେ ବାପା, ଜେଜେ ମାଆ, ବାପା, ମାଆ, ବଡ଼ ବାପା, ବଡ଼ ମାଆ, ଦାଦା, ଖୁଡ଼ୀ, ଅଜା, ଆଈ, ମାମୁ, ମାଉସୀ ଏବଂ ବନ୍ଧୁ ପ୍ରିୟଜନବର୍ଗ ।

ଧ–୧୭୫୫୩

# ଭାଇରାଲ ହେଉଛି ନିଆଙ୍କ ହଟ୍ ଫଟୋ



ନିଆ ଶର୍ମା

**ମୁମ୍ବାଇ:** ଟେଲିଭିଜନ ଅଭିନେତ୍ରୀ ନିଆ ଶର୍ମା ସବୁବେଳେ ନିଜର ସେକ୍ସି ଫିଗରକୁ ନେଇ ଚର୍ଚ୍ଚାରେ ରହିଥାନ୍ତି। କେବେ ନିଆ ନିଜର ଫିଟ୍‌ନେସକୁ ନେଇ ତ ଆଉ କେବେ ଫଟୋଶୁଟକୁ ନେଇ ଚର୍ଚ୍ଚାରେ ଥାଆନ୍ତି। ଟିଭି ଇଣ୍ଡଷ୍ଟ୍ରୀର ଜଣାଶୁଣା ଅଭିନେତ୍ରୀ ହେବା ସତ୍ତ୍ୱେ ବଲିଉଡ୍‌ର ଅଭିନେତ୍ରୀମାନଙ୍କୁ ପଛରେ ପକାଇ ଦିଅନ୍ତି ସେ। ନିକଟରେ ପୁଣି ଏକ ଫଟୋଶୁଟକୁ ନେଇ ଚର୍ଚ୍ଚାରେ ରହିଛନ୍ତି ନିଆ। ସେ ଏହାର ଫଟୋ ଗୁଡ଼ିକୁ ନିଜ ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ଶେୟାର କରିଛନ୍ତି। ୨୦୦୬ରେ ନିଆ କ୍ୟାଟ୍ରିନା କୈଫ, ଆଲିଆ ଭଟ୍ଟ ଏବଂ ସୋନମ କପୁରଙ୍କ ଭଳି ବଲିଉଡ୍ ଅଭିନେତ୍ରୀଙ୍କୁ ପଛରେ ପକାଇ ଏସିଆର ତୃତୀୟ ସବୁଠାରୁ ସେକ୍ସି ମହିଳା ଟାଇଟଲ ହାସିଲ କରିଥିଲେ। ନିଜର ହଟ୍ ଫଟୋ ଯୋଗୁ ତାଙ୍କର ଫ୍ୟାନ୍ ଫଲୋଇଂ ମଧ୍ୟ ଅନେକ ରହିଛନ୍ତି। ବିକ୍ରମ ଭଟ୍ଟଙ୍କ ୱେବ୍ ସିରିଜ 'ଟ୍ୱିଷ୍ଟେଡ'ର ପ୍ରଥମ ସିରିଜରେ ବହୁତ ହଟ୍ ଏବଂ ବୋଲ୍ଡ ଅବତାରରେ ନଜର ଆସିଥିଲେ ନିଆ।

# କରୋନା ମୃତକଙ୍କ ବନ୍ଧୁ କର୍ତ୍ତାର ସିଂ





## ୨୧ଜଣଙ୍କ ଶେଷକୃତ୍ୟ ସମ୍ପନ୍ନ କଲେଣି

**ଅମ୍ରିତସର(ପଞ୍ଜାବ)**

ମୃତ୍ୟୁ ପରେ ମୃତଦେହର ଶେଷକୃତ୍ୟ ସମ୍ପନ୍ନ କରିବା ଜରୁରୀ ବୋଲି ବିଶ୍ୱାସ ରହିଛି। ବିଭିନ୍ନ ଧର୍ମରେ ବିଭିନ୍ନ ଉପାୟରେ ମୃତବ୍ୟକ୍ତିର ସତ୍କାର କରାଯାଇଥାଏ। ଯଦି କୌଣସି ବ୍ୟକ୍ତିଙ୍କ ନିଜର ବୋଲି କେହି ନ ଥାନ୍ତି, ତେବେ ନିକଟତର ଲୋକ ଏବଂ ସାହିପଡ଼ିଶା ସମସ୍ତ ବାଦବିବାଦ ଭୁଲି ଏଥିରେ ନିଜକୁ ନିୟୋଜିତ କରିଥାନ୍ତି ଏବଂ ମୃତବ୍ୟକ୍ତିଙ୍କ ଶେଷକୃତ୍ୟ କରିଥାନ୍ତି। ତେବେ କରୋନା ଅନେକ କିଛି ବଦଳାଇଦେଇଛି। ନିଜର ପ୍ରିୟ ପରିଜନଙ୍କ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇ ମୃତ୍ୟୁ ଘଟିଲେ ସେମାନଙ୍କ ଆପଣାର ଲୋକେ ମଧ୍ୟ ଅନ୍ତ୍ୟେଷ୍ଟିକ୍ରିୟାରେ ସାମିଲ ହେବାକୁ ଭୟ କରୁଛନ୍ତି। ଏଭଳି ପରିସ୍ଥିତିରେ ପ୍ରଶାସନ ଶେଷକୃତ୍ୟ ସମ୍ପନ୍ନ କରିଥାଏ। ତେବେ ଜଣେ ବ୍ୟକ୍ତିଙ୍କୁ ସସମ୍ମାନରେ ବିଦାୟ ଦେବା ହେଉଛି ପ୍ରକୃତ ମାନବିକତା। ତେଣୁ କରୋନାରେ ମୃତ୍ୟୁ ହେଉଥିବା ଲୋକଙ୍କ ବନ୍ଧୁ ସାଜିଛନ୍ତି ପଞ୍ଜାବ ଅମ୍ରିତସରର ରାଜସ୍ୱ ବିଭାଗର କର୍ମଚାରୀ କର୍ତ୍ତାର ସିଂ ଲେହରି। ସେ ସ୍ୱେଚ୍ଛାକୃତଭାବେ ଏଭଳି ଲୋକଙ୍କ ଅନ୍ତ୍ୟେଷ୍ଟିକ୍ରିୟା କରିବା ପାଇଁ ଆଗେଇ ଆସିଛନ୍ତି। ପ୍ରଥମଥର ପାଇଁ ଏପ୍ରିଲ ୨ରେ ସେ ସଙ୍ଗୀତଜ୍ଞ ପଦ୍ମଶ୍ରୀ ନିର୍ମଳ ସିଂ ରାଗିଙ୍କ ମୃତଦେହ ସଂସ୍କାର କରିଥିଲେ। ଏହା ମଧ୍ୟରେ ସେ ୨୧ଜଣଙ୍କ ଶେଷକୃତ୍ୟ ସମ୍ପନ୍ନ କରିଥିବା ଜଣାପଡ଼ିଛି। ରାଗିଙ୍କ ଘଟଣାକୁ ସେ ମନେପକାଇ କହିଛନ୍ତି, ଭର୍କା ଶ୍ମଶାନ ଅଞ୍ଚଳରେ କାହାର ମୃତଦେହ ଦାହ କରାଯାଉଥିବା ଜାଣି ସଂକ୍ରମିତ ହେବା ନେଇ ଅଞ୍ଚଳବାସୀ ଭୟଭୀତ ହୋଇପଡୁଥିଲେ। ରାତିରେ ଗାଡ଼ିର ଲାଇଟ୍ ବ୍ୟବହାରକରି କର୍ତ୍ତାର, ଆମ୍ବୁଲାନ୍ସ ଚାଳକ ଏବଂ ସହାୟକ ପିପିଇ କିଟ୍ ପିନ୍ଧି ରାଗିଙ୍କ ମୃତଦେହ ନେଇ ଶ୍ମଶାନକୁ ଯାଇଥିଲେ। ରାଗିଙ୍କ ପୁଅ ମୁଖାଗ୍ନି ଦେଇଥିଲେ। କର୍ତ୍ତାର ଏବେ ଏହି କାର୍ଯ୍ୟକୁ ଏକ ମିଶନ ରୂପେ ଗ୍ରହଣ କରିଛନ୍ତି। ତେବେ ଏଥିରେ ତାଙ୍କ ସ୍ତ୍ରୀ ଶିକ୍ଷୟିତ୍ରୀ ଯଶୱିନ୍ଦର କୌରଙ୍କ ସମର୍ଥନ ରହିଥିବା କୁହନ୍ତି। ସେ କେବେ ମଧ୍ୟ ଏଥିପାଇଁ ବାରଣକରି ନ ଥିବାବେଳେ ମୃତଦେହ ସତ୍କାର କରିବା ପାଇଁ ଯିବାଠାରୁ ଫେରିବା ପର୍ଯ୍ୟନ୍ତ ପ୍ରାର୍ଥନା କରିଥାନ୍ତି। ତେବେ କର୍ତ୍ତାର ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ନେଇ ଯାଉଥିବା କହିଛନ୍ତି। ଆଗଭଳି ଏବେ ଆଉ ଏତେ ଭୟ ଲୋକଙ୍କ ନିକଟରେ ନାହିଁ। କେତେକ ପରିବାରର ଲୋକେ ଅନ୍ତତଃ ମୁଖାଗ୍ନି ଦେବାକୁ ଆସୁଛନ୍ତି ବୋଲି ସେ କୁହନ୍ତି। କର୍ତ୍ତାରଙ୍କ ଏହି ମହାନ୍ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

# ମାଛ ବଦଳରେ ୨୩୦କୋଟିର ଡ୍ରଗ୍ସ



**ଚେନ୍ନାଇ:** ସମୁଦ୍ରରୁ ମାଛ ଧରିବା ପାଇଁ ସେ ଜାଲ ପକାଇଥିଲେ। କିନ୍ତୁ ଜାଲ ଭିତରେ ତାଙ୍କୁ ମାଛ ବଦଳରେ ମିଳିଥିଲା ଆଉ ଏକ ଜିନିଷ, ଯାହାର ମୂଲ୍ୟ ୨୩୦ କୋଟିରୁ ଅଧିକ। ଏମିତି ଏକ ଘଟଣା ଘଟିଛି ଚେନ୍ନାଇର ଜଣେ ମାଛଧରାଳିଙ୍କ କ୍ଷେତ୍ରରେ।

ଚେନ୍ନାଇର ଚେଙ୍ଗଲପଟୁ ଜିଲାର ମାମଲାପୁରମ୍ ଅଞ୍ଚଳର ଜଣେ କେଉଟ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। କିନ୍ତୁ ସେ ଯେତେବେଳେ ଜାଲ ପକାଇଥିଲେ ହଠାତ୍ ତାଙ୍କ ଜାଲ ବହୁତ ଭାରି ଲାଗିଥିଲା। ପ୍ରଥମେ ସେ ଭାବିଥିଲେ କି ବୋଧହୁଏ ବହୁତ ମାଛ ପଡ଼ିଛି। କିନ୍ତୁ ସେ ଯେତେବେଳେ ଜାଲକୁ ବାହାରକୁ ଆଣିଥିଲେ ସେତେବେଳେ ତାଙ୍କୁ ଏକ ବଡ଼ ଡବା ମିଳିଥିଲା, ଯେଉଁଥିରେ ଅନେକଗୁଡ଼ିଏ ଛୋଟ ଛୋଟ ପ୍ୟାକେଟ୍ ଥିଲା। ଯାଞ୍ଚ କରିବା ପରେ ଜଣା ପଡ଼ିଥିଲା କି ଏହି ସବୁ ପ୍ୟାକେଟଗୁଡ଼ିକରେ ମେଥାଫେଟାମାଇନ୍ ଭରାଯାଇଛି, ଯାହା ଏକ ପ୍ରକାରର ଡ୍ରଗ। ଏହି ଡବାରେ ମୋଟ ୭୮ କିଲୋଗ୍ରାମ ଡ୍ରଗ ରହିଥିଲା ଯାହାର ଆନୁମାନିକ ମୂଲ୍ୟ ୨୩୦ କୋଟିରୁ ଅଧିକ। ଚାଇନାର ଚା' ପ୍ୟାକେଟରେ ଏହି ଡ୍ରଗ ଭର୍ତ୍ତି କରାଯାଇଛି। ତାମିଲନାଡୁର ନାର୍କୋଟିକ୍ସ ଇଣ୍ଟେଲିଜେନ୍ସ ବ୍ୟୁରୋ କ୍ରାଇମ୍ ଇନଭେଷ୍ଟିଗେଶନ୍ ଡିପାର୍ଟମେଣ୍ଟର କହିବା ଅନୁସାରେ ଏହା ହାଇ ଭ୍ୟାଲୁ ଡ୍ରଗ୍ସ ଏବଂ ଏହା ସାଧାରଣତଃ ରେଭ୍ ପାର୍ଟିରେ ବ୍ୟବହାର କରାଯାଇଥାଏ। ଏହି ଡ୍ରଗ୍ସ ଶ୍ରୀଲଙ୍କା ଦେଇ ମାଲେସିଆ ଯାଇଥାନ୍ତା ବୋଲି ପୋଲିସ୍ ଅନୁମାନ କରୁଛି।

# ଆଡପ୍ଟାଭର୍ସାରି



**ନୂଆଦିଲ୍ଲୀ:** ବାର୍ଥ ଡେ, ଆନିଭର୍ସାରି ଆଦି ଶବ୍ଦ ସହିତ ଏବେ ପ୍ରାୟ ସମସ୍ତେ ପରିଚିତ। କିନ୍ତୁ ଆଡପ୍ଟାଭର୍ସାରି ଶବ୍ଦ ଶୁଣିବା ନିଶ୍ଚିତଭାବେ ନୂଆ କଥା। କିନ୍ତୁ ଏମିତି ଏକ ଶବ୍ଦ ଏବେ ସୋସିଆଲ ମିଡିଆରେ ଖୁବ ଭାଇରାଲ୍ ହେଉଛି। ତା'ପୁଣି ଏକ କୁକୁର ପାଇଁ। କୁକୁରଟିର ନାଁ ହେଉଛି ଡନକିନ୍ ଏବଂ ସେ ତା' ମାଲିକ ଘରେ ନିଜର ପଞ୍ଚମ ଆଡପ୍ଟାଭର୍ସାରି ପାଳନ କରିଛି। ଅର୍ଥାତ୍ ଡନକିନ୍‌କୁ ପୋଷ୍ୟଭାବେ ଗ୍ରହଣ କରିବାର ଦିନ।

ପାଞ୍ଚ ବର୍ଷ ତଳେ ସେହି ଦିନରେ ଡନ୍‌କିନ୍‌କୁ ତା' ମାଲିକ ଘରକୁ ଆଣିଥିଲେ। ତେଣୁ ସେହି ଦିନଟିକୁ ସେ ପ୍ରତିବର୍ଷ ପାଳନ କରୁଛନ୍ତି। ଏଥିପାଇଁ କୁକୁରଟି ଖୁସିରେ ଖିଆପିଆ କରି ଲନ୍‌ରେ ବୁଲିବା ପାଇଁ ଲନ୍‌ମୁଭର୍‌ରେ ବସୁଛି। ମାତ୍ର ଡନ୍‌କିନ୍ ଏବେ ବଡ଼ ହୋଇ ଯାଇଥିବାରୁ ଆଉ ସେଥିରେ ବସି ପାରୁନି। ସୋସିଆଲ୍ ମିଡିଆରେ ଡନ୍‌କିନ୍‌ର ଏହି ସ୍ୱତନ୍ତ୍ର ଦିନଟିକୁ ଲୋକେ ଆଡପ୍ଟାଭର୍ସାରୀ ବୋଲି କହିଛନ୍ତି। ଡନ୍‌କିନ୍‌ର ଏହି ଭିଜୁଆଲ ସହିତ ତା'ର ଛୋଟବେଳର ଏକ ଫଟୋ ମଧ୍ୟ ସେୟାର କରାଯାଇଛି। ଭିଜୁଆଲ ସେୟାର କରିବାର ମାତ୍ର ଗୋଟିଏ ଦିନରେ ୨୨ହଜାରରୁ ଅଧିକ ଲୋକ ଦେଖିବା ସହିତ ସୁନ୍ଦର କମେଣ୍ଟ ସବୁ କରିଛନ୍ତି।

# ବିବାଦକୁ ଟାଣିହେଲେ ସୋନମ୍



**ମୁମ୍ବାଇ:** ପିତୃ ଦିବସ ପ୍ରତି ପିତା ଓ ସନ୍ତାନ ପାଇଁ ଖାସ୍ ହୋଇଥାଏ। ଗତ ରବିବାର ସମସ୍ତେ ଖୁବ ଧୁମ୍‌ଧାମ୍‌ରେ ଫାଦର୍ସ ଡେ' ପାଳନ କରିଛନ୍ତି। ଏଥିପାଇଁ ସମସ୍ତେ ସୋସିଆଲ ମିଡିଆରେ ବାପାଙ୍କ ଫଟୋ ପୋଷ୍ଟ କରିବା ସହ ନିଜ ମନର କଥା ଲେଖିଛନ୍ତି। କେବଳ ସାଧାରଣ ଲୋକ ନୁହେଁ, ବଲିଉଡ୍‌ର ସେଲିବ୍ରିଟିମାନେ ମଧ୍ୟ ଫାଦର୍ସ ଡେ'ରେ ନିଜ ପିତାଙ୍କ ପାଇଁ କିଛି କିଛି ଲେଖିଛନ୍ତି। ତେବେ ବାପାଙ୍କ ପାଇଁ କେଇପଦ ଲେଖି ବିବାଦକୁ ଟାଣି ହୋଇଛନ୍ତି ବଲିଉଡ୍ ଅଭିନେତ୍ରୀ ସୋନମ କପୁର।

ଫାଦର୍ସ ଡେ' ଅବସରରେ ସୋନମ ପିତା ଅନୀଲ କପୁରଙ୍କ ପାଇଁ ନିଜ ମନ କଥା ଲେଖି ଟ୍ରୋଲ୍ ହୋଇଛନ୍ତି। ସୋନମ ନିଜ ଟ୍ୱିଟର ଆକାଉଣ୍ଟ ପେଜ୍‌ରେ ଲେଖିଛନ୍ତି ଯେ 'ପିତୃ ଦିବସ ଉପଲକ୍ଷେ ମୁଁ କିଛି କହିବାକୁ ଚାହୁଁଛି। ହଁ, ମୁଁ ମୋ ପିତାଙ୍କ ଝିଅ ଆଉ ମୁଁ ତାଙ୍କ ପାଇଁ ଏହି ସ୍ଥାନରେ ପହଞ୍ଚିଛି। ମୋର କେତେକ ସ୍ୱତନ୍ତ୍ର ଅଧିକାର ଅଛି। ଏହା ଆଦୌ ବେଇଜ୍ଜତି ନୁହେଁ। ମୋ ବାପା ମତେ ଏସବୁ ଦେବା ପାଇଁ କଠିନ ପରିଶ୍ରମ କରିଛନ୍ତି। ଆଉ ଏହା ମୋ କର୍ମ ଯେ ମୁଁ ଏଭଳି ଘରେ ଜନ୍ମ ହୋଇଛି। ମୁଁ ତାଙ୍କ ଝିଅ ବୋଲି ଗର୍ବିତ।' କିଛି ଦିନ ହେବ ନେପୋଟିଜମ୍‌କୁ ନେଇ ଟ୍ରୋଲ ହୋଉଥିବା ସୋନମ କପୁର ଲୋକଙ୍କୁ ଟୁଇଟ ମାଧ୍ୟମରେ ଜବାବ ଦେଇଥିବା କୁହାଯାଉଛି। ଅନ୍ୟପଟେ ସୋନମଙ୍କ ଏହି ଟୁଇଟ ପାଇଁ ତାଙ୍କୁ ସୋସିଆଲ ମିଡିଆରେ ୟୁଜର୍ସମାନେ ଖୁବ ସମାଲୋଚନା କରିଛନ୍ତି। କେତେକ ୟୁଜର୍ସ କହିଛନ୍ତି ଯେ କେବଳ ତୁମ ବାପା ନୁହେଁ ସମସ୍ତଙ୍କ ବାପା ନିଜ ଛୁଆ ପାଇଁ କଠିନ ପରିଶ୍ରମ କରିଥାନ୍ତି। ତୁମେ ଏଭଳି ମନ୍ତବ୍ୟ ଦେବା ଅନୁଚିତ। ଆଉ ଜଣେ ୟୁଜର କହିଛନ୍ତି, ଯାହା ହେଉ ତୁମେ ମାନିଲ ଯେ ତୁମେ ବାପାଙ୍କ ଯୋଗୁ ଏଠାରେ ଅଛ, ନିଜ ଟ୍ୟାଲେଣ୍ଟ ପାଇଁ ନୁହେଁ। ସୂଚନାଯୋଗ୍ୟ ଯେ ବଲିଉଡ୍ ଅଭିନେତ୍ରୀ ସୁଶାନ୍ତ ସିଂହ ରାଜପୁତଙ୍କ ଆତ୍ମହତ୍ୟା ପରେ ବଲିଉଡ୍‌ରେ ଚାଲିଥିବା ପରିବାରବାଦକୁ ନେଇ ବାରମ୍ବାର ସ୍ୱର ଉତ୍ତୋଳନ କରାଯାଉଛି। ନେପୋଟିଜମ୍‌କୁ ନେଇ ଅନ୍ୟ ଷ୍ଟାର କିଡ୍‌ସଙ୍କ ସମେତ ସୋନମ କପୁର ବି ଟ୍ରୋଲ୍ ହେଉଛନ୍ତି।

# ମନେ ପଡ଼ନ୍ତି

## ସପ୍ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଉଗ୍ରେସନ ବାରିକ**
ହାଟମଇତାପୁର, ମଇତାପୁର, ବାଲେଶ୍ୱର
ଧରାବତରଣ: ୦୧।୦୧।୧୯୫୨
ସ୍ୱର୍ଗାରୋହଣ: ୨୩।୦୬।୨୦୧୪
ଜୀବନର ଅନ୍ତିମ ସମୟ ପର୍ଯ୍ୟନ୍ତ ଅଦୃଶ୍ୟ ଭାବରେ ଆପଣ ଆମ୍ଭମାନଙ୍କ ସହିତ ରହି ପଥ ପ୍ରଦର୍ଶନ କରୁଥାଆନ୍ତୁ, ଆଶୀର୍ବାଦ କରନ୍ତୁ। ଏତିକି ଠାକୁରଙ୍କ ପାଖରେ ପ୍ରାର୍ଥନା।
**:ଶୋକସନ୍ତପ୍ତ:**
କମଳାକାନ୍ତ, ସୂର୍ଯ୍ୟକାନ୍ତ, ରମାକାନ୍ତ ଓ ପରିବାରବର୍ଗ।

ଧ–୧୭୫୫୧

## ପଞ୍ଚମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ତମାଳଲତା ରଥ**
୨୬୭/ ୩୩୫୫, ଜୟଦେବ ବିହାର
ତିରୋଧାନ: ୧୮।୦୭।୨୦୧୫
ବୋଉ, ଆଜି ତୁମର ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ସର୍ବଦା ଅତୁଟ ରହିଥାଉ।
**:ଶୋକସନ୍ତପ୍ତ:**
ପରିବାରବର୍ଗ ।

ଧ–୬୧୦୭୯

## ୧୪ ତମ ଶ୍ରାଦ୍ଧବାର୍ଷିକୀ



**୰ଦିଲୀପ ମିଶ୍ର**
୧୮୫, ଜନପଥ, ଭୁବନେଶ୍ୱର
ଆବିର୍ଭାବ: ୨୧.୦୯.୧୯୪୦
ତିରୋଧାନ: ୨୭.୦୭.୨୦୦୬
(ଶ୍ରାଦ୍ଧତିଥି)
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।
ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ

ଧ–୬୯୨୯୦

## ବିଂଶତମ ଶ୍ରାଦ୍ଧ ବାର୍ଷିକୀ



**୰ ନମିତା ଧଳ**
ସ୍ୱାମୀ ଇଂ: ପୀତାମ୍ବର ଧଳ
ଶହୀଦନଗର, ଭୁବନେଶ୍ୱର
ଯାହାଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ସେବା ସବୁଦିନ ପାଇଁ ପରିବାର ର ପ୍ରତ୍ୟେକଙ୍କ ପାଇଁ ଆଦର୍ଶ ଓ ପ୍ରେରଣା ହୋଇ ରହିବ।
ଶୋକସନ୍ତପ୍ତ ପରିବାରବର୍ଗ

ଧ–୬୮୦୮୫

## ୧୯ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଚିତ୍ତରଞ୍ଜନ ଦାସ**
ପଟିଆ, ଭୁବନେଶ୍ୱର
ଆବିର୍ଭାବ: ୨୪।୦୬।୧୯୨୪
ତିରୋଧାନ: ୨୨।୦୬।୨୦୦୧
ଚାହୁଁ ଚାହୁଁ ୨୦ ବର୍ଷ ବିତିଗଲା, ଆପଣଙ୍କ ଅନୁପସ୍ଥିତି ଆମ୍ଭମାନଙ୍କ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଆପଣଙ୍କ ନୀତି ଆଦର୍ଶରେ ଆମେ ଅନୁଗାମୀ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଏବେ ବି ଆମ ଜୀବନର ଉତ୍ସ। ପ୍ରଭୁଙ୍କଠାରେ ପ୍ରାର୍ଥନା ଆପଣଙ୍କ ଅମର ଆତ୍ମା ଶାନ୍ତିରେ ରହୁ।
**ଆପଣଙ୍କ ଶୋକସନ୍ତପ୍ତ ପରିବାରବର୍ଗ।**

ଧ–୧୭୫୫୩

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ କୁନ୍‌ମୁନ୍ ପ୍ରହରାଜ**
Senior Vice President, Yes Bank, South Delhi
ଆବିର୍ଭାବ– ୨୫.୦୧.୧୯୮୧
ତିରୋଧାନ– ୧୩.୦୬.୨୦୨୦
ହେ ଦିବ୍ୟାତ୍ମା, ତୁମର ଆକସ୍ମିକ ବିୟୋଗରେ ଆମେ ଅତିମାତ୍ରାରେ ମର୍ମାହତ । ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସମୟାନୁବର୍ତ୍ତିତା ଓ କର୍ତ୍ତବ୍ୟନିଷ୍ଠା ଆମମାନଙ୍କ ପାଇଁ ସଦାସର୍ବଦା ଚିରସ୍ମରଣୀୟ ହୋଇରହିବ । ତୁମ ଆତ୍ମାର ଶାନ୍ତି ଓ ସଦ୍‌ଗତି କାମନା କରୁଅଛୁ।
ଶୋକସନ୍ତପ୍ତ
ସ୍ୱାମୀ– ରାଜୀବ, ପୁତ୍ରୀ– ମେଘଲା, ପୁତ୍ର– ଅଭିରାମ, ଶାଶୁ, ଶ୍ୱଶୁର, ନଣନ୍ଦ, ନଣନ୍ଦେଇ, ଭଣଜା ଓ ପରିବାର ବର୍ଗ, ପିତା– ଦେବେନ୍ଦ୍ର କୁମାର ପ୍ରହରାଜ, କକେଇମାନେ, ଖୁଡିମାନେ, ପିଉସା, ପିଉସି ମାନେ, ସ୍ନେହୀ ଭାଇ ଭଉଣୀ ମାନେ, ମୋନାଲିସା, ପ୍ରଦ୍ୟୁମ୍ନ, ମାନସୀ, ସୁକାନ୍ତ, ସାଇ, ଆର୍ଯ୍ୟନ ଓ ଆଦ୍ୟାଂଶ ଏବଂ ସମସ୍ତ ଆତ୍ମୀୟସ୍ୱଜନ ।

ଧ–୧୭୫୫୪

# ଅବସୋସ

କିଏ କହେ ରଥରେ ଜଗନ୍ନାଥଙ୍କୁ ଦେଖିଲେ କୋଟିପୁଣ୍ୟର ଫଳ ମିଳେ ତ ପୁଣି ବିଶ୍ୱାସ ରହିଛି ରଥାରୂଢ଼ ଜଗନ୍ନାଥଙ୍କୁ ଦେଖିବା ପରେ ଆଉ ପୁନର୍ଜନ୍ମ ନ ଥାଏ। ନାନା ବିଶ୍ୱାସ ଆଉ ଭକ୍ତିରେ ଭକ୍ତଟିଏ ଚାହିଁ ରହିଥାଏ ରଥରେ ଜଗତର ନାଥ ଜଗନ୍ନାଥଙ୍କୁ ଦର୍ଶନ କରିବ। କିନ୍ତୁ ଏଥର କୋଭିଡ୍ ପାଇଁ ବିଭିନ୍ନ ସର୍ତ୍ତ ସହିତ ପୁରୀ ରଥଯାତ୍ରାକୁ ଅନୁମତି ମିଳିଥିବାବେଳେ ରାଜ୍ୟର ଅନ୍ୟ ସ୍ଥାନର ରଥଯାତ୍ରାକୁ ଅନୁମତି ମିଳିପାରିନାହିଁ। ରଥଯାତ୍ରାରେ ସାମିଲ ନ ହୋଇପାରିବାର ଦୁଃଖ ଓ ଅବସୋସ ଭକ୍ତଙ୍କ ମୁହଁରେ...


କେନ୍ଦୁଝରର ବଳଦେବଜୀଉ ରଥ।

## ଚିନ୍ତା କରିପାରୁନି



ଓଡ଼ିଆଙ୍କ ଆରାଧ୍ୟ ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ। ନନ୍ଦିଘୋଷ ରଥରେ ସେ ମାଉସୀ ମା' ମନ୍ଦିରକୁ ଯାଇଥାନ୍ତେ। କରୋନା ସଂକ୍ରମଣ ପାଇଁ ରଥଯାତ୍ରା ବନ୍ଦ ହୋଇଯାଇଛି। ପ୍ରତିବର୍ଷ ଆମ କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ରରେ ସାରା ପରିବାର ଯାଇ ରଥଯାତ୍ରାରେ ସାମିଲ ହେଉ। ଏବର୍ଷ ରଥରେ ଶ୍ରୀଜୀଉଙ୍କୁ ଦେଖି ନ ପାରିବା କଥା ଏବେ ବି ଚିନ୍ତା କରିପାରୁନି। କୋଭିଡ୍-୧୯ର ନିୟମାବଳୀ ଅନୁସାରେ ରଥଯାତ୍ରା ପାଇଁ ପଦକ୍ଷେପ ନେଇଥିଲେ ଭଲ ହୋଇଥାନ୍ତା। ଏହା ମନରେ ଢେର ଦୁଃଖ ଦେଇଛି।

– **ସଂଯୁକ୍ତା ତ୍ରିପାଠୀ** (ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ, କେନ୍ଦ୍ରାପଡ଼ା)

## ସମସ୍ତଙ୍କ ପାଇଁ ଦୁଃଖର ବିଷୟ



କୋଟି ଓଡ଼ିଆଙ୍କ ବିଶ୍ୱାସର ଠାକୁର ମହାପ୍ରଭୁ ଜଗନ୍ନାଥ। ଭାରତର ଚାରିଧାମ ମଧ୍ୟରେ ଜଗନ୍ନାଥ ଧାମ ଶ୍ରେଷ୍ଠ। ପତିତପାବନ ନାମକୁ ସାର୍ଥକ କରିବା ପାଇଁ ରଥାରୂଢ଼ ମହାପ୍ରଭୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସିଥାନ୍ତି। ଏହାକୁ ନେଇ ପ୍ରତି ଓଡ଼ିଆଙ୍କ ଅନ୍ତରାତ୍ମାରେ ଶିହରଣ ସୃଷ୍ଟି ହୋଇଥାଏ। ୧୯୯୯ରୁ ଢେଙ୍କାନାଳରେ ଦୁଇଟି ରଥ ମଧ୍ୟରୁ ଗୋଟିଏକୁ ମହିଳାମାନେ ଟାଣି ଆସୁଥିଲେ। ଚଳିତବର୍ଷ ଏଠାରେ ରଥଯାତ୍ରା ବନ୍ଦ ହେବା ପରେ ଏଥିରୁ ସମସ୍ତେ ବଞ୍ଚିତ ହୋଇଛନ୍ତି। ବର୍ଷକରେ ଥରେ ମହାପ୍ରଭୁଙ୍କ ରଥ ଟାଣିବା ପାଇଁ ଯେଉଁ ସୁଯୋଗ ମିଳେ ତାହା ଏଥର ମିଳିଲା ନାହିଁ। ଏହା ଆମ ସମସ୍ତଙ୍କ ପାଇଁ ଦୁଃଖର ବିଷୟ।

–**ଡ. ପୁଷ୍ପଲତା ରଥ** (ଅଧ୍ୟାପିକା, ଢେଙ୍କାନାଳ)

## ଭକ୍ତ ରହିତ ରଥଯାତ୍ରା ହୋଇପାରିଥାନ୍ତା



ଅନନ୍ତ କୋଟି ବ୍ରହ୍ମାଣ୍ଡର ନାଥ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ରଥ ଗଡିଲେ ହିଁ ବିକାଶର ରଥ ଗଡ଼େ। ଇଏ ଆଧ୍ୟାତ୍ମିକତାର କଥା, ଧର୍ମୀୟ ଭାବନାର କଥା, ବିଶ୍ୱାସର କଥା। କୋଭିଡ୍-୧୯ କାରଣରୁ କଟକଣା ଭିତରେ ଏଠାରେ ଭକ୍ତରହିତ ରଥଯାତ୍ରା ପାଳିତ ହୋଇପାରିଥାନ୍ତା। ସମ୍ପୂର୍ଣ୍ଣ ବନ୍ଦ କରିଦେବା ମହା ବିପତ୍ତିର ସୂଚକ। ଏଥିପାଇଁ ମୁଁ ଅତ୍ୟନ୍ତ ମର୍ମାହତ।

–**ସୁନୀତି ପାଣିଗ୍ରାହୀ** (ପାତାଳି ଶ୍ରୀକ୍ଷେତ୍ର, କୋଟସମଲାଇ, ସୁବର୍ଣ୍ଣପୁର)

## ବନ୍ଧୁମିଳନ ଆଉ ମଜା ହେବନି



ଆଗରୁ ରଥଯାତ୍ରା ସମୟରେ ବାହାରେ ରହୁଥିବା ପରିବାର ଲୋକ ତଥା କୁଣିଆ ଆସୁଥିଲେ। ଫଳରେ ଘର ପୂରି ଉଠୁଥିଲା। ଚଳିତବର୍ଷ ରଥଯାତ୍ରା ବନ୍ଦ ଯୋଗୁଁ ଘର ଖାଲି ରହିବ। ସେହିପରି ରଥ ଟାଣିବା ଏବଂ ଗୁଣ୍ଡିଚା ଯାତ୍ରା ପର୍ଯ୍ୟନ୍ତ ବଡଦାଣ୍ଡରେ ବସୁଥିବା ମେଳା ବୁଲିବା ନିଆରା ଅନୁଭୂତି ଚଳିତ ବର୍ଷ ମିଳିବ ନାହିଁ। ସେହିପରି ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରୁଣା ସହର ମୁଖରିତ ହୋଇ ଉଠୁଥିଲା। ତାହା ଦେଖିବାକୁ ମିଳିବ ନାହିଁ। ପାହାଡରୁ ଆସୁଥିବା ଭୂୟାଁ ଓ ଜୁଆଙ୍ଗ ଜନଜାତିଙ୍କ ନୃତ୍ୟଗୀତ ତଥା ବିକ୍ରି କରିବାକୁ ଆଣୁଥିବା ପାହାଡିଆ ସାମଗ୍ରୀ ଦେଖିବାକୁ ମିଳିବ ନାହିଁ। ଶ୍ରୀଜୀଉଙ୍କ ସୁନାବେଶ ଦେଖିବାକୁ ମିଳିବ ନାହିଁ। ସାନମାନଙ୍କୁ ବଡମାନେ ଯାତ୍ରା ଖର୍ଚ୍ଚ ଦେଇଥାନ୍ତି। ସେ ପରମ୍ପରା ଆଉ ମିଳିବ ନାହିଁ। ଏହାଛଡା ରଥଯାତ୍ରା ସମୟରେ ଖିଚୁଡି ଓ ପଲଉ ଖାଇବାର ମଜା ଏବଂ ପଡୋଶୀ ତଥା ବନ୍ଧୁବାନ୍ଧବ ମଧ୍ୟରେ ଭାବ ଆଦାନ ପ୍ରଦାନ ହୋଇପାରିବ ନାହିଁ । ପ୍ରତି ବର୍ଷ ମଙ୍ଗଳବାର ଦିନ ସମସ୍ତେ ଗୁଣ୍ଡିଚା ମନ୍ଦିରରେ ମାନସିକ କରି ତାରିଣୀ ବ୍ରତ ବାନ୍ଧି ପୂଜାର୍ଚ୍ଚନା କରିଥାନ୍ତି। ଚଳିତବର୍ଷ ଏହି ବ୍ରତ ଘରେ ପୂଜା କରି ବାନ୍ଧିବାକୁ ପଡିବ। ନବବିବାହିତା ଏହି ରଥଯାତ୍ରା ସମୟରେ ବୁଲିବା ପରମ୍ପରା ରହିଥିବା ବେଳେ ଚଳିତ ବର୍ଷ ସେମାନେ ବୁଲିବାର ସୁଯୋଗ ପାଇବେ ନାହିଁ ।

– **ସଂଘମିତ୍ରା ପଟ୍ଟନାୟକ** (ଭଟ୍ଟସାହି, ପୁରୁଣାସହର, କେନ୍ଦୁଝର)

## ଘରେ ରହି ପ୍ରାର୍ଥନା କରିବି



ପ୍ରତିବର୍ଷ ରଥଯାତ୍ରାକୁ ଅନାଇ ବସିଥାଏ। ରଥଯାତ୍ରା ଆସିଲେ ମା' ସୁଭଦ୍ରାଙ୍କ ରଥ ଟାଣିବି ବୋଲି ରଥ ଟଣାର ବହୁ ଆଗରୁ ପହଞ୍ଚି ଯାଇଥାଏ। ମା'ଙ୍କ ରଥଙ୍କୁ କେବଳ ମହିଳାମାନେ ଟାଣୁଥିବାରୁ ସମସ୍ତେ ଖୁସିରେ ରଥ ଟାଣିଥାନ୍ତି। ରଥ ଟାଣିବା ବେଳେ ଯେଉଁ ଆନନ୍ଦ ଲାଗେ ତାହା କଳ୍ପନା ବାହାରେ। ମା'ଙ୍କ ରଥ ଟାଣିବା ଦ୍ୱାରା ମନକୁ ଶାନ୍ତି ମିଳେ। ହେଲେ ଚଳିତ ବର୍ଷ ମହାମାରୀ କରୋନା ଯୋଗୁ ରଥ ଯାତ୍ରା ବନ୍ଦ ହୋଇଥିବାରୁ ଦୁଃଖ ଲାଗୁଛି। ସଂକ୍ରମଣକୁ ରୋକିବା ପାଇଁ ସୁପ୍ରିମକୋର୍ଟ ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଏ ବର୍ଷ ଘରେ ରହି ମା'ଙ୍କୁ ଜଗତରୁ କରୋନା ଦୂର ହେଉ ବୋଲି ପ୍ରାର୍ଥନା କରିବି।

**–ସୋନାଲି ଭୂୟାଁ, ଗୃହିଣୀ,ବାରିପଦା**

## କୋଟି ଜନ୍ମର ପୁଣ୍ୟରୁ ବଞ୍ଚିତ



ଜଗନ୍ନାଥଙ୍କର ସଂସ୍କୃତି ଅନୁସାରେ ରଥାରୂଢ଼ ଅବସ୍ଥାରେ ମହାପ୍ରଭୁଙ୍କୁ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିଥାଏ। ଚଳିତ ବର୍ଷ କରୋନା ଲାଗି ରଥଯାତ୍ରା ପାଇଁ ସମସ୍ୟା ସୃଷ୍ଟିକରିଛି। ତେଣୁ ରଥରେ ମହାପ୍ରଭୁଙ୍କୁ ଦେଖିବାର ପୁଣ୍ୟଫଳରୁ ବଞ୍ଚିତ ରହିବାରୁ ଆତ୍ମା କାନ୍ଦି ଉଠୁଛି। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେ ବିଶ୍ୱବାସୀଙ୍କ ମଙ୍ଗଳ ପାଇଁ ମନ୍ଦିର ବାହାରକୁ ଭକ୍ତଙ୍କ ପାଖକୁ ଚାଲିଆସନ୍ତି। ଜଗନ୍ନାଥଙ୍କ ପରମ ଭକ୍ତ ଭାବେ ରଥ ଉପରେ ତାଙ୍କ ଦର୍ଶନ ପାଇବା ପାଇଁ ମନ ବ୍ୟାକୁଳ ହେଉଛି। କୋଭିଡ୍-୧୯ର ସମସ୍ତ ନିୟମକୁ ରକ୍ଷା କରି ରଥଯାତ୍ରା କରିଥିଲେ ଅନ୍ତତଃ ମନକୁ ଟିକିଏ ଶାନ୍ତି ଲାଗିଥାନ୍ତା ବୋଲି ସୁବାଷିନୀ ପ୍ରକାଶ କରିଛନ୍ତି।

– **ସୁବାଷିନୀ ଜି.** (ନୀଳଗିରି, ବାଲେଶ୍ୱର)

## ଆଶା ମଉଳିଗଲା



ବର୍ଷକ ବାରମାସ ଯାକ ସକାଳ ଓ ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିରକୁ ଯାଏ। ଠାକୁରଙ୍କୁ ଫୁଲ ଦେଇ ପ୍ରାର୍ଥନା କରି ଫେରେ। ହେଲେ ମୋ ଜୀବନରେ ପ୍ରଥମ ଥର ପାଇଁ କରୋନା ଯୋଗୁଁ ଏବେ ମୁଁ ମୋର ଅତି ପ୍ରିୟ ଠାକୁରଙ୍କୁ ଦର୍ଶନ କରିପାରୁନି। ସରକାରଙ୍କ କଟକଣା ଯୋଗୁଁ ରଣପୁର ଜଗନ୍ନାଥ ମନ୍ଦିରକୁ ତିନି ମାସ ହେଲା ଭକ୍ତଙ୍କ ପ୍ରବେଶ ମନା। ଫଳରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଦୂରତା ସୃଷ୍ଟି ହୋଇଛି। ସେଥିପାଇଁ ରଥଯାତ୍ରାରେ ରଥ ଉପରେ ମହାପ୍ରଭୁଙ୍କୁ ଦେଖିବା ପାଇଁ ଭକ୍ତମାନେ ବଡ଼ ଆଶା କରିଥିଲେ। କିନ୍ତୁ ରଥଯାତ୍ରା ବନ୍ଦ ହେବାରୁ ଏହି ଆଶା ପୁଣି ମଉଳିଗଲା।

– **ସୁଧାଂଶୁବାଳା ପଟ୍ଟନାୟକ** (ଗୃହିଣୀ, ରଣପୁର)

ସୌନ୍ଦର୍ଯ୍ୟ

# ଦୂର କରନ୍ତୁ କଳାଦାଗ



ଅଧିକାଂଶ ମହିଳାଙ୍କର କହୁଣି ଏବଂ ଆଣ୍ଠୁ ଆଦି ଅଧିକ କଳା ପଡ଼ି ଯାଇଥାଏ। ଏହି ସବୁ ସ୍ଥାନରୁ କଳାଦାଗ କିପରି ଦୂର କରିବେ ଜାଣି ରଖନ୍ତୁ।



- ଅଲିଭ୍ ଅଏଲ ଓ ଚିନିକୁ ସମାନ ମାତ୍ରାରେ ମିଶାଇ କହୁଣି ଉପରେ କିଛି ସମୟ ପାଇଁ ଘଷନ୍ତୁ। ଏହାପରେ ୫ ମିନିଟ୍ ଶୁଖିବା ପାଇଁ ଛାଡ଼ି ଦେଇ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ବାରମ୍ବାର ଏପରି କରିବା ଫଳରେ କଳାଦାଗ ଦୂର ହୋଇଯିବ।
- ଦହିରେ ଭିନେଗାର ମିଶାଇ ପେଷ୍ଟ ତିଆରି କରି କଳା ପଡ଼ିଥିବା ସ୍ଥାନରେ ଲଗାଇ କିଛି ସମୟ ଛାଡ଼ି ଦିଅନ୍ତୁ। ଶୁଖିଯିବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।
- କଞ୍ଚା କ୍ଷୀରକୁ ତୁଳାରେ ଭିଜାଇ କହୁଣିରେ ଲଗାନ୍ତୁ। ଶୁଖିଯିବା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ।
- ଲେମ୍ବୁକୁ କାଟି କହୁଣି ଏବଂ ଆଣ୍ଠୁ ଉପରେ ଭଲଭାବେ ଘଷନ୍ତୁ। ଏହାପରେ ଶୁଖିବା ପାଇଁ କିଛି ସମୟ ଛାଡ଼ି ଦିଅନ୍ତୁ। ଶେଷରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା କିଛିଦିନ ପରେ କଳା ପଡ଼ିଥିବା ସ୍ଥାନ ସଫା ଦେଖାଯିବ।
- ନଡ଼ିଆ ତେଲରେ ଲେମ୍ବୁ ମିଶାଇ କହୁଣିରେ ଘଷନ୍ତୁ ଓ ଶୁଖିଯିବା ପରେ ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା କଳାଦାଗ ଦୂର ହୋଇଯିବ।

ରୋଷେଇ

# ଚୁଡ଼ା ଉତ୍ତପମ୍



### ଆବଶ୍ୟକ ସାମଗ୍ରୀ

ଚୁଡା: ଅଧା କପ୍
ସୁଜି: ଅଧା କପ୍
ଦହି: ଅଧା କପ୍
ପିଆଜ: ଅଧାକପ୍ ଛୋଟ କଟା ହୋଇଥିବା
ବିନ୍ସ, ଗାଜର ଓ କ୍ୟାପ୍ସିକମ୍: ଛୋଟ ଛୋଟ କଟା
ଆବଶ୍ୟକ ଅନୁସାରେ ଲୁଣ, ପାଣି ଓ ତେଲ

### ପ୍ରଣାଳୀ

ପ୍ରଥମେ ଏକ ପାତ୍ରରେ ଚୁଡାକୁ ୨-୩ ମିନିଟ୍ ପର୍ଯ୍ୟନ୍ତ ପାଣିରେ ଭିଜାଇ ଦିଅନ୍ତୁ। ଏହାପରେ ପାଣିରୁ ଛାଣି ଚୁଡା ସହିତ ସୁଜି, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ମିଶ୍ରଣକୁ ଅଧଘଣ୍ଟା ରଖି ଦିଅନ୍ତୁ। ଷ୍ଟଫିଂ ତିଆରି କରିବା ପାଇଁ ପିଆଜ, ବିନ୍ସ, ଗାଜର, କ୍ୟାପ୍ସିକମ୍‌କୁ ଛୋଟ ଛୋଟ କାଟି ରଖନ୍ତୁ। କଟା ପରିବାରୁ ଅଧା ନେଇ ବଟା ହୋଇଥିବା ମିଶ୍ରଣରେ ପକାଇ ଗୋଳାଇ ଦିଅନ୍ତୁ। ଏହାପରେ ତାୱା ଗରମ କରି ସେଥିରେ ଅଳ୍ପ ତେଲ ପକାନ୍ତୁ। ତିଆରି କରିଥିବା ମିଶ୍ରଣକୁ ସେଥିରେ ଛୋଟ କରି ଢାଳନ୍ତୁ ଓ ଉପରେ କଟା ହୋଇଥିବା ପରିବା ଅଳ୍ପ ପକାଇ ଚାପି ଦିଅନ୍ତୁ। ଏହାପରେ ଦୁଇପଟ ଓଲଟାଇ ବାହାର କରି ଦିଅନ୍ତୁ। ଏହାକୁ ଚଟଣି କିମ୍ବା ସସ୍ ସହିତ ଖାଆନ୍ତୁ।

# ଆଇବ୍ରୋ ଟ୍ରେଣ୍ଡ



## ଫ୍ୟାଶନ



ଫ୍ୟାଶନରେ ଅପଡେଟ୍ ରହିବାକୁ ସମସ୍ତେ ପସନ୍ଦ କରନ୍ତି। ସେଥିପାଇଁ ସବୁବେଳେ ନୂଆ ନୂଆ ଫ୍ୟାଶନ ଡିଜାଇନ୍ ଆପଣେଇବାକୁ ଚାହାନ୍ତି। ଡ୍ରେସ ହେଉ କି ହେୟାର ଷ୍ଟାଇଲ୍ ଅବା ଜୋତା ସବୁ ଷ୍ଟାଇଲରେ ନିଜକୁ ଅପଡେଟ୍ ରଖନ୍ତି..

ଆଇ ବ୍ରୋ ଫ୍ୟାଶନରେ ଏବେ ଏକ ଭିନ୍ନ ପ୍ରକାରର ଟ୍ରେଣ୍ଡ ଖୁବ୍ ଲୋକପ୍ରିୟ ହେବାରେ ଲାଗିଛି। ଆଇବ୍ରୋକୁ ଏକ ସୁନ୍ଦର ରାଉଣ୍ଡ ସେପ୍ ଦେବା ପାଇଁ ମହିଳାମାନେ ଚେଷ୍ଟା କରିଥାନ୍ତି। କିନ୍ତୁ ଏବେ ମାସ୍କ ପିନ୍ଧିବାକୁ ପଡୁଥିବାରୁ କେବଳ ଆଇ ବ୍ରୋ ଷ୍ଟାଇଲ ହିଁ ଦେଖାଯାଉଛି। ତେଣୁ ଏହାକୁ ନେଇ ଏବେ ବିଭିନ୍ନ ଏକ୍ସପେରିମେଣ୍ଟ କରାଯାଉଛି। ଏହି ଟ୍ରେଣ୍ଡରେ ଏବେ ଆଇବ୍ରୋକୁ ଡବଲ ଲୁକ୍ ଦେଇ ଏକ ନୂଆ ଟ୍ରେଣ୍ଡ ଆରମ୍ଭ କରିଛନ୍ତି ଯୁବପିଢି। ଅର୍ଥାତ୍ ଦେହର ବିଭିନ୍ନ ଅଂଶରେ ଟାଟୁ କରିବା ଭଳି ଆଇ ବ୍ରୋ ପାଖରେ ଟାଟୁ କରି ଏକ ନୂଆ ଷ୍ଟାଇଲ୍ କରାଯାଉଛି। ଆଇ ବ୍ରୋ'ର ଏହି ବୋଲ୍ଡ ଷ୍ଟାଇଲ୍ ପ୍ରଥମେ ୟୁରୋପରେ ଦେଖିବାକୁ ମିଳିଥିଲା। କିନ୍ତୁ ଏବେ ଆମ ଦେଶରେ ମଧ୍ୟ ଅନେକ ଏହି ଫ୍ୟାଶନକୁ ଆପଣେଇଲେଣି। ଏହି ଫ୍ୟାଶନକୁ ଆପଣେଇବାକୁ ଚାହୁଁଥିଲେ କିଛି ଦିଗ ଉପରେ ଧ୍ୟାନ ଦିଅନ୍ତୁ।

– ଯଦି ଏହି ଷ୍ଟାଇଲ୍ କରିବାକୁ ଚାହାନ୍ତି ତେବେ ପ୍ରଥମେ ଟେମ୍ପରାରି କରି ଦେଖନ୍ତୁ ଏହା ଆପଣଙ୍କୁ ସୁଟ୍ କରୁଛି କି ନାହିଁ।
– ଯଦି ପରମାନେଣ୍ଟ ଆଇ ବ୍ରୋ ଶେପ୍ ଦେବାକୁ ଚାହାନ୍ତି ତେବେ ଏକ୍ସପର୍ଟଙ୍କୁ ଡାକି ଆଇ ବ୍ରୋ ଟାଟୁ କରନ୍ତୁ।
– ଏଭଳି ଡିଜାଇନରେ ପରମାନେଣ୍ଟ ଟାଟୁ କରିବା ପୂର୍ବରୁ ଅନ୍ୟ ଏକ୍ସପର୍ଟମାନଙ୍କର ପରାମର୍ଶ ନିଅନ୍ତୁ। କାରଣ ହୁଏତ କିଛି ମାସ ପରେ ଆପଣଙ୍କୁ ଏହା ବୋର ଲାଗିପାରେ।



# ଘରକୁ ଦିଅନ୍ତୁ ରୟାଲ ଲୁକ୍




**ଘରକୁ ରୟାଲ ଲୁକ୍ ଦେବା ପାଇଁ ଚାହୁଁଥିଲେ ଜାଣି ରଖନ୍ତୁ କିଛି ଟିପ୍ସ।**

- ଘରେ ବିଭିନ୍ନ ପ୍ରକାରର କାରୁକାର୍ଯ୍ୟପୂର୍ଣ୍ଣ ଆସବାବପତ୍ର ରଖି ଘରକୁ ରୟାଲ ଲୁକ୍ ଦେଇପାରିବେ। ଏଥିପାଇଁ ଡ୍ରଇଁ ରୁମ୍‌ର ଟେବୁଲ ଉପେ ରୟାଲ ଲୁକ୍ ଥିବା ବିଭିନ୍ନ ଜିନିଷ ରଖନ୍ତୁ।
- ରୁପା କିମ୍ବା ପିତଳରେ ତିଆରି ପୁରୁଣା ଡିଜାଇନ୍‌ର ଗ୍ଲାସ, ଜଗ୍, ଫୁଲଦାନୀ ଆଦି ରଖନ୍ତୁ।
- ଘରର ଚେୟାର, ସୋଫା ଆଦିକୁ ବିଭିନ୍ନ କଳାକୃତି ଡିଜାଇନର ତିଆରି କରନ୍ତୁ। ବିଭିନ୍ନ କଳାକୃତିଥିବା ଆସବାବପତ୍ର ଘରକୁ ଭିନ୍ନ ଲୁକ୍ ଦେବ।
- ଗୋଲ୍ଡେନ ଏବଂ ସିଲଭର କଲରଥିବା କ୍ୟାଣ୍ଡେଲ ଷ୍ଟାଣ୍ଡ, ଫୁଲଦାନୀ ଆଦି ରଖନ୍ତୁ। ଏହା ବ୍ୟତୀତ ମାଟିରେ ତିଆରି ବିଭିନ୍ନ ଡିଜାଇନ ତଥା ବିଭିନ୍ନ ରଙ୍ଗର ସୁନ୍ଦର ଆସବାବପତ୍ର ଏବେ ବଜାରରେ ମିଳୁଛି। ଏସବୁ ଜିନିଷକୁ ଆପଣ ଘର ବାହାରେ ଗେଟ୍ ପାଖରେ କିମ୍ବା ବଗିଚା ଭିତରେ ରଖିପାରିବେ।
- କାଗଜରେ ମଧ୍ୟ ରଙ୍ଗବେରଙ୍ଗର ବିଭିନ୍ନ କଳାକୃତି ରହିଛି, ଯାହାକୁ ଆପଣ ଟେବୁଲ ଉପରେ ସଜାଇବା ସହ କାନ୍ଥରେ ବି ଟାଙ୍ଗିପାରିବେ।
- ସୋସିଆଲ ମିଡିଆରେ ଏବେ ଘରସଜା ନେଇ ବିଭିନ୍ନ ଫଟୋ ଓ ଭିଡିଓ ରହିଛି। ସେସବୁ ଦେଖି ଆପଣ ଆଇଡିଆ ନେଇପାରିବେ।

# ଶାଢ଼ିରେ ସ୍ଲିମ୍

ଶାଢ଼ି ପିନ୍ଧି ସ୍ଲିମ୍ ଦେଖାଯିବା ପାଇଁ ହେଲେ ବିଭିନ୍ନ ଦିଗ ପ୍ରତି ଦୃଷ୍ଟି ଦେବାକୁ ହେବ। ବଡ଼ିଟାଇପ୍, ଶାଢିର ରଙ୍ଗ, ଶାଢିର ପ୍ରିଣ୍ଟ ଓ ପ୍ୟାଟର୍ନ ଆଦି ସବୁ ଦିଗ ପ୍ରତି ନଜର ଦେବାକୁ ପଡ଼ିଥାଏ।



### ହାଲ୍‌କା ଫେବ୍ରିକ୍

ଶାଢିର ଫେବ୍ରିକ୍ ସବୁବେଳେ ବଡ଼ି ଟାଇପ୍ ଅନୁସାରେ ହେବା ଉଚିତ। ଆପଣ ଯଦି ସ୍ଲିମ୍ ଦେଖାଯିବାକୁ ଚାହାନ୍ତି ତେବେ ହାଲ୍‌କା ଫେବ୍ରିକ୍ ଶାଢି ପିନ୍ଧନ୍ତୁ। ସାଉଥ୍ ସିଲ୍କ, ବନାରସି ଶାଢି, ସୂତା ଶାଢି ଓ ପଟୋଲା ଶାଢି ଭାରି ହେବା କାରଣରୁ ଶାରୀରିକ ଗଢଣ ମୋଟା ଦେଖାଯାଇଥାଏ।

### ମୋଟା ପ୍ରିଣ୍ଟ ଶାଢି

ଛୋଟ ପ୍ରିଣ୍ଟ ଶାଢିରେ ସ୍ଲିମ୍ ଦେଖାଯିବେ କିନ୍ତୁ ମୋଟା ପ୍ରିଣ୍ଟ ଶାଢିରେ ସାଧାରଣତଃ ମୋଟା ଦେଖାଯାଏ। ତେଣୁ ସ୍ଲିମ୍ ଦେଖାଯିବା ପାଇଁ ସିଫନ୍, ଜର୍ଜେଟ୍ ଓ କ୍ରେପ ଶାଢି ପିନ୍ଧିପାରିବେ।

### ଲଙ୍ଗ୍ ସ୍ଲିଭ୍ ବ୍ଲାଉଜ୍

କିଛି ମହିଳା ମୋଟା ହୋଇଥିବାରୁ ଶାଢି ପିନ୍ଧନ୍ତି ନାହିଁ। କିନ୍ତୁ ଏ କ୍ଷେତ୍ରରେ ଆପଣ ସର୍ଟ୍ ସ୍ଲିଭ୍ ବ୍ଲାଉଜ୍ ବଦଳରେ ଲଙ୍ଗ୍ ସ୍ଲିଭ୍ ବ୍ଲାଉଜ୍ ପିନ୍ଧନ୍ତୁ।

### ଡାର୍କ କଲର

ଡାର୍କ କଲର ଶାଢି ପିନ୍ଧିଲେ ବି କେତେକାଂଶରେ ସ୍ଲିମ୍ ଦେଖାଯାନ୍ତି। ତେଣୁ ବ୍ରାଉନ୍, ବ୍ଲାକ, ରେଡ୍ ଓ ବ୍ଲୁ ରଙ୍ଗର ଶାଢି ପିନ୍ଧିଲେ ସ୍ଲିମ୍ ଦେଖାଯିବେ।

### ପତଳା ବର୍ଡର

ସ୍ଲିମ୍ ଦେଖାଯିବାକୁ ଚାହୁଁଥିଲେ ପତଳା ବର୍ଡର ଶାଢି ପିନ୍ଧନ୍ତୁ। ମୋଟା ବର୍ଡର ଥିବା ଶାଢି ପିନ୍ଧନ୍ତୁ ନାହିଁ।

### ଠିକ୍ ଭାବରେ ପିନ୍ଧନ୍ତୁ

ଠିକ୍ ଭାବରେ ଶାଢି ପିନ୍ଧି ଠିକ୍ ଢଙ୍ଗରେ ପିନ୍ ଅପ୍ କରିଲେ ସ୍ଲିମ୍ ଦେଖାଯିବେ। ଏହା ସହିତ ଶାଢିକୁ ଢିଲାରେ ପିନ୍ଧନ୍ତୁ ନାହିଁ।

### ହେୟାରଷ୍ଟାଇଲ୍

କମ୍ ଉଚ୍ଚତାର ମହିଳାମାନେ ଶାଢିରେ ସବୁବେଳେ ପଫ୍ କିମ୍ବା ବନ୍ ହେୟାରଷ୍ଟାଇଲ୍ କରନ୍ତୁ, ସ୍ଲିମ୍ ଦେଖାଯିବେ।

## ନିମାପଡ଼ାରେ ପୁଣି ଜଣେ ମହିଳା ପଜିଟିଭ

ନିମାପଡ଼ା(ଡି.ଏନ୍.ଏ.): ନିମାପଡ଼ା ବ୍ଲକ କୋଟକୋସାଙ୍ଗ ପଞ୍ଚାୟତରେ ପୁଣି ଜଣେ ୨୬ ବର୍ଷୀୟ ମହିଳା କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ନିକଟରେ ସେ ତାମିଲନାଡୁରୁ ଫେରି ପ୍ରଥମେ ୧୪ଦିନ ସ୍ଥାନୀୟ କ୍ୱାରାଣ୍ଟାଇନ ଓ ୭ ଦିନ ହୋମ୍ କ୍ୱାରାଣ୍ଟାଇନରେ ରହିଥିବା ସରପଞ୍ଚ ଅମୂଲ୍ୟ ନାରାୟଣ ସିଂ କହିଛନ୍ତି। ୧୮ତାରିଖରେ ତାଙ୍କ ସ୍ୱାବ ପରୀକ୍ଷା ପାଇଁ ଯାଇଥିବା ବେଳେ ରବିବାର ରିପୋର୍ଟ ପଜିଟିଭ ଆସିଥିଲା। ତାଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲ ପଠାଯାଇଥିଲା। ତାଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଇ ୧୪ଜଣଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିବା ବିଡିଓ ମନୋଜ ବେହେରା କହିଛନ୍ତି।



**ସଂକ୍ଷେପରେ**

### ଟାଙ୍ଗୀରେ ୨ୟ ପଜିଟିଭ ଚିହ୍ନଟ

### ଶଟ୍‌ଡାଉନ୍ ଅବଧି ୩୬ଘଣ୍ଟା ବୃଦ୍ଧି

**ଟାଙ୍ଗୀ(କଟକ)୨୨।୬(ଡି.ଏନ୍.ଏ):** ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ୫ମ ତଥା ଟାଙ୍ଗୀ ଅଞ୍ଚଳରେ ୨ୟ କରୋନା ରୋଗୀ ସୋମବାର ଚିହ୍ନଟ ହୋଇଛି। ଫଳରେ ସୋମବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜାରିଥିବା ଶଟ୍‌ଡାଉନ ଅବଧିକୁ ପୁନଶ୍ଚ ବୁଧବାର ସନ୍ଧ୍ୟା ୬ଟା ଅର୍ଥାତ୍ ୩୬ଘଣ୍ଟା ବୃଦ୍ଧି କରାଯାଇଥିବା ସରପଞ୍ଚ ଅମୂଲ୍ୟ ସାହୁ କହିଛନ୍ତି। କୋଟସାହି ପଞ୍ଚାୟତ କନ୍ଦରକଣା ଗ୍ରାମର ଆକ୍ରାନ୍ତଜଣକ (୨୫ବର୍ଷୀୟା ଯୁବତୀ) ପଶ୍ଚିମବଙ୍ଗରୁ ଫେରି ଗତ ୧୭ତାରିଖରେ ଟାଙ୍ଗୀସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ୨୦ତାରିଖରେ ତାଙ୍କର ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ ଚିକିତ୍ସା ନିମନ୍ତେ କଟକସ୍ଥିତ କୋଭିଡ୍ ହସ୍ପିଟାଲ ପଠାଯାଇଛି।

### ୫ ବେଆଇନ ବାଲି ବୋଝେଇ ଗାଡ଼ି ଜବତ

**ନରାଜ,୨୨।୬(ଡି.ଏନ୍.ଏ.):** ବାରଙ୍ଗ ତହସିଲ ପକ୍ଷରୁ ସୋମବାର ଅପରାହ୍ନରେ ଚଢ଼ାଉ କରାଯାଇ ବେଆଇନ ଭାବେ ବାଲି ଚାଲାଣ କରୁଥିବା ୫ ଗାଡି ଜବତ କରାଯାଇଛି। ବାରଙ୍ଗ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ କୌଣସି ସୂତ୍ରରୁ ଖବରପାଇ ତହସିଲ କାର୍ଯ୍ୟାଳୟ ସାମନା ଓ ସୁଭାଷ ସେତୁ ରାସ୍ତାରେ ଇନଫୋର୍ସମେଣ୍ଟ ଟିମ୍ ସହ ଏହି ଚଢ଼ାଉ କରିଥିଲେ। ଏହି ସମୟରେ ବାଲିଚାଲାଣ କରୁଥିବା ୪ ହାଇୱା ଓ ଗୋଟିଏ ଟିପ୍ପର ଧରାପଡ଼ିଥିଲା। ଉକ୍ତ ଗାଡ଼ିଗୁଡ଼ିକୁ ଜବତ ପରେ ତହସିଲ କାର୍ଯ୍ୟାଳୟ ପରିସରରେ ରଖାଯାଇଛି।

### ଚାଇନା ସାମଗ୍ରୀ ବର୍ଜନ ପାଇଁ ଆହ୍ୱାନ

**କଟକ ଅଫିସ,୨୨।୬:** ଗଲୱାନ ଘାଟିରେ ଚୀନ ସେନା ସହ ସମ୍ମୁଖ ଲଢ଼େଇରେ ଶହୀଦ ହୋଇଥିବା ଭାରତୀୟ ସୈନିକଙ୍କ ଉଦ୍ଦେଶ୍ୟରେ ଭଗୱା ସେନା କଟକ ଜିଲା ଶାଖା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସଭାପତି ଆଶୁତୋଷ ଦାସଙ୍କ ନେତୃତ୍ୱରେ ଚୀନ ଦ୍ୱାରା ସୀମାରେ ବାରମ୍ବାର ହିଂସାତ୍ମକ ଆଚରଣ ସୃଷ୍ଟିକୁ ନିନ୍ଦା କରାଯିବା ସହ ଆର୍ଥିକ ସ୍ତରରେ ଚୀନକୁ ଦୁର୍ବଳ କରାଇବା ପାଇଁ ଆହ୍ୱାନ ଦିଆଯାଇଥିଲା। ଦେଶବାସୀ ଆଗାମୀ ଦିନରେ ସମସ୍ତ ଚାଇନା ପଦାର୍ଥ ତଥା ମୋବାଇଲ ଆପ୍‌ଗୁଡ଼ିକୁ ବର୍ଜନ କରିବା ସହ ସୀମାରେ ଲଢୁଥିବା ଯବାନଙ୍କ ଉଦ୍ଦେଶ୍ୟରେ ସମର୍ଥନ ପାଇଁ ସେନାର ଆବାହକ ସ୍ମୃତିରଞ୍ଜନ ମିଶ୍ର ନିବେଦନ କରିଥିଲେ।

### ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଦାବି

**ଖୋର୍ଦ୍ଧା ଅଫିସ,୨୨।୬:** ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ଗୁରୁଜଙ୍ଗରେ ବହୁ ସରକାର ଜମି ଏବେ ଜବରଦଖଲରେ ରହିଛି। ଏହାର ପ୍ରତିବାଦରେ ସୋମବାର ଗ୍ରାମର ଏକାଧିକ ବାସିନ୍ଦା ଖୋର୍ଦ୍ଧା ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ସରକାରୀ ଜମିରେ ବେଆଇନ ଭାବେ କୋଠା ନିର୍ମାଣ ଜାରି ରହିଛି। ବିଶେଷତଃ ଦ୍ୱାରିକା ନଗର, ନବୋଦୟ ବିଦ୍ୟାଳୟ ନିକଟ ଜମି, ମେଲଣ ପଡିଆ, ହାଇସ୍କୁଲ, ଶିବ ମନ୍ଦିର ଏବଂ ମଶାଣି ନିକଟ ଶିଶୁ ବିହାର, ମହୋତ୍ସବ ପଡିଆ ତଥା ବେରଣାଟାଙ୍ଗୀ ଆଦି ସରକାରୀ ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଜବରଦଖଲ ଉଚ୍ଛେଦ ଲାଗି ସ୍ଥାନୀୟ ବାସିନ୍ଦା ଏବଂ ଗୁରୁଜଙ୍ଗ ଗ୍ରାମ୍ୟ ମେଲଣ କମିଟି ପକ୍ଷରୁ ଦାବି କରାଯାଇଛି।

# କାର୍ଯ୍ୟକ୍ଷମ ହେବ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

**ପ୍ରକଳ୍ପ ନିର୍ଦ୍ଦେଶକଭାବେ ବସନ୍ତ କୁମାର ପଣ୍ଡା ନିଯୁକ୍ତ**

ଓଡ଼ିଆ ଭାଷାର ଅଧିକ ଗବେଷଣା ଓ ପ୍ରଚାର ପ୍ରସାର ନିମନ୍ତେ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଖୁବ୍‌ଶୀଘ୍ର ଭୁବନେଶ୍ୱରରେ କାର୍ଯ୍ୟକ୍ଷମ ହେବ। ଏଥିଲାଗି ଏହି କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ସାହିତ୍ୟିକ ତଥା ଭାଷାବିତ୍ ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କୁ ବିଧିବଦ୍ଧ ଭାବେ ନିଯୁକ୍ତ କରାଯାଇଛି। ଭାରତ ସରକାରଙ୍କ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟର ଅନୁମୋଦନ କ୍ରମେ ମହୀଶୂରସ୍ଥିତ କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କେନ୍ଦ୍ର କାର୍ଯ୍ୟ କରିବ। ଏଥିପାଇଁ ରାଜ୍ୟ ସରକାର ଭୁବନେଶ୍ୱରସ୍ଥିତ ସର୍ଦ୍ଦାର ପଟେଲ୍ ଭବନ ପରିସରରେ କାର୍ଯ୍ୟାଳୟ ଗୃହ ଯୋଗାଇ ଦେଇଛନ୍ତି। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ଏହି କେନ୍ଦ୍ର ଓଡ଼ିଆ ଭାଷା ଗବେଷଣା କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ଭାବେ ପ୍ରତିପାଦିତ ହେବ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି କେନ୍ଦ୍ରରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ବିଷୟରେ ଗବେଷଣା, ତଥ୍ୟ ସଂଗ୍ରହ, ପ୍ରଚାର ପ୍ରସାର ଭଳି କାର୍ଯ୍ୟ ସମ୍ପାଦନ କରାଯିବ। ଏଥିରେ ୫ଜଣ ବରିଷ୍ଠ ଗବେଷକ, ୫ଜଣ ସହଯୋଗୀ ଗବେଷକ ଓ ୩ଜଣ କାର୍ଯ୍ୟାଳୟ ସହଯୋଗୀ କାର୍ଯ୍ୟ କରିବେ। କିଛିଦିନ ତଳେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହି କେନ୍ଦ୍ରର କାର୍ଯ୍ୟାରମ୍ଭ ପାଇଁ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ। ଏହାବ୍ୟତୀତ ବିଭାଗୀୟ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ ମହୀଶୂର ଓ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟକୁ ଏନେଇ ଯୋଗାଯୋଗ କରିଥିଲେ। ୨୦୧୪ରେ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନକ୍ରମେ ଓଡ଼ିଆ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିଲା ଏବଂ ଭାଷା ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ସ୍ଥାପନ ନିମନ୍ତେ ପଦକ୍ଷେପ ନିଆଯାଇଥିଲା। ଏହି କେନ୍ଦ୍ର ଶାସ୍ତ୍ରୀୟ ଭାଷା ଉତ୍ପତ୍ତିର ଉତ୍ସ ସମ୍ବନ୍ଧରେ ଗବେଷଣା ସହ ପାଣ୍ଡୁଲିପି ସଂଗ୍ରହ ସହ ତା'ର ଡିଜିଟାଇଜେଶନ୍ କରିବା, ଶାସ୍ତ୍ରୀୟ ଓଡ଼ିଆ ସମ୍ପର୍କିତ ପୁସ୍ତକ ପ୍ରକାଶନ କରିବା, ଜାତୀୟସ୍ତରର ଭାଷା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବା ଆଦି କାର୍ଯ୍ୟ କରିବ।



ରଥଯାତ୍ରା ଉପଲକ୍ଷେ ସୋମବାର ପୁରୀରେ ଶିଳ୍ପୀ ମାନସ ସାହୁଙ୍କ ସ୍ୟାଣ୍ଡ୍ ଆନିମେଶନ।

## ସୋସିଆଲ ମିଡିଆରୁ ଚୋରି ହେଉଛି ଯୁବତୀଙ୍କ ଫଟୋ

**ଭୁବନେଶ୍ୱର,୨୨।୬ (ବ୍ୟୁରୋ)**

**ପର୍ନସାଇଟ୍‌ରେ ଅପ୍‌ଲୋଡ୍ ହୋଇଥିବା ଥାନାରେ ଅଭିଯୋଗ**

ସୋସିଆଲ ମିଡିଆ ସହ ଅଧିକରୁ ଅଧିକ ଯୋଡ଼ି ହେବାରେ ଲାଗିଛନ୍ତି। ହ୍ୱାଟ୍‌ସ ଆପ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମରେ ଆକାଉଣ୍ଟ୍ ଖୋଲୁଛନ୍ତି। ହେଲେ ସୋସିଆଲ ମିଡିଆରୁ ଫଟୋ ଚୋରି କରି ପର୍ନସାଇଟ୍‌ରେ ଅପ୍‌ଲୋଡ୍ ହେଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏବେ ଏହି ର୍‌ୟାକେଟ ବେଶ୍ ସକ୍ରିୟ ହୋଇଉଠିଥିବାବେଳେ ସୁନ୍ଦରୀ ଯୁବତୀଙ୍କୁ ଟାର୍ଗେଟ କରାଯାଉଛି। ଲିଙ୍ଗରାଜ ଥାନାରେ ଜଣେ ଯୁବତୀ ଏଭଳି ଏକ ଅଭିଯୋଗ କରିଛନ୍ତି। ଇନ୍‌ଷ୍ଟାଗ୍ରାମରୁ ତାଙ୍କ ଫଟୋକୁ ଚୋରି କରି ନିଆଯାଇ ପର୍ନ ସାଇଟ୍‌ରେ ଅପ୍‌ଲୋଡ୍ କରାଯିବା ସହ ନାନା ଅଶ୍ଳୀଳ ଭାଷା ଲେଖାଯାଇଛି। ପୋଲିସ ଏ ସଂକ୍ରାନ୍ତରେ କେସ୍ ନଂ-୮୭/୨୦ ରୁଜୁ କରି ଘଟଣା ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଲିଙ୍ଗରାଜ ଥାନା ଅଞ୍ଚଳରେ ରହୁଥିବା ଜଣେ ଯୁବତୀ ଇନ୍‌ଷ୍ଟାଗ୍ରାମରେ ନିଜର ଫଟୋ ଛାଡିଥିଲେ। କେହି ତାଙ୍କର ଫଟୋକୁ ସ୍କ୍ରିନ୍ ଶଟ୍‌ମାରି ନେବା ପରେ ତାହାକୁ ଏଡିଟିଂ କରି ପର୍ନସାଇଟ୍‌ରେ ଅଶ୍ଳୀଳତା ସହ କଲଗାର୍ଲ ଲେଖି ଛାଡ଼ିଛନ୍ତି। ଗତ ୧୪ ତାରିଖରେ ଉକ୍ତ ଫଟୋ ଅପଲୋଡ୍ ହୋଇଥିବା ଜଣାପଡିଛି। ଏହା ଭାଇରାଲ ହେବା ପରେ ଯୁବତୀଙ୍କ ଜଣେ ସାଙ୍ଗ ଏ ସମ୍ପର୍କରେ ତାଙ୍କୁ ଜଣାଇଥିଲେ। ଉକ୍ତ ଫଟୋ ତାଙ୍କର ବୋଲି ଯୁବତୀଜଣକ ଦେଖିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। କେବଳ ଏହି ଯୁବତୀ ନୁହେଁ, ପୂର୍ବରୁ ଏଭଳି ଅନେକ ଯୁବତୀଙ୍କ ଫଟୋ ସୋସିଆଲ ମିଡ଼ିଆରୁ ଚୋରି କରାଯାଇ ପର୍ନ ସାଇଟ୍‌ରେ ଅପଲୋଡ୍ ହୋଇଛି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହେଉଛି।



କଟକ ଚାନ୍ଦିନୀଚୌକସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ସୋମବାର ଶ୍ରୀଜୀଉଙ୍କ ନବଯୌବନ ବେଶ।

## ଡକାୟତି ଯୋଜନା ପଣ୍ଡ: ୭ ଗିରଫ

**କଣ୍ଟାପଡା, ୨୨।୬(ଡି.ଏନ୍.ଏ.)**

କଣ୍ଟାପଡାସ୍ଥିତ ବଟଗୋସେଇଁ ଗାଦି ନିକଟରେ ରବିବାର ଡକାୟତି ପାଇଁ ଯୋଜନା କରୁଥିବାବେଳେ ଓଲଟପୁର ପୋଲିସ ଚଢ଼ାଉକରି ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗର ୭ଜଣଙ୍କୁ ଗିରଫକରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ବାଦାମବାଡି ଥାନାସ୍ଥିତ ଖାନନଗର ଗୁରୁସାହିର ଲୋକେନ ଗୁରୁ, ବାଟବିନ୍ଧାଣୀ ସାହିର ରମେଶ ବେହେରା, କଟକ ମଙ୍ଗଳାବାଗ ଥାନା ଥୋରିଆ ସାହିର ସୁବ୍ରତ ସାମଲ, କେନ୍ଦ୍ରାପଡ଼ା ଜିଲା ଆଳି ଥାନାସ୍ଥିତ ଜୁଆଣିଆ ଗ୍ରାମର ବିଜୟ ଧଳ, ଖୋର୍ଦ୍ଧା ଟାଉନଥାନା କୁମ୍ଭିଲୋର ସଞ୍ଜୟ ବଡଜେନା, ଯାଜପୁର ଟାଉନ ଥାନାସ୍ଥିତ ଖଣ୍ଡରା ଗ୍ରାମର ତୋଫାନ ଗୋଡି ଓ ଜଗତସିଂହପୁର ଜିଲା ବିରିଡି ଥାନାସ୍ଥିତ ଦୋଗଛିଆର ସତ୍ୟରଞ୍ଜନ ବେହେରା। ଅନ୍ୟଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ସୋମବାର ଓଲଟପୁର ଥାନାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଜିଲା ଗ୍ରାମାଞ୍ଚଳ ଏସପି ପି କେ. ଜେନାଙ୍କ ଅନୁଯାୟୀ ଅଭିଯୁକ୍ତମାନେ ରବିବାର ସନ୍ଧ୍ୟାରେ ଏକ ପେଟ୍ରୋଲ ପମ୍ପରୁ ଡକାୟତି ଯୋଜନା କରୁଥିଲେ। ଖବରପାଇ ପୋଲିସ ଚଢ଼ାଉକରି ୭ଜଣଙ୍କୁ କାବୁ କରିଥିବାବେଳେ ଜଣେ ଫେରାର ହୋଇଯାଇଥିଲା। ସେମାନଙ୍କଠାରୁ ମାରଣାସ୍ତ୍ର, ଦେଶୀ ବନ୍ଧୁକ ଓ ୩ ବାଇକ୍ ଜବତ ହୋଇଛି। ଏ ସମ୍ପର୍କରେ ଓଲଟପୁର ଥାନା କେସ ନଂ ୫୮/୨୦ ରୁଜୁ ହୋଇଛି।

## ଭୁବନେଶ୍ୱର ଜିଆର୍‌ପିର ମହିଳା କନ୍‌ଷ୍ଟେବଲ ନିଲମ୍ବିତ

**ଭୁବନେଶ୍ୱର,୨୨।୬ (ବ୍ୟୁରୋ)**

**ବଦଳି ପ୍ରତିବାଦରେ ଜିଆର୍‌ପି ମୁଖ୍ୟାଳୟ ଆଗରେ ଦେଇଥିଲେ ଧାରଣା**

ଭୁବନେଶ୍ୱର ଜିଆର୍‌ପି ଥାନାରେ କାର୍ଯ୍ୟ କରୁଥିବା ମହିଳା କନଷ୍ଟେବଲ ସନ୍ଧ୍ୟାରାଣୀ ବେହେରାଙ୍କୁ ସୋମବାର ଜିଆର୍‌ପି ଏସ୍‌ପି ନିଲମ୍ବିତ କରିଛନ୍ତି। ସନ୍ଧ୍ୟାରାଣୀଙ୍କ ନାମରେ ଆସିଥିବା ଏକାଧିକ ଅଭିଯୋଗର ତଦନ୍ତ କରାଯାଉଥିବାରୁ ତାଙ୍କୁ ଭୁବନେଶ୍ୱରରୁ ବ୍ରହ୍ମପୁର ଜିଆର୍‌ପିକୁ ବଦଳି କରାଯାଇଥିଲା। ହେଲେ ସେ ଉକ୍ତ ବଦଳି ସ୍ଥାନକୁ ନ ଯାଇ ପ୍ରତିବାଦରେ କଟକ ଜିଆର୍‌ପି ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହ ବିଶୃଙ୍ଖଳା ସୃଷ୍ଟି କରିଥିଲେ। ତେଣୁ ତାଙ୍କୁ ନିଲମ୍ବିତ କରାଯାଇଥିବା ମୁଖ୍ୟାଳୟ ସୂତ୍ରରୁ କୁହାଯାଇଛି।

ଅଭିଯୋଗ ଅନୁସାରେ, ମହିଳା କନ୍‌ଷ୍ଟେବଲ ଜଣକ ରହୁଥିବା ଜିଆର୍‌ପି କଲୋନୀରେ ଉତ୍ପାତ କରିବା ସହ ଲୋକଙ୍କୁ ହଇରାଣ କରୁଥିଲେ। ଏନେଇ ତାଙ୍କ ନାମରେ ଲକ୍ଷ୍ମୀସାଗର ଥାନା ଓ ଜିଆର୍‌ପି ଥାନାରେ ମାମଲା ରୁଜୁ କରାଯାଇଛି। ଏହାସତ୍ତ୍ୱେ କନ୍‌ଷ୍ଟେବଲ ସନ୍ଧ୍ୟାରାଣୀଙ୍କ ଉତ୍ପାତ କମି ନ ଥିଲା। ତାଙ୍କ ନାମରେ ଅଭିଯୋଗ ଆଣିଥିବା ଲୋକଙ୍କୁ ସେ ଧମକକଷ୍ଟିଚମକ ଦେଉଥିଲେ। ନିକଟରେ ଜିଆର୍‌ପି ଅଧିକାରୀ ଭରତ ସାହୁଙ୍କୁ ବଦନାମ କରିବା ପାଇଁ କେତେକ ଗୋଷ୍ଠୀଙ୍କ ସହାୟତାରେ କନ୍‌ଷ୍ଟେବଲ ଜଣକ ତାଙ୍କ ବିରୋଧରେ ଜବତ ଗଞ୍ଜେଇ ଗାଏବ ଅଭିଯୋଗ ଆଣିଥିଲେ। ତଦନ୍ତ ପରେ ଅଭିଯୋଗ ମିଥ୍ୟ ପ୍ରମାଣିତ ହୋଇଥିଲା। ପୂର୍ବରୁ ମଧ୍ୟ ଉକ୍ତ ମହିଳା କନ୍‌ଷ୍ଟେବଲଙ୍କ ମିଛ ଅଭିଯୋଗରେ ୨ଜଣ ପୋଲିସ ଅଧିକାରୀ ନିଲମ୍ବିତ ହୋଇଥିଲେ। ତଦନ୍ତ ପରେ ସେମାନେ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହୋଇଥିଲେ। ଏପରି କି ମହିଳା ଜଣକ ଯେଉଁ ଥାନାକୁ ଯାଇଛନ୍ତି, ସେଠାରେ ମଧ୍ୟ ଏପରି ମିଥ୍ୟା ଅଭିଯୋଗ ଆଣି ଅଧିକାରୀ ଓ କର୍ମଚାରୀଙ୍କୁ ଫସାଇଥାନ୍ତି। ଏଥିପାଇଁ ତାଙ୍କ ନାମରେ ଅଭିଯୋଗ ବଢୁଥିବାରୁ ଇତିମଧ୍ୟରେ ତାଙ୍କର ୩୦ରୁ ଊର୍ଦ୍ଧ୍ୱଥର ବଦଳି ହୋଇଥିବା ବିଭାଗୀୟ ତଥ୍ୟରୁ ଜଣାପଡିଛି।

## କ୍ୟାପିଟାଲ ହସ୍ପିଟାଲ ସୁଇପରଙ୍କ ଧାରଣା

**ଭୁବନେଶ୍ୱର,୨୨।୬ (ବ୍ୟୁରୋ)**

କରୋନା ଟଙ୍କା ମିଳୁ ନ ଥିବା ଓ କ୍ୟାପିଟାଲ ହସ୍ପିଟାର ନିର୍ଦ୍ଦେଶକ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ହସ୍ପିଟାଲର ଅସ୍ଥାୟୀ ସୁଇପରମାନେ ସୋମବାର ସକାଳେ ଗେଟ ଆଗରେ ଧାରଣାରେ ବସିଥିଲେ। କରୋନା ପାଇଁ ଆସିଥିବା ଟଙ୍କାକୁ ତୁରନ୍ତ ପ୍ରଦାନ କରିବା ସହ ନିର୍ଦ୍ଦେଶଙ୍କ କ୍ଷମା ମାଗନ୍ତୁ ଦାବି କରି ୩ ଘଣ୍ଟା ଧରି ଆନ୍ଦୋଳନ ଚଳାଇଥିଲେ। ଫଳରେ ହସ୍ପିଟାଲ ଭିତରକୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଯିବାରେ ସମସ୍ୟା ହୋଇଥିଲା। କ୍ୟାପିଟାଲ ଥାନାର ଫାଣ୍ଡି ପୋଲିସ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ଶେଷରେ ହସ୍ପିଟାଲର ନିର୍ଦ୍ଦେଶକ ପହଞ୍ଚି ବୁଝାଶୁଝା କରିବା ପରେ ସେମାନେ ଆନ୍ଦୋଳନରୁ ହଟି କାର୍ଯ୍ୟରେ ଯୋଗ ଦେଇଥିଲେ। ଏନେଇ ନିର୍ଦ୍ଦେଶକ ଏଲ୍.ଡି ସାହୁ କହିଛନ୍ତି, ସରକାରଙ୍କ ପକ୍ଷରୁ ଆସିଥିବା କରୋନା ୱେଲଫେୟାର ଟଙ୍କାକୁ ୩୦ ଜୁନ୍ ପରେ ଗୋଟିଏ ମାସର ଦରମା ସହ ଦିଆଯିବ। କିନ୍ତୁ ସେମାନେ ଏହାକୁ ଆଳ କରି କାର୍ଯ୍ୟ କରୁ ନ ଥିଲେ।

## ୩୮ଲକ୍ଷ ଠକେଇ, ଶୋ'ରୁମ୍ ମାଲିକ ଗିରଫ

**ଭୁବନେଶ୍ୱର,୨୨।୬ (ବ୍ୟୁରୋ)**

ଟ୍ରାକ୍ଟର ଡିଷ୍ଟ୍ରିବ୍ୟୁଟରଙ୍କଠାରୁ ଟ୍ରାକ୍ଟର ନେଇ ୩୮ଲକ୍ଷ ଠକେଇ ମାମଲାରେ ଜଣେ ଶୋ'ରୁମ୍ ମାଲିକଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ କଟକ ମଧୁପାଟଣା ଥାନା ତିନିଘରିଆ ଅଞ୍ଚଳର ନିରାକାର ମହାନ୍ତି। କେସ୍ ନଂ.୨୨୬/୨୦ ରୁଜୁ କରାଯାଇ ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ନୟାପଲ୍ଲୀ ଆଇଆର୍‌ସି ଭିଲେଜରେ ଅମର ଅଗ୍ରୱାଲଙ୍କ ଏକ ଟାକ୍ଟର ଡିଷ୍ଟ୍ରିବ୍ୟୁଟର ଅଫିସ୍‌ରୁ ଜଗତ୍‌ସିଂହପୁର ଜିଲାରେ ଟ୍ରାକ୍ଟର ଶୋ'ରୁମ୍ କରିଥିବା ନିରାକାର ଟାକ୍ଟର ନେଇଥାନ୍ତି। ବର୍ଷେ ହେବ ସେ ଟ୍ରାକ୍ଟର ନେଇ ବାକି ୩୮ ଲକ୍ଷ ଟଙ୍କା ଦେଇ ନ ଥିଲେ। ଦେଇଥିବା ଏକାଧିକ ଚେକ୍ ମଧ୍ୟ ବାଉନ୍ସ ହୋଇଯାଇଥିଲା। ଅମର ତାଙ୍କୁ ଟଙ୍କା ମାଗିବାରୁ ସେ ଧମକ ଦେଇଥିବା ଏତଲାରେ ରହିଛି।

## ହତ୍ୟାକାରୀଙ୍କୁ ଗିରଫ ଦାବିରେ ଥାନା ଘେରାଉ

**କଟକସଦର,୨୨।୬(ଡି.ଏନ୍.ଏ.)**

କିଶନ ନଗର କଲେଜ ଡାଟା ଏଣ୍ଟ୍ରି ଅପରେଟର ବିନୋଦ ମଣ୍ଡଳ ହତ୍ୟାକାରୀଙ୍କୁ ଗିରଫ ଦାବିରେ ସୋମବାର ଉତ୍କଳ ବିକାଶ ପରିଷଦ ପକ୍ଷରୁ କିଶନନଗର ଥାନା ଘେରାଉ କରାଯାଇଥିଲା। ହତ୍ୟାକାଣ୍ଡରେ ସମ୍ପୃକ୍ତ ଓ ଷଡ଼ଯନ୍ତ୍ରରେ ସାମିଲ ସମସ୍ତ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରା ନ ଗଲେ ପରିଷଦ ରାଜରାସ୍ତାକୁ ଓହ୍ଲାଇବ ବୋଲି ସତର୍କ କରାଯାଇଛି। ମେ ୨୬ରେ କୌଣସି କାରଣକୁ ନେଇ କେତେଜଣ ଯୁବକ ବିନୋଦଙ୍କୁ ହତ୍ୟା କରିଥିଲେ। ପରେ ପୋଲିସ ତଦନ୍ତ କରି ୨ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ କେତେଜଣ ଫେରାର ଥିଲେ। ଫେରାର ଅଭିଯୁକ୍ତଙ୍କୁ ଧରିବାରେ ବିଳମ୍ବ ହେବାରୁ ପରିଷଦ ପକ୍ଷରୁ ଥାନା ଆଗରେ ପ୍ରତିବାଦ କରାଯାଇଥିଲା। ଏଥିରେ ଦେବୀପ୍ରସାଦ ପତି, ଅଭିମନ୍ୟୁ ସାହୁ, ବିଜୟ ନାୟକ, ଅଶୋକ ସାହୁ ପ୍ରମୁଖ ସାମିଲ ଥିଲେ।

## ବଳିବାମନ ପୀଠ ପାଇବ ପର୍ଯ୍ୟଟନସ୍ଥଳୀ ମାନ୍ୟତା

**କଟକସଦର,୨୨।୬(ଡି.ଏନ୍.ଏ.)**

୪୨ମୌଜା ଅନ୍ତର୍ଗତ ଚାନ୍ଦୁଲିର ବଳିବାମନ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ସୋମବାର ସର୍ଭେ ଆରମ୍ଭ ହୋଇଛି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ, ବିଧାୟକ ଚନ୍ଦ୍ରସାରଥି ବେହେରା, କଟକ ସଦର ବିଡିଓ ରାଜୀବ ଲୋଚନ ପରିଡ଼ା, ଚପଳା ରାଉତ, ଶରତ ରାୟ ସମେତ ରାଜସ୍ୱ ବିଭାଗର ଅଧିକାରୀମାନେ ପୀଠକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। କାଠଯୋଡ଼ି ଓ ସିଡୁଆନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ ୭୫ଏକରର ଏହି ସବୁଜ ବଳୟ ପୀଠକୁ ରାଜ୍ୟ ସରକାର ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ ସମ୍ମତି ଦେଇଥିବା ଜଣାପଡ଼ିଛି।

## ଗୋପଦ ଅଭିଯାନରେ ଜିଲାପାଳ

**କଟକ ଅଫିସ,୨୨।୬**



ଜିଲାପାଳ ଖପୁରିଆ-ନୂଆପଡ଼ା ଅଞ୍ଚଳ ବୁଲି ସମସ୍ୟା ତଦାରଖ କରୁଛନ୍ତି।

**ସମସ୍ୟା ସମାଧାନ ପାଇଁ ଯନ୍ତ୍ରୀ, ଅଧିକାରୀଙ୍କୁ ନିର୍ଦ୍ଦେଶ**

ବର୍ଷାଋତୁ ଆସିଯାଇଥିବାରୁ ସହରରେ ଜଳବନ୍ଦୀ ଓ ଜଳ ନିଷ୍କାସନ, ଡ୍ରେନ ସଫେଇ, ରାସ୍ତାଘାଟ ମରାମତି ଭଳି ସମସ୍ୟାକୁ ଦୃଷ୍ଟିରେ ରଖି ଜିଲାପାଳ ଭବାନୀ ଶଙ୍କର ଚୟନୀ ଗୋପଦ ଅଭିଯାନରେ ବାହାରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ସେ ସୋମବାର ଖପୁରିଆ ଆଇଟିଆଇ ଛକରୁ ନୂଆପଡ଼ା ଅଞ୍ଚଳ ପର୍ଯ୍ୟନ୍ତ ପରିଦର୍ଶନ କରିଛନ୍ତି। ଖପୁରିଆ ଆଇଟିଆଇ ଛକରୁ ନୂଆପଡ଼ା ଛକ ମଧ୍ୟରେ ଥିବା ସମସ୍ତ ଡ୍ରେନ୍, କଲଭର୍ଟ ତଥା ରାସ୍ତା ମରାମତି କାର୍ଯ୍ୟ ତୁରନ୍ତ କରିବା ପାଇଁ ପୂର୍ତ୍ତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ-୨ଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ୧୧ କେଭି ଓ ୩୩ କେଭି ବିଦ୍ୟୁତ ଲାଇନକୁ ସେଠାରୁ ତୁରନ୍ତ ସ୍ଥାନାନ୍ତରଣ ପାଇଁ ସେସୁର ନିର୍ବାହୀ ଯନ୍ତ୍ରୀଙ୍କୁ ମଧ୍ୟ କହିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ ସଫେଇ, ଉପଯୁକ୍ତ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳ କହିଛନ୍ତି। ସେଠାରେ ସରକାରୀ ଜମିକୁ ଅବରୋଧମୁକ୍ତ କରାଯିବା ସହ ଉପଲବ୍ଧ ବେସରକାରୀ ଜମିର ସ୍ଥିତି ଯାଞ୍ଚ ପରଖି ତାହାର କାର୍ଯ୍ୟକାରିତା ନେଇ ତହସିଲଦାରଙ୍କ ସହ ଆଲୋଚନା କରିବେ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏ ସମସ୍ତ କାର୍ଯ୍ୟର ରୂପରେଖ ପ୍ରସ୍ତୁତ କରି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ସିଏମ୍‌ସି ଉପନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀଙ୍କୁ ସେ ଦାୟିତ୍ୱ ଦେଇଛନ୍ତି। ପରିଦର୍ଶନ ସମୟରେ ସିଏମ୍‌ସି କମିଶନର ଅନନ୍ୟା ଦାସ ଓ ଅନ୍ୟ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହର କରିବା ପାଇଁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ: ଧର୍ମେନ୍ଦ୍ର

**ପୁରୁଣା ଭୁବନେଶ୍ୱର,୨୨।୬(ଡି.ଏନ୍.ଏ.)**

**ବିଧାନସଭା ସ୍ତରୀୟ ଜନସମ୍ବାଦ ଭର୍ଚୁଆଲ ରାଲିର ଶୁଭାରମ୍ଭ**

ରାଜଧାନୀ ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ ସହର ଭାବେ ଗଢ଼ି ତୋଳିବାକୁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ ବୋଲି ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ସୁନ୍ଦରପଦା ଦୁର୍ଗାପୂଜା ମଣ୍ଡପଠାରେ ଆୟୋଜିତ ବିଧାନସଭା ସ୍ତରୀୟ ଜନସମ୍ବାଦ ଭର୍ଚୁଆଲ ରାଲିରେ ଭିଡିଓ କନଫରେନ୍ସିଂରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହା କହିଛନ୍ତି। ଏହା ସହିତ ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ମଜବୁତ କରିବା, କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାକୁ ଘରେ ଘରେ ପହଞ୍ଚାଇବା ଏବଂ ଜନସମ୍ବାଦ ଅଭିଯାନକୁ ସଫଳ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଧାନ ଆହ୍ୱାନ ଦେଇଥିଲେ। ସେହିଭଳି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଭୁବନେଶ୍ୱର ସମେତ ସବୁ ଅଞ୍ଚଳର ବିକାଶ ପାଇଁ କାମ କରୁଛନ୍ତି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଏଥିରେ ଏକାମ୍ର ନିର୍ବାଚନ ମଣ୍ଡଳିର ବିଧାୟକ ପ୍ରାର୍ଥୀ ବାବୁ ସିଂଙ୍କ ସମେତ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଓ ଏକାମ୍ର ବିଧାନସଭା ମଣ୍ଡଳି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

**ଫଟୋରେ ଖବର**



ପୁରୀରେ ରଥଯାତ୍ରା ପାଇଁ ଅନୁମତି ପରେ ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ଜଗନ୍ନାଥପ୍ରେମୀମାନେ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରିବା ସହ ଦୀପ ଜଳାଇ ଖୁସିବ୍ୟକ୍ତ କରୁଛନ୍ତି।




ସୋମବାର ସୁପ୍ରିମକୋର୍ଟଙ୍କ ଚୂଡ଼ାନ୍ତ ରାୟର ଅବ୍ୟବହିତ ପୂର୍ବରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ଲୋକେ ପୁରୀରେ ରଥଯାତ୍ରା ହେଉ ବୋଲି ଦାବି ଜଣାଉଛନ୍ତି।

ଧରିତ୍ରୀ DHARITRI
ମଙ୍ଗଳବାର, ୨୩ ଜୁନ୍, ୨୦୨୦



## ୧୦ କରୋନା ଆକ୍ରାନ୍ତ ଚିହ୍ନଟ

କେନ୍ଦ୍ରାପଡ଼ା ଅଫିସ: କେନ୍ଦ୍ରାପଡ଼ା ଜିଲାରେ ୧୦ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧୩ରେ ପହଞ୍ଚିଛି। ସେମାନଙ୍କୁ ଡେରାବିଶ ବ୍ଲକ ଛତାସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି ବୋଲି ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ସେ କହିଛନ୍ତ, ଆକ୍ରାନ୍ତମାନେ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ଏଥିପାଇଁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ନାହିଁ। ଚିହ୍ନଟ ହୋଇଥିବା ସଙ୍ଗରୋଧ କେନ୍ଦ୍ରଗୁଡ଼ିକ ବିଶୋଧିତ କରାଯାଉଛି। ଅଦ୍ୟାବଧି ଜିଲାରେ ୧୮୦ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

## ସଂକ୍ଷେପରେ

### କଣ୍ଟେନ୍‌ମେଣ୍ଟ ଜୋନ୍‌ରୁ ୧୭ ସ୍ୱାବ୍ ନମୁନା ସଂଗ୍ରହ

ଡେରାବିଶ, ୨୨।୬(ସ୍ୱ.ପ୍ର.): କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ କେଉଟକଣ୍ଡିଆ ଗ୍ରାମକୁ ରବିବାର କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଏହି ଜୋନ୍‌ରୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରୋନା ସଂକ୍ରମଣ ପରୀକ୍ଷା ପାଇଁ ୧୭ ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ ହୋଇଛି। ଏ ସମ୍ପର୍କରେ ବିଡିଓ ଗୋପବନ୍ଧୁ ଭୋସାଗର କହିଛନ୍ତି, ଯାଜପୁର ଜିଲା ବରୀ ବ୍ଲକର ଜଣେ ଯୁବକ ତାମିଲନାଡୁରୁ ଫେରି ସଙ୍ଗରୋଧ କେନ୍ଦ୍ରରେ ୧୪ ଦିନ ରହିଥିଲେ। ପରେ ସେ ଘରେ ସଙ୍ଗରୋଧରେ ରହିବା ପରିବର୍ତ୍ତେ ଡେରାବିଶ ବ୍ଲକ କେଉଟକଣ୍ଡିଆ ଗ୍ରାମରେ ଥିବା ନିଜ ଶ୍ୱଶୁର ଘରକୁ ସ୍ତ୍ରୀଙ୍କ ସହ ପଳାଇ ଆସିଥିଲେ। ତାଙ୍କର କରୋନା ପରୀକ୍ଷା ପାଇଁ ଗତ ସପ୍ତାହରେ ରକ୍ତ ନମୁନା ନିଆଯାଇଥିଲା। ଶନିବାର ପଜିଟିଭ୍ ବାହାରିବା ପରେ ଯାଜପୁର ଜିଲା ପ୍ରଶାସନ ତାଙ୍କୁ କଳିଙ୍ଗନଗର କୋଭିଡ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରିଥିଲେ। ଆକ୍ରାନ୍ତ ଯୁବକ ଗ୍ରାମର ବିଭିନ୍ନ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବାରୁ ଗ୍ରାମରେ ସଂକ୍ରମଣ ଆଶଙ୍କା ଅଛି। ଏଥିପାଇଁ ଗ୍ରାମକୁ ୪୮ ଘଣ୍ଟା ପାଇଁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

### ବଧୂ ହତ୍ୟା ଘଟଣା: ୨ ନଣନ୍ଦଙ୍କ ଗିରଫ ଦାବି

ବାଲିଆ/ବିରିଡ଼ି,(ଡି.ଏନ୍.ଏ.)୨୨।୬: ବିରିଡି ଥାନା ଷଢ଼େଇଶାସନ ପଞ୍ଚାୟତ ଅନ୍ତର୍ଗତ ଦଣ୍ଡିଲୋ ଗ୍ରାମର ଧରିତ୍ରୀ ସ୍ୱାଇଁ(୨୪)ଙ୍କ ମୃତ୍ୟୁ ଘଟଣାରେ ପୋଲିସ ଅଭିଯୁକ୍ତ ୨ ନଣନ୍ଦଙ୍କୁ ଅଦ୍ୟାବଧି ଗିରଫ କରିନାହିଁ। ସେମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରି ତାଙ୍କ ମା' ସୁକାନ୍ତ ରାଉତ, ଖୁଡ଼ୀ ମିନତୀ ରାଉତ ଓ ଭାଇ ରାମଚନ୍ଦ୍ର ରାଉତଙ୍କ ସମେତ ହାଜିପୁର ମଣ୍ଡଳ ଭାଜପା କର୍ମକର୍ତ୍ତା ଏବଂ ସାଧାରଣ ଲୋକେ ଥାନାରେ ପହଞ୍ଚି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ୩ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ଭାଜପା ପକ୍ଷରୁ ଥାନାରେ ଧାରଣା ଦେବା ଲାଗି ଚେତାବନୀ ଦିଆଯାଇଛି। ଏନେଇ ଏକ ଦାବିପତ୍ର ଥାନା ଅଧିକାରୀ ପାରାଓ ଟୁଡୁଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଧରିତ୍ରୀଙ୍କ ପରିବାର ସମେତ ଭାଜପା ପକ୍ଷରୁ ଗୀତାଞ୍ଜଳି ସାହୁ, ଶିଶିର ମହାନ୍ତି, ଜ୍ଞାନରଞ୍ଜନ ଦାସ, ମୋନାଲିସା ଜେନା ଓ ଦୀପକ ଦାସ ପ୍ରମୁଖ ସାମିଲ ହୋଇଥିଲେ। ଦଣ୍ଡିଲୋ ଗ୍ରାମର ଦିଲୀପ ସ୍ୱାଇଁଙ୍କ ସହ ଜୁନ୍ ୨୦୧୯ରେ ହଳଦିଆପଡା ଗ୍ରାମର ତାଙ୍କ ବିବାହ ହୋଇଥିଲା। ଅଧିକ ଯୌତୁକ ଦାବି କରି ଗତ ୨ ତାରିଖରେ ଶାଶୁଘର ଲୋକେ ତାଙ୍କୁ ମାରିଦେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୂର୍ବରୁ ସ୍ୱାମୀ ଦିଲୀପ ଓ ଶାଶୁ ବାସନ୍ତୀ ସ୍ୱାଇଁଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅଭିଯୁକ୍ତ ୨ ଭଉଣୀଙ୍କୁ ଗିରଫ କରାଯାଇ ନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ରଶି ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

ପାରାଦୀପ,୨୨।୬(ସ୍ୱ.ପ୍ର.): ପାରାଦୀପ ମାଛଧରାବନ୍ଦର ପରିସରରେ ସୋମବାର ଜଣେ ବୃଦ୍ଧ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ତୀର୍ଥବାସୀ ସାହୁ(୬୫)। ଖବରପାଇ ପାରାଦୀପ ସାମୁଦ୍ରିକ ଥାନା ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୪/୨୦) ରୁଜୁ ହୋଇଛି। କିଛିଦିନ ହେବ ଆର୍ଥିକ ଚାପଯୋଗୁ ତୀର୍ଥବାସୀ ଅବସାଦରେ ଥିଲେ।

### ବଟି ନ ଦେବାରୁ ବୋମାମାଡ଼

ଚଣ୍ଡିଖୋଲ, ୨୨।୬ (ଡି.ଏନ୍.ଏ.): ୧୦ଲକ୍ଷ ଟଙ୍କା ଦାଦାବଟି ନ ଦେବାରୁ ବାଲିଚନ୍ଦ୍ରପୁର ଥାନା ଅଧୀନ ନଳୀପୁରର ମହମ୍ମଦନଗରର ସେକ୍ ଇସମାଇଲଙ୍କ ଘର ଉପରକୁ କେହି ଦୁର୍ବୃତ୍ତ ବୋମାମାଡ଼ କରିଥିବା ଅଭିଯୋଗ ହୋଇଛି। ଏ ନେଇ ରବିବାର ଇସମାଇଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୫୦/୨୦ ନଂ.ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଶନିବାର ରାତି ପ୍ରାୟ ୧୦ଟା ବେଳେ କେହି ଦୁର୍ବୃତ୍ତ ଇସମାଇଲଙ୍କୁ ଫୋନ୍‌ରେ ୧୦ ଲକ୍ଷ ଟଙ୍କା ବଟି ଦେବାକୁ ଧମକାଇଥିଲେ। ସୋମବାର ସୁଦ୍ଧା ଟଙ୍କା ନ ମିଳିଲେ ପୁଅ ଇବ୍ରାହିମ୍‌ର ପରିସ୍ଥିତି ଭୟାଙ୍କର ହେବ ବୋଲି ଚେତାବନୀ ଦେଇଥିଲେ। ଏହାର କିଛି ସମୟ ପରେ ଘର ଆଗ ପାଚେରି ଉପରକୁ କେହି ଦୁର୍ବୃତ୍ତ ୨ଟି ବୋମା ମାଡ଼ କରି ଫେରାର ହୋଇଯାଇଥିଲେ। ଖବରପାଇ ବାଲିଚନ୍ଦ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଥିଲେ ବି ଦୁର୍ବୃତ୍ତଙ୍କ ପତ୍ତା ପାଇ ନ ଥିଲା। ଏ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

# ସାଆଁଳା ବାଲିଘାଟକୁ ନେଇ ଏନ୍‌ଜିଟିରେ ପୁଣି ମାମଲା

- ନିୟମ ଉଲ୍ଲଂଘନ, ମେଶିନରେ ହେଉଛି ବାଲି ଉତ୍ତୋଳନ
- ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ ନିର୍ଦ୍ଦେଶ
- ଅଭିଯୋଗ ସତ ହେଲେ ଲିଜ୍ ବାତିଲ କର

ଯାଜପୁର ଅଫିସ,୨୨।୬



ନଦୀପଠାରୁ ବାଲି ଉତ୍ତୋଳନରେ ମେଶିନ ବ୍ୟବହାର ହୋଇପାରିବ ନାହିଁ। କୌଣସି ମେଶିନ ବ୍ୟବହାର ହେଉଥିଲେ ତାହାକୁ ଜବତ କର। ଏହାବାଦ୍ ଆଇନ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଅ। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ପକ୍ଷରୁ ଏଭଳି ନିର୍ଦ୍ଦେଶ ୨୦୧୭ ଏପ୍ରିଲ ୨୮ରେ ଦିଆଯାଇଥିଲା। ଯାଜପୁର ଜିଲା ଦେଇ ପ୍ରବାହିତ କୋରେଇ ବ୍ଲକ ସାଆଁଳା ବାଲିଘାଟରୁ ବେଆଇନ ବାଲି ଉତ୍ତୋଳନ ମାମଲା (କେସ୍ ନମ୍ବର–୧୬୨/୨୦୧୬/ଇଜେଡ)ର ଶୁଣାଣି କରି ଏନ୍‌ଜିଟି ଉକ୍ତ ନିର୍ଦ୍ଦେଶ ଜାରି କରିଥିଲେ। ତାହାକୁ ପ୍ରଶାସନ ପାଳନ କରୁ ନ ଥିବା ଅଭିଯୋଗ ହେଉଥିବାବେଳେ ସାଆଁଳା ବାଲିଘାଟ ଲିଜଧାରୀ ଦେବେନ୍ଦ୍ର ଘଡେଇ ପ୍ରଦୂଷଣ ନିୟମ, ପରିବେଶଗତ ଓ ପରିଚାଳନା ଅନୁମତିର ସର୍ତ୍ତଗୁଡ଼ିକୁ ଉଲ୍ଲଂଘନ କରୁଥିବା ନେଇ ଏନ୍‌ଜିଟିରେ ପୁଣି ଏକ ମାମଲା (୩୫/୨୦୨୦/ଇଜେଡ) ହୋଇଛି। ଏ ସମ୍ପର୍କରେ ଏନ୍‌ଜିଟି ପକ୍ଷରୁ ବିଚାରପତି ଏସ୍.ପି. ୱାଙ୍ଗଡି ଓ ବୈଷୟିକ ସଦସ୍ୟ ସିଦ୍ଧାନ୍ତ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରି ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତକାରୀ ଦଳରେ ଯାଜପୁର ଜିଲାପାଳ, ଷ୍ଟେଟ୍ ଏନଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି(ସିଆ) ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କର୍ତ୍ତୃପକ୍ଷ ସାମିଲ ହେବେ ବୋଲି ଏନଜିଟି ରାୟରେ ପ୍ରକାଶ ପାଇଛି। ଏହାସହ ଏସ୍‌ପିସିବିକୁ ନୋଡାଲ ଏଜେନ୍ସି ଭାବେ ଗ୍ରହଣ କରାଯାଇଛି।

ବୈତରଣୀ ନଦୀ ପାର୍ଶ୍ୱ କୋରେଇ ବ୍ଲକ ସାଆଁଳା ଗ୍ରାମର ଶରତଚନ୍ଦ୍ର ମହାପାତ୍ର, ମାନସ ମହାପାତ୍ର ପ୍ରମୁଖ ଗ୍ରାମବାସୀ ବୈତରଣୀ ନଦୀପଠାରୁ ବେଆଇନ ବାଲି ଉତ୍ତୋଳନ ହେଉଥିବା ନେଇ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ ଯେ, ସାଆଁଳା ବାଲିଘାଟକୁ ମାନୁଆଲ(ହସ୍ତଚାଳିତ) ମାଇନିଂ ଲିଜ୍ ପ୍ରଦାନ କରାଯାଇଛି। ହେଲେ ଲିଜ୍‌ଧାରୀ ଏହାର ଉଲ୍ଲଂଘନ କରି ମେକାନିକାଲ(ଯନ୍ତ୍ରଚାଳିତ) ଖଣିରେ ପରିଣତ କରିଛନ୍ତି। ପୂର୍ବରୁ ଏନ୍‌ଜିଟିର ନିର୍ଦ୍ଦେଶକୁ ପାଳନ କରାଯାଇ ନାହିଁ। ଦୈନିକ ୬.୧୨ ଘନମିଟର ଅନୁମତି ମିଳିଥିବା ସ୍ଥଳେ ପ୍ରତିଦିନ ୨୦୦ ଘନମିଟର ବାଲି ଉତ୍ତୋଳନ ହେଉଛି। ଲିଜ୍‌ପ୍ରାପ୍ତ ଅଞ୍ଚଳକୁ ବାଦଦେଇ ଅଧିକ ଏରିଆକୁ ଅନ୍ତର୍ଭୁକ୍ତ କରାଯାଇଛି। ନଦୀବନ୍ଧ, ଜନବହୁଳ ଅଞ୍ଚଳ, ବିଦ୍ୟାଳୟ ଓ ପିଏମ୍‌ଜିଏସ୍‌ୱାଇ ରାସ୍ତା ଦେଇ ଗାଡ଼ିରେ ଓଭରଲୋଡିଂ ବାଲି ପରିବହନ ହେଉଛି। ମାଇନିଂ ଅଞ୍ଚଳ ଓ ରାସ୍ତାପାର୍ଶ୍ୱରେ ସବୁଜକରଣ କରାଯାଇ ନାହିଁ। ଉପରୋକ୍ତ ଗ୍ରାମବାସୀଙ୍କ ଏଭଳି ଅଭିଯୋଗ ଅନୁଯାୟୀ ଆଇନଜୀବୀ ଶଙ୍କରପ୍ରସାଦ ପାଣି ଏନ୍‌ଜିଟିରେ ମାମଲା ଦାଖଲ କରିଛନ୍ତି। ୬ ସପ୍ତାହ ମଧ୍ୟରେ ତଦନ୍ତ ଓ କାର୍ଯ୍ୟାନ୍ୱୟନ ରିପୋର୍ଟ ଦାଖଲ କରିବାକୁ ଏନଜିଟି ନିର୍ଦ୍ଦେଶ ଦେବା ସହ ଅଭିଯୋଗରେ ସତ୍ୟତା ପ୍ରମାଣିତ ହେଲେ ମାଇନିଂ ଲିଜ୍ ବାତିଲ, ଯନ୍ତ୍ରଚାଳିତ ସମସ୍ତ ଯାନବାହନ ଜବତ କରିବାକୁ ଦର୍ଶାଯାଇଛି। ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୧୦ରେ କରିବାକୁ ଧାର୍ଯ୍ୟ ହୋଇଛି।

ଉଲ୍ଲେଖଯୋଗ୍ୟ ଯେ, ୧୬୨/୨୦୧୬ ନମ୍ବର ଏନ୍‌ଜଟି ମାମଲାର ନିର୍ଦ୍ଦେଶ ହେବାର ୨ ମାସ ଅତିକ୍ରମ ପରେ ବି ଯାଜପୁର ଜିଲା ପୋଲିସ ଅବା ବ୍ୟାସନଗର ତହସିଲଦାର କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଏହାପରେ ଅତିରିକ୍ତ ସରକାରୀ ଓକିଲ ଜନ୍ମେଜୟ କଟକିଆ ଏନ୍‌ଜିଟି ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଯାଜପୁର ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପାଇବା ପରେ ତତ୍କାଳୀନ ଯାଜପୁରରୋଡ ଏସ୍‌ଡିପିଓ ଏବଂ ଅମିନ ବାଲିଘାଟକୁ ଯାଇ ଅଭିଯୋଗ ଉପରେ ତଦନ୍ତ କରିଥିଲେ। ଏହାପରେ କୋରେଇ ପୋଲିସ ସହାୟତାରେ ୨୦୧୭ ମାର୍ଚ୍ଚ ୪ରେ ବାଲି ଖାଦାନ ଉପରେ ଚଢାଉ କରାଯାଇଥିଲା। ସେଠାରୁ ପୋକଲିନ ମେଶିନ ଓ ୨ ବାଲି ବୋଝେଇ ଡମ୍ପରକୁ ଜବତ କରାଯାଇଥିଲା। ଏନଜିଟିର ପୁନଃ ରାୟ ସମ୍ପର୍କରେ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଏନ୍‌ଜିଟି ନିର୍ଦ୍ଦେଶ ଅନୁସାରେ ତଦନ୍ତକାରୀ ଦଳ ଗଠନ କରି ନିର୍ଦ୍ଧାରିତ ସମୟରେ ରିପୋର୍ଟ ଦାଖଲ କରାଯିବ।

## ହୃଦ୍‌ଘାତରେ ସିଆରପିଏଫ୍ ଯବାନଙ୍କ ମୃତ୍ୟୁ

### ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

ତିର୍ତ୍ତୋଲ,୨୨।୬(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପିପ୍ପଳମାଧବ ଗ୍ରାମର ଯବାନ ଅମିୟ ରଞ୍ଜନ ସେଠୀଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସେ ବିହାରସ୍ଥିତ ଯମୁଇରେ ସିଆରପିଏଫ୍ ଯବାନ ଭାବେ କାର୍ଯ୍ୟରତ ଥିଲେ। ରବିବାର ରାତି ୯ଟା ୪୫ ମିନିଟରେ ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚି ଥିଲା। ରାତି ପ୍ରାୟ ୧୧ଟା ୪୫ରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅମିୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶନିବାର ସକାଳେ ଡ୍ୟୁଟିକୁ ଯାଉଥିବା ବେଳେ ହଠାତ୍ ଅମିୟଙ୍କ ହୃଦ୍‌ଘାତ ହୋଇଥିଲା। ସହକର୍ମୀମାନେ ଉଦ୍ଧାର କରି ତାଙ୍କୁ ସେନା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ତାଙ୍କ ମୃତଦେହ ବିମାନଯୋଗେ ଭୁବନେଶ୍ୱର ପଠାଯାଇଥିଲା। ସେଠାରୁ ସିଆରପିଏଫଙ୍କ ଗାଡ଼ିରେ ମୃତଦେହ ଗ୍ରାମକୁ ନିଆଯାଇଥିଲା। ଗ୍ରାମରେ ଶୋକକୁଳ ପରିବେଶ ମଧ୍ୟରେ ଅମିୟଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି।



ତହସିଲଦାରଙ୍କ ଉପସ୍ଥିତିରେ କ୍ରଶରରେ ଚଢ଼ାଉ କରାଯାଉଛି।

## ୭ ବେଆଇନ କ୍ରଶର ସିଲ୍

ଧର୍ମଶାଳା, ୨୨।୬ (ଡି.ଏନ୍.ଏ.)

ଧର୍ମଶାଳା ତହସିଲ ପକ୍ଷରୁ ସୋମବାର ମଧ୍ୟାହ୍ନରେ ଚଢ଼ାଉ କରାଯାଇ ୭ଟି ବେଆଇନ କ୍ରସର ଚଢ଼ାଉ କରାଯାଇଛି। ତହସିଲ ଅଧୀନ ପୁରୁଣା ବଉଳମାଳ ପଞ୍ଚାୟତ ସୁକୁଟିଝରେ ମୌଜାରେ ଗଢ଼ି ଉଠିଥିବା କ୍ରସରଗୁଡ଼ିକ ପ୍ରଶାସନର କଟକଣା ସତ୍ତ୍ୱେ ବେଆଇନ ଭାବେ ଚାଲୁରହିଥିବା ଅଭିଯୋଗ ହୋଇ ଆସୁଥିଲା। ତହସିଲଦାର ସରୋଜ କୁମାର ପଣ୍ଡା ସୋମବାର ଅତର୍କିତ ଚଢ଼ାଉ କରି ୭ଟି କ୍ରସରକୁ ସିଲ କରିଛନ୍ତି। ଚଢ଼ାଉରେ ତହସିଲଦାରଙ୍କ ସମେତ ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି, କାଏମା ଆରଆଇ ବିରଞ୍ଚି କୁମାର ବୋଇତେଇ, ଡଙ୍କାରୀ ଆରଆଇ ମନୋଜ କୁମାର ସାମଲ ଓ ନାକପୋଲ ଏଆର୍‌ଆଇ ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଗଲ ଜମିରେ ଚାଲିଛି ପିଟୁ ଫେବର ମିଲ

ତହସିଲଦାରଙ୍କୁ ଭେଟି ଅଭିଯୋଗ କଲେ ଗ୍ରାମବାସୀ

କଳିଙ୍ଗନଗର, ୨୨।୬ (ଡି.ଏନ୍.ଏ)

ଦାନଗଦୀ ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ ଖରଡ଼ିଠାରେ ଜଙ୍ଗଲ କିସମ ଜମିରେ ଜଣେ ଠିକାଦାର ପିଟୁ ଫେବର ମିଲ କରିଛନ୍ତି। ଏହାକୁ ବିରୋଧ କରି ଗ୍ରାମବାସୀ ଓ ପଞ୍ଚାୟତ ସମିତିସଭ୍ୟା ମଞ୍ଜୁଲତା ମଲିକ, ୱାର୍ଡ଼ସଭ୍ୟ ନଳିନୀ ପ୍ରଭା ପ୍ରମୁଖ ସୋମବାର ତହସିଲଦାର ନମ୍ରତା ମୋଦିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଖରଡ଼ି ମୌଜା ଖାତା ନଂ.–୩୧୩, ପ୍ଲଟ ନଂ.–୫୩/୫୪/୫୫/୫୬ ରକବା ୫୦.୯୧ ଡ଼ିମିମିଲ ଗ୍ରାମ୍ୟ ଜଙ୍ଗଲ ଜମିରେ ଠିକାଦାର ପିଟୁ ଫେବର ମିଲ ନିର୍ମାଣ କରିଛନ୍ତି। ଏହା ସ୍ଥାପନ କରାଯିବା ପାଇଁ ସରକାରୀ ଅନୁମତି ନିଆଯାଇ ନ ଥିବା ବେଳେ ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ ବଢ଼ୁଛି। ଏହାସହ ଉକ୍ତ ଅଞ୍ଚଳରେ ଚାରଣ ଭୂଇଁ ରହିଥିବା ବେଳେ ଗ୍ରାମ୍ୟ ଜଙ୍ଗଲ ଏବଂ ଜନବସିତି ଅଞ୍ଚଳକୁ ଅବରୋଧ କରି ମିଲ ସ୍ଥାପନ କରାଯାଇଛି। ଯାହା ସରକାରୀ ଓ ଜନ ବିରୋଧୀ ଅଟେ ବୋଲି ଗ୍ରାମବାସୀ ଅଭିଯୋଗ କରିବା ସହ ତୁରନ୍ତ ମିଲ ସ୍ଥାନାନ୍ତର ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି। ୧୫ଦିନ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗପତ୍ର ପ୍ରଦାନ ବେଳେ ଜିତେନ୍ଦ୍ର ଦାସ, ପଦ୍ମଲୋଚନ ବାରିକ, ସୁରେନ୍ଦ୍ର ଦାସ, ମାନସ ମହାନ୍ତି, ଅଭିମନ୍ୟୁ ପ୍ରଧାନ, କୃଷ୍ଣ ଚନ୍ଦ୍ର ଦାସ, ନିରଂଜନ ବେହେରା, ଗାୟତ୍ରୀ ବାରିକ୍, ଗଣେଶ୍ୱର ବଟ, ସୁନନ୍ଦ ଚନ୍ଦ୍ର ଗେଡ଼ି ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ପଚାରିବାକୁ ତହସିଲଦାରଙ୍କୁ ଯୋଗାଯୋଗ କରାଯାଇଥିଲେ ବି ସେ ଫୋନ୍ ଉଠାଇ ନ ଥିଲେ।



## ନିମ୍ନମାନର ଖାଦ୍ୟ ଯୋଗାଣ ଅଭିଯୋଗ: ଅଙ୍ଗନୱାଡ଼ିକର୍ମୀଙ୍କ ବିକ୍ଷୋଭ

କୁଜଙ୍ଗ,୨୨।୬(ଡି.ଏନ୍.ଏ.)




ଅଙ୍ଗନୱାଡ଼ିକର୍ମୀମାନେ ବିକ୍ଷୋଭ କରୁଛନ୍ତି।

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ କମ୍ ପରିମାଣର ଚାଉଳ ଓ ନିମ୍ନମାନର ଖାଦ୍ୟ ଯୋଗାଣ ହେଉଛି। ଏହାକୁ ବଣ୍ଟନ କରିବାକୁ ଯାଇ ଅଙ୍ଗନୱାଡ଼ିକର୍ମୀମାନେ ବହୁ ସମୟରେ ହିତାଧିକାରୀଙ୍କ ରୋଷର ଶିକାର ହେଉଛନ୍ତି। ଏହାକୁ ବିରୋଧ କରି ସୋମବାର ଅଙ୍ଗନୱାଡ଼ି କର୍ମୀମାନେ କୁଜଙ୍ଗ ବଜାର ପରିକ୍ରମା କରିଥିଲେ। ଏଥିସହ ୧୪ ଦଫା ଦାବି ନେଇ ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ଚାଉଳ ଯୋଗାଉଥିବା ସଂସ୍ଥା ୫୦ କିଲୋ ପ୍ୟାକେଟରେ ମାତ୍ର ୩୫ କିଲୋ ଚାଉଳ ପ୍ରଦାନ କରୁଛି। ଏଥିସହ ଗର୍ଭବତୀ ଓ ଶିଶୁମାନଙ୍କ ପାଇଁ ଦିଆଯାଉଥିବା ଛତୁଆ ଅତି ନିମ୍ନମାନର ରହୁଛି। ଫଳରେ ଏହା ଖାଦ୍ୟ ଉପଯୋଗୀ ହୋଇପାରୁ ନାହିଁ। ଏନେଇ ପୂର୍ବରୁ ଏଆଇଟିୟୁସି ଅନୁବନ୍ଧିତ ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ କୁଜଙ୍ଗ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ମାତ୍ର କୌଣସି ସୁଫଳ ନ ମିଳିବାରୁ ଅଙ୍ଗନୱାର୍ଡ଼ି କର୍ମୀ ବିକ୍ଷୋଭ କରିଥିଲେ। ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କ ତନୁପ୍ରଭା ବେଉରାଙ୍କ ଅନୁପସ୍ଥିତିରେ ବରିଷ୍ଠ ସହାୟକ ପ୍ରଶାନ୍ତ କୁମାର ଦାସ ଓ ଜୟନ୍ତୀ ବେହେରାଙ୍କୁ ସେମାନେ ଦାବିପତ୍ର ପ୍ରଦାନ କରିଥିଲେ। ନିଖିଳ ଓଡିଶା ଅଙ୍ଗନୱାଡି କର୍ମୀ ସଂଘ କୁଜଙ୍ଗ ବ୍ଲକ ସଭାନେତ୍ରୀ ସାବିତ୍ରୀ ପଣ୍ଡା, ତଟିନୀ ମହାପାତ୍ର, ନିତମ୍ବିନୀ ସାମନ୍ତରାୟ ଓ ଏଆଇଟିୟୁସି, ଜଗତ୍‌ସିଂହପୁର ଜିଲା ସମ୍ପାଦକ ସୁବାଷ ମହାପାତ୍ର ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

## କିରୋସିନରେ ପୋଡ଼ି ଗୁରୁତର ମହିଳାଙ୍କ ମୃତ୍ୟୁ

ବାଲିକୁଦା,୨୨।୬(ସ୍ୱ.ପ୍ର.)

କିରୋସିନ୍‌ରେ ଜଳି ଗୁରୁତର ହୋଇଥିବା ଜଣେ ମହିଳା ୪ ଦିନ ଜୀବନ ସହ ସଂଗ୍ରାମ କରିବା ପରେ ଶେଷରେ କଟକ ବଡ଼ ଡାକ୍ତରଖାନାରେ ସୋମବାର ପ୍ରାଣ ହରାଇଛନ୍ତି। ସେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଆମ୍ବଶାଳ ଗାଁର ମଣି ବିଶ୍ୱାଳଙ୍କ ସାନ ଝିଅ ଜୟଲକ୍ଷ୍ମୀ ଓରଫ୍ ଝିଲ୍ଲୀ(୩୫)। ଅଧିକ ଯୌତୁକ ଦାବିରେ ଶାଶୁଘର ଲୋକେ ତାଙ୍କୁ ଜାଳିଦେଇଛନ୍ତି ବୋଲି ତାଙ୍କ ବାପା ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ଥାନାରେ ମାମଲା (ନଂ.୧୩୩/୨୦) ରୁଜୁ ହୋଇଛି। ଏନେଇ ଅଭିଯୁକ୍ତ ସ୍ୱାମୀଙ୍କୁ ଥାନାରେ ଅଟକ ରଖାଯାଇଛି। କଟକ ବଡ଼ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ଜେଲ ଗଲେ ଦୁଇ ଭଉଣୀ, ଭିଣୋଇ

ବିଷାକ୍ତ ଖାଦ୍ୟଖାଇ ଦମ୍ପତି ମୃତ୍ୟୁ ଘଟଣା

ଖଣ୍ଡପଡ଼ା,୨୨।୬(ସ୍ୱ.ପ୍ର.)

ବିଷାକ୍ତ ଖାଦ୍ୟଖାଇ ଖଣ୍ଡପଡ଼ା ଥାନା ବୋଦସା ପଞ୍ଚାୟତ ଗୋଲାବୋଦସା ଗ୍ରାମର ଭାଗୀରଥି ସ୍ୱାଇଁ ଓ ସ୍ତ୍ରୀ କୌଶଲ୍ୟା ସ୍ୱାଇଁ ମୃତ୍ୟୁ ଘଟଣାରେ ଥାନା ହାଜତରେ ଅଟକ ଥିବା ୩ ଅଭିଯୁକ୍ତଙ୍କୁ ସୋମବାର ପୋଲିସ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଖଣ୍ଡପଡା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ମୃତ ଭାଗୀରଥିଙ୍କ ସାନଭାଇ ଲକ୍ଷ୍ମୀଧରଙ୍କ ସ୍ତ୍ରୀ ନର୍ମଦା ସ୍ୱାଇଁ, ସେହି ଗ୍ରାମର ନର୍ମଦାଙ୍କ ବଡ ଭଉଣୀ ସୁକାନ୍ତି ପ୍ରଧାନ ଓ ଭିଣୋଇ ଅବସରପ୍ରାପ୍ତ ଶିକ୍ଷକ ହରିହର ପ୍ରଧାନ। ଭଉଣୀ ଓ ଭିଣୋଇଙ୍କ ପ୍ରରୋଚନାରେ ନର୍ମଦା ଦେଢ଼ଶୁର ଓ ବଡଯାଆଙ୍କୁ ତରକାରିରେ ବିଷ ମିଶାଇ ମାରି ଦେଇଥିବା ନେଇ ମୃତ ଦମ୍ପତିଙ୍କ ବଡପୁଅ ସୁବାସ ଚନ୍ଦ୍ର ସ୍ୱାଇଁ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ–୧୬୨/୨୦) ରୁଜୁକରି ତଦନ୍ତ କରିଥିଲା।

## ଚାଇନା ସାମଗ୍ରୀ ବର୍ଜନ ଦାବିରେ ଅନଶନ

ଜଗତ୍‌ସିଂହପୁର ଅଫିସ, ୨୨।୬

ଚାଇନା ସାମଗ୍ରୀ ବର୍ଜନ ଦାବିରେ ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ବୀରବରପାଟଣାର ସୁଭାଶିଷ ନାୟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାଠାରୁ ଅନଶନ ଆରମ୍ଭ କରିଛନ୍ତି। ତାଙ୍କୁ ସମର୍ଥନ କରି ଏକାଧିକ ବ୍ୟକ୍ତି ଏଥିରେ ସାମିଲ ହୋଇଛନ୍ତି। ଏନେଇ ଜଗତ୍‌ସିଂହପୁର ଥାନା ଆଇଆଇସି ଓ ଜିଲାପାଳଙ୍କୁ ଅବଗତ କରାଯାଇଛି। ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ସେ ଦାବି କରିଛନ୍ତି।

## ଆପ୍ରୋଚ ରୋଡ୍ ମରାମତି, ଡ୍ରେନେଜ ବ୍ୟବସ୍ଥା କରିବାକୁ ଦାବି

ଧର୍ମଶାଳା, ୨୨।୬ (ଡି.ଏନ୍.ଏ.)

ଜାରକା ବଜାରଠାରେ ଫ୍ଲାଏଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାରୁ ଦୈନିକ ଶତାଧିକ ଭାରିଯାନ ଆପ୍ରୋଚ ରୋଡ ଦେଇ ଚଳାଚଳ କରୁଛି। ଏଥିଯୋଗୁ ରାସ୍ତାଟି ରାସ୍ତାଟି ଶୋଚନୀୟ ହୋଇପଡିଛି। ଫଳରେ ଏହି ରାସ୍ତାଦେଇ ଯାତାୟାତ କରୁଥିବା ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ବର୍ଷା ଦିନ ଯୋଗୁ ଅସରାଏ ପାଣି ହେଲେ ପାହାଡ଼ ପାଣି ଗଡ଼ି ରାସ୍ତାରେ ଜମି ରହୁଛି। ଏହି ଆପ୍ରୋଚ ରୋଡ ପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ କୌଣସି ସୁବିଧା ନ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଏ ନେଇ ସୋମବାର ଧର୍ମଶାଳା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ପିସିସି ସାଧାରଣ ସମ୍ପାଦକ କିଶାନ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଧର୍ମଶାଳା ତହସିଲଦାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଆପ୍ରୋଚ ରୋଡ୍ ମରାମତି କରିବା ସହ ଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା, ରାସ୍ତା ସମ୍ପ୍ରସାରଣ ସମୟରେ ବିଦ୍ୟୁତ୍ ଖୁଣ୍ଟ ଓ ତାର ସ୍ଥାନାନ୍ତର କରିବା, ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଆସୁଥିବା ଗାଡିଗୁଡିକ ପାଇଁ ଟ୍ରାଫିକ ନିୟନ୍ତ୍ରଣ କରାଯିବା ଆଦି କରାଯିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ରକୁ ଧର୍ମଶାଳା ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲ ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ପିସିସି ସାଧାରଣ ସମ୍ପାଦକ ପଣ୍ଡାଙ୍କ ସହ କୃଷକ ନେତା ବସନ୍ତ କୁମାର ପରିଡ଼ା, ଅନିରୁଦ୍ଧ ରାଉତ, ସୁଧାକର ରାଉତ, ପ୍ରଫୁଲ୍ଲ କୁମାରରାୟ, ଦେବାଶିଷ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଖବରପାଇ ତହସିଲଦାର ସରୋଜ ପଣ୍ଡା ନିର୍ମାଣାଧୀନ ଫ୍ଲାଏଓଭର ନିକଟକୁ ଆସି ପ୍ରତିନିଧି ଦଳ ଓ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥାର ମ୍ୟାନେଜରଙ୍କ ସହ ଆଲୋଚନା କରିଥିଲେ। ଦୁଇଦିନ ମଧ୍ୟରେ ଦାବିଗୁଡିକ କାର୍ଯକାରୀ କରାଯିବ ବୋଲି ଠିକାସଂସ୍ଥାର ମ୍ୟାନେଜର ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

## ବନ୍ୟଜନ୍ତୁଙ୍କୁ ଖାଇବାକୁ ଦେଲେ ବାହାର ଖାଦ୍ୟ

ସୁରକ୍ଷା ନିୟମ ଭୁଲିଗଲେ ବନ ଅଧିକାରୀ

- ସୋସିଆଲ ମିଡିଆରେ ପୋଷ୍ଟ କଲେ ଫଟୋ
- ସ୍ଥାନ ବତାଇ ଶିକାର ପାଇଁ ଦେଲେ ସୁଯୋଗ

ନୟାଗଡ଼ ଅଫିସ,୨୨।୬



ଫେସ୍‌ବୁକରେ ପୋଷ୍ଟ ହୋଇଥିବା ଫଟୋ।

ମହାନଦୀ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ଛାମୁଣ୍ଡିଆ ରେଞ୍ଜର ଡେପୁଟି ରେଞ୍ଜରଙ୍କ ଖାମଖିଆଲି ଆଚରଣ ଯୋଗୁ ସଙ୍କଟରେ ବନ୍ୟପ୍ରାଣୀ। ଏହି ଅଧିକାରୀ ଜଣକ ହରିଣକୁ ବିସ୍କୁଟ ଖାଇବାକୁ ଦେଉଥିବା ଫଟୋ ନିଜ ଫେସ୍‌ବୁକରେ ପୋଷ୍ଟ କରିବା ପରେ ଘଟଣା ପଦାକୁ ଆସିଛି। ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ବନ ଅଧିକାରୀ କିପରି ନିଜର ଦାୟିତ୍ୱ ଭୁଲିଗଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷେ ଫେସବୁକ୍ ଫଟୋରେ ସ୍ଥାନ ସ୍ପଷ୍ଟ ଦୃଶ୍ୟ ହେଉଥିବାରୁ ଏହା ଶିକାରୀଙ୍କୁ ଖୋରାକ ଯୋଗାଇବ ବୋଲି କୁହାଯାଉଛି। ଅଭୟାରଣ୍ୟ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ବନ୍ୟଜନ୍ତୁ ସଂରକ୍ଷଣ ଆଇନ ୧୯୭୨କୁ କଡାକଡି ଲାଗୁ କରିଛନ୍ତି। ବନ୍ୟଜନ୍ତୁଙ୍କୁ ହତ୍ୟା କରିବା, ଫାଶ ବା ଜାଲ ବିଛାଇବା, ଅଙ୍ଗ ଛେଦନ କରିବା, ବିରକ୍ତି କରାଇବା ଓ ଆବାସସ୍ଥଳୀ ଆଦି ଧ୍ୱଂସ ନ କରିବା ଉପରେ ମଧ ଗୁରୁତ୍ୱ ଦିଆଯାଇଛି। ସେହିଭଳି ସର୍ବସାଧାରଣ ସ୍ଥାନରେ ରୋଗ ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ବନ୍ୟଜନ୍ତୁଙ୍କୁ ବାହାର ଖାଦ୍ୟ ନ ଦେବା ପାଇଁ ବିଭିନ୍ନ ସ୍ଥାନରେ ସଚେତନତା ହୋର୍ଡିଂ ଲଗାଯାଇଛି। ଛାମୁଣ୍ଡିଆ ବନାଞ୍ଚଳର ଡେପୁଟି ରେଞ୍ଜ ଅଫିସର ହରିଣକୁ ବିସ୍କୁଟ ଖାଇବାକୁ ଦେଉଥିବା ଫଟୋ ଜୁନ ୧୮ ତାରିଖ ସନ୍ଧ୍ୟା ୭ଟା ୨୨ ମିନିଟରେ ନିଜ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରଛନ୍ତି। ହରିଣଟି କୃତ୍ରିମ ଖାଦ୍ୟ ଖାଇବା ପରେ ଗାଁ ମୁହାଁ ହେବ। ପୁଣି ରୋଗ ସଂକ୍ରମଣ ଆଶଙ୍କା ରହିଛି। ପୂର୍ବରୁ ଉକ୍ତ ହରିଣଟି ଗାଁ ମୁହାଁ ହୋଇ ସାରିଥିବାବେଳେ ଡେପୁଟି ରେଞ୍ଜ ଅଫିସରଙ୍କ ଯୋଗୁ ଜଙ୍ଗଲକୁ ଯାଉ ନ ଥିବା କୁହାଯାଉଛି। ପ୍ରାୟ ୪ବର୍ଷ ତଳେ ଉକ୍ତ ହରିଣଟି ଶାବକ ଅବସ୍ଥାରେ ଛେଳି ଗୋଠରେ ଛାମୁଣ୍ଡିଆ ଅଞ୍ଚଳକୁ ଚାଲିଆସିଥିଲା। ଛେଳି ଚରାଳି ହରିଣ ଛୁଆକୁ ଘରେ ନ ରଖି ଛାମୁଣ୍ଡିଆ ବନ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। କିନ୍ତୁ ବନ କର୍ମଚାରୀ ଏହାକୁ ନେଇ ନ ଥିଲେ। ବଡ ହେଲେ ଜଙ୍ଗଲରେ ଛାଡିଦିଆଯିବ କହି ଛେଳି ଚରାଳିକୁ ଫେରାଇ ଦେଇଥିଲେ। ତେବେ ବନଖଣ୍ଡ ଅଧିକାରୀଙ୍କ ବଦଳି ପରେ ତତ୍କାଳୀନ ନୂଆ ବନଖଣ୍ଡ ଅଧିକାରୀ ଛେଳି ଚରାଳିଙ୍କୁ ଗିରଫ କର କୋର୍ଟ ଚାଲାଣ କରିଥିଲେ । ଏପରି କି ହରିଣଟିକୁ ନେଇ ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିଲେ। ହେଲେ ହରିଣଟି ଅଧିକାଂଶ ସମୟରେ ଜନବସତିକୁ ଚାଲିଆସୁଥିଲା। ୨ ବର୍ଷ ତଳେ ଏହି ହରିଣର ୨ଟି ଛୁଆ ଗାଏବ ହୋଇ ସାରିଲେଣି। ପୁଣି ଏବେ ଏକ ଛୁଆ ମା' ହରିଣ ସହ ବୁଲୁଛି, ଯାହା ସେମାନଙ୍କ ପ୍ରତି ବପଦ ସୃଷ୍ଟି କରିଛି। ଏ ନେଇ ମହାନଦୀ ବନ୍ୟପ୍ରାଣୀ ଡିଭିଜନର ଡିଏଫ୍‌ଓ ହର୍ଷବର୍ଦ୍ଧନ ଉଦ୍‌ଗାତାଙ୍କୁ ପଚାରିବାରୁ ସେ କହିଥିଲେ, ଏପରି କରିବା ଠିକ୍ ନୁହେଁ। ଏ ନେଇ ଅନୁଧ୍ୟାନ କରି ପଦକ୍ଷେପ ନେବି। ଛାମୁଣ୍ଡିଆ ରେଞ୍ଜର ଡେପୁଟି ରେଞ୍ଜର ମାଧବ ନାୟକ କୁହନ୍ତି, କିଛିଦିନ ତଳେ ହରିଣଟି ଅସୁସ୍ଥ ହେବା ପରେ ତାକୁ ଚିକିତ୍ସା କରାଯାଇଥିଲା। ହରିଣଟି ପାଖକୁ ଆସୁଥିବାରୁ ବିସ୍କୁଟ ଖାଇବାକୁ ଦେଇ ଫଟୋ ପୋଷ୍ଟ କରି ଦେଇଥିଲି। ମୋର କିଛି ମନ୍ଦ ଉଦ୍ଦେଶ୍ୟ ନ ଥିଲା। ଆଗକୁ ଏପରି ହେବନି।

**ଚିକିଟି ଏନ୍ଏସିର ୨ ୱାର୍ଡ କଣ୍ଟେନମେଣ୍ଟ ଜୋନ**

ଚିକିଟି,୨୨।୬(ଡି.ଏନ୍.ଏ.)-ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦରୁ କରୋନା ପଜିଟିଭ ଚିହ୍ନଟ ହୋଇଥିବାରୁ ୧ ଓ ୫ ନମ୍ବର ୱାର୍ଡ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ସେହିପରି ଚିକିଟି ପେଣ୍ଠର ୬ ନମ୍ବର ୱାର୍ଡରୁ ୧୨ ନମ୍ବର ୱାର୍ଡ ପର୍ଯ୍ୟନ୍ତ ବଫର ଜୋନ ଘୋଷଣା କରାଯାଇଛି। ଏଥିସହ ରାମଚନ୍ଦ୍ରପୁର ପଞ୍ଚାୟତର ଧାନଘର, ଝଗଡା, ମୁକ୍ତାପୁର, କେ.ଗୋପୀନାଥପୁର, ଟି.କୂଳମଣିପୁରକୁ ମଧ ବଫର ଜୋନ ଘୋଷଣା କରାଯାଇଛି ।

## ସଂକ୍ଷେପରେ

### ବାରିପଦାରେ ରଥଯାତ୍ରା କରିବା ଲାଗି ଧାରଣା

**ବାରିପଦା ଅଫିସ,୨୨।୬:** ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ମୟୂରଭଞ୍ଜ ଜିଲା ବାରିପଦାରକ ଶ୍ରୀଶ୍ରୀହରିବଳଦେବ ଜୀଉ ମନ୍ଦିରରେ ରଥଯାତ୍ରା କରିବା ଲାଗି ସୋମବାର ସେବାୟତ ଓ ଜନସାଧାରଣ ବଡ଼ଦାଣ୍ଡରେ ଧାରଣା ଦେଇଥିଲେ। ମଧାହ୍ନ ୧୨ଟା ୩୦ରୁ ଏହି ଧାରଣା ଆରମ୍ଭ ହୋଇଥିଲା। ଫଳରେ ଉକ୍ତ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ଅପରାହ୍ନ ୧ଟା ପରେ ମୟୂରଭଞ୍ଜ ଏମ୍ପି ବିଶେଶ୍ୱର ଟୁଡୁ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଧାରଣାକାରୀମାନେ ମନ୍ଦିର ରାସ୍ତାରେ ୧୪୪ ଧାରା ଜାରି କରି କଟକଣା ଯୁକ୍ତ ରଥ ଯାତ୍ରା କରାଯାଉ ବୋଲି ନିବେଦନ କରିଥିଲେ। ଏହା ପରେ ସେବାୟତ ଓ ଜନସାଧାରଣ ଚାଲି ଚାଲି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ପ୍ରଶାସନ ଓ ସେବାୟତମାନଙ୍କୁ ନେଇ ଏକ ବୈଠକ ହୋଇଥିଲା। ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ ରଥ ଗଡ଼ିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏନେଇ ସେବାୟତମାନଙ୍କ ମନରେ ଅସନ୍ତୋଷ ଦେଖା ଦେଇଥିଲା। ଅନ୍ୟପକ୍ଷେ ସୁରକ୍ଷା ଦୃଷ୍ଟିରୁ ଜିଲାର ସମସ୍ତ ଦେବାଳୟରେ ୧୪୪ ଧାରା ଜାରି କରାଯାଇଥିବା ପ୍ରଶାସନ ସୂଚନା ଦେଇଛି।

### ଅତିରିକ୍ତ ତହସିଲଦାରଙ୍କୁ ଅଟକ ରଖିଲେ ଉତ୍ତେଜିତ ଲୋକେ

**ଭୋଗରାଇ, ୨୨।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ନାଛିନ୍ଦା ପଞ୍ଚାୟତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସୋମବାର ଅପରାହ୍ନରେ ଅଭାବନୀୟ ଘଟଣା ଘଟିଛି। 'ଅମ୍ଫନ' ବାତ୍ୟାରେ ଘର ଭାଙ୍ଗିଯାଇଥିବା ଲୋକଙ୍କୁ ଅଦ୍ୟାବଧି ପଲିଥିନ୍ ମିଳି ନ ଥିବାରୁ ଶତାଧିକ ଲୋକେ ଉତ୍ୟକ୍ତ ହୋଇ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟକୁ ଦୀର୍ଘ ଘଣ୍ଟା ଧରି ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆରଆଇ କାର୍ଯ୍ୟାଳୟକୁ ଭୋଗରାଇ ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଆସିଥିବା ବେଳେ ଲୋକେ ପାଟିତୁଣ୍ଡ କରି ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକ ରଖିଥିଲେ। ଏହାପରେ ଲୋକେ ମୁଖ୍ୟ ଫାଟକକୁ ଭାଙ୍ଗି କାର୍ଯ୍ୟାଳୟରେ ଷ୍ଟକ ଥିବା ଦୁଇ ଶହ ପଲିଥିନ ବୋହି ନେଇଥିଲେ। କମର୍ଦ୍ଧା ପୋଲିସ ସେଠାରେ ପହଞ୍ଚି ଅତିରିକ୍ତ ତହସିଲଦାରଙ୍କୁ ଉଦ୍ଧାର କରିଥିଲେ। ଗଣ୍ଡଗୋଳକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ତହସିଲଦାର ସୂଚନା ଦେଇଛନ୍ତି। ସେଠାରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାବେଳେ ନିୟନ୍ତ୍ରଣାଧୀନ ରହିଛି ବୋଲି ପୋଲିସ କହିଛି।

### ଲାଞ୍ଚ ନେବା ଅଭିଯୋଗ: କନଷ୍ଟେବଲ ନିଲମ୍ବିତ

**ବାଲେଶ୍ୱର ଅଫିସ,୨୨।୬:** ମଦ ବେପାରୀଙ୍କ ଠାରୁ ଲାଞ୍ଚ ନେବା ଭିଡିଓ ଭାଇରାଲ ହେବା ପରେ ବାଲେଶ୍ୱର ଟାଉନ ଥାନାର ଜଣେ କନଷ୍ଟେବଲଙ୍କୁ ଜିଲା ଆରକ୍ଷୀ ଅଧିକ୍ଷକ ସୋମବାର ନିଲମ୍ବନ କରିଛନ୍ତି। ନିଲମ୍ବିତ କନଷ୍ଟେବଲ ହେଲେ ବିଜୟ କୁମାର ବାରିକ। ଭିଡିଓ ଭାଇରାଲ ହେବା ପରେ ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ ପଟ୍ଟନାୟକ ଘଟଣାର ତଦନ୍ତ ପାଇଁ ଜିଲା ଏସ୍ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଟି ଡିଏସ୍ପି ମନୋଜ କୁମାର ରାଉତଙ୍କୁ ଏସ୍ପି ତଦନ୍ତ ଦାୟିତ୍ୱ ଦେଇଥିଲେ। ତଦନ୍ତ ରିପୋର୍ଟ ମିଳିବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନା ଅନୁଯାୟୀ, ପୁରୁଣା ବାଲେଶ୍ୱର ଅଞ୍ଚଳର ଜଣେ ଯୁବକ ଚୋରାମଦ ନେଇ ଯାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଏନେଇ ଟାଉନ ଥାନାରେ ଏକ ମାମଲା(୧୮୩/୨୦୨୦) ରୁଜୁ ହୋଇଥିଲା। କିନ୍ତୁ ସମ୍ପୃକ୍ତ ମଦ ବେପାରୀଙ୍କୁ ଗିରଫ କରାଯାଇ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ମଦ ବେପାରୀ ଜଣକ କନଷ୍ଟେବଲ ବାରିକଙ୍କୁ ଲାଞ୍ଚ ଦେଇଥିବା ଖସି ଯାଇଥିବା ଅଭିଯୋଗ ହୋଇଛି।

### ୨୦ ଦୋକାନ ସିଲ୍

**ଆସିକା,୨୨।୬(ଡି.ଏନ୍.ଏ.):** କରୋନା ସଂକ୍ରମଣ ପ୍ରତିରୋଧ ପାଇଁ ଆସିକା ଏନ୍ଏସି ଇଲାକାରେ ଯାଞ୍ଚ କଡାକଡ଼ି କରାଯାଉଛି। ଲକ୍ଡାଉନ୍ ନିୟମ ଉଲ୍ଲଂଘନ କରି ବେଆଇନ ଭାବେ ଦୋକାନ ଖୋଲୁଥିବା ଓ ସାମାଜିକ ଦୂରତ୍ୱ ରକ୍ଷା କରୁ ନ ଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ ହେଉଛି। ସୋମବାର ଆସିକା ତହସିଲଦାର ସଦାନନ୍ଦ ସେଠୀ ଓ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ବସଷ୍ଟାଣ୍ଡ, କଳିଙ୍ଗା ରୋଡ, ଲକ୍ଷ୍ମୀ ବଜାର, ବିନାୟକ ବଜାର, ହାଟପଦା, ବଜାର ସାହି ଅଞ୍ଚଳରେ ଚଢାଉ କରି ୨୦ ଦୋକାନ ସିଲ କରିଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କଠାରୁ ୩୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି।

# ୧.୧୩ ଲକ୍ଷ ଜାଲ୍ ନୋଟ୍, ଗଞ୍ଜେଇ ଜବତ

**କନଷ୍ଟେବଲଙ୍କ ସମେତ ୩ ଗିରଫ**

**ଫୁଲବାଣୀ ଅଫିସ/ଫିରିଙ୍ଗିଆ,୨୨।୬**

କନ୍ଧମାଳ ଜିଲାରେ ଗଞ୍ଜେଇ ଚାଲାଣ ସହ ଜାଲ୍ ନୋଟ କାରବାର ବି ଚାଲିଛି। ଫିରିଙ୍ଗିଆ ଥାନା ପୋଲିସ ଏଭଳି ଏକ ର୍ୟାକେଟକୁ ଧରିଛି। ସିମିଳିସାହିଠାରେ ଚଢ଼ାଉ ବେଳେ ଏକ ଟାଟା ସୁମୋରୁ ୧ ଲକ୍ଷ ୧୩ ହଜାର ଟଙ୍କାର ଜାଲ୍ ନୋଟ୍ ଏବଂ ୩୦ କି.ଗ୍ରା. ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଜଣେ କନଷ୍ଟେବଲଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କନଷ୍ଟେବଲ ବସନ୍ତ ନାହାକ, ଫୁଲବାଣୀର ମଧୁସୂଦନ ଦିଗାଲ ଓ ବଳଭଦ୍ର ସାହାଣୀ। କନଷ୍ଟେବଲ ଜଣକ ଦାରିଙ୍ଗିବାଡି ବ୍ଲକ ବ୍ରହ୍ମଣୀଗାଁ ଥାନାରେ କାର୍ଯ୍ୟରତ ଥିଲେ। ଗତ ୧୫ ତାରିଖରେ ଜଣେ ବ୍ୟକ୍ତିଙ୍କୁ ଧମକ ଦେଇ ଟଙ୍କା ଆଦାୟ କରିଥିବା ନେଇ ତାଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଥିଲା। ୧୬ ତାରିଖରେ ଏସ୍ପି ତାଙ୍କୁ ନିଲମ୍ବିତ କରି ରିଜର୍ଭ କାର୍ଯ୍ୟାଳୟରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ବି ସେ ଗଞ୍ଜେଇ କାରବାରରେ ଲିପ୍ତ ରହିଥିଲେ।

ରବିବାର ଫିରିଙ୍ଗିଆ ଥାନା ପୋଲିସ ସିମିଳିସାହି- ଡିମିରିଗୁଡା ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହଜନକ ଭାବେ ଯାଉଥିବା ଟାଟାସୁମୋ (ନଂ.ଓଆର ୦୨ ଏଟି ୯୩୬୯)କୁ ଅଟକାଇଥିଲା। ଯାଞ୍ଚ ବେଳେ ଉକ୍ତ ଗାଡିରୁ ୩୦ କି.ଗ୍ରା. ଗଞ୍ଜେଇ ଏବଂ ୧ ଲକ୍ଷ ୧୩ ହଜାର ଟଙ୍କାର ଜାଲ୍ ନୋଟ ବାହାରିଥିଲା। ଗାଡିରେ ଥିବା ୩ ଜଣଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ ନଂ.୪୮/୨୦ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଜାଲନୋଟ୍ କାରବାରରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏବଂ ଏହାର ଲିଙ୍କ୍ କେଉଁଠି ସେ ନେଇ ତଦନ୍ତ ଚାଲିଥିବା ଥାନାଧିକାରୀ ଶ୍ୟାମ ସୁନ୍ଦର ରାଓ କହିଛନ୍ତି।



ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ ଓ ଜବତ ଜାଲ ନୋଟ।

## ରଥଯାତ୍ରା ସିଧା ପ୍ରସାରଣ ବେଳେ ବିଦ୍ୟୁତ୍କାଟ ହେବନି

**ଗଞ୍ଜାମରେ ଗଡ଼ିବନି ରଥ: ଜିଲାପାଳ**

**ଛତ୍ରପୁର,୨୨।୬(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର କୌଣସିଠାରେ ମଙ୍ଗଳବାର ରଥଯାତ୍ରା ନ କରାଇବା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଭିଡିଓ କନଫରେନ୍ସ ଜରିଆରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରମାନଙ୍କୁ ଜଣାଇଛନ୍ତି। ଏହା ଯେପରି କଡାକଡି ଭାବେ ପାଳନ ହେବ ସେଥିନିମନ୍ତେ ନଜର ରଖିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ଜନସାଧାଣର ପୁରୀରେ ହେଉଥିବା ରଥଯାତ୍ରାର ସିଧା ପ୍ରସାରଣ ବିନା ବାଧାରେ ଦେଖିବା ନିମନ୍ତେ ବିଦ୍ୟୁତ୍ ସରବରାହ ବନ୍ଦ ନ କରିବା ପାଇଁ ବିଦ୍ୟୁତ୍ ବିଭାଗକୁ ଜଣାଇ ଦିଆଯାଇଛି। ସେହିପରି ଜିଲାପାଳ ପ୍ରତି ପଞ୍ଚାୟତରେ କୋଭିଡ କେୟାର ହୋମ, ପ୍ରବାସୀମାନେ ଯେଭଳି ଶତ ପ୍ରତିଶତ କାମ ପାଇବେ, ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନା, ଆମ ସ୍ୱାସ୍ଥ୍ୟ ଆମ ଦାୟିତ୍ୱ ପ୍ରଶିକ୍ଷଣ, କୋଭିଡ ସଚେତନତା, ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ବିହନ ଓ ସାରର ସୁଷମ ବଣ୍ଟନ ଆଦି ବିଷୟ ଉପରେ ଆଲୋଚନା କରିଥିଲେ।

## ଛତୁ ଖାଇ ଶିଶୁ ସମେତ ୧୦ ଅସୁସ୍ଥ

**ଭଞ୍ଜନଗର,୨୨।୬(ଡି.ଏନ.ଏ)**

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଶିଆରୀମାଳ ଓ ତନରଡ଼ାରେ ରବିବାର ରାତିରେ ବିଷାକ୍ତ ଛତୁ ଖାଇ ୧୦ଜଣ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରେ ୧୫ ମାସର ଏକ ଶିଶୁ ଅଛି। ଅସୁସ୍ଥମାନେ ସ୍ଥାନୀୟ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ବେଳେ ଅବସ୍ଥା ଭଲ ଥିବା ଜଣାପଡ଼ିଛି।

## ଶଟ୍ଡାଉନ୍ ପ୍ରତ୍ୟାହାର କଲେ ସରପଞ୍ଚ

**ପ୍ରଶାସନର ଅସହଯୋଗ**

**ଦାରିଙ୍ଗବାଡ଼ି,୨୨।୬(ଡି.ଏନ୍.ଏ.)**

ଦାରିଙ୍ଗବାଡ଼ି ପଞ୍ଚାୟତରେ ଜଣେ ଶିକ୍ଷକ କରୋନା ଭୂତାଣୁ ସଂକ୍ରମିତ ହେବାପରେ ସରପଞ୍ଚ ରାଧାକାନ୍ତ ପ୍ରଧାନ ପଞ୍ଚାୟତ ଅଞ୍ଚଳକୁ ରବିବାର ଅପରାହ୍ନରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ଶଟ୍ଡାଉନ୍ ଘୋଷଣା କରିଥିଲେ। ସରକାର ଘୋଷଣା କରିଥିବା ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ସରପଞ୍ଚ ଏପରି ନିଷ୍ପତ୍ତି ନେଇଥିଲେ ମଧ ପ୍ରଶାସନର ସହଯୋଗ ମିଳି ନ ଥିବାରୁ ସେ ଏହାକୁ ପ୍ରତ୍ୟାହାର କରିଥିବା ସୋମବାର କହିଛନ୍ତି। ଶଟ୍ଡାଉନ ଘୋଷଣା ପରେ ପୁଣି ତାହାକୁ ପ୍ରତ୍ୟାହାର କରି ନେଇଥିବା ପ୍ରଶାସନକୁ ସରପଞ୍ଚ ଲିଖିତ ଭାବେ ଜଣାଇଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ ଚାପରେ ସରପଞ୍ଚ ଏଭଳି ନିଷ୍ପତ୍ତି ନେଇଥିବାରୁ ବଣିକ ସଂଘ ସମେତ ବିଭିନ୍ନ ସଂଗଠନ ଏହାକୁ ନିନ୍ଦା କରିଛନ୍ତି।

ଶଟ୍ଡାଉନ୍ ଘୋଷଣା କରିବା ପୂର୍ବରୁ ସ୍ଥାନୀୟ ବିଡିଓ ଜଗଦୀଶ ଷଡ଼ଙ୍ଗୀଙ୍କ ସହ ସରପଞ୍ଚ ଆଲୋଚନା କରିଥିଲେ। ଜିଲାପାଳ ଡ.ବୃନ୍ଦା ଡିଙ୍କୁ ମଧ ପ୍ରଥମେ ଫୋନରେ ପରେ ଚିଠି ମାଧ୍ୟମରେ ଏ ନେଇ ଅବଗତ କରିଥିଲେ। ରବିବାର ଅପରାହ୍ନରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ୪୮ ଘଣ୍ଟିଆ ଶଟ୍ଡାଉନ୍ କରାଯାଇଥିବା ଘୋଷଣା କରିଥିଲେ। ଏହାକୁ ଦାରିଙ୍ଗବାଡ଼ି ବଣିକ ସଂଘ ଓ ବିଭିନ୍ନ ସଂଗଠନ ସହଯୋଗ କରିଥିବା ସରପଞ୍ଚ କହିଛନ୍ତି। ବଣିକ ସଂଘ ସଭାପତି ଅରୁଣ କୁମାର ସାହୁ କହିଛନ୍ତି, ବଜାରରେ ସାମାଜିକ ଦୂରତ୍ୱ ରହୁନାହିଁ। ଅମାନିଆମାନେ ବାଇକ୍ରେ ଆସି ଚକ୍କର କାଟୁଛନ୍ତି। ଏଭଳି ସ୍ଥିତିରେ ଜଣେ ଶିକ୍ଷକ ପଜିଟିଭ୍ ଚିହ୍ନଟ ହେବା ପରେ ସେ ବିଭିନ୍ନ ଦୋକାନ, ବିଇଓ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ ଆଦିକୁ ଯାଇଥିବାରୁ ସଂକ୍ରମଣ ନ ବ୍ୟାପିବା ପାଇଁ ଦୋକାନ ବଜାର ବନ୍ଦ ରଖିବାକୁ ସରପଞ୍ଚଙ୍କୁ ଜଣାଇଥିଲୁ। ତେଣୁ ସୋମବାର ଦୋକାନ ବଜାର ବନ୍ଦ ରହିଥିବା ବଣିକ ସଂଘ ସଭାପତି କହିଛନ୍ତି। ଅପରାହ୍ନ ପର୍ଯ୍ୟନ୍ତ ବ୍ୟାଙ୍କ ମଧ ବନ୍ଦ ରହିଥିଲା।

## ଉତ୍ତର ଓଡ଼ିଶାରେ ଆଉ ୧୯ ଆକ୍ରାନ୍ତ

**କରୋନା ସ୍ଥିତି**

**ବାଲେଶ୍ୱର ଅଫିସ/ଭଦ୍ରକ ଅଫିସ/ କେନ୍ଦୁଝର,୨୨।୬(ସ୍ୱ.ପ୍ର/ଡି.ଏନ୍.ଏ)**

ଉତ୍ତର ଓଡ଼ିଶାରେ ସୋମବାର ଆଉ ୧୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥି ମଧ୍ୟରେ ବାଲେଶ୍ୱର ଜିଲାରେ ୧୩, ଭଦ୍ରକରେ ୪ ଓ କେନ୍ଦୁଝର ଜିଲାରେ ୨ ଜଣ ସଂକ୍ରମିତ ରହିଛନ୍ତି।

ବାଲେଶ୍ୱର ସଦର, ବାଲିଆପାଳ, ରେମୁଣା ବ୍ଲକ ଏବଂ ବାଲେଶ୍ୱର ଫକୀରମୋହନ କଲେଜରେ ହୋଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଏହି ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତ ସଂଖ୍ୟା ୩୦୬ରେ ପହଞ୍ଚିଛି। ସେହିପରି ଜିଲାରେ ସୋମବାର ୫ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ମୋଟ ୨୦୮ ଜଣ ସୁସ୍ଥ ହୋଇଥିବା ବେଳେ ଅନ୍ୟ ୯୮ ଜଣ ଚିକିତ୍ସାଧୀନ ରହିଛନ୍ତି।

ଭଦ୍ରକ ଜିଲାରେ ୪ ନୂଆ ଆକ୍ରାନ୍ତ ଚିହ୍ନଟ ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୦୧ରେ ପହଞ୍ଚିଛି। ଆକ୍ରାନ୍ତମାନେ ଭଦ୍ରକ, ଧାମନଗର ଏନ୍ଏସି ଓ ଭଣ୍ଡାରିପୋଖରୀ ବ୍ଲକରୁ ଚିହ୍ନଟ ହୋଇଛନ୍ତି। ସେମାନେ ଆନ୍ଧ୍ର, ଦିଲ୍ଲୀ ଓ ଉତ୍ତରପ୍ରଦେଶ ଫେରନ୍ତାବୋଲି ଜଣାପଡ଼ିଛି। ଆକ୍ରାନ୍ତ ଚିହ୍ନଟ ହୋଇଥିବା ଭଦ୍ରକ କାଉପୁର ନୋଡାଲ ସ୍କୁଲ, ଧାମନଗର ହାଇସ୍କୁଲ, ଭଣ୍ଡାରିପୋଖରୀ ସରସଦା ହାଇସ୍କୁଲ, ଭଦ୍ରକ ଓଲଙ୍ଗ ଆଦର୍ଶ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରକୁ କଟକଣା ଜାରି କରାଯାଇଛି।

କେନ୍ଦୁଝର ଜିଲାରେ ୨ ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ରେ ପହଞ୍ଚିଛି। ଜଣେ ଘଷିପୁରା ବ୍ଲକ ଓ ଅନ୍ୟ ଜଣେ ହାଟଡ଼ିହି ବ୍ଲକର ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଙ୍ଗରୋଧରେ ଥିଲେ। ଉଭୟଙ୍କୁ କେନ୍ଦୁଝର କୋଭିଡ୍ -୧୯ ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଛି। ଜଣେ ଚେନ୍ନାଇରୁ ଓ ଅନ୍ୟ ଜଣେ ହରିୟାଣା ଫେରନ୍ତା ବୋଲି ଜଣାପଡିଛି। ଜିଲାର ସମୁଦାୟ ଆକ୍ରାନ୍ତଙ୍କ ମଧ୍ୟରୁ ୫୯ ଜଣ ସୁସ୍ଥ ହୋଇ ଘରକୁ ଫେରି ଥିବା ବେଳେ ଅନ୍ୟ ୪୧ ଜଣ ଚିକିତ୍ସିତ ହେଉଛନ୍ତି।

## ଗଞ୍ଜାମରେ ପଜିଟିଭ୍ ସଂଖ୍ୟା ୯୨୫କୁ ବୃଦ୍ଧି

**ଛତ୍ରପୁର,୨୨।୬(ଡି.ଏନ.ଏ)**

ଗଞ୍ଜାମ ଜିଲାରେ ସୋମବାର ପୁଣି ୩୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୯୨୫କୁ ବୃଦ୍ଧିପାଇଛି। ସୋମବାର ଚିହ୍ନଟ ନୂଆ ସଂକ୍ରମିତଙ୍କ ମଧ୍ୟରେ ୨ କରୋନା ଯୋଦ୍ଧା, ୭ ବାହାର ରାଜ୍ୟ ଫେରନ୍ତା ଓ ଅନ୍ୟ ୨୩ ଜଣ ପଜିଟିଭମାନଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। କରୋନା ଯୋଦ୍ଧାଦ୍ୱୟ ଭଞ୍ଜନଗର ଓ ଆସିକା ଅଞ୍ଚଳରୁ ଚିହ୍ନଟ ହୋଇଥିବା ବେଳେ ମହାରାଷ୍ଟ୍ର, ସୁରଟ, ତାମିଲନାଡୁ, କୋଲାହପୁରରୁ ଫେରି ବେଲଗୁଣ୍ଠା, ଖଲ୍ଲିକୋଟ ଓ ପୋଲସରାରୁ ଜଣେ ଲେଖାଏ, ବୁଗୁଡ଼ା ଓ କବିସୂର୍ଯ୍ୟନଗରରୁ ୨ ଜଣ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ପଜିଟିଭଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତଙ୍କ ମଧ୍ୟରେ ଆସିକାରୁ ୩, ବେଗୁନିଆପଡା, ଧରାକୋଟ ଓ ସାନଖେମୁଣ୍ଡିରୁ ଜଣେ ଲେଖାଏ, ବେଲଗୁଣ୍ଠା, ବ୍ରହ୍ମପୁର ମହାନଗର ନିଗମ, କବିସୂର୍ଯ୍ୟନଗର ଓ ଖଲ୍ଲିକୋଟରୁ ୨ ଲେଖାଏ, ଜଗନ୍ନାଥପ୍ରସାଦରୁ ୪ ଓ କୁକୁଡାଖଣ୍ଡିରୁ ୫ ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୭୦ ଜଣ ସୁସ୍ଥ ହେଲେଣି। ରବିବାର ଜଣଙ୍କୁ ମିଶାଇ ୮ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଲାଣି। ୨୪୭ ଜଣ କୋଭିଡ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ନୂତନ ସମସ୍ତ ପଜିଟିଭଙ୍କ କଣ୍ଟାକ୍ଟ ଟ୍ରେସିଙ୍ଗ ଚାଲିଥିବା ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ କରି ସୂଚନା ଦେଇଛନ୍ତି। ଏଥିସହ ସାମାଜିକ ଦୂରତ୍ୱ ରକ୍ଷା କରିବା, ମାସ୍କ ପିନ୍ଧିବା ସହ କୋଭିଡ ଓ ଲକଡାଉନ ନିୟମ ମାନିବାକୁ ଜନସାଧାରଣଙ୍କୁ ସେ ଅନୁରୋଧ କରିଛନ୍ତି। ଜିଲ୍ଲାରେ ସମ୍ପୂର୍ଣ୍ଣ ଶଟଡାଉନ ହେବା ନେଇ ଚାଲିଥିବା ଚର୍ଚ୍ଚା ଏକ ଗୁଜବ ବୋଲି ଜିଲାପାଳ କହିଛନ୍ତି। ପୂର୍ବଭଳି ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳ ୭ଟାରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବ ବୋଲି ପୁନର୍ବାର ସ୍ପଷ୍ଟ କରିଛନ୍ତି।

## ନାଳ ବ୍ୟବସ୍ଥା ସୁଧାରିବାକୁ ଉଦ୍ୟମ

**ଶେରଗଡ଼,୨୨।୬(ଡି.ଏନ.ଏ.)**

ବର୍ଷାଦିନ ଆସିଲେ ଶେରଗଡ଼ବାସୀଙ୍କ ଦୁଃଖ ଆସିଥାଏ। ଏ ନେଇ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଯାଉଥିଲା। କିନ୍ତୁ ସ୍ଥାନୀୟ ପ୍ରଶାସନ ଜଳ ନିଷ୍କାସନ ପାଇଁ ସିନା ବ୍ୟବସ୍ଥା କରୁଥିଲା, କିନ୍ତୁ ନାଳ ବ୍ୟବସ୍ଥାର ସ୍ଥାୟୀ ପ୍ରତିକାର କରାଯାଇ ପାରିଲା ନାହିଁ। ଫଳରେ ଚଳିତବର୍ଷ ଶେରଗଡ଼ କଳିଙ୍ଗ ବୈଶ୍ୟ ଭବନ ଛକ ସମ୍ମୁଖରେ ଥିବା ଜମିରେ ଲଗାଣ ବର୍ଷା ଯୋଗୁ ପାଣି ଜମି ରହିଥିଲା। ଏନେଇ ଶେରଗଡ଼ର ଉତ୍ୟକ୍ତ ଲୋକମାନେ ଜଳ ନିଷ୍କାସନ ନିମନ୍ତେ ଶେରଗଡ଼ରେ ପ୍ରତିବାଦ କରିବା ସହ ଆନ୍ଦୋଳନ କରାଯାଇଥିଲା। ଏହା ଉପରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ପକ୍ଷରୁ ହସ୍ତକ୍ଷେପ ପରେ ସୋମବାର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଆଶୁତୋଷ ଦାଶ, ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ଶତପଥୀ, ଯନ୍ତ୍ରୀ ବନୋଜ କାନ୍ତ ସେଠୀ, ଡ୍ରେନେଜ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଏସ୍.ସମ୍ପଦ ରାଓ, ଯନ୍ତ୍ରୀ ବେଣୁ ଗୋପାଳ ବେହେରା, ବିଡ଼ିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ଼. ଦୟାସିନ୍ଧୁ ପରିଡା,ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାବୁଲା କୁମାର ଚୌଧୁରୀ, ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ସମେତ ଏକ ଟିମ୍ ନାଳ ବ୍ୟବସ୍ଥା ଉପରେ ସ୍ଥିତି ଅନୁଧ୍ୟାନ କରିଥିଲେ। ଆସନ୍ତା ବର୍ଷରେ ଜଳ ନିଷ୍କାସନ ସମସ୍ୟା ରହିବ ନାହିଁ ବୋଲି ବିଭାଗୀୟ ଅଧିକାରୀମାନେ କହିଥିଲେ।


ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ଧାନ ବିକ୍ରି ଚିନ୍ତା: ଆନ୍ଦୋଳନରେ ବସିଲେ ଚାଷୀ

**ଜଳେଶ୍ୱର, ୨୨।୬(ସ୍ୱ.ପ୍ର.)**

ଚଳିତବର୍ଷ ବାଲେଶ୍ୱର ଜିଲାରେ ୧୪୩ଟି ସେବା ସମବାୟ ସମିତିରେ ଚାଷୀମାନଙ୍କଠାରୁ ସହାୟକ ମୂଲ୍ୟରେ ଧାନ କିଣିବା ଲାଗି ବ୍ୟବସ୍ଥା ହୋଇଛି। ଅଦ୍ୟାବଧି ପ୍ରାୟ ଦୁଇ ତୃତୀୟାଂଶ ଧାନକ୍ରୟ ହୋଇପାରିନାହିଁ। ଜଳେଶ୍ୱର ବ୍ଲକର ନାମ୍ପୋସ୍ଥିତ ଜ୍ୟୋତିଜଙ୍ଗମ ସେବା ସମବାୟ ସମିତିରେ ନାମ ପଞ୍ଜୀକରଣ କରି ଟୋକନ ପାଇଥିବା ଚାଷୀମାନେ ଧାନ ବିକ୍ରି କରିପାରି ନ ଥିବାରୁ ପ୍ରତିକ୍ରିୟାଶୀଳ ହୋଇପଡିଛନ୍ତି। ଏହାର ପ୍ରତିବାଦ କରି ସୋମବାର ସେମାନେ ସମିତି କାର୍ଯ୍ୟାଳୟ ଆଗରେ ଆନ୍ଦୋଳନରେ ବସିଥିଲେ। ଧାନ କିଣା ନ ହେବା ଯାଏ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଅଡ଼ି ବସିଥିଲେ। ଅପରାହ୍ନ ୨ଟା ବେଳେ ଜଳେଶ୍ୱର ଏମ୍ଆଇ ସାଗରିକା ରାଉତ ପହଞ୍ଚି ଅଧିକ ଧାନ କିଣାଯିବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଜ୍ୟୋତିଜଙ୍ଗମ ସେବା ସମବାୟ ସମିତିରେ ୫୬୭ଜଣ ଚାଷୀ ଧାନ ବିକ୍ରି ଲାଗି ନାମ ପଞ୍ଜିକରଣ କରିଥିଲେ। ସୋମବାର ସୁଦ୍ଧା ସେଠାରେ ମାତ୍ର ୧୮୨ଜଣ ଟୋକନ୍ ପାଇଥିବା ଏବଂ ୯୩୦୦ କୁଇଣ୍ଟାଲ ଧାନ ବିକ୍ରି କରିପାରିଛନ୍ତି। ତେଣୁ ପ୍ରାୟ ୩୭୩ଜଣ ଚାଷୀ ପ୍ରାୟ ୨୧୦୦୦ କୁଇଣ୍ଟାଲ ଧାନ ବିକ୍ରି କରିପାରିନାହାନ୍ତି। ଆଉ ୮ଦିନ ପରେ ଧାନ କ୍ରୟ ବନ୍ଦ ହେବ। ୩ଦିନ ତଳେ ଚାଷୀମାନେ ଏକଜୁଟ ହୋଇ ସମ୍ପାଦକଙ୍କୁ ଧାନ କ୍ରୟ ସମ୍ପର୍କରେ ଲିଖିତ ନିବେଦନ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ପୂର୍ବତନ ସଭାପତି ନୟନ କୁମାର ପାଢ଼ୀ, ଅରୁଣ କୁମାର ରାଉଳ, ସୁଶୀଲ ପରିଡ଼ା, ଗୋପାଳକୃଷ୍ଣ ପରିଡା, ଜ୍ୟୋତିନ୍ଦ୍ର ପରିଡା, ରତିକାନ୍ତ ସିଟ ପ୍ରମୁଖଙ୍କ ସହ ବହୁ ଚାଷୀ ଆନ୍ଦୋଳନକୁ ଓହ୍ଲାଇଥିଲେ।


ଚାଷୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

## କଣ୍ଟେନମେଣ୍ଟ ଜୋନ୍ରେ ପିଞ୍ଚାବଣିଆ ଗ୍ରାମ

**ଚିହ୍ନଟ ହୋଇଥିଲେ ୬ ସଂକ୍ରମିତ**

**ରୂପ୍ସା, ୨୨।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସଦର ବ୍ଲକ ରୂପ୍ସା ଥାନା ଅନ୍ତର୍ଗତ ଆଙ୍କୋ ଓ ପିଞ୍ଚାବଣିଆ ସଙ୍ଗରୋଧ କେନ୍ଦ୍ରରୁ ୫ ଓ ସ୍ଥାନୀୟ ଗ୍ରାମରୁ ଜଣେ ବୃଦ୍ଧ କରୋନାରେ ସଂକ୍ରମିତ ହୋଇଥିବା ଚିହ୍ନଟ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ରବିବାର ରାତିରୁ ପିଞ୍ଚାବଣିଆ ଗ୍ରାମକୁ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ତହସିଲଦାର, ବିଡ଼ିଓ, ସରପଞ୍ଚ, ରୂପ୍ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡ଼ିକାଲ ଅଫିସର ଓ ଆଇଆଇସିଙ୍କ ଉପସ୍ଥିତିରେ ମେଡ଼ିକାଲ ଟିମ୍ ପହଞ୍ଚି ସୋମବାର ୫୦ଜଣଙ୍କର ସ୍ୱାବ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି।

ସଦର ବ୍ଲକ ଅଧୀନ ଓଲନ୍ଦାସାରଗାଁ ପଞ୍ଚାୟତର ସ୍ୱାମୀ, ସ୍ତ୍ରୀ ଓ ଶିଶୁପୁତ୍ର ମୁମ୍ବାଇରୁ ଫେରି ପିଞ୍ଚାବଣିଆ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ସେଠାରୁ ତାଙ୍କ ସ୍ୱାବ ପରୀକ୍ଷା ପରେ ରବିବାର କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ତାଙ୍କୁ ବାଲେଶ୍ୱର କୋଭିଡ଼୍ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଆଘିରିଆ ଗ୍ରାମର ୨ଜଣ ବ୍ୟକ୍ତି ଦିଲ୍ଲୀରୁ ଫେରି ଆଙ୍କୋ ସଙ୍ଗରୋଧରେ ରହିଥିଲେ। ସେମାନେ ସଂକ୍ରମିତ ହୋଇଥିବା ଜଣାପଡିବା ପରେ ବାଲେଶ୍ୱର କୋଭିଡ଼୍ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ପିଞ୍ଚାବଣିଆ ଗ୍ରାମର ବୃଦ୍ଧଜଣଙ୍କ ଚିକିତ୍ସା ପାଇଁ ପୂର୍ବରୁ ବାରମ୍ବାର ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଯାଇଥିବା ସୂଚନା ମିଳିଛି। ସେ ସଂକ୍ରମିତ ହୋଇଥିବା ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି।

## ବ୍ୟବସାୟର ଢଙ୍ଗ ବଦଳିଛି, ମିଳୁନି ଆତ୍ମସନ୍ତୋଷ

**ଭଦ୍ରକ ଅଫିସ, ୨୨।୬**

ଠେଲାଗାଡି ବ୍ୟବସାୟୀଙ୍କ ଦାନାପାଣି ଛଡାଇ ନେଇଛି ମହାମାରୀ କରୋନା। ପ୍ରଶାସନିକ ସ୍ତରରେ ସେମାନଙ୍କୁ ଅନୁମତି ମିଳି ନ ଥିବାରୁ ସେମାନେ ଏବେ ରୋଜଗାର ହରାଇଛନ୍ତି। ଠେଲାଗାଡ଼ିରେ ଟିଫିନ ବିକ୍ରି କରି ପରିବାର ଚଳାଉଥିବା ବ୍ୟବସାୟୀମାନେ ଦିଗହରା ହୋଇପଡ଼ିଛନ୍ତି। ବଡ଼ ବଡ଼ ହୋଟେଲଗୁଡ଼ିକୁ ପାର୍ସଲ ଦେବା ପାଇଁ ଅନୁମତି ମିଳିଥିବା ବେଳେ ଫୁଟ୍ପାଥ୍ରେ ବ୍ୟବସାୟୀମାନେ ଏବେ ଚିନ୍ତାରେ। ଭଦ୍ରକ ସହର ତଥା ଆଖପାଖରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଠେଲାଗାଡ଼ିରେ ଟିଫିନ୍ ବ୍ୟବସାୟ କରିଆସୁଥିଲେ। କରୋନା କଟକଣା ଲାଗି ଏମାନଙ୍କୁ ପ୍ରଶାସନିକ ସ୍ତରରେ ଅନୁମତି ଦିଆଯାଉନାହିଁ। ଫଳରେ କିଏ ମାଛ ବିକୁଛି ତ କିଏ ପରିବା ବିକ୍ରି କରୁଛି। ବ୍ୟବସାୟର ଢଙ୍ଗ ବଦଳିଛି ସିନା କିନ୍ତୁ ଉଚିତ୍ ଲାଭ ମିଳୁ ନ ଥିବାରୁ ଆତ୍ମସନ୍ତୋଷ ମିଳୁନି। ଦୀର୍ଘବର୍ଷ ଧରି ରାସ୍ତାକଡ଼ରେ ଉଠାଦୋକାନୀ ଭାବେ ବ୍ୟବସାୟ କରି ଆସୁଥିଲେ ମଧ ସରକାରଙ୍କ ଏମାନଙ୍କୁ ପ୍ରୋତ୍ସାହନ ରାଶି ମିଳିନାହିଁ। ଏଭଳି ଜଣେ ବ୍ୟବସାୟୀ ହେଲେ ଗଞ୍ଜେଇବାଡ଼ି ଜଗନ୍ନାଥପୁର ଗାଁର ନାରାୟଣ ଚନ୍ଦ୍ର ଘଡ଼େଇ(୩୫)। ସେ ଦୀର୍ଘବର୍ଷ ଧରି ଭଦ୍ରକ ମେଡିକାଲ ଛକ ନିକଟରେ ଠେଲାଗାଡ଼ିରେ ଟିଫିନ୍ ଦୋକାନ କରିଆସୁଥିଲେ। ତାଙ୍କ ଭାଇ ଲକ୍ଷ୍ମୀକାନ୍ତ ଘଡ଼େଇ ମଧ ସହଯୋଗ କରୁଥିଲେ। ଏହି ଦୋକାନ ବନ୍ଦ କାରଣରୁ ନାରାୟଣ ଏବେ ବନ୍ତ ଛକ ନିକଟରେ ପରିବା ବିକୁଛନ୍ତି। ନାରାୟଣଙ୍କ ହାତରନ୍ଧା ଟିଫିନ୍ ଖାଇବା ପାଇଁ ୫ଶହରୁ ଊର୍ଦ୍ଧ୍ୱ ଲୋକ ଦୈନିକ ଅପେକ୍ଷା କରୁଥିଲେ। ସାନଭାଇ ଲକ୍ଷ୍ମୀକାନ୍ତ ଦୋଳସାହିରେ ଜଣେ ପରିବା ଦୋକାନୀଙ୍କ ନିକଟରେ ହିସାବରକ୍ଷକ ଭାବେ କାମ କରୁଛନ୍ତି। ଏହି ଦୁଇଭାଇଙ୍କ ଭଳି ଅନ୍ୟମାନେ ହତାଶ ହୋଇପଡିଛନ୍ତି। ଜିଲା ପ୍ରଶାସନ ଏଭଳି ବ୍ୟବସାୟୀଙ୍କ ଦୁଃଖ ବୁଝିବା ପାଇଁ ତ୍ୱରିତ ପଦକ୍ଷେପ ନେବା ପାଇଁ ଶ୍ରମିକନେତା ଦିବ୍ୟସିଂହ ନାୟକ ଦାବି କରିଛନ୍ତି।


ନାରାୟଣ ଚନ୍ଦ୍ର ଘଡ଼େଇ ପରିବା ବିକୁଛନ୍ତି।

## ବଲାଙ୍ଗୀରରେ ୧୪୪ ଧାରା

ବଲାଙ୍ଗୀର ଅଫିସ, ୨୨।୬- ରଥଯାତ୍ରା ଅବସରରେ ବଲାଙ୍ଗୀର ଜିଲାର ସମସ୍ତ ଜଗନ୍ନାଥ ମନ୍ଦିର, ମାଉସୀ ମା ମନ୍ଦିର, ରଥଖଳା ଓ ରଥଯାତ୍ରା ସହ ସମ୍ପର୍କିତ ଅନ୍ୟ ସ୍ଥାନମାନଙ୍କରେ ୧୪୪ ଧାରା ଜାରି ହୋଇଛି। ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୁପ୍ରିମ କୋର୍ଟଙ୍କ ରାୟ ଅନୁସାରେ ଜିଲା ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇ ଚଳିତ ବର୍ଷ ଜିଲାର କୌଣସି ସ୍ଥାନରେ ରଥଯାତ୍ରା ପାଳନ କରାଯିବ ନାହିଁ ବୋଲି ପ୍ରେସ୍‌ବିଜ୍ଞପ୍ତି ମାଧମରେ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଜୁନ୍ ୨୫ରେ ପ୍ରଥମ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୨୨।୬(ବ୍ୟୁରୋ): ହୀରାକୁଦ ଡ୍ୟାମର ପ୍ରଥମ ବନ୍ୟାଜଳ ନିଷ୍କାସନ ହେବ। ଜୁନ ୨୫ ତାରିଖ ପୂର୍ବାହ୍ନ ୧୦ଟା ପରେ ଯେକୌଣସି ସମୟରେ ଗେଟ୍ ଖୋଲାଯାଇପାରେ ବୋଲି ବନ୍ଧ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସମ୍ବଲପୁର ଜିଲା ସମେତ ମହାନଦୀ ତଟରେ ବାସ କରୁଥିବା ଲୋକଙ୍କୁ ଅବଗତ କରାଯାଇଛି। ମହାନଦୀକୁ ମାଛ ମାରିବା ପାଇଁ ଯିବାକୁ ମନା କରାଯାଇଛି। ସୋମବାର ମିଳିଥିବା ରିପୋର୍ଟ ଅନୁସାରେ ଡ୍ୟାମ୍‌ରେ ୬୧୪.୩୭ ଫୁଟ ଜଳସ୍ତର ରହିଥିଲା। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଡ୍ୟାମ ଭିତରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୪ହଜାର ୯୯୧ କ୍ୟୁସେକ୍ ପାଣି ପ୍ରବେଶ କରୁଛି। ସେହିପରି ୧୪ ହଜାର ୨୧୩ କ୍ୟୁସେକ ପାଣି ନିଷ୍କାସନ କରାଯାଉଛି। ତଳ ମୁଣ୍ଡ ପର୍ଥଲାରେ ୨୬.୩୯୬ କ୍ୟୁସେକ, ଖଇରମାଳରେ ୩୯.୬୦୦, ବରମୂଳାରେ ୩୦.୦୨୫ କ୍ୟୁସେକ ଜଳ ପ୍ରବାହିତ ହେଉଛି।

### ଟ୍ରାକ୍ଟର ଓଲଟି ୨ମୃତ

ଅମରପାଲି, ୨୨।୬(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ମୁର୍ଷୁଣି ପଞ୍ଚାୟତର ମାଣିକପୁର ଗ୍ରାମରେ ଟ୍ରାକ୍ଟର ଓଲଟି ୨ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଶେଖର ଭୋଇ(୨୦) ଏବଂ ସଞ୍ଜୀବ ଭରାସାଗର(୨୭)। ସୂଚନାମତେ ମାଣିକପୁରର ସନ୍ତୋଷ ଭୋଇଙ୍କ ନମ୍ବର ବିହୀନ ଟ୍ରାକ୍ଟର ହଳ କରି ସୋମବାର ଅପରାହ୍ନ ୩ଟାରେ ଫେରୁଥିଲା। ଟ୍ରାକ୍ଟର ମାଲିକଙ୍କ ପୁଅ ଶେଖର ଗାଡ଼ି ଚଳାଉଥିବା ବେଳେ ସଞ୍ଜୀବ ସେଥିରେ ବସିଥିଲେ। ଏହି ସମୟରେ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଉଭୟେ ଏହା ତଳେ ଚାପିହୋଇ ଯାଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବୀରମହାରାଜପୁର ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

### ସହାୟତା ଦାବି କଲେ ବ୍ୟାଣ୍ଡପାର୍ଟି କଳାକାର

ବରଗଡ଼ ଅଫିସ୍,୨୨।୬ : କରୋନା (କୋଭିଡ୍-୧୯) ସଂକ୍ରମଣ ଯୋଗୁ ହୋଇଥିବା ଲକ୍ ଡାଉନ୍‌ରେ ବ୍ୟାଣ୍ଡପାର୍ଟି କଳାକାରଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଏଭଳି ବିପର୍ଯ୍ୟୟ ସମୟରେ ପରିବାର ପୋଷଣ ମଧ୍ୟ ସେମାନଙ୍କ ପାଇଁ କଷ୍ଟସାଧ୍ୟ ହୋଇ ପଡ଼ିଛି। ଫଳରେ ସେମାନଙ୍କୁ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହିତ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିବା ପାଇଁ ବରଗଡ଼ ଜିଲା ବ୍ୟାଣ୍ଡପାର୍ଟି କଳାକାରମାନେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

### ଓଲଟିଲା ପରିବା ବୋଝେଇ ଭ୍ୟାନ

ବିନିକା,୨୨।୬(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ସିଂଘିଯୁବା-ବିଶାଳପାଲି ମୁଖ୍ୟରାସ୍ତା ମଧବର୍ତ୍ତୀ ସଲମାଟିକ୍ରା କେନାଲ ଛକରେ ସୋମବାର ସକାଳେ ଏକ ପରିବା ବୋଝେଇ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡିଛି। ଏହି ଦୁର୍ଘଟଣାଠେର ଭ୍ୟାନ ଚାଳକ ଚିରଞ୍ଜନ ସେଠୀ (୨୦) ଓ ଲକ୍ଷ୍ମୀ ସାହୁ (୫୫) ଆହତ ହୋଇଛନ୍ତି। ବହୁ ପରିମାଣର ପନିପରିବା ନଷ୍ଟ ହୋଇଛି।

# ‘ପରିବର୍ତ୍ତନ ସହ ତାଳ ଦେଇ ପ୍ରଗତିଶୀଳ ହେବା’

ବଲାଙ୍ଗୀର ଅଫିସ, ୨୨।୬



ପ୍ରଥମ କୁଳପତି ପ୍ରଫେସର ଦୀପକ ବେହେରାଙ୍କୁ ସ୍ୱାଗତ କରାଯାଉଛି।

- ଯୋଗଦେଲେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି
- ବଲାଙ୍ଗୀର ସହ ମଧୁର ସମ୍ପର୍କର ସ୍ମୃତିଚାରଣ କଲେ
- ସେପ୍ଟେମ୍ବରରୁ ଆରମ୍ଭ ହେବ ବିଶ୍ୱବିଦ୍ୟାଳୟ ନୂଆ ଶିକ୍ଷାବର୍ଷ

ସୋମବାର ଥିଲା ବଲାଙ୍ଗୀର ପାଇଁ ଏକ ଐତିହାସିକ ଦିନ। ବହୁ ପ୍ରତୀକ୍ଷିତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ ପ୍ରଫେସର ଡ. ଦୀପକ କୁମାର ବେହେରା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଫେସର ବେହେରା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଆସି ଦାୟିତ୍ୱ ଗ୍ରହଣ କରିବା ସହ ପ୍ରଶାସନିକ ବିଭାଗ, ଲାଇବ୍ରେରୀ, ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ। ଏହି ଶିକ୍ଷାନୁଷ୍ଠାନର ଅଧକ୍ଷ ଓ ବରିଷ୍ଠ ଅଧ୍ୟାପକଙ୍କୁ ସମ୍ବୋଧନ କରିଥିଲେ। ପ୍ରଫେସର ବେହେରା କହିଥିଲେ ଯେ, ପରିବର୍ତ୍ତନ ସହ ତାଳଦେଇ ଆମକୁ ପ୍ରଗତିଶୀଳ ହେବାକୁ ପଡ଼ିବ। ପ୍ରଥମେ ନିଜକୁ ପରିବର୍ତ୍ତନ କଲେ ଛାତ୍ରୀଛାତ୍ରଙ୍କୁ ପରିବର୍ତ୍ତନ କରିପାରିବା ଏବଂ ବିଶ୍ୱବିଦ୍ୟାଳୟକୁ ପ୍ରଗତି ପଥରେ ନେଇପାରିବା। ସମସ୍ତଙ୍କ ସହଯୋଗରେ ଏହି ଶିକ୍ଷାନୁଷ୍ଠାନକୁ ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ଶତପ୍ରତିଶତ ଚେଷ୍ଟା କରିବେ ବୋଲି ପ୍ରଫେସର ବେହେରା କହିଥିଲେ। ବର୍ତ୍ତମାନ ଏହି ଶିକ୍ଷାନୁଷ୍ଠାନର ଅଧ୍ୟାପକ ଓ ଷ୍ଟାଫ୍ ଅଭାବଜନିତ ସମସ୍ୟା ସମାଧାନ, ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ କରିବା ଆବଶ୍ୟକତା ରହିଛି। ଶିକ୍ଷାନୁଷ୍ଠାନର ଜମି ଜବରଦଖଲ ସମସ୍ୟା ରହିଛି। ଏସବୁ ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରାଯିବ। ପ୍ରଥମେ ବିଶ୍ୱବିଦ୍ୟାଳୟ ପାଇଁ ଗୁରୁତ୍ୱପୂର୍ଣ୍ଣ ସିଣ୍ଡିକେଟ, ଏକାଡେମିକ, କାଉନସିଲ ଗଠନ କରିବାକୁ ପଡିବ। ସେମାନଙ୍କ ଜରିଆରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରିବ। କେତୋଟି ନୂଆ ବିଷୟ ଖୋଲିବା ମୋର ଇଚ୍ଛା ରହିଛି। ତେବେ ସେସବୁ ଉପରେ ଅନ୍ୟମାନଙ୍କ ନିଷ୍ପତ୍ତିର ଆବଶ୍ୟକତା ରହିଛି। ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଆଗାମୀ କାର୍ଯ୍ୟକ୍ରମକୁ ନେଇ ଜିଲା ପ୍ରଶାସନ, ଉଚ୍ଚଶିକ୍ଷା ବିଭାଗ, କୁଳାଧିପତିଙ୍କ ଅଫିସ, ୟୁଜିସି ଏଭଳି ବିଭିନ୍ନ ସ୍ତରରେ ଅନେକ କାମ କରିବାକୁ ପଡ଼ିବ। ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ୬୫ଟି ମହାବିଦ୍ୟାଳୟ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନରେ ରହିବେ। କୋଭିଡ-୧୯ ଗାଇଡଲାଇନ୍ ଭିତରେ ଭିଡିଓ କନ୍‌ଫରେନ୍ସ ଜରିଆରେ ସମସ୍ତ କଲେଜ ଅଧକ୍ଷଙ୍କ ସହ ଆଲୋଚନା କରାଯିବ। ସେପ୍ଟେମ୍ବର ୧ରୁ ବିଶ୍ୱବିଦ୍ୟାଳୟ ପାଠପଢ଼ା ଆରମ୍ଭ ହେବ। ଆମକୁ କିଛି ସମୟ ମିଳିଛି। ଏହି ସମୟରେ ଅନେକ ପ୍ରାରମ୍ଭିକ କାମ କରିବେ। ଗୁଗ୍‌ଲ ମିଟ୍ ବା ଅନ୍‌ଲାଇନ୍ ଜରିଆରେ ସମସ୍ତଙ୍କ ସହ ଆଲୋଚନା କରି ଆଗକୁ କୋଭିଡ ମୁକାବିଲା ସମୟରେ ଡିଜିଟାଲ ଶିକ୍ଷାଦାନ ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ। ଆଜି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀରବାସୀ ଏବଂ ସମଗ୍ର ପଶ୍ଚିମ ଓଡ଼ିଶା ପାଇଁ ଏକ ଐତିହାସିକ ଦିନ ବୋଲି ପ୍ରଫେସର ବେହେରା ଗଣମାଧ୍ୟମକୁ କହିଥିଲେ। ପ୍ରଫେସର ବେହେରା ତାଙ୍କର ଛାତ୍ରାବସ୍ଥା, କ୍ରୀଡ଼ାଜୀବନ ଓ ବଲାଙ୍ଗୀରର ମଧୁର ସମ୍ପର୍କ ସ୍ମୃତିଚାରଣ କରିଥିଲେ। ସଭାରେ ରାଜେନ୍ଦ୍ର କଲେଜ ଅଧକ୍ଷ ପ୍ରଫେସର ଦୁର୍ଗାପ୍ରସାଦ ମହାପାତ୍ର, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଡେପୁଟି ରେଜିଷ୍ଟ୍ରାର ଶ୍ୟାମପ୍ରସାଦ ରାଉତଙ୍କ ସହ ଅଧ୍ୟାପକ ଓ ଷ୍ଟାଫ ଉପସ୍ଥିତ ଥିଲେ। ବାଣିଜ୍ୟ ବିଭାଗ ପ୍ରଫେସର ରବିଶଙ୍କର ପାଣ୍ଡିଆ ଧନ୍ୟବାଦ ଦେଇଥିଲେ। ପରେ କୁଳପତି ପ୍ରଫେସର ବେହେରା ଜିଲାପାଳ ଅରିନ୍ଦମ ଡାକୁଆ ଓ ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ଲାଗୁରୀଙ୍କୁ ଭେଟି ଆଲୋଚନା କରିଥିଲେ।

# ଫାଇନାଲ ବିଲ୍ ପାଇଁ ଲାଞ୍ଚ, ଏନ୍‌ଏସି ଜେ.ଇ. ଗିରଫ

ପାଟଣାଗଡ଼, ୨୨।୬ (ଡି.ଏନ.ଏ.)



ଦେବୀପ୍ରସାଦ ମିଶ୍ର।

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନ୍‌ଏସି କନିଷ୍ଠ ଯନ୍ତ୍ରୀ(ଜେ.ଇ.) ଦେବୀପ୍ରସାଦ ମିଶ୍ରଙ୍କୁ ଲାଞ୍ଚ ନେବା ଅଭିଯୋଗରେ ସୋମବାର ଭିଜିଲାନ୍ସ ବିଭାଗ ଗିରଫ କରିଛି। ଭିଜିଲାନ୍ସ ଡିଏସ୍‌ପି କାଦମ୍ବିନୀ ସାମଲଙ୍କ ସୂଚନା ଅନୁଯାୟୀ ପାଟଣାଗଡ଼ ଏନ୍‌ଏସି ୱାର୍ଡ ନଂ. ୧୨ ରାମପୁରର ଟଙ୍କଧର କୁମ୍ଭାରଙ୍କୁ ଏନ୍‌ଏସି ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରୀ)ରେ ଏକ ଘର ମିଳିଥିଲା। ଏହାର ଅଟକଳ ଥିଲା ୨ଲକ୍ଷ ଟଙ୍କା। ୩ଟି କିସ୍ତିରେ ସେ ୧ଲକ୍ଷ ୬୦ ହଜାର ଟଙ୍କା ପାଇଥିଲେ। ଘର ସମ୍ପୂର୍ଣ୍ଣ ହେବା ପରେ ଫାଇନାଲ ବିଲ୍ ପାଇଁ ଜେ.ଇ. ମିଶ୍ରଙ୍କୁ ଟଙ୍କଧର କହିଥିଲେ। ହେଲେ ବିଲ୍ କରାଇଦେବାକୁ ସେ ୩ ହଜାର ଟଙ୍କା ଦାବି କରିଥିଲେ। ଯୋଜନା ମୁତାବକ ସୋମବାର ପୂର୍ବାହ୍ନ ୧୦ଟାରେ ଟଙ୍କଧର ୩ ହଜାର ଟଙ୍କା ନେଇ ଏନ୍‌ଏସି କାର୍ଯ୍ୟାଳୟକୁ ଯାଇ ଜେ.ଇ. ମିଶ୍ରଙ୍କୁ ଦେଇଥିଲେ। ସେ ଏହି ଟଙ୍କା ନ ନେଇ ତାଙ୍କ ସ୍କୁଟି ଡିକିରେ ରଖିଦେବାକୁ କହିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଭିଜିଲାନ୍ସ ଟିମ୍ ଟଙ୍କା ଜବତ କରିଥିଲେ। ତାଙ୍କ କାର୍ଯ୍ୟାଳୟ, ପାଟଣାଗଡ ଭଡ଼ାଘର, ଭବାନୀପାଟଣା ଥାନା ଭେଜିପଦରସ୍ଥିତ ପୈତୃକ ଘରେ ଚଢ଼ାଉ ହୋଇଥିଲା। ପରେ ତାଙ୍କୁ ଗିରଫ କରାଯାଇଥିଲା।

# ବଲାଙ୍ଗୀର : ଗୋଟିଏ ଦିନରେ ୧୧୩୨.୯ ମିଲିମିଟର ବର୍ଷା

ବଲାଙ୍ଗୀର ଅଫିସ, ୨୨।୬

ବଲାଙ୍ଗୀର ଜିଲାରେ ଗୋଟିଏ ଦିନରେ ୧୧୩୨.୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ରବିବାର ରାତି ସାରା ବର୍ଷା ଜାରି ରହିଛି। ସୋମବାର ଦିନବେଳା ମଧ୍ୟ ବର୍ଷା ଜାରି ରହିଛି। ରବିବାର ରାତି ବର୍ଷା ଯୋଗୁଁ ସହରର ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମି ସହର ମୁଖ୍ୟରାସ୍ତା ସହ ବାଳିକା ସ୍କୁଲ ସମ୍ମୁଖରେ ଡ୍ରେନ୍ ପାଣି ଜମି ରହିଥିଲା। ବିଭିନ୍ନ ଗଳିକନ୍ଦି ରାସ୍ତା ଉପରେ ଡ୍ରେନ୍ ପାଣିର ସୁଅ ଛୁଟିଛି। ଟିକ୍ରାପଡା ଛକରୁ କଳାମଣ୍ଡଳ ରାସ୍ତା ଡ୍ରେନ୍ କାମ ଚାଲିଥିବାରୁ ଏଠାରେ ପାଣି ଜମି ରହିଥିଲା। ଜିଲାରେ ସର୍ବାଧିକ ଦେଓଗାଁ ବୃଷ୍ଟିପାତ ସେଣ୍ଟରରେ ୧୫୪ ମିଲିମିଟର ବୃଷ୍ଟିପାତ ରେକର୍ଡ କରାଯାଇଛି। ତୁରେକେଲାରେ ୧୨୬, ଟିଟିଲାଗଡରେ ୧୧୦, ସଇଁତଲାରେ ୧୦୯, ପୁଇଁତଲାରେ ୧୦୮, ବଲାଙ୍ଗୀରରେ ୯୭, ଗୁଡଭେଲାରେ ୯୧.୬, ମୁରିବାହାଲରେ ୭୫, ପାଟଣାଗଡରେ ୬୦.୩ ଓ ଲୋଇସିଂହାରେ ୫୨ ମିଲିମିଟର ବୃଷ୍ଟିପାତ ରେକର୍ଡ କରାଯାଇଛି।

# ଆବାସ ଯୋଜନାରୁ ବଞ୍ଚିତ ସୁଡୁଙ୍ଗାବାସୀ



ସମ୍ବଲପୁର ମହାନଗର ନିଗମ ୪୦ ନଂ ୱାର୍ଡ ସୁଡୁଙ୍ଗା ହରିଜନ ପଡାର ମହିଳାମାନେ।

ସମ୍ବଲପୁର,୨୨।୬(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅଧିନ ୪୦ ନଂୱାର୍ଡ ସୁଡୁଙ୍ଗା ଗ୍ରାମର ହରିଜନପଡାବାସୀ ସରକାରଙ୍କ ଆବାସ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ପଡାର ମାମୀ ସୁନାନୀ, ସୁନୀତା ଭରାସାଗର, ରଞ୍ଜନ ଭରାସାଗର, ଗୌର ସୁନାନୀ, ମନ୍ଦାକିନୀ ସୁନାନୀ ପ୍ରମୁଖ ଏଭଳି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ସେମାନେ ପଞ୍ଚାୟତ ଅଧୀନରେ ଥିବା ସମୟରେ ଅନେକ ସୁବିଧା ମିଳୁଥିଲା। ପାଖରେ ପଞ୍ଚାୟତ ଅଫିସ ରହିଥିଲା। ସେଠାକୁ ଯାଇ ସମସ୍ୟା ଜଣାଇ ହେଉଥିଲା। ହେଲେ ଏବେ ସେମାନଙ୍କ ଅଞ୍ଚଳକୁ ମହାନଗର ନିଗମରେ ସାମିଲ କରାଯାଇଛି। ସମ୍ବଲପୁର ମହାନଗର ନିଗମ ଅଫିସ ଯାଇ ଅଭିଯୋଗ କରିବା ଆମ ପକ୍ଷେ ସମ୍ଭବପର ହେଉନାହିଁ। ସେଠାକୁ ଯାଇ ଆବେଦନ କରିଛୁ। ହେଲେ ଏଯାଏ ଆମକୁ ଆବାସ ଯୋଜନାରେ ସାମିଲ କରାଯାଇନାହିଁ। ଅନ୍ୟପଟେ ଅନେକ ସ୍ଥାନରେ ଅଯୋଗ୍ୟ ହିତାଧିକାରୀମାନଙ୍କୁ ଘର ପ୍ରଦାନ କରାଯାଉଛି। ଏଥିରେ ଟଙ୍କା ଦିଆନିଆ ଚାଲିଛି ବୋଲି ସେମାନେ ଅଭିଯୋଗ କରିଥିଲେ। କାର୍ଯ୍ୟାଦେଶ ବଣ୍ଟନ ପୂର୍ବରୁ ନାମକୁମାତ୍ର ଯାଞ୍ଚ କରାଯାଉଛି। ପଡାରେ ଦୁଇଟି ପର୍ଯ୍ୟାୟରେ କିଛି ଲୋକଙ୍କୁ ଘର ମିଳିଛି। ହେଲେ ଆମକୁ ବାଦ୍ ଦିଆଯାଇଛି। ସରକାରଙ୍କ ନିୟମ ଅନୁସାରେ ନିଜର ଜମି ସହ ଅନ୍ୟ କାଗଜ ପତ୍ର ମଧ୍ୟ ଅଛି। ତେଣୁ ଏକ ଘର ଖଣ୍ଡେ ପ୍ରଦାନ କରାଯାଉ ବୋଲି ପଡାବାସୀ ଦାବି କରିଛନ୍ତି। ପଡାର ମାମୀ କହିଛନ୍ତି ଯେ, ସେ ବହୁ ଦିନରୁ ଆବେଦନ କରିଥିଲେ। ତାଙ୍କ ସାଙ୍ଗରେ ଆବେଦନ କରିଥିବା ଅନ୍ୟମାନଙ୍କୁ ଘର ମିଳିଛି। ହେଲେ ତାଙ୍କୁ ବାଦ୍ ଦିଆଯାଇଛି। ଏବେ ବର୍ଷା ସମୟରେ ମାଟି ଘର ଭାଙ୍ଗି ଗଲାଣି। ଯାହା ଅଛି ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ସ୍ୱାମୀଙ୍କ ସହ ଦିନ ମଜୁରି କଲେ ପରିବାରର ୩ ଜଣଙ୍କ ପେଟକୁ ଦାନା ଯାଇଥାଏ। ସରକାରୀ ଯୋଜନାରେ ଘର ନ ମିଳିଲେ ଜୀବନରେ ଘର ଖଣ୍ଡିଏ ନିର୍ମାଣ କରି ପାରିବେ ନାହିଁ ବୋଲି ସେ କହିଛନ୍ତି।

# ଭାଜପା ଭର୍ଚୁଆଲ ରାଲି ପାଇଁ ପ୍ରସ୍ତୁତି

ବଡ଼ଗାଁ, ୨୨।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡଗାଁ ବ୍ଲକ ସାହାଜବାହାଲ ଗ୍ରାମରେ ଭାଜପା ପକ୍ଷରୁ ୨୪ତାରିଖ ହେବାକୁ ଥିବା ଭର୍ଚୁଆଲ ରାଲି ପାଇଁ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସାହାଜବାହାଲ ମାଉସୀ ମା'ମନ୍ଦିର ନିକଟରେ ଆୟୋଜିତ ଉକ୍ତ ବୈଠକରେ ଏମ୍‌ପି ପ୍ରତିନିଧି ବସନ୍ତ ସାହୁ ଅଧକ୍ଷତା କରିଥିଲେ। ବୈଠକ ଆରମ୍ଭରେ ଗଲୱାନ୍ ଘାଟିରେ ଶହୀଦ ଯବାନଙ୍କ ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ହେବାକୁ ଥିବା ରାଲି ଆୟୋଜନ ଉପରେ ଆଲୋଚନା ହୋଇଥିଲା। ବୈଠକ ପରେ ବସନ୍ତ ସାହୁଙ୍କ ସହିତ ପାମରା ମଣ୍ଡଳ ସଭାପତି ସଚିନ୍ଦ୍ର ପଟେଲ, ଲବଣୀଧର ରଣା, ଭଗବାନ ବେହେରା, ପ୍ରଦୀପ କୁମାର ରାଉତ, ରାଲି ସଂଯୋଜକ ଚିନ୍ତାମଣି ବଡାଇକ ପ୍ରମୁଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାର୍ତ୍ତା ଓ ଯୋଜନା ସମ୍ବନ୍ଧିତ ପତ୍ର ଘରକୁ ଘର ଯାଇ ପହଞ୍ଚାଇଥିଲେ।

# କଟାପାଲିରୁ ପୁଣି ଜଣେ ଆକ୍ରାନ୍ତ ଚିହ୍ନଟ

ବରଗଡ଼ ଅଫିସ, ୨୨।୬

ବରଗଡ଼ ଜିଲାରେ ସୋମବାର ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ବରଗଡ଼ ବ୍ଲକ କଟାପାଲିର ବୋଲି ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଆକ୍ରାନ୍ତ ଜଣକ ୬୦ବର୍ଷୀୟ ବୃଦ୍ଧ। ସେ ହୃଦ୍‌ରୋଗରେ ପୀଡ଼ିତ ଏବଂ ତାଙ୍କୁ ଚିକିତ୍ସା ପାଇଁ ଭିମସାର୍, ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ତାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ଏହାପରେ ସେ କରୋନା ପଜିଟିଭ୍ ଥିବା ଜଣାପଡ଼ିଥିଲା ଏବଂ ସେଠାରୁ ତାଙ୍କୁ ଭୁବନେଶ୍ୱର କିମ୍ସ ସ୍ଥିତ କୋଭିଡ୍ ହସ୍‌ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଛି। ଏହି ନୂତନ ଆକ୍ରାନ୍ତ ଚିହ୍ନଟ ହେବା ପରେ ଜିଲାରେ ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୬୭ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ କଟାପାଲିର ୧୧ଜଣ ଓ କଟାପାଲି ପିଏଚ୍‌ସିର ୩ଜଣ ସ୍ୱାସ୍ଥ୍ୟକର୍ମୀ ରହିଛନ୍ତି।

# ହାତୀ ଶିକାର ଅଭିଯୋଗରେ ୪ ଗିରଫ



ହାତୀ ଶିକାର ଅଭିଯୋଗରେ ଗିରଫ ୪ ଅଭିଯୁକ୍ତ।

ବୌଦ୍ଧ/ତଳଗାଁ, ୨୨।୬ (ସ୍ୱ.ପ୍ର./ଡି.ଏନ.ଏ.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ମୁଣ୍ଡେସର ସଂରକ୍ଷିତ ଜଙ୍ଗଲରୁ ହାତୀ ଶିକାର କରିବା ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇ ସୋମବାର କୋର୍ଟଚାଲାଣ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ତଳଗାଁ ପଞ୍ଚାୟତ ବଡପଙ୍କାଳ ସାହିର ଅର୍ଜୁନ କହଁର (୨୯), ଅରୁଣ କହଁର (୩୫), ଦୁରମନ ବାଘ ଓ ସଦାନନ୍ଦ ଗୁଣ୍ଡୁ (୫୦)। ଗତ ବୁଧବାର ଶିକାରୀ ଗୁଳିରେ ଏକ ଦନ୍ତାହାତୀ ବୌଦ୍ଧ ବନଖଣ୍ଡ ଅଧୀନ ମାଧପୁର ରେଞ୍ଜ ମୁଣ୍ଡେସର ସଂରକ୍ଷିତ ଜଙ୍ଗଲର ବୁଢୁଣୀମାଟି ନାଳ ନିକଟରେ ମରି ପଡିଥିଲା। ଏହି ଜଙ୍ଗଲକୁ ସକାଳେ କେତେଜଣ ଆଦିବାସୀ ମହିଳା ଛତୁ ସଂଗ୍ରହ କରିବାକୁ ଯାଇଥିବା ବେଳେ ଏହା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ବନ କର୍ମଚାରୀ ଘଟଣାସ୍ଥଳକୁ ଯାଇ ହାତୀକୁ ଗୁଳିବିଦ୍ଧ ହୋଇ ମରି ପଡିଥିବା ଦେଖିବାକୁ ପାଇଥିଲେ। ହାତୀକୁ ଶିକାର କରାଯାଇଥିଲେ ହେଁ ଶିକାରୀମାନେ ଦାନ୍ତ ଚୋରି କରି ନେବାକୁ ସକ୍ଷମ ହୋଇ ନ ଥିଲେ। ପରେ ବନବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଧରପଗଡ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏ ନେଇ ମାଧପୁର ରେଞ୍ଜର ସରୋଜ କୁମାର ମିଶ୍ରଙ୍କୁ ପଚାରିବାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା କହିଛନ୍ତି।

# ଧାର୍ଯ୍ୟ ତାରିଖ ପରିବର୍ତ୍ତନ ପାଇଁ ୬ ୱାର୍ଡମେମ୍ବରଙ୍କ ଦାବି

ଦେବଗଡ,୨୨।୬,(ଡି.ଏନ.ଏ.)

**କଳଣ୍ଡା ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗ**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ କଳଣ୍ଡା ପଞ୍ଚାୟତ ସରପଞ୍ଚ ସକୁନ୍ତଳା ପ୍ରଧାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ନିମନ୍ତେ ଆଗାମୀ ୨୬ ତାରିଖକୁ ଧାର୍ଯ୍ୟ କରାଯାଇଛି। ହେଲେ ଏହି ତାରିଖକୁ ପରିବର୍ତ୍ତନ କରିବା ନିମନ୍ତେ ସୋମବାର ୬ ଜଣ ୱାର୍ଡମେମ୍ବର ଜିଲାପାଳଙ୍କଠାରେ ଆବେଦନ କରିଛନ୍ତି। ନାଏବ ସରପଞ୍ଚ ମାର୍କଣ୍ଡେୟ ନନ୍ଦଙ୍କ ନେତୃତ୍ୱରେ ୱାର୍ଡସଭ୍ୟ ଦର୍ପଣା ଦଦରା, ବୀଣା ପାତ୍ର, ଝିଲି ପାତ୍ର, ପରମେଶ୍ୱର ବାଘ ଓ ରେବତୀ ଭୋଇ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ସରପଞ୍ଚଙ୍କ ବିରୋଧରେ ଆଗତ ହେବାକୁ ଥିବା ଅନାସ୍ଥା ପ୍ରସ୍ତାବ ପାଇଁ ଧାର୍ଯ୍ୟ ହୋଇଥିବା ତାରିଖ ପରିବର୍ତ୍ତନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେମାନେ ଜିଲାପାଳଙ୍କୁପ୍ରଦାନ କରିଥିବା ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ସରପଞ୍ଚ ପ୍ରଧାନ ଅନାସ୍ଥା ପ୍ରସ୍ତାବକୁ ଭଣ୍ଡୁର କରିବା ଉଦ୍ଦେଶ୍ୟ ରଖିଛନ୍ତି। ୱାର୍ଡ ମେମ୍ବର ସନ୍ତୋଷ ନାଏକ, ମୋହନ ବାଘ, କସ୍ତୁରୀ ମୁଣ୍ଡା ଓ ନବୀନ ନାୟକଙ୍କୁ ଗତ ୧୯ ତାରିଖ ରାତି ପ୍ରାୟ ୧୦ଟାରେ ଆଲୋଚନା କରିବା ଆଳରେ ସେମାନଙ୍କୁ ଡାକିନେଇ କେଉଁଆଡେ ରଖିଛନ୍ତି ବୋଲି ଅଭିଯୋଗ କରିଛନ୍ତି।

# ବଲାଙ୍ଗୀର : ଆଉ ଜଣେ କରୋନା ରୋଗୀ ଚିହ୍ନଟ

ବଲାଙ୍ଗୀର ଅଫିସ, ୨୨।୬

ବଲାଙ୍ଗୀର ଜିଲାରେ ଆଉ ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାର ସଂକ୍ରମିତ ସଂଖ୍ୟା ୧୫୨ରେ ପହଞ୍ଚିଛି। ସଂକ୍ରମିତ ଜଣକ ଟିଟିଲାଗଡ ବ୍ଲକ୍ ଭୁସଲାଡ ପଞ୍ଚାୟତର। ମୁମ୍ବାଇରୁ ଫେରି ଗତ ମେ ୧୧ରୁ ୨୪ ତାରିଖ ପର୍ଯ୍ୟନ୍ତ ସେ ସରକାରୀ କ୍ୱାରାଣ୍ଟାଇନ୍ ରହିଥିଲେ। ପରେ ସେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ। ଏବେ ଜିଲାରେ ୨୩ ଜଣ ସଂକ୍ରମିତ ସ୍ରକିୟ ରହିଥିବାବେଳେ ୧୨୯ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଜଙ୍ଗଲରେ ବୃଦ୍ଧଙ୍କୁ କଚାଡ଼ି ମାରିଲା ଦନ୍ତା

ଲୋଇସିଂହା,୨୨।୬(ଡି.ଏନ.ଏ.)



ହାତୀ ଆକ୍ରମଣରୁ ବର୍ତ୍ତି ଯାଇଥିବା ବଳଭଦ୍ର ମାଝି ଚିକିତ୍ସିତ ହେଉଛନ୍ତି।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କେଶାଇପାଲି ଗାଁ ନିକଟ ଛେଳିଆ ଜଙ୍ଗଲରେ ସୋମବାର ଅପରାହ୍ନରେ ଦନ୍ତାହାତୀ ଜଣେ ବୃଦ୍ଧଙ୍କୁ କଚାଡ଼ି ମାରି ଦେଇଛି। ମୃତକ ହେଲେ ଲୁହୁରାମୁଣ୍ଡା ଗାଁର ଦେବାର ଜୁଏଡ (୬୧)। ତାଙ୍କ ସହ ଜଙ୍ଗଲକୁ ଯାଇଥିବା ବଳଭଦ୍ର ମାଝି ନାମକ ଅନ୍ୟ ଜଣେ ବ୍ୟକ୍ତି ହାତୀ ମୁହଁରୁ ବର୍ତ୍ତିଯାଇଛନ୍ତି। ତାଙ୍କୁ ଗାଁ ଲୋକେ ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ବନ କର୍ମଚାରୀ ଓ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବଳଭଦ୍ରଙ୍କ ଗାଈପଲ କେଶାଇପାଲି ଛେଳିଆ ଜଙ୍ଗଲକୁ ଚରିବାକୁ ଯାଇଥିଲେ। ଘରକୁ ନ ଫେରିବାରୁ ଗାଈପଲକୁ ଖୋଜିବା ପାଇଁ ବଳଭଦ୍ର ସାଙ୍ଗରେ ଦେବାରଙ୍କୁ ନେଇ ଜଙ୍ଗଲକୁ ଯାଇଥିଲେ। ହେଲେ ଦୁଇ ଦନ୍ତା ହାତୀଙ୍କ ସହ ସେମାନେ ମୁହାଁମୁହିଁ ହୋଇଥିଲେ। ଗୋଟିଏ ଦନ୍ତା ଦେବାରଙ୍କୁ କଚାଡି ଦେଇଥିଲା। ଏହି ସମୟରେ ବଳଭଦ୍ର ସେଠାରୁ କୌଣସିମତେ ଦୌଡ଼ି ଗାଁ ଲୋକଙ୍କୁ ଜଣାଇଥିଲେ। ଏହାପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ରେଞ୍ଜ ଅଫିସର ରାଜକିଶୋର ନାଏକ, ସାଲେଭଟା ପାଣ୍ଠି ଅଧିକାରୀ ଆର୍ତ୍ତତ୍ରାଣ ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାର ବର୍ଗକୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ସହାୟତା ଦିଆଯାଇଥିଲା। ଏହାସହ ରେଡକ୍ରସ୍ ଓ ଅନ୍ୟାନ୍ୟ ସରକାରୀ ସହାୟତା ଦିଆଯିବାକୁ ପ୍ରତିଶ୍ରୁତି ମିଳିବା ପରେ ମୃତଦେହକୁ ଗାଁ ଲୋକେ ବ୍ୟବଚ୍ଛେଦ ପାଇଁ ଛାଡିଥିଲେ। ବିଧାୟକ ମୁକେଶ ମହାଲିଙ୍ଗ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏହାସହ ଶୀଘ୍ର ସମସ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସେ ରେଞ୍ଜ ଅଫିସରଙ୍କୁ କହିଛନ୍ତି।

# ୧ଲକ୍ଷ ୯୦ହଜାର ହେକ୍ଟର ଜମିରେ ହେବ ଖରିଫ ଚାଷ

ନୂଆପଡା ଅଫିସ,୨୨।୬

- ଜିଲାସ୍ତରୀୟ ଖରିଫ ଚାଷ ଖସଡା
- ଧାନ ଅପେକ୍ଷା ଅଣଧାନକୁ ଗୁରୁତ୍ୱ

ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ଖରିଫ ଋତୁରେ କିପରି କୃଷି କାର୍ଯ୍ୟକୁ ପରିଚାଳନା କରାଯିବ ଓ ଚାଷୀମାନେ ଠିକ୍ ଭାବରେ ଉପକୃତ ହୋଇ ସେମାନଙ୍କର ଉତ୍ପାଦନକୁ ଦ୍ୱିଗୁଣିତ କରିପାରିବେ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ପ୍ରତିବର୍ଷ ବର୍ଷାଜଳର ପରିମାଣରେ ବ୍ୟତିକ୍ରମ ଦେଖା ଦେଉଛି। ଏଣୁ ଜିଲାରେ ଜମି ଏବଂ ପାଣିପାଗକୁ ଦୃଷ୍ଟିରେ ରଖି ଧାନ ଚାଷ ଅପେକ୍ଷା ଅଣଧାନ ଚାଷ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏଥର ୯୪ହଜାର ୫୦୦ ହେକ୍ଟର ଜମିରେ ଧାନ ଏବଂ ୯୬ ହଜାର ୧୦୦ହେକ୍ଟର ଜମିରେ ଅଣଧାନ ଚାଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଜିଲା ପ୍ରଶାସନର ପ୍ରସ୍ତୁତ ଖସଡାରୁ ଜଣାପଡିଛି। ୯୪ହଜାର ୫ଶହ ହେକ୍ଟର ଜମିରେ ଧାନ, ୧୬,୩୫୦ହେକ୍ଟର ଜମିରେ ମକା ଏବଂ ମିଲେଟ, ୫୩୦୦ ହେକ୍ଟରରେ ଡାଲି ଜାତୀୟ ଫସଲ, ୭୫୦୦ ହେକ୍ଟରରେ ତୈଳବୀଜ, ୧୦,୪୯୩ ହେକ୍ଟରରେ ତନ୍ତୁ ଜାତୀୟ, ୨୨୦୦ ହେକ୍ଟରରେ ମସଲା, ୫୭ ହେକ୍ଟର ଜମିରେ ଆଖୁ ଚାଷ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଏଥିପାଇଁ ୧୮ହଜାର୧୫୦ ମେଟ୍ରିକ ଟନ୍ ରାସାୟନିକ ସାର ରଖାଯାଇଛି। ତେବେ ଏଥର ଧାନ ସହ ଚିନାବାଦାମ, ମକା, ହରଡ, କପା ଓ ମାଣ୍ଡିଆ ଫସଲକୁ ମଧ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାମିଲ କରାଯାଇଛି। ଏଥିରେ ଅନୁନ୍ୟ ୭୫ହଜାର କୃଷକଙ୍କୁ ସାମିଲ କରିବାକୁ ଯୋଜନା ରଖାଯାଇଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ଜାଭେଦ ମହମ୍ମଦ ସୂଚନା ଦେଇଛନ୍ତି। ଜାତୀୟ ଖାଦ୍ୟ ନିରାପତ୍ତା ମିଶନରେ ୭୬୦ ହେକ୍ଟର ଧାନ ଓ ମାଣ୍ଡିଆ ପ୍ରଦର୍ଶନ କ୍ଷେତ୍ର ତଥା ୨୫୦ଟି ମୁଗ ମିନିକିଟ ପ୍ରଦାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ରାଜ୍ୟ ଯୋଜନା ଅନ୍ତର୍ଗତ ମିଶ୍ରିତ ଚାଷ ନିମନ୍ତେ ୮୫୦ହେକ୍ଟର, ସବୁଜ ଚାଷ ନିମନ୍ତେ ୯୦୦ ହେକ୍ଟର, ଧାନ ଧାଡିରୁଆ ସକାଶେ ୯୧୦ ହେକ୍ଟର କାର୍ଯ୍ୟକ୍ରମରେ ରଖାଯାଇଛି। ଓଡିଶା ମିଲେଟ ମିଶନରେ ୨୮୦୦ ହେକ୍ଟର ମାଣ୍ଡିଆ ଚାଷ କରାଯିବ। ୱାର୍ଲ୍ଡ ଆଗ୍ରୋ ଫରେଷ୍ଟ୍ରି ସଂସ୍ଥା ତରଫରୁ ୬୩୨ ହେକ୍ଟର ଧାନ, ୪୦ ହେକ୍ଟର ମୁଗ, ୧୮୦.୪୪ ହେକ୍ଟର ଚିନାବାଦାମ ଆଦି ୧୦ଟି ପଞ୍ଚାୟତରେ ପ୍ରଦର୍ଶନ କ୍ଷେତ୍ର ନିମନ୍ତେ ବିତରଣ କରାଯାଇଛି ବୋଲି ସୂଚନା ମିଳିଛି। ଏହି ବୈଠକରେ ଜିଲାପାଳ ମଧୁସ୍ମିତା ସାହୁ ଅଧକ୍ଷତା କରିଥିଲେ। ସୁଧାଂଶୁ ସାହୁ, ହିମାଂଶୁ କୁମାର ମହାପାତ୍ର,ଏଆରସିଏସ ଭିକାରୀ ଚରଣ ସେଠ, ଜିଲା ଯୋଜନା ସମନ୍ୱୟ ଅଧିକାରୀ ସୋମନାଥ କାଣ୍ଡେମ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ନବଜାତ ଶିଶୁକନ୍ୟାକୁ ରାସ୍ତାକଡରେ ଛାଡ଼ି ଚାଲିଗଲେ ମା'

ଜୟପୁର ,୨୨।୬ (ଡି.ଏନ.ଏ )-ଶିଶୁକନ୍ୟା ଏବେ ମଧ ହେଉଛନ୍ତି ଅଲୋଡା। ଜଣେ ଜନ୍ମଦାତ୍ରୀ ମା' ସୋମବାର ଜନ୍ମ ଦେଇଥିବା ନିଜ ଶିଶୁକନ୍ୟାକୁ ରାସ୍ତା ପାର୍ଶ୍ୱରେ ଛାଡି ଚାଲିଯିବା ପରି ଘଟଣା କୋରାପୁଟ ଜିଲା ଜୟପୁରରେ ଦେଖିବାକୁ ମିଳିଛି। ତେବେ ଜୟପୁର ସଦରଥାନା ବିଶୋଇପୁଟ ଗ୍ରାମ ନିକଟ ରାସ୍ତା ପାର୍ଶ୍ୱରୁ ଶିଶୁଟିକୁ ପାଇ ଜଣେ ମହିଳା ଥାନାରେ ପହଞ୍ଚି ଶିଶୁକୁ ନିଜ ପାଖରେ ରଖିବାକୁ ଜିଦ୍ ଧରିଥିଲେ। ତେବେ ପୋଲିସ ତାଙ୍କଠାରୁ ଶିଶୁଟିକୁ ନେଇ ଜିଲା ଚିକିତ୍ସାଳୟର ଏସଏନସିୟୁରେ ଭର୍ତ୍ତି କରିଛି। ତାର ଚିକିତ୍ସା କରାଯାଉଛି । ଖବର ପାଇ ଶିଶୁ କଲ୍ୟାଣ କମିଟି ନିର୍ଦ୍ଦେଶରେ ଚାଇଲ୍ଡ ଲାଇନ ସଦସ୍ୟମାନେ ଚିକିତ୍ସାଳୟରେ ପହଞ୍ଚି ନବଜାତ ଶିଶୁ ବିଷୟରେ ବୁଝାଶୁଝା କରିଛନ୍ତି ବୋଲି ଥାନା ଅଧିକାରୀ ଶିବ ଶଙ୍କର ସାହୁ କହିଛନ୍ତି ।

### ଲୋକଙ୍କ ଅଭିଯୋଗ ଶୁଣିଲେ ଏମ୍‌ପି, ମନ୍ତ୍ରୀ

କୁନ୍ଦୁରା,୨୨।୬(ଡି.ଏନ୍.ଏ.)-ହସ୍ତତନ୍ତ, ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଏବଂ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ସୋମବାର କୋରାପୁଟ ଜିଲା କୁନ୍ଦୁରା ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତ ସମୟରେ ଜନସାଧାରଣଙ୍କ ଅଭିଯୋଗ ଶୁଣିଛନ୍ତି। ସାମାଜିକ ଦୂରତା ରକ୍ଷି ହୋଇଥିବା ବୈଠକରେ ଆଧାର କାର୍ଡରେ ବୟସଗତ ତ୍ରୁଟି ଥିବାରୁ ଗ୍ରାମବାସୀ ରାଶନ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ସୁମିତ୍ରା ଖରାଙ୍କୁ ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପଞ୍ଚାୟତ ଅଧୀନରେ ଥିବା ସିମେଣ୍ଟ କଂକ୍ରିଟ ରାସ୍ତାଗୁଡିକ ରକ୍ଷଣାବେକ୍ଷଣ କରାଯାଉ ନ ଥିବା, ଜୟପୁର ଉପଖଣ୍ଡର ୨୪୮ ଚାଷୀ ପଞ୍ଜୀକୃତ ହୋଇ ନ ଥିବା ଏମ୍‌ପିଙ୍କୁ ଜଣାଇଥିଲେ। ବିଜେଡି ବ୍ଲକ ସଭାପତି ବୃନ୍ଦାବନ ମଲ୍ଲିକ, କୃଷକ କଲ୍ୟାଣ ମଞ୍ଚ ସଭାପତି ମଦନ ମୋହନ ସାନ୍ତ୍ରା, ଯୁବସଭାପତି ରମାକାନ୍ତ ମିଶ୍ର, ପୂର୍ବତନ ବ୍ଲକ ଅଧକ୍ଷା କନକଲତା ପେଣ୍ଡିଆ,ନରେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

# ପାହାଡ଼ ଚଢ଼ି ଚାଲିଚାଲି ଦୁର୍ଗମ ଗ୍ରାମରେ ପହଞ୍ଚିଲେ

ଖଇରପୁଟ,୨୨।୬(ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଗୋବିନ୍ଦପାଲି ପଞ୍ଚାୟତର ପାହାଡ଼ ଉପରେ ଥିବା ଦୁର୍ଗମ ଗ୍ରାମ ମଇଁଷିଖାଲ ଗ୍ରାମକୁ ସୋମବାର ବିଡିଓ ହୃଦାନନ୍ଦ ସାହୁ ଗସ୍ତ କରିଛନ୍ତି। ପାହାଡ ଚଢି ୫କି.ମି. ଚାଲିଚାଲି ଯାଇ ସେ ଉକ୍ତ ଗ୍ରାମରେ ପହଞ୍ଚିଛନ୍ତି। ନିକଟରେ ଗ୍ରାମବାସୀ ସେମାନଙ୍କ ଗ୍ରାମରେ ପିଇବା ପାଣି ସମସ୍ୟା ଲାଗି ରହିଥିବା ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ବିଡିଓ ସାହୁ ତୁରନ୍ତ ଗ୍ରାମକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ଲାଗି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ନିକଟସ୍ଥ ପାହାଡ ଉପରୁ ଝରୁଥିବା ଝରଣା ପାଣିକୁ ଗୋଟିଏ ଜାଗାରେ ଗଚ୍ଛିତ କରି ଗ୍ରାମକୁ ପାଇପ ଯୋଗେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରିଥିଲେ। ଏହାର ତଦାରଖ ପାଇଁ ସେ ଦୁର୍ଗମ ମଇଁଷିଖାଲରେ ପହଞ୍ଚିଥିଲେ। ବିଡିଓଙ୍କୁ ନିଜ ଗ୍ରାମରେ ଦେଖି ଗ୍ରାମବାସୀ ଖୁସି ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ଗ୍ରାମରେ ୪୦ ପରିବାର ବସବାସ କରନ୍ତି। ଗ୍ରାମକୁ ରାସ୍ତା ନ ଥିବାରୁ ସେମାନେ ଯେଉଁଆଡେ


ମଇଁଷିଖାଲରେ ପହଞ୍ଚି ବିଡିଓ ପାନୀୟ ଜଳ ବ୍ୟବସ୍ଥାର ତଦାରଖ କରୁଛନ୍ତି।

**ପ୍ରତିଶ୍ରୁତି ରଖିଲେ ବିଡିଓ**

ଯାଆନ୍ତି କଷ୍ଟରେ ଚାଲିଚାଲି ଯାଇଥାନ୍ତି। ରାସ୍ତା ନ ଥିବା ଯୋଗୁ ସରକାରଙ୍କ ବିଭିନ୍ନ ଯୋଜନା ଏଠାରେ କାର୍ଯ୍ୟକାରୀ ହେବାରେ ସମସ୍ୟା ଦେଖାଦେଇଥାଏ। ନିକଟରେ ବିଡିଓଙ୍କୁ ଭେଟି ଗ୍ରାମବାସୀ ଗ୍ରାମକୁ ରାସ୍ତା ଓ ପାନୀୟ ଜଳ ନେଇ ରହିଥିବା ସମସ୍ୟା ସମ୍ପର୍କରେ ଜଣାଇଥିଲେ। ବିଡିଓ ପ୍ରଥମେ ପାନୀୟ ଜଳ ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କନିଷ୍ଠଯନ୍ତ୍ରୀ ବିଶ୍ୱ କୁମାର ମଲ୍ଲିକଙ୍କ ସହ ଅନ୍ୟମାନେ ବିଡିଓଙ୍କ ସହ ଗ୍ରାମକୁ ଗସ୍ତ କରିଥିଲେ।

# ଆକାଉଣ୍ଟରୁ ୧୦ ହଜାର ୫ଶହ ଗାଏବ

ନବରଙ୍ଗପୁର ,୨୨।୬(ବି.ପ୍ର.)

ନବରଙ୍ଗପୁର ଥାନା ଅନ୍ତର୍ଗତ ସାନମସିଗାଁ ଗ୍ରାମର ଶିବରାମ ମିଶ୍ର ଅନଲାଇନ ଠକେଇର ଶିକାର ହୋଇଛନ୍ତି। ତାଙ୍କ ଆକାଉଣ୍ଟରୁ ୧୦,୫୦୦ ଟଙ୍କା ଗାଏବ ହୋଇଥିବା ନେଇ ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ସେ ଦେଇଥିବା ଏତଲା ଅନୁଯାୟୀ ଏକ ଅନଲାଇନ ସପିଂ ସାଇଟରୁ ୭୫୦ ଟଙ୍କାରେ ଏକ ଫୋନ ବ୍ୟାଟେରୀ କିଣିଥିଲେ। ଉକ୍ତ ବ୍ୟାଟେରୀ ତାଙ୍କ ମୋବାଇଲ ସହିତ ମେଳ ନଖାଇବାରୁ ସେ ଏହାକୁ ଫେରାଇବା ପାଇଁ ଅନଲାଇନ ସପିଂ ସାଇଟରେ ଅନୁରୋଧ କରିଥିଲେ।

**ଅନ୍‌ଲାଇନ ଠକେଇ**

ଏଥିପାଇଁ ତାଙ୍କ ମୋବାଇଲକୁ ୪ଟି ଲିଙ୍କ୍ ଆସିଥିଲା। ସେହି ଲିଙ୍କ୍‌କୁ ସେ ଫୋନ କରିଥିଲେ। ଉକ୍ତ ଲିଙ୍କରୁ ତାଙ୍କ ନିକଟକୁ ଏକ ଫୋନ କଲ ଆସିଥିଲା । ସେ ତାଙ୍କ ଫୋନ ପେ ଆକାଉଣ୍ଟର ଆଇଡି ଦେଲେ ତାଙ୍କ ଟଙ୍କା ଫେରସ୍ତ ମିଳିବ ଏବଂ ତୁମ ଜିନିଷ ନିଆଯିବ ବୋଲି କହିଥିଲେ। ସେ ଫୋନ ପେର ଆଇଡି ଦେବା ପରେ ତାଙ୍କ ସ୍ତ୍ରୀଙ୍କ ଏସବିଆଇ ଆକାଉଣ୍ଟରୁ ୧୦ ହଜାର ୫ଶହ ଟଙ୍କା କଟିଯାଇଥିଲା। ତା'ପରେ ଯେଉଁ ନମ୍ବରରେ ଫୋନ ଆସିଥିଲା ସେହି ନମ୍ବରକୁ କଲ କରିଥିଲେ ମଧ କେହି ଫୋନ ରିସିଭ କରି ନ ଥିଲେ।

# ଡକାୟତି ଯୋଜନା ବିଫଳ, ୩ ଗିରଫ

ରାୟଗଡ଼ା ଅଫିସ,୨୨।୬:

ଟାଉନ ଥାନା ଅଧୀନ ଆଇଏସିଆର୍ କଲେଜ ପଛପଟେ ରବିବାର ରାତିରେ ଚାଲିଥିବା ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି ପୋଲିସ। ଏହି ଘଟଣାରେ ପୋଲିସ ୬ଜଣଙ୍କୁ ଧରିଥିବାବେଳେ ସେମାନଙ୍କ ମଧ୍ୟରେ ୩ ନାବାଳକ ରହିଥିବା ଜଣାପଡ଼ିଛି। ଗିରଫ ୩ ଅଭିଯୁକ୍ତ ହେଲେ ଏଡିଲି ସାଗର(୩୦), ଗୁରଲି ବୁଜି (୩୮) ଓ ମୋଗେସ ମାଣ୍ଡାଙ୍ଗୀ (୨୩) । ୬ ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣ ସାନ୍ଧୁବାଡ଼ି ଅଞ୍ଚଳର ଏବଂ ଅନ୍ୟ ୪ ଜଣ ଆନ୍ଧ୍ରପ୍ରଦେଶର ଗୁମ୍ମାଲକ୍ଷ୍ମୀପୁର ଏବଂ ବିଜୟନଗରମ୍ ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଏକ ବଡ଼ଧରଣର ଡକାୟତି ଯୋଜନା ଚାଲିଥିବା ପୋଲିସ ଖବର ପାଇ ଚଢ଼ାଉ କରିଥିଲା। ସେମାନଙ୍କ ନିକଟରୁ ଗୋଟିଏ ନମ୍ବର ବିହୀନ ଅଟୋ, ୧ ପଲ୍‌ସର ବାଇକ୍, ୨ମୋବାଇଲ, ୧ଦେଶୀ ବନ୍ଧୁକ, ଗୁଳି, ବୋମା, ୨ଟୀର ଓ ଗନ ପାଉଡର ସମେତ



**ବୋମା, ବନ୍ଧୁକ, ତୀର ଜବତ**

ଅନ୍ୟାନ୍ୟ ଜିନିଷ ଜବତ କରାଯାଇଥିବା ଜଣାପଡ଼ିଛି। ଆଇଆଇସି ନିହାର ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଏସ୍‌ଆଇ ଗିଗାନ କିଣ୍ଡୋ, ଏସ୍‌ଆଇ କେ. ସିଏଚ୍. ବେହେରାଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ। ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଅନ୍ୟ ୩ ନାବାଳକଙ୍କୁ ବାଳସୁଧାର ଗୃହକୁ ପଠାଯାଇଥିବା ସୂଚନା ମିଳିଛି। ଏ ନେଇ ଥାନା(ନଂ. ୨୧୯/୨୦)ରେ ଏକ ମାମଲା ରୁଜୁ ହୋଇଛି।

### ରାୟଗଡ଼ାରେ ମୃଦୁ ଭୂମିକମ୍ପ

ରାୟଗଡ଼ା ଅଫିସ,୨୨।୬:

ରାୟଗଡ଼ା ଜିଲାର କେତେକ ଅଞ୍ଚଳରେ ସୋମବାର ଅପରାହ୍ଣରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି। ଜିଲାର କାଶୀପୁର ସମେତ ଅନ୍ୟ କେତେକ ଅଞ୍ଚଳ ଥରିଥିବା ଲୋକେ ଅନୁଭବ କରିଛନ୍ତି। ରିକ୍ଟର ସ୍କେଲ୍‌ରେ ଭୂମିକମ୍ପର ତୀବ୍ରତା ୩.୬ ରହିଥିବା ନ୍ୟାଶନାଲ ସେଣ୍ଟର ଫର୍ ସେସ୍‌ମୋଲୋଜି ପକ୍ଷରୁ ସୂଚନା ମିଳିଛି। ତେବେ ଏଥିରେ କୌଣସି କ୍ଷୟକ୍ଷତି ନେଇ ସୂଚନା ମିଳିନାହିଁ।

### ବିଡିଓଙ୍କୁ ଭେଟିଲେ ଗ୍ରାମବାସୀ

କାଲିମେଳା,୨୨।୬(ଡି.ଏନ.ଏ.)

କାଲିମେଳା ବ୍ଲକ ତେଲରାଇ ପଞ୍ଚାୟତ କଣ୍ଡେଲଗୁଡା ମୁଖ୍ୟ ରାସ୍ତାର ପ୍ରାୟ ୬ କିଲୋମିଟର ରାସ୍ତା ବର୍ଷା ପାଣିରେ ଧୋଇ ଯିବାରୁ ଏହା ଯାତାୟାତ ଅନୁପଯୋଗୀ ହୋଇପଡିଛି। ଗ୍ରାମବାସୀ ଯାତାୟତରେ ଅସୁବିଧା ଭୋଗୁଛନ୍ତି। ସୋମବାର ଗ୍ରାମର ମହେଶ୍ୱର ଗୋଲରି, ବଦୁ ବଡନାୟକ, ଡମ୍ବରୁଶିଶାଙ୍କ ସହ ଅନ୍ୟମାନେ ବିଡିଓ ଉମା ଶଙ୍କର ଦଳାଇଙ୍କୁ ଭେଟି ରାସ୍ତା ମରାମତି ପାଇଁ ଦାବି କରିଥିଲେ। ବିଡିଓ ଦଳାଇଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଟେଣ୍ଡରକୁ ନେଇ ହାଇକୋର୍ଟରେ କେସ୍ ହେବାରୁ ୮ ମାସରୁ ଉର୍ଦ୍ଧ୍ୱ ହେଲା ରାସ୍ତାକାମ ବନ୍ଦ ରହିଛି।

# ସେମିଫାଇନାଲରେ ନବରଙ୍ଗପୁର

ନବରଙ୍ଗପୁର,୨୨।୬(ବି.ପ୍ର.)

ଅପପୁଷ୍ଟିରୁ ମୁକୁଳିବା ଲାଗି ନିଆଯାଇଥିବା ବିଭିନ୍ନ ପଦକ୍ଷେପ ପାଇଁ ଜାତୀୟସ୍ତରୀୟ ସ୍କଚ୍ ପ୍ରତିଯୋଗିତାରେ ନବରଙ୍ଗପୁରକୁ ସେମି ଫାଇନାଲିଷ୍ଟ ପ୍ରମାଣପତ୍ର ଦିଆଯାଇଛି। ଏହି ପ୍ରମାଣପତ୍ର ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ନିକଟକୁ ସଂସ୍ଥା ପକ୍ଷରୁ ପଠାଯାଇଛି। କୃଷି ଭିତ୍ତିକ ବିଜ୍ଞାନ ଓ ପ୍ରଯୁକ୍ତି ସହାୟତାରେ ଜିଲାର ସାମାଜିକ ଓ ଅର୍ଥନୈତିକ ଉନ୍ନତି କାର୍ଯ୍ୟକ୍ରମ ଏବଂ ଅପପୁଷ୍ଟି ରୋକିବା

**ସ୍କଚ୍ ଆୱାର୍ଡ ପ୍ରତିଯୋଗିତା**

ପାଇଁ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ପ୍ରତିଯୋଗିତାରେ ସ୍ଥାନିତ ହୋଇଥିଲା । ପୂର୍ବରୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ସାମାଜିକ ଓ ଅର୍ଥନୈତିକ ବିକାଶ କାର୍ଯ୍ୟକ୍ରମ ପାଇଁ ଜିଲା ପ୍ଲାଟିନମ ପାଇବାରେ ସକ୍ଷମ ହୋଇଥିଲା। ନବରଙ୍ଗପୁର ଜିଲା ୨ଟି ସମ୍ମାନ ଜନକ ପୁରସ୍କାର ପାଇବାରେ ସକ୍ଷମ ହୋଇଥିବାରୁ ବିଭିନ୍ନ ମହଲରୁ ଜିଲାପାଳଙ୍କୁ ଶୁଭେଚ୍ଛା ଜଣାଯାଇଛି।

# ମାଟି କାନ୍ଥ ପଡ଼ି ମହିଳା ଶ୍ରମିକ ମୃତ

ରାୟଗଡ଼ା ଅଫିସ,୨୨।୬:

ରାୟଗଡ଼ା ଟାଉନ୍ ଥାନା ଅଧୀନ ଗାନ୍ଧୀନଗରଠାରେ ସୋମବାର ଏକ ପୁରୁଣା ଘର ଭାଙ୍ଗୁଥିବାବେଳେ ମାଟି କାନ୍ଥ ପଡ଼ି ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କାଶୀପୁର ବ୍ଲକ୍ ଅନ୍ତର୍ଗତ ପାଟିଆ ସିଲକୁଣ୍ଡା ଗ୍ରାମର ମହେଶ୍ୱର ନାୟକଙ୍କ ସ୍ତ୍ରୀ ମିତେଲା(୪୦)। ସୂଚନା ଅନୁଯାୟୀ ମହେଶ୍ୱର ଏବଂ ସ୍ତ୍ରୀଙ୍କ ସମେତ ପରିବାରର ୮ ଜଣ ୨ଦିନ ଧରି ଗାନ୍ଧୀନଗରସ୍ଥିତ ଏଲ୍. ଜନାର୍ଦ୍ଦନ ରାଓଙ୍କ ଘର ଭଙ୍ଗା କାର୍ଯ୍ୟରେ ନିୟୋଜିତ ଥିଲେ। ସୋମବାର କାନ୍ଥ ଭାଙ୍ଗିବା ସମୟରେ ତାହା ମିତେଲାଙ୍କ ଉପରେ ପଡ଼ିଯାଇଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି। ଏ ନେଇ ଥାନା ନଂ. ୨୧/୨୦ରେ ଏକ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# ଜମି ଦେଇ ହତାଶ: ସ୍ଥାୟୀ ଚାକିରି ଦାବିରେ ଧାରଣା

ଟିକିରି,୨୨।୬

ଚାକିରିର ପ୍ରତିଶ୍ରୁତି ଦେଇ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଜମି ନେଇଥିଲେ। ହେଲେ ଦୀର୍ଘ ୨୨ବର୍ଷ ହେଲା ଦୈନିକ ମଜୁରିରେ ଅ ସ୍ଥା ।ୟ ୀ ଭ ।ବେ ନିଯୁକ୍ତି ମିଳିଛି। ସ୍ଥାୟୀ ନିଯୁକ୍ତି ନେଇ ବାରମ୍ବାର ଦାବି ଜଣାଇବା ପରେ ସୋମବାର ଜମି ହରାଇଥିବା ବିଭୀଷଣ ହରିଜନ ପରିବାର ସହ କାଶୀପୁର ବ୍ଲକ୍ କୁଚେଇପଦର ସ୍ୱାସ୍ଥ୍ୟ କେନ୍ଦ୍ରରେ ତାଲା ପକାଇବା ସହ ଧାରଣା ଦେଇଥିଲେ। ପରେ କାଶୀପୁର ତହସିଲଦାର ଶରତ ଶବର ଏବଂ ଦୋରାଗୁଡ଼ା ଆଇଆଇସି କୃଷ୍ଣଚନ୍ଦ୍ର ଭତ୍ରା ପହଞ୍ଚି ସମାଧାନ ପାଇଁ ୨ମାସ ସମୟ ମାଗିବା ସହ ବିଭୀଷଣଙ୍କ ପରିବାରକୁ ବୁଝାଶୁଝା କରିବା ପରେ ଧାରଣାରୁ ଓହରିଥିବା ଜଣାପଡ଼ିଛି।


ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ପରିବାର ପକ୍ଷରୁ ଧାରଣା ଦିଆଯାଇଛି ।

## ଢେଙ୍କାନାଳ

### ଘଣ୍ଟାଏରେ ପଟ୍ଟା ବଣ୍ଟନ



ଭୁବନ,୨୨।୬(ଡି.ଏନ.ଏ)- ଢେଙ୍କାନାଳ ଜିଲା ଭୁବନ ତହସିଲ ପକ୍ଷରୁ ସୋମବାର ୨ ଜଣଙ୍କୁ ପଟ୍ଟା ପଟ୍ଟା ପ୍ରଦାନ କରାଯାଇଛି। ତହସିଲରେ ରେଜିଷ୍ଟ୍ରି ଦଲିଲ ଗ୍ରହଣ ହେବାର ୧ ଘଣ୍ଟା ମଧ୍ୟରେ ପଟ୍ଟା ପ୍ରସ୍ତୁତ କରାଯାଇଥିଲା। ତହସିଲଦାର ଶକ୍ତିକାନ୍ତ ରାୟ, ସହକାରୀ ତହସିଲଦାରଙ୍କ ଉପସ୍ଥିତିରେ ଅଁଳାଝରୀ ଗ୍ରାମର ପ୍ରମୋଦ କୁମାର ବେହେରା ଓ କାର୍ତ୍ତନପୁର ଗ୍ରାମର ଝୁମର କମାରଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ପରିଡା, ରେକର୍ଡ କିପର ସତ୍ୟବ୍ରତ ନାୟକ ଓ ଆଇନଜୀବୀ କୁଞ୍ଜବିହାରୀ ଚିନାରା ପ୍ରମୁଖ ଉପସ୍ଥିତ ଥିଲେ।

### ଡକାୟତି ଯୋଜନା ପଣ୍ଡ, ୨ ଗିରଫ

ଅନୁଗୋଳ ଅଫିସ, ୨୨।୬- ଅନୁଗୋଳ ପୋଲିସ ରବିବାର ରାତିରେ ଏକ ଡକାୟତ ଗ୍ୟାଙ୍ଗର ୨ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଯୋଜନାକୁ ପଣ୍ଡ କରିଦେଇଛି। ତେବେ ଗ୍ୟାଙ୍ଗର ଅନ୍ୟ ୩ଜଣ ଫେରାର ହୋଇଯାଇଛନ୍ତି। ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ଅନୁଗୋଳ ପରିବହନ କାର୍ଯ୍ୟାଳୟ (ଆରଟିଓ) ନିକଟ ପଡ଼ିଆରେ ୫ ଜଣ ଡକାୟତ ବସି ଏକ ପେଟ୍ରୋଲ ପମ୍ପରୁ ଡକାୟତି ଯୋଜନା କରୁଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଁ ଏସ୍‌ଆଇ ତୁସାରକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢ଼ାଉ କରି ୨ ଜଣଙ୍କୁ କାବୁ କରିଥିବାବେଳେ ୩ ଜଣ ଫେରାର ହୋଇଯାଇଥିଲେ। ଗିରଫ ଦୁଇ ଡକାୟତ ରାଧାରମଣପଡ଼ାର ତୋଫାନ ଦେହୁରୀ ଓ ହେମସୁରପଡ଼ାର ଆଶିଷ ଦେହୁରୀଙ୍କୁ ନଂ ୭୨୦/୨୦ ମାମଲାରେ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ଗୋଟିଏ ଖଣ୍ଡା ଓ କଟୁରି ପୋଲିସ ଜବତ କରିଥିବା ଆଇଆଇସି ସୂଚନା ଦେଇଛନ୍ତି।

# ମାସିକ ବୈଠକ ବସୁନି, ଆଗଉନି କାମ

ଢେଙ୍କାନାଳ ଅଫିସ,୨୨।୬

ଢେଙ୍କାନାଳ ଜିଲା ସଦର ବ୍ଲକ ଭାପୁର ପଞ୍ଚାୟତରେ ପ୍ରାୟ ୪।୫ ମାସ ହେବ ମାସିକ ବୈଠକ ବସୁନି। ଏଥିଯୋଗୁ ସରକାରୀ ଯୋଜନାରେ ହେବାକୁ ଥିବା କାମ ବାଧାପ୍ରାପ୍ତ ହେବା ସହିତ ବିଭିନ୍ନ କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ କେତେଜଣ ୱାର୍ଡ ସଭ୍ୟ ସୋମବାର ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ସେମାନେ ପିଡି ଡିଆରଡିଏ ଓ ସଦର ବ୍ଲକ ବିଡିଓଙ୍କୁ ମଧ ଜଣାଇଛନ୍ତି।

ଅଭିଯୋଗ ମୁତାବକ, କରୋନା ଆଳ ଦେଖାଇ ପଞ୍ଚାୟତ ନିର୍ବାହୀ

**ଜିଲାପାଳଙ୍କୁ ୱାର୍ଡସଭ୍ୟଙ୍କ ଅଭିଯୋଗ**

ଅଧିକାରୀ ମାସିକ ବୈଠକ ଡାକୁନହାନ୍ତି । କରୋନା ଗାଇଡ୍‌ଲାଇନ ମାନି ବୈଠକ କରାଇବାକୁ ଜଣାଇବା ପରେ ମଧ ନିର୍ବାହୀ ଅଧିକାରୀ ତାହା କରୁନାହାନ୍ତି। କୋଭିଡ୍ ସମୟରେ ପଞ୍ଚାୟତ କାର୍ଯ୍ୟାଳୟରେ ୬ ଦିନ ପର୍ଯ୍ୟନ୍ତ ପ୍ରାୟ ୮୦ଜଣ ଗରିବ ଅସହାୟଙ୍କୁ ରନ୍ଧାଖାଦ୍ୟ ଦିଆଯାଇଥିଲା। କିନ୍ତୁ ଏହାର ଖର୍ଚ୍ଚ ବାବଦରେ ଜଣାଯାଉନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଚୂଡାନ୍ତ ତାଲିକା ପ୍ରକାଶ କରିବାର ୭ ଦିନ ମଧ୍ୟରେ ଅଭିଯୋଗ କରିବା ପାଇଁ ସରକାରଙ୍କ ନିୟମ ରହିଥିବା ବେଳେ ତାହା ପାଳନ ହେଉନାହିଁ ବୋଲି ଅଭିଯୋଗରେ ଦର୍ଶାଯାଇଛି। ସେହିପରି ଭାପୁର ସାପ୍ତାହିକ ହାଟକୁ ପଞ୍ଚାୟତ ପକ୍ଷରୁ ନିଲାମ କରାଯାଉ ନ ଥିବାରୁ ରାଜସ୍ୱ ହାନି ହେଉଛି। ଏ ବାବଦରେ ବିଧିବଦ୍ଧ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ୱାର୍ଡ ସଭ୍ୟ ନବକିଶୋର ପାଣିଗ୍ରାହୀ, ଇନ୍ଦୁମତି ଭଞ୍ଜ, ମମତା ସାହୁ, ରିତା ଦେହୁରୀ, ଶଶିକଳା ସାହୁ, ସୁମିତ୍ରା ଦେହୁରୀ, ମୋନାଲିସା ପିରେଇ ପ୍ରମୁଖ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ଭାପୁର ପଞ୍ଚାୟତ ଅଧିକାରୀ ଇବ୍ରାହିମ ଖାଁ କହିଛନ୍ତି, କରୋନା ପାଇଁ ବୈଠକ ହୋଇନି। ସରକାରୀ ଗାଇଡଲାଇନ ଅନୁଯାୟୀ ସବୁ ସଭାସମିତି ବନ୍ଦ ରଖାଯାଇଛି।

### ଢେଙ୍କାନାଳରେ ଆଉ ୩ ଆକ୍ରାନ୍ତ

ଢେଙ୍କାନାଳ ଅଫିସ,୨୨।୬

ଢେଙ୍କାନାଳ ଜିଲାରେ ସୋମବାର ୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୫୬ରେ ପହଞ୍ଚିଛି। କଙ୍କଡାହାଡ ବ୍ଲକ କରଡାମାଳି ସଙ୍ଗରୋଧ କେନ୍ଦ୍ରରୁ ଜଣେ, ଗଡପଳାଶୁଣି ସଙ୍ଗରୋଧ କେନ୍ଦ୍ରରୁ ଜଣେ ଓ ଓଡାପଡା ବ୍ଲକର ଘଟିପିରି ସଙ୍ଗରୋଧ କେନ୍ଦ୍ରରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କରଡମାଳି ଓ ଗଡପଳାଶୁଣି ସଙ୍ଗରୋଧ କେନ୍ଦ୍ରର ଚିହ୍ନଟ ଦୁଇ ବ୍ୟକ୍ତି ମହାରାଷ୍ଟ୍ର ଓ ଘଟିପିର ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ବ୍ୟକ୍ତି ହରିୟାଣାରୁ ଆସିଥିଲେ। ୨୦ ତାରିଖ ସନ୍ଧ୍ୟାରେ ସେମାନଙ୍କ ସ୍ୱାବ୍ ପରୀକ୍ଷା ରିପୋର୍ଟ ପଜିଟିଭ୍ ଆସିଥିଲା। ସୋମବାର ସେମାନଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ପଠାଯିବା ସହ ସଙ୍ଗରୋଧ କେନ୍ଦ୍ରଗୁଡିକୁ ବିଶୋଧନ କରାଯାଇଛି ।

# ଡିପୋ ସ୍ଥାନାନ୍ତର ପାଇଁ ଦାବିପତ୍ର


ଆଞ୍ଚଳିକ କ୍ଷତିଗ୍ରସ୍ତ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବଇଣ୍ଡା, ୨୨।୬(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଗୁଣ୍ଡୁରୀମୁଣ୍ଡାରେ ନିର୍ମାଣ ହୋଇଥିବା କୋଇଲା ଡିପୋ ସ୍ଥାନାନ୍ତର ପାଇଁ ମାହେଶ୍ୱରୀ ଆଞ୍ଚଳିକ କ୍ଷତିଗ୍ରସ୍ତ କମିଟି ପକ୍ଷରୁ ରେଳବିଭାଗର ସମ୍ବଲପୁର ଡିଆର୍‌ଏମ୍‌ଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। କମିଟି ପ୍ରତିନିଧି ପ୍ରଦୀପ ବେହେରା, ବୁଲୁ ପ୍ରଧାନ, ସାହେବ ବେହେରା, ପ୍ରମୋଦ ବେହେରା, କ୍ଷୀରୋଦ ବେହେରା, ଅନିଲ ସାହୁ, ଧୋବେଇ ବେହେରା, ଗଜାନନ ବେହେରା, ପିଙ୍କି ନାୟକ ପ୍ରମୁଖ ହଣ୍ଡପା ଷ୍ଟେଶନକୁ ଯାଇ ଷ୍ଟେଶନ ମାଷ୍ଟର ମନୋଜ ପ୍ରଧାନଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଏହି ଦାବିରେ ଚାଲିଥିବା ଆନ୍ଦୋଳନ ୧୧ ଦିନରେ ପହଞ୍ଚି ଥିବାବେଳେ ଗ୍ରାମ ନିକଟରେ ଏକ ଅସ୍ଥାୟୀ କ୍ୟାମ୍ପ କରି ରବିବାରଠାରୁ ଅହୋରାତ୍ର ଗଣଧାରଣା ଚାଲିଛି।

# ୨ ଗିରଫ, ୩୦ ହାତବୋମା ଜବତ

ଢେଙ୍କାନାଳ ଅଫିସ,୨୨।୬

ଢେଙ୍କାନାଳ ଜିଲା ସଦର ଥାନା କାଇମାଟି ଅଞ୍ଚଳରେ ଥିବା ଏକ ମଦ ଦୋକାନରୁ ସୋମବାର ଅପରାହ୍ଣ ପ୍ରାୟ ୪ଟାରେ ଲୁଟ୍ ଉଦ୍ୟମ କରୁଥିବା ଦୁଇ ଅଭିଯୁକ୍ତ ପୋଲିସ ହାତରେ ଧରାପଡିଛନ୍ତି। ଅନ୍ୟଜଣେ ବାଇକ ନେଇ ଫେରାର ହୋଇଯାଇଛନ୍ତି। ଗିରଫ ଦୁଇ ଅଭିଯୁକ୍ତ ହେଲେ ନିକଟସ୍ଥ ଡାହିମାଳ ଅଞ୍ଚଳର ଶଶିଭୂଷଣ ମହାନ୍ତି ଓ ଢେଙ୍କାନାଳ ଦକ୍ଷିଣକାଳୀ ଅଞ୍ଚଳର ରଞ୍ଜନ ମଲିକ। ସେମାନଙ୍କଠାରୁ ଗୋଟିଏ ପିସ୍ତଲ, ଗୋଟିଏ ଅଫୁଟା ଗୁଳି ଏବଂ ବ୍ୟାଗ୍‌ରେ ଥିବା ୩୦ଟି ହାତବୋମା ପୋଲିସ ଜବତ କରାଯାଇଛି। ସୂଚନା ଅନୁଯାୟୀ, ଏକ ବାଇକ୍‌ରେ ୩ ଜଣ ଯୁବକ କାଇମାଟି ମଦ ଦୋକାନଠାରେ ପହଞ୍ଚି ଜବରଦସ୍ତି ମଦ ମାଗିବା ସହ ଲୁଟ୍ ଉଦ୍ୟମ କରୁଥିଲେ। ଖବରପାଇ ପାଟ୍ରୋଲିଂ କରୁଥିବା ସଦର ଥାନା ପୋଲିସ ପହଞ୍ଚିବାରୁ ଅଭିଯୁକ୍ତମାନେ ଖସିଯିବାକୁ ଉଦ୍ୟମ କରିଥିଲେ। ଡାହିମାଳଠାରୁ ଶଶିଭୂଷଣଙ୍କୁ ପୋଲିସ ଧରିବା ସହ ତାଙ୍କଠାରୁ ଏକ ପିସ୍ତଲ ଓ ଅଫୁଟା ଗୁଳି ଜବତ କରିଥିଲା। ଶଶିଭୂଷଣଙ୍କ ସୂଚନା ଅନୁଯାୟୀ ରଞ୍ଜନଙ୍କୁ କାଇମାଟି ନିକଟରୁ କାବୁ କରିବା ସହ ତାଙ୍କ ନିକଟରୁ ପୋଲିସ ୩୦ ହାତବୋମା ଜବତ କରିଥିବା ଏସ୍‌ପି ଅନୁପମା ଜେମ୍ସ ସୂଚନା ଦେଇଛନ୍ତି।

**ମଦ ଦୋକାନରୁ ଲୁଟ୍ ଉଦ୍ୟମ**


ଜବତ ବନ୍ଧୁକ।

### ୩୯ ଜଣଙ୍କ ସ୍ୱାବ୍ ସଂଗ୍ରହ

ବଇଣ୍ଡା, ୨୨।୬(ଡି.ଏନ.ଏ.)

କିଶୋରନଗର ବ୍ଲକ ଜାମୁନାଳୀ ଓ ହଣ୍ଡପାକୁ ଫେରିଥିବା ୩୯ ଜଣ ପ୍ରବାସୀ ଶ୍ରମିକଙ୍କ ସ୍ୱାବ୍ ସୋମବାର ସଂଗ୍ରହ କରାଯାଇଛି। ଜାମୁନାଳୀ ବିଦ୍ୟାଳୟଠାରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରରୁ ୩୦ ଜଣ, ବଇଣ୍ଡା ସଙ୍ଗରୋଧ କେନ୍ଦ୍ରରୁ ୭ ଜଣ ଏବଂ ବଇଣ୍ଡାରେ ହୋମ୍ କ୍ୱାରାଣ୍ଟାଇନରେ ଥିବା ୨ ଜଣଙ୍କ ନମୁନା ପରୀକ୍ଷା ପାଇଁ ସଂଗ୍ରହ କରାଯାଇଛି। ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ସରୋଜ ନନ୍ଦ, କୋଭିଡ୍ ଆୟୁଷ ଡାକ୍ତର ହରପ୍ରିୟା ବିଶ୍ୱାଳ, ସ୍ୱାସ୍ଥ୍ୟକର୍ମୀ ନିହାରିକା ନାୟକ, ଚନ୍ଦନା ସାହୁ, ବିଦ୍ୟୁସ୍ମିତା ବେହେରା, ନାରାୟଣ ଦେହୁରୀ ପ୍ରମୁଖ ସ୍ୱାବ୍ ସଂଗ୍ରହ କରିଥିଲେ। ପୂର୍ବରୁ କିଶୋରନଗର ବ୍ଲକରେ ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

### କରୋନା ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୨୨।୬– ଅନୁଗୋଳ ଜିଲା ବଅଁରପାଳ ବ୍ଲକର ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ସୋମବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ୨୬ ବର୍ଷୀୟ ଯୁବକ ଜଣକ ଗତ ୧୩ ତାରିଖରୁ ଏଠାରେ ରହୁଥିଲେ। ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିବା ପରେ ସୋମବାର ତାଙ୍କୁ ତାଳଚେରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି ।

# ସ୍ୱଚ୍ଛ ହୋଇପାରିନି ଗୋଛାୟତସାହି

ବଅଁରପାଳ,୨୨।୬(ଡି.ଏନ.ଏ.)

ସ୍ୱଚ୍ଛ ଭାରତ ଅଭିଯାନରେ ଅନୁଗୋଳ ଜିଲାର ଅନେକ ଗାଁ ବାହ୍ୟ ମଳମୁକ୍ତ ହୋଇପାରିଛି। ହେଲେ ବଅଁରପାଳ ବ୍ଲକ ବଳରାମପ୍ରସାଦ ପଞ୍ଚାୟତର ୧୫ ନମ୍ବର ୱାର୍ଡ ଗୋଛାୟତସାହି ଏଯାଏ ସ୍ୱଚ୍ଛ ହୋଇପାରି ନ ଥିବା ସାହିବାସୀ ଅଭିଯୋଗ କରିଛନ୍ତି। କେବଳ ପାଇଖାନା ନୁହେଁ, ସାହିବାସୀ କିପରି ସ୍ୱଚ୍ଛ ପାଇପ୍ ଜଳ ପାଇପାରିବେ ସେ ନେଇ ମଧ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନାହିଁ। ପଡ଼ୋଶୀ ଗାଁରେ ପାଇପ୍ ପାଣିର ବ୍ୟବସ୍ଥା ଥିଲେ ମଧ ଗୋଛାୟତସାହିରେ ପାଇପ୍ ବିଛାଯାଇ ଛାଡ଼ିଦିଆଯାଇଛି।

ସାହିବାସୀଙ୍କ କହିବା ଅନୁଯାୟୀ, ପ୍ରାୟ ୭ଶହ ଲୋକ ଏଠାରେ ରହୁଥିଲେ ବି ସ୍ୱଚ୍ଛ ଭାରତ ଯୋଜନାରେ ଗୋଟିଏ ହେଲେ ପାଇଖାନା ନିର୍ମାଣ କରାଯାଇ ନାହିଁ। ଫଳରେ ବାଧହୋଇ ସେମାନେ ଖୋଲାସ୍ଥାନକୁ ଶୌଚ ପାଇଁ ଯାଉଛନ୍ତି। ଏ ନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ଉକ୍ତ ସରକାରୀ ଯୋଜନା ସାହିବାସିନ୍ଦାଙ୍କ ନିକଟରେ ପହଞ୍ଚିପାରି ନାହିଁ। ସେହିପରି ସରକାରଙ୍କ ଭତ୍ତା ଯୋଜନାରୁ ମଧ ବହୁ ବୃଦ୍ଧା, ବୃଦ୍ଧ, ବିଧବା ଓ ଭିନ୍ନକ୍ଷମ ବଞ୍ଚିତ ରହିଛନ୍ତି। ସାହିର ଗୋପୀ ଗୋଛାୟତ, ଜନନୀ ଗୋଛାୟତ କହିଛନ୍ତି, ୬୦ ବର୍ଷରୁ ଅଧିକ ହୋଇଥିଲେ ମଧ ଭତ୍ତା ଯୋଜନାରେ ସାମିଲ କରାଯାଉ ନାହିଁ। ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ କରିବା ସତ୍ତ୍ୱେ ସୁଫଳ ମିଳୁନାହିଁ। ମଞ୍ଜୁ ଗୋଛାୟତ, ଡଲି ଗୋଛାୟତ, ବିଲୁ ଗୋଛାୟତ କହିଛନ୍ତି, ପାଇଖାନାଠାରୁ ପିଇବା ପାଣି ଯାଏ ସବୁଥିରେ ସାହିବାସୀ ଅବହେଳିତ। ଦୀର୍ଘ ବର୍ଷ ହେଲା ସାହିରେ ପାଇପ୍ ବିଛାଯାଇଥିଲେ ମଧ ସଂଯୋଗ ଦିଆଯାଉ ନ ଥିବାରୁ ସ୍ୱଚ୍ଛ ପାଣି ଟିକେ ମିଳୁନାହିଁ। ସମସ୍ୟା ସମ୍ପର୍କରେ ସରପଞ୍ଚ ମଧୁଛନ୍ଦା ସାହୁ କହିଛନ୍ତି, ସାହିରେ ପାଇଖାନା ନିର୍ମାଣ କରାଯିବ। ଯେଉଁମାନେ ପ୍ରକୃତ ହିତାଧିକାରୀ ସେମାନଙ୍କ ନାମ ତାଲିକାରେ ରହିଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ବିଡିଓ ଏଲିଜା ମିଶ୍ର କହିଛନ୍ତି, ଯଦି ସାହିର କୌଣସି ଲୋକଙ୍କ ଘରେ ପାଇଖାନା ନ ଥାଏ ତାହେଲେ ଅନୁଧ୍ୟାନ କରାଯାଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ।


ବଳରାମପ୍ରସାଦ ଗୋଛାୟତ ସାହି।

**କାହାରି ଘରେ ନାହିଁ ପାଇଖାନା**




# ଚାଇନା ସାମଗ୍ରୀ ବର୍ଜନ କରିବ ଭାରୋତ୍ତୋଳନ ମହାସଂଘ

**ନୂଆଦିଲ୍ଲୀ, ୨୨।୬(ପି.ଟି.)**

ଚାଇନା ତିଆରି ସାମଗ୍ରୀ ତ୍ରୁଟିଯୁକ୍ତ ଦର୍ଶାଇ ଏହାକୁ ବର୍ଜନ କରିବ ଲାଗି ନିଷ୍ପତ୍ତି ନେଇଛି ଭାରତୀୟ ଭାରୋତ୍ତୋଳନ ମହାସଂଘ (ଆଇଡବ୍ଲ୍ୟୁଏଲ୍‌ଏଫ୍)। ଗତ ସପ୍ତାହରେ ଇଷ୍ଟର୍ନ ଲଦାଖରେ ଚାଇନା ସୈନ୍ୟଙ୍କ ସଂଘର୍ଷ ଘଟି ଭାରତର ୨୦ ଯବାନ ଶହୀଦ ହେବା ପରେ ମହାସଂଘ ଏହି ପଦକ୍ଷେପ ନେଇଛି। ଆଇଡବ୍ଲ୍ୟୁଏଲ୍‌ଏଫ୍ ଗତବର୍ଷ ଚାଇନିଜ୍ କମ୍ପାନୀ 'ଜେକେସି'ରୁ ବାର୍‌ବେଲ୍ସ ଏବଂ ୱେଟ୍ ପ୍ଲେଟ ସମେତ ଚାରୋଟି ୱେଟ୍‌ଲିଫ୍ଟିଂ ସେଟ୍ ମଗାଇଥିଲା। ଏଥିରେ ତ୍ରୁଟି ଥିବାରୁ ୱେଟଲିଫ୍ଟରମାନେ ଏହାକୁ ବ୍ୟବହାର କରିପାରୁ ନାହାନ୍ତି। ମହାସଂଘର ସାଧାରଣ ସମ୍ପାଦକ ସହଦେବ ଯାଦବ କହିଛନ୍ତି, ଆମେ ଚାଇନାର ସମସ୍ତ ପ୍ରକାର ଚାଇନିଜ୍ ସାମଗ୍ରୀ ବର୍ଜନ କରିବା ଉଚିତ୍। ଚାଇନା ତିଆର କୌଣସି ସାମଗ୍ରୀ ବ୍ୟବହାର ନ କରିବା ଲାଗି ଆମେ ନିଷ୍ପତ୍ତି ନେଇଛୁ। ଆଇଡବ୍ଲ୍ୟୁଏଲ୍‌ଏଫ୍ ଏହାର ନିଷ୍ପତ୍ତି ସମ୍ପର୍କରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)କୁ ଅବଗତ କରିଛି। ଭବିଷ୍ୟତରେ ମଧ୍ୟରେ ଆମେ ଚାଇନା ସେଟ୍ ବ୍ୟବହାର କରିବୁ ନାହିଁ। ଭାରତ କିମ୍ବା ଅନ୍ୟ ଦେଶର କମ୍ପାନୀର ସେଟ୍ ମଗାଇବୁ। ଜାତୀୟ କୋଚ୍ ବିଜୟ ଶର୍ମା କହିଛନ୍ତି ଚଳିତ ମାସ ପ୍ରାରମ୍ଭରେ କୋଭିଡ୍-୧୯ ଲକ୍‌ଡାଉନ୍ କୋହଳ ହେବା ପରେ ଭାରୋତ୍ତୋଳକମାନେ ଯେତେବେଳେ ଟ୍ରେନିଂ ଆରମ୍ଭ କଲେ ସେତେବେଳେ ପ୍ଲେଟଗୁଡ଼ିକ ନିମ୍ନମାନର ଥିବା ଦେଖିବାକୁ ମିଳିଥିଲା। ସେଗୁଡ଼ିକୁ ବ୍ୟବହାର କରି ହେବ ନାହିଁ। କ୍ୟାମ୍ପରେ ଯୋଗ ଦେଇଥିବା ସମସ୍ତ ୱେଟ୍‌ଲିଫ୍ଟର ଚାଇନାକୁ ବିରୋଧ କରୁଛନ୍ତି। ସେମାନେ ଟିକ୍ ଟକ୍ ଭଳି ଚାଇନିଜ୍ ଆପ୍‌ର ବ୍ୟବହାର ବନ୍ଦ କରିଛନ୍ତି। ଏପରିକି ଅନ୍‌ଲାଇନ୍‌ରେ କିଛି ମଗାଇଲେ ସାମଗ୍ରୀଟି କେଉଁଠାରେ ତିଆରି ହୋଇଛି ତାହା ଯାଞ୍ଚ କରି ଦେଖୁଛନ୍ତି। ତେବେ ଚାଇନାରୁ କାହିଁକି ୱେଟ୍ ଲିଫ୍ଟିଂ ସରଞ୍ଜାମ ମଗା ଯାଇଥିଲା ବୋଲି ପଚରାଯିବାରେ ଶର୍ମା କହିଥିଲେ ଟୋକିଓ ଅଲିମ୍ପିକ୍ସରେ ଚାଇନା ସରଞ୍ଜାମ ବ୍ୟବହାର କରିବାକୁଥିବାରୁ ଆମ ଲିଫ୍ଟରମାନେ ଯେପରି ଏଥିସହିତ ଆଗୁଆ ଅଭ୍ୟସ୍ତ ହୋଇପାରିବେ ତାହାକୁ ଦୃଷ୍ଟିରେ ରଖି ଆମେ ନିଷ୍ପତ୍ତି ନେଇଥିଲୁ। ଅଲିମ୍ପିକ ଟ୍ରେନିଂ ପାଇଁ ବର୍ଷକ ପୂର୍ବେ ଆମେ ଚାଇନାର ୪ ସେଟ୍ ମଗାଇଥିଲୁ। ମାତ୍ର ଲକ୍‌ଡାଉନ୍ କୋହଳ ପରେ ଟ୍ରେନିଂ ଆରମ୍ଭ ହେବାବେଳେ ଆମେ ଏଗୁଡ଼ିକର ବ୍ୟବହାର କରି ନାହୁଁ। ଚାଇନିଜ ସମାଗ୍ରୀକୁ ସମସ୍ତ ଲିଫ୍ଟରମାନେ ବିରୋଧ କରୁଛନ୍ତି ବୋଲି ସେ କହିଛନ୍ତି। ଶର୍ମା କହିଛନ୍ତି ଚାଇନାରୁ ଆମେ ପ୍ରଥମ ଥର କ୍ରୀଡ଼ା ସରଞ୍ଜାମ ମଗାଇଥିଲୁ। ଦେଖିଲୁ ତାହା ଅତ୍ୟନ୍ତ ନିମ୍ନ ମାନର। ଆମ ୱେଟ୍‌ଲିଫ୍ଟରମାନେ ବର୍ତ୍ତମାନ ସ୍ୱିଡେନ ତିଆର ସରଞ୍ଜାମରେ ଟ୍ରେନିଂ ନେଉଛନ୍ତି। ଅଧିକାଂଶ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସ୍ୱିଡିଶ କମ୍ପାନୀ 'ଏଲିକୋ' ନିର୍ମିତ ସରଞ୍ଜାମ ବ୍ୟବହାର କରିଥାନ୍ତି। ମୁଖ୍ୟ ଟ୍ରେନିଂ ପାଇଁ ସାଇ ଆମକୁ ଏଥିରୁ ୧୦ ସେଟ୍ ଯୋଗାଇ ଦେଇଛି।

# ଆୟୋଜନରୁ ଓହରିଲା ଜାପାନ

**ଟୋକିଓ, ୨୨।୬(ଏପି):** ୨୦୨୩ ମହିଳା ଫୁଟବଲ ବିଶ୍ୱକପ ଆୟୋଜନ ଦୌଡ଼ରୁ ଓହରି ଯାଇଛି ଜାପାନ। ଜାପାନ ଫୁଟବଲ ଆସୋସିଏଶନ (ଜେଏଫଏ) ପକ୍ଷରୁ ସୋମବାର ଏହା ଘୋଷଣା କରାଯାଇଛି। ଫଳରେ ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ ମିଳିତଭାବେ ଏହି ପ୍ରତିଯୋଗିତା ଆୟୋଜନର ମୁଖ୍ୟ ଦାବିଦାର ହୋଇଯାଇଛନ୍ତି। ଶେଷଥରପାଇଁ ୨୦୧୯ରେ ଫ୍ରାନ୍ସରେ ଫିଫା ମହିଳା ବିଶ୍ୱକପ ଅନୁଷ୍ଠିତ ହୋଇଥିଲା। ଟୋକିଓଠାରେ ଅନ୍‌ଲାଇନ୍ ନ୍ୟୁଜ୍ କନ୍‌ଫରେନ୍ସ ମାଧ୍ୟମରେ ଜେଏଫଏ ସଭାପତି କୋଜୋ ତାଶିମା ଜାପାନ ଓହରିଯିବା ସମ୍ପର୍କରେ ଘୋଷଣା କରିଛନ୍ତି। ପ୍ରକାଶ ଯୋଗ୍ୟରେ ଫିଫାର ଏହି ପ୍ରତିଯୋଗିତା ଆୟୋଜନ ଦୌଡ଼ରେ ଜାପାନ ଦ୍ୱିତୀୟ ସ୍ଥାନରେ ରହିଥିଲା।




# ନେଟ୍ସକୁ ଫେରିଲେ ପୂଜାରା

**ନୂଆଦିଲ୍ଲୀ, ୨୨।୬(ପି.ଟି.):** ଦୀର୍ଘ ୩ ମାସରୁ ଊର୍ଦ୍ଧ୍ୱ ବ୍ୟବଧାନପରେ ନେଟ୍ସକୁ ଫେରିଛନ୍ତି ଭାରତୀୟ କ୍ରିକେଟ ଦଳର ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା। ସୌରାଷ୍ଟ୍ରକୁ ପ୍ରଥମଥରପାଇଁ ରଣଜୀ ଟ୍ରଫି ଚାମ୍ପିୟନ କରାଇବାରେ ସ୍ଥପତି ଭୂମିକା ଗ୍ରହଣ କରିଥିଲେ ପୂଜାରା। ଗତ ମାର୍ଚ୍ଚରେ ରଣଜୀ ଟ୍ରଫି ଜିତିବାପରେ କରୋନା ଭାଇରସ ସଂକ୍ରମଣ ପାଇଁ ଆଉ ଅଭ୍ୟାସ ସମ୍ଭବ ହୋଇ ନ ଥିଲା। ରାଜକୋଟସ୍ଥିତ ନିଜ ଏକାଡେମୀରେ ସୌରାଷ୍ଟ୍ର ଦଳର ଅଧିନାୟକ ଜୟଦେବ ଉନାଡକଟ, ବ୍ୟାଟ୍ସମ୍ୟାନ ଅର୍ପିତ ବାସବଦା ଓ ମିଡିୟମ ପେସର ପେରେକ ମଙ୍କଡ ଅଭ୍ୟାସ କରିଛନ୍ତି। ଭାରତର ବଡ଼ ସହର ଗୁଡ଼ିକ ତୁଳନାରେ ରାଜକୋଟରେ କୋଭିଡ-୧୯ ସଂକ୍ରମଣ କମ୍ ରହିଛି। ଏପର୍ଯ୍ୟନ୍ତ ସେଠାରେ ୧୮୫ ଜଣ ସଂକ୍ରମିତ ହୋଇଛନ୍ତି।

# 'କରୋନାକୁ ହରାଇବାରେ କ୍ରୀଡ଼ା ସହାୟକ ହୋଇପାରେ'

**ନୂଆଦିଲ୍ଲୀ, ୨୨।୬:** କରୋନା ଭାଇରସ ସଂକ୍ରମଣ ଏବେ ସମଗ୍ର ବିଶ୍ୱରେ ଚିନ୍ତାର କାରଣ ହୋଇଛି। ଔଷଧ ବାହାରି ନ ଥିବାରୁ କରୋନା ବିପକ୍ଷ ଲଢ଼େଇରେ ବିଜୟ ହାସଲ ପାଇଁ କ୍ରୀଡ଼ା ସହାୟତା କରିପାରେ ବୋଲି ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ ପ୍ରକାଶ କରିଛନ୍ତି। ସମସ୍ତେ ନିଜ ଜୀବନ ଶୈଳୀରେ କିଛିନା କିଛି ଶାରୀରିକ କାର୍ଯ୍ୟକଳାପ ସାମିଲ କରିବା ଆବଶ୍ୟକ ବୋଲି ସିନ୍ଧୁ କହିଛନ୍ତି। କରୋନା ଭାଇରସ ସଂକ୍ରମଣରେ ବିଶ୍ୱରେ ୮.୫ ମିଲିଅନ ଲୋକ ସଂକ୍ରମିତ ହୋଇଥିବାବେଳେ ୪୫୦,୦୦୦ ଲୋକଙ୍କର ପ୍ରାଣ ଗଲାଣି।

"କରୋନା ଭାଇରସ ପାଇଁ ଔଷଧ କିମ୍ବା ନିର୍ଦ୍ଦିଷ୍ଟ ଚିକିତ୍ସା ବାହାରି ନ ଥିବାରୁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ଜରୁରୀ ହୋଇ ପଡ଼ିଛି। ତେଣୁ ଏ କ୍ଷେତ୍ରରେ କ୍ରୀଡ଼ା କିମ୍ବା ଅନ୍ୟ ଶାରୀରିକ କାର୍ଯ୍ୟକଳାପ ନିହାତି ଗୁରୁତ୍ୱପୂର୍ଣ୍ଣ। ଏହି ଯୁଦ୍ଧରେ ବିଜୟ ପାଇଁ କ୍ରୀଡ଼ା ସହାୟତା କରିପାରେ" ବୋଲି ସୋମବାର ଏଫଆଇସିସିଆଇ ପକ୍ଷରୁ ଆୟୋଜିତ ହେଲ୍‌ଥକେୟାର ଓ ହାଇଜିନ୍ ଏକ୍ସପୋ ୨୦୨୦ ଉଦ୍‌ଘାଟନ ଅବସରରେ ସିନ୍ଧୁ ପ୍ରକାଶ କରିଛନ୍ତି। ଭାରତରେ ଏହି ଜୀବାଣୁରେ ୪.୨୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଥିବାବେଳେ ୧୩,୭୦୦ ଲୋକଙ୍କର ମୃତ୍ୟୁ ଘଟିଲାଣି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ